# ସରପଞ୍ଚ ପୁଅ

ଲେଖକ:—

ଶ୍ରୀ ଚିନ୍ତାମଣି ଜେନା

ମଲ୍ୟ:—୫୩-୦୦

ପ୍ରକାଶକ:
ଶ୍ରୀ ଲିଙ୍ଗରାଜ ପଣ୍ଡା
ବାଙ୍କାବଜାର
କଟକ-୨

ପ୍ରଥମ ମୁଦ୍ରଣ—୧୯୬୨

ମୁଦ୍ରାକର :—
ଶ୍ରୀ ପ୍ରତାପ କୁମାର ଦାସ
ବ୍ରଜେନ୍ଦ୍ର ପ୍ରେସ
କଟକ-୧

# ( ୧ )

ଶରତ ସନ୍ଧ୍ୟା । ଶାଳଆ ନଦୀର ସେପଟେ, ପଳାଶ ବଣ ତଳେ ସୂର୍ଯ୍ୟ ବୁଡ଼ି ଯାଉଛନ୍ତି—ତାଙ୍କର ସୁନେଲି କିରଣକୁ ଲୁଚାଇ ଦେଇ । ଦୂରରୁ ଶୁଭୁଛି ଗୋଠବାହୁଡ଼ା ବଇଂଶୀ ସ୍ୱନ । ବଗୁଲଦଳ ମାଳ ମାଳ ହୋଇ ଉଡ଼ିଯାଉଛନ୍ତି ନିଜ ନିଜ ନୀଡ଼କୁ । ଶାଳଆ ନଦୀ କୂଳସ୍ଥ ମଧୁପୁର ଗ୍ରାମଟି ଅସ୍ତ ରବିଙ୍କର ସ୍ୱର୍ଣ୍ଣିମ ସ୍ପର୍ଶରେ ସ୍ୱର୍ଣ୍ଣ ବର୍ଣ୍ଣ ଧାରଣ କରିଛି । ତୁଳସୀ ମାଟିଆଣ୍ଠି ଧଳା ତୁଠ ପଥରରେ ଠିଆ ହୋଇ ଚାହିଁଲା ଶାଳଆର ଜଳକୁ । ଅସ୍ତମାଣ ଲହରୀ ଉପରେ ଅସ୍ତରାଗର ଲୁଚକାଳି ଖେଳରେ, କୂଳର ଆଲୁଳାୟିତ ନାରିକେଳ ବୃକ୍ଷଗୁଡ଼ିକର ପ୍ରତିବିମ୍ବ । ତୁଳସୀ ଚତୁର୍ଦ୍ଦିଗକୁ ଚାହିଁଲା କି ସୁନ୍ଦର ସଂସାର ! ଅପୂର୍ବ ସୃଷ୍ଟି । ତୁଳସୀ ଆଖିଫେରାଇ ଚାହିଁଲା ନିଜକୁ । ପ୍ରକୃତିର କାଇଁଞ୍ଚ ପରଶ ଲାଗିଛି ତା' ଦେହରେ । ସଜଫୁଟା ଯୌବନ ହସୁଛି ତାର ତନୁଶୀର୍ଷରେ । ଚକ୍ଷୁରେ ମନ ମତାଣିଆ ଚାହାଣି । ମୁଖରେ ଯୌବନର ଜ୍ୟୋତି ଫୁଟି ଉଠୁଛି । ସାଉଁଳିଆ ଦରବା ଖଣ୍ଡିକ ମଧ୍ୟରୁ ତାର ମୂଳିଜନ ମନଭୁଲା ରୂପମାଧୁରୀ ଫୁଟି ବାହାରୁଛି । ସେ ରୂପକୁ ଆହୁରି ମନୋରମ କରି ସାଜାଇଛି ଆଜିର ଏ ଶରତ ସନ୍ଧ୍ୟା ।

ଗିରମା' ଲୁଖୁଗ୍ଗନାମା—ଦୁହେଁ କଳସୀ ଧରି ନଦୀ ବନ୍ଧରୁ ତଳକୁ ଖସିଲେ । ତାଙ୍କୁ ଦେଖି ତୁଳସୀ ତରତରରେ ପାଣିଟି ବୁଡାଇ ବାହାର ଆସିଲା ଘାଟ ଉପରକୁ । ଗିରମା' ପଚାରିଲା—ହଇଲୋ ଟୋକୀ, ତୋର ତ ବଡ ସାହସ ! ଏ ଘାଟରୁ ଠାକୁରଙ୍କ ପାଇଁ ପାଣି ଯାଉଛି ଆଉ ତୁ କିପରି ପାଣି ନେଲୁ ? ସ୍ତ୍ରେଷ୍ଠ କୁଳରେ ତ ଜନମ ପାଇଚ, ବଡହେବାକୁ ମନ କରୁଚୁ ନା କଣ ? ତୁଳସୀ ଜବାବ ଦେଲା—ସୁଅ ପାଣିରେ ମଇଳା ଲଗିଯାଇନି ସା'ନ୍ତାଣୀ ? ଗିରମା'ରି ଗୋଡ ରକ୍ତ, ମୁଣ୍ଡକୁ ଉଠିଗଲା । କ'ଣ କହିଲୁ ଲୋ ଛତରଟୋକୀ ? ମୋତେ ପୁଣି ମୁହଁ ଫେରାଇ ଜବାବ ଦେଉଛୁ ? ଦେଖିବୁ ଏଇନେ—ଟାଧୋଇବ ପଛେ, ତୋ' ମୁହଁ ଭାଙ୍ଗି ଦେବି ।

ଗିରମା' କଳସୀଟାକୁ ବାଲି ଉପରେ ରଖି ଦେଇ ହାତ ମୁଠା ମୁଠା କରି ଦୌଡ ଆସିଲା ତୁଳସୀ ପାଖକୁ । ହାତ ତାର ତୁଳସୀ ଗାଲରେ ବାଜେ କି ନ ବାଜେ । ବଦେଇ ପଚାରିଲା, "ଆଜ ଏ ଭୁଠକୁ ଆସିବୁ ଲୋ ଖାଡା-କୋଇଆଣୀ ଟୋକୀ ?" ତୁଳସୀ ଥର ଥର କହିଲା, "ନାହିଁ ସା'ନ୍ତାଣୀ, ଆଉ କେବେ ନଈକୁ ଆସିବି ନାହିଁ ।"

ଗିରମାଆର ରାଗ ଟିକିଏ ଥମିଗଲା । କହିଲା— ନଈକୁ ଆସିବାକୁ ତତେ କିଏ ମନା କରୁଛୁ ? ଏଇ ଭୁଠ ତଳକୁ ଭୁଠ କରି ଦେଇ ତୋର ଗାଧୋଉ ଥା, ପାଣି ନେଉଥା । ତବେ ଆଉ କାହାଁକି କହିବୁ । ଭୁଠ ଉପରକୁ ଭୁଠ କରିବୁ ନାହିଁ । ତମ ଛୁଆ ପାଣି ଆମ ଦେହରେ ଲଗିବ । କଲେ କହୁ ନାହିଁ ଲୁଖୁଗ୍ଗ ନାମା ଭୁଁ କହିଲା—'ଠିକ୍ କଥା ନା, ଯେ ଜାତିକି ଯେ କେତେକରେ,

ରହିବା ଉଚିତ । ଆଉରି ଗୋଟିଏ କଥା ଲୋ ଗିରିମା' । କଙ୍ଗରେସ୍ ସରକାର ପରା ତାଙ୍କ ମୁହଁ ବଢ଼େଇ ଦେଇଚି । ଗିରିମା' କୁହାଣଟେ ମାରି କହିଲା—କଙ୍ଗରେସ କଣ ଆମ ଜାତି ମହିତ ନେବ ?' ଆଲୋ—ଆ, ବେଳ ବୁଡ଼ିଲାଣି, ପାଣି ଗଲେ ଠାକୁର ଘରେ ଆଳତି ହେବ ।

ଗିରିମା', ନୁଖୁରି ନାମି ମୁହଁମୋଡ଼ି ଦେଇ କଳସୀ ଧରି ପାଣିରେ ପଶିଲେ । ତୁଳସୀ ଆଖିରୁ ଲୁହପୋଛି ଦେଇ ଧୀରେ ଧୀରେ ନଦୀ ବନ୍ଧ ଉପରକୁ ଉଠିଲା । କେତେ ଆଉ କେତେ କଥା ମନେପଡ଼ିଲା ତାର । ଗରିବ ଘରର ଝିଅ ବୋଲି ସିନା ଗିରିମା' ଆଜ ତାକୁ ମାରି ଟୋପାଇଲା । ଏଇ ଗାଁର ଆଉ କାହା ଝିଅ ହୋଇଥିଲେ ସେ କ'ଣ ପାଟି ଫିଟାଇଥା'ନ୍ତା । କାହା ଆଗରେ ଆଉ ସେ ଜନର ଦୁଃଖ ଜଣାଇବ । ଏଇ ସାହୁକାରମାନଙ୍କ ହାତରୁ ତ ରକ୍ଷା ପାଇବାପାଇଁ ବାପା ତାର ଯାଇ ଜେଲରେ ଦୁଃଖ ଭୋଗୁଛି । ମା'ଟି ଏକା । ବାରଘରେ ବାଉ ପାଣି ନ କଲେ ନ ଚଳେ । ତା କଥା ସରପଞ୍ଚ ବାବୁ କ'ଣ ଶୁଣିବେ ? ଗିରିମାକୁ ଦୋଷୀ ସାବ୍ୟସ୍ତ କରିବେ ? ଗିରି ମହାନ୍ତି ଯେ ସରପଞ୍ଚ ବାବୁଙ୍କ ଡାହାଣ ହାତ । ତାଙ୍କ ବାପ ଅମଳରୁ ସେ ତାଙ୍କ ଗୁମାସ୍ତାଗିରି କରିଆସୁଛି । ବର୍ତ୍ତମାନ ପୁଣି ନ୍ୟାୟପଞ୍ଚ । ନା, ଗରିବର ଗୁହାରି କେହି ଶୁଣିବେ ନାହିଁ । ହରିଜନର କେବଳ ହରି ଭରସା ।

ତୁଳସୀ ମନକୁ ମାରି ଦେଇ କେତେ କ'ଣ ଭାବି ଭାବି ଚାଲିଛି, ନଦୀ ବନ୍ଧ ଉପରେ । ପଛରୁ—ଠିକ୍ ତାର ପାଖରେ ସାଇକେଲ୍‌ବେଲ୍ ବାଜିଲା । ତୁଳସୀ ପ୍ରକୃତିସ୍ଥ ହେଲା । କେଉଁଆଡ଼ୁ

ଆତେଇ୍ଲ ଯିବ କଛି ଭାବି ନ ପାରି ଏପଟ ସେପଟ ହେଲା । ଫଳରେ ଶ୍ରୀକାନ୍ତବାବୁଙ୍କ ସାଇକେଲ ଧକ୍‌କା ହେଲା ତା'ଦେହରେ । ପାଣି ମାଠିଆଟି ତାର କାଖରୁ ଖସି ପଡ଼ି ଭାଙ୍ଗିଗଲା । ମାଠିଆଟିକୁ ଧରୁ ଧରୁ ତୁଳସୀର ଆଖି ପଡ଼ିଲା ଶ୍ରୀକାନ୍ତ ଉପରେ । କଣ କହିବ ସେ, ଜଭ ତାର ଲେଉଟିଲା ନାହିଁ । ବଡଲୋକ ପୁଅ । ପାଞ୍ଚଖଣ୍ଡି ଗାଁର ଜମିଦାର, ଭଲମନ୍ଦ ତାଙ୍କ ବାପା ବୁଝନ୍ତି । ଅଭାବ ପଡ଼ିଲେ ଧାନ, ଟଙ୍କା ଦେଇ ଲୋକଙ୍କ ଜୀବନ ରଖୁଛନ୍ତି । ତାଙ୍କୁ ସେ କ'ଣ କହିବ ? ଖାଲି ଭଙ୍ଗା ମାଠିଆଟି ଆଡେ ଅପଲକ ଦୃଷ୍ଟିରେ ଚାହିଁ ରହିଲା । ଶ୍ରୀକାନ୍ତ ସାଇକେଲ୍‌ଟିକୁ ସଜାଡ଼ୁ ସଜାଡ଼ୁ କହିଲା—ତୁମର କିଛି ଭୁଲନାହିଁ ଭଉଣୀ, ମୋର ସାଇକେଲ୍‌ର ବ୍ରେକ୍ ଧରୁ ନାହିଁ । ତୁମ ଦେହରେ ଧକ୍‌କା କରି ମୁଁ ବଡ଼ ଦୁଃଖିତ । ମାଠିଆଟି ଭାଙ୍ଗିଗଲା, ଗରିବ ଲୋକ ହଇରାଣ ହେବ । ଯାଅ କିଛି ନ ଭାବ—ଏଇ ପଇସା ନିଅ; ମାଠିଆଟିଏ କିଣିବ । ତୁଳସୀ ଲାଜରେ ଶଙ୍କିଯାଇ ଗୋଡ଼ର ବୁଢ଼ାଆଙ୍ଗୁଠିରେ ମାଟି ଖୋଳାଡ଼ି ଖୋଳାଡ଼ି କହିଲା—ନାହିଁ ବାବୁ ! ବୋଉ ଗାଳିଦେବ ।

ଭଙ୍ଗା ମାଠିଆ ଦେଖିଲେ ତମ ବୋଉ ଖୁସି ହେବେ ? ମୋ କଥାଟି ମାନ, ମାଠିଆର ଦାମ୍‌ଟା ନେଇଯାଅ ।

ତୁଳସୀ ବନ୍ଧ ତଳକୁ ଖସି ଯାଉଥିଲା । ଶ୍ରୀକାନ୍ତ ବାଟ ଓଗାଳି ଯୋର କରି ତା' ହାତରେ ପାଞ୍ଚଟଙ୍କିଆ ନୋଟଟିଏ ଧରାଇ ଦେଲା । ଆଶ୍ଚର୍ଯ୍ୟ ହୋଇ ତୁଳସୀ ଚାହିଁ ରହିଲା ଶ୍ରୀକାନ୍ତର ମୁହଁକୁ ; ଶ୍ରୀକାନ୍ତର ଆଖିରେ ଅକୁହା ଭାଷା । ତୁଳସୀ ଆଉ ଚାହିଁ ପାରିଲା ନାହିଁ । ଆଖିରେ ଆଖିର ମିଳନ ଉଭୟଙ୍କ ମନପ୍ରାଣରେ ଚମକ ସୃଷ୍ଟି କଲା ।

ଗିରିମା’, ନୁଖୁରୀ ନାମୀ ଉଠି ଆସୁଥିଲେ ନଦୀ ବନ୍ଧ ଉପରକୁ । ପଡ଼ିଲା ତାଙ୍କର କୋପଦୃଷ୍ଟି ଦୁଇ ତରୁଣ ତରୁଣୀଙ୍କ ନୀରବ ମିଳନ ପଥରେ । ଗିରି ମା’ ହଠାତ୍ ପଛକୁ ଘୁଞ୍ଚି ଆସି କହିଲା—ଦେଖିଲୁ ନୁଖୁରୀ ନାମୀ ?

—ଇ ଲୋ, ରାଧାକୃଷ୍ଣଙ୍କ ମିଳନ । ହାରାମଯାଦ୍ଦା ଟୋକୀ ସରପଞ୍ଚ ବାବୁଙ୍କ ପୁଅକୁ ଫୁସୁଲେଇ ସାରିଲାଣି । ନୁଖୁରୀ କହିଲା—ସେମିତି ରୂପ ଖଣ୍ଡେ ପାଇଛି ଲୋ ସେ ଟୋକୀ, ବାଟଗଲା ଲୋକ ପରା ଚାହିଁ ରହିବ । ସାନବାବୁ ତ ସହଜେ କଲେଜ ପଢୁଆ ପୁଅ । ସେବା ନ ଭୂଲିବେ କାହିଁକି ? ତୁ ତୁଠ ତଳକୁ ଖସିଆ’—ସେ ଯାଇ ସାରନ୍ତୁ ।

ଦୁହେଁ ବନ୍ଧ ତଳକୁ ଗଡ଼ି ଯାଉଥିଲା ବେଳେ ତାଙ୍କ ଉପରେ ତୁଳସୀର ଆଖି ପଡ଼ିଲା । ଖରଚୁଣ୍ଡୀ ପରଘର ବୁଡ଼େଇ ଦେଖିଲେଣି, ମିଛରେ ସତରେ ଲଗାଇ ଜୁଟାଇ କହିବେ । ଠଙ୍କା ପାଞ୍ଚଟିକୁ ଥୋଇ ଦେଇ ସେ ବନ୍ଧ ତଳକୁ ଖସିଗଲା । ଶ୍ରୀକାନ୍ତ ନୋଟଟିକୁ ଉଠାଇ ଆଣି ଡାକିଲା—ତୁଳସୀ ! ମୋ କଥା ମାନିବୁ ନାହିଁ ? ତୁଳସୀ···

ଶ୍ରୀକାନ୍ତର କଅଁଳିଆ ଡାକ ତା କାନରେ ବାଜୁଛି । ଇଚ୍ଛା ହେଉଛି—ଫେରି ପଡ଼ି ପଦେ ଉତ୍ତର ଦେବାକୁ । କିନ୍ତୁ ସେ ଯେ ବଡ଼ ଲୋକ ପୁଅ । ଗରିବ ଝିଅର ମନ କ’ଣ ସେ ବୁଝିବେ ? ଅଳପ ଦିନକୁ ବହୁତ କଥା—ଖାଲି ଝୁରି ମରିବାଟି ସାର ହେବ ସିନା—

ପଛକୁ ନ ଚାହିଁ ତୁଳସୀ ଚାଲିଲା ଆଗକୁ ।

ଧନସାର ଉପବାସ । ଅଙ୍ଗପ୍ରତ୍ୟଙ୍ଗ ସବୁ ଅବଶ ହୋଇ ପଡ଼ିଲାଣି । ସଳଖି ଚୁଲପାରୁ ନାହିଁ ତୁଳସୀ । ଗୋଡ଼କୁ ଗୋଡ଼ ତାର ଛନ୍ଦ ହେଉଛି । ଧନକର ମୂଲ ଚୁଉଳ ସେରେ, କେବଳ ଘଡ଼ିଏ ଥିଲା ଆଣି ଦେଇଯାଇଛି ବୋଉ—ଭାତଗଣ୍ଡିକ ଫୁଟାଇ ଦେଇ ସେ ଆସିଥିଲା ନଈକୁ । ତିନି ବରଷର ଭାଇ ବସନ୍ତଟି ବସି କାନ୍ଦୁଥିଲା ଭୋକରେ—ପାଣି ନେଇଥିଲେ ଭାତ ପଖାଳି ତାକୁ ଖାଇବାକୁ ଦେଇଥାନ୍ତା । ମାଠିଆଟି ତ ଭାଙ୍ଗି ଦେଲା—ପାଣି କପର ନେବ ? ନୂଆଟିଏ କିଣିବାକୁ ବ ହାତରେ ପାହୁଲାଏ ନାହିଁ । ବୋଉ ଶୁଣିଲେ ବାଡ଼େଇ ପକାଇବ ।

ତୁଳସୀ ବୋଉର ଭୟରେ ଆଉ ଘରକୁ ଗଲା ନାହିଁ । ଘର ପଛରେ ତବାଟ ଗଛଟିଏ—ନୂଆ ପତର ଧରୁଛି । ପେଣ୍ଡୁକୁ ପେଣ୍ଡୁ ଫୁଲ ଫୁଟିଛି ଗଛଟି ସାରା । ସେଇ ଗଛକୁ ଆଉଜି ସେ କାନ୍ଦିବାକୁ ଲାଗିଲା ।

ଶ୍ରୀକାନ୍ତ ନଦୀ ବନ୍ଧ ଉପରେ ଠିଆ ହୋଇ ଚାହିଁଛି ଅପଲକ ଦୃଷ୍ଟିରେ ତୁଳସୀକୁ । ତୁଳସୀ ଏକ ମୁହାଁ ହୋଇ ସାଇ ଭିତରେ ପଶିଲା । ଶ୍ରୀକାନ୍ତର ମନ ହଠାତ୍ ଚଳନଶକ୍ତି ହୀନ ହୋଇପଡ଼ିଲା । ଅସୀମ ବ୍ୟାକୁଳତାରେ ଛାତି ଭିତରଟା ତା'ର ପଡ଼ିଲା ଉଠିଲା । ଅନୁଭବ କଲା ସେ—ମସ୍ତକରେ ବେଦନା, ବକ୍ଷିସ୍ତ ଅବୟବମାନଙ୍କରେ ଦୁର୍ବଳତା । ଶାରଦୀୟ ସଞ୍ଜୁଆ ପବନରେ ଶୀତେଇ ଉଠିଲା ତାର ଦେହ । ପ୍ରତି ଲୋମ ମୂଳଗୁଡ଼ିକ କେଉଁ ଅଶରୀର କର ପଲ୍ଲବ ପରଶରେ ଫୁଲି ଫୁଲି ଉଠିଲା । ଜ୍ୟୋତିହୀନ ଚକ୍ଷୁଦ୍ୱୟରୁ ଝରିପଡ଼ିଲା ଦୁଇଟୋପା ଅଶ୍ରୁ । ଶ୍ରୀକାନ୍ତ ଆଉ ଚାହିଁ ପାରିଲା ନାହିଁ ଦୂରକୁ । ଦୀର୍ଘନିଃଶ୍ୱାସ ତ୍ୟାଗକରି ମୁଦ୍ରିତ ନୟନରେ

ସାଇକେଲ୍‌କୁ ଆଉଜି ଠିଆହୋଇ ରହିଲା । ଭାବନା ତାର ଅସୀମ । ହଠାତ୍ ମନରେ ତାର ଅଦ୍ଭୁତ ପରିବର୍ତ୍ତନ କାହିଁକି ? କେତେକେତେ ସୁସଜ୍ଜିତା, ଆଧୁନିକାଙ୍କୁ ସେ କଟକ ସହରର ସ୍କୁଲ, କଲେଜ, ରାସ୍ତାଘାଟରେ ଦେଖିଛି । କିନ୍ତୁ କେବେ ତ ତାର ଯୁବକ ମନ ଅସ୍ଥିର ହୋଇନାହିଁ । ତେବେ ତୁଳସୀ କ'ଣ କାଉଁରୀ ଦେଶର କୁଆଁରୀ କନ୍ୟା ? ସେ କ'ଣ କମିଆ କରି ଭୁଲେଇଗଲା ? କି ସୁନ୍ଦର ମନୋହର କାନ୍ତି ତାର ! କାମଧନୁ ବିମଣ୍ଡିତ ନୟନ ଭୂଲତା ! ଫୁଲଶର ଭଳି ତାର ଅପାଙ୍ଗକଟାକ୍ଷ । କି ଅମୃତ ଦେଇ ବିହି ଗଢ଼ିଛି ତା' ତନୁ ? କି କଳାକୌଶଳେ, କେତେ ଯୁଗେ ଶେଷ କଲା ତା' ରୂପ ଗଠନ ? ନିତ ପ୍ରକୃତି ଯାହାକୁ ବିଭୂଷିତା କରୁଅଛି ନୂଆ ନୂଆ ରୂପେ, ତା'ର ଆଉ କୃତ୍ରିମ ପ୍ରସାଧନ ଦରକାର କ'ଣ ? କିନ୍ତୁ କାହିଁକି ସେ କୁଳରେ ଏପରି ରୂପର ପୂଜାରୀ ? ତେବେ କ'ଣ ବଣ ମଲ୍ଲୀ ବଣେ ଫୁଟି ବଣେ ଝଡ଼ି ପଡ଼ିବ ?

ନୁଖୁରୀ ବୁଢ଼ୀ, ଗିରମା'—ଦୁହେଁ ଠକ ଠକ ହୋଇ ବନ୍ଧ ଉପରକୁ ଉଠିଲେ । ନୁଖୁରୀ କହିଲା—ସାନ ବାବୁ ତ କ'ଣ ସେଇଠି ପଥର ପାଲଟିଗଲେଣି । ଭେଣ୍ଡିଆ ଟୋକାକୁ ଦେଖି ପାଗଳ ହୋଇ ଗଲେନା କ'ଣ ? ଗିରମା' ଦୁମ୍ କ'ନା କରୁଡ଼ି ଦେଲା—ତା ବାମ ଗୋଡ଼ଟା ରାସ୍ତାଉପରେ, ମଲା ମୋର—କୋଉ ସୁନ୍ଦରୀଟା, ନା ଗୁଣବନ୍ତୀଟା ଲୋ, ବାବୁ ତା' ପାଇଁ ଝୁରିବେ ? ବାବୁ ତ ଛୁଇଁଲେ ତୁଳସୀ ପତର ପାଣି ପିଇ ଘରକୁ ଯିବା ଲୋକ । ସେଇଟା ଉପରେ ତାଙ୍କ ଆଖି କିଆଁ ଲାଗି ରହିବ ଲୋ ? ରଜାଘରକୁ କ'ଣ ଝିଅ ଅପୂରିବ ? ଆଜି ଚାହିଁଲେ କାଲିକି ସରଗର ଅପସରୀ ପରି ରଜା ଝିଅଟିଏ ଘରକୁ ଆସିବ ମୂଲିଆ ଝିଅ ମୁଲିଆକୁ ସାଜେ

ମିନା । ରଜାପୁଅକୁ ଭୁହେଁ । କେତେ ବଡ଼ ବଡ଼ ଘରୁ ଲୋକ ଆସୁଛନ୍ତି ଝିଅ ଦେବା ପାଇଁ—ପୁଣି ଲକ୍ଷେ ଟଙ୍କାର ସମ୍ପତ୍ତି ଯାଚୁଛନ୍ତି । ସାନ ବାବୁଙ୍କର ପଢ଼ାସରି ନାହିଁ ବୋଲି ସରଞ୍ଜ ବାବୁ ମନା କରି ଦେଉଛନ୍ତି । ଆଉ ତୁ କହୁଛୁ—ଏ ମୂଲିଆ ଝିଅ ତୁଳସୀ ସେ ଘରକୁ କ'ଣ ସୁନ୍ଦର ଦିଶିବ ?

ଦୁହେଁ ଗପ କରକରି ଶ୍ରୀକାନ୍ତ ପାଖରେ ଯାଇଁ ପହଞ୍ଚିଲେ । ଜାଣି ଶୁଣି ଗିରିମା' କଥାଟାକୁ ଉପରେ ଯୋର୍ ଦେଇ ଦେଖେଇ ଦେଖେଇ କହିଦେଲା ତାର ଉଦ୍ଦେଶ୍ୟ । କଥାଟା ଯେପରି ଶ୍ରୀକାନ୍ତ କାନରେ ବାଜୁ । କାମଟା ବି ସେମିତି ହେଲା । ତୁଳସୀ ନାମଟା ଶୁଣି ଶ୍ରୀକାନ୍ତର ଧ୍ୟାନ ଭାଙ୍ଗିଗଲା । ସେ ଫେଣପଢ଼ ପଛକୁ ଗୁହିଁଲା । ଗିରିମା ହଠାତ୍ ପଚ୍ଚରି ହେଲା—ବାବୁ କଟକରୁ କେବେ ଆସିଲେ କି ?

ଶ୍ରୀକାନ୍ତ କହିଲ୍—କାଲିପରି ଆସିଲିବେଳେ ତୁ ଆମ ଘରେ ବସିଥିଲୁ । ପୁଣି ପଚ୍ଚରୁଛୁ କପରି ? କଥାଟାକୁ ସୁଧାରିନେବା ପାଇଁ ଗିରିମା କହିଲା—ବାବୁ, ପଚ୍ଚଶ ଡେଇଁଲଣି, ଆଉ ଆଖିକୁ ଦିଶୁନାହିଁ । ଆପଣ ଗଲେ କି ଆଉ କିଏ ଗଲା—ଚହ୍ନି ପାରିଲି ନାହିଁ । ଏଠି ବାବୁ ଠିଆ ହେଇଛ କାହିଁକି ? ସଞ୍ଜ ହେଲଣି, ଅନ୍ଧାର ରାତି, ଶ୍ରୀକାନ୍ତ କହିଲା—ଡର କଣ ? ଏହି ହରିଜନ ସାଇର ଝିଅଟିଏ ପାଣି ନେଇଯାଉଥିଲା ମୋ ହଠାତ୍ ମୋର ସାଇକେଲ୍ ଧକ୍କା ଲଗି ମାଠିଆଟି ତାର ଭାଙ୍ଗିଗଲା । ପଇସା ଜାତିଲି ନେଲା ନାହିଁ । ଘରେ ତାର ବାପ, ମା କେତେ ଗାଳିଦେଇ ମାରିବେ । ସବୁଛୁ ତାଙ୍କ ଘରେ ଯାଇଁ ଦାମ୍‌ଟା ଦେଇ ଆସିବି । ଗରିବ ଲୋକ—ନୂଆଟିଏ କିଣିବାକୁ ପଇସା ପାଇବେ କେଉଁଠୁ ?

ଶିଗ୍‌ମା' କହିଲା, ହଁ ବାବୁ, ସେଇଆ କର । ଆଠଅଣା ପଇସାର ମାମଲା । ଗ୍ରେଟ୍‌ଲୋକ ଗୁଡ଼ା ପଛରେ କହିବେ କାହିଁକି ?

ଏତିକି କହି ଶିଗ୍‌ମା' ନୁଖୁରାକୁ ଆଖିଠାର ମାରିଦେଲା । ଦୁହେଁ ସେଠୁଁ ଚାଲିଆସିଲେ । ଶ୍ରୀକାନ୍ତ ସାଇକେଲ୍‌ଟିକୁ ଧରି ବନ୍ଧ ତଳକୁ ଖସିଲା ।

—୨—

ଫୁଲ ସଞ୍ଜ । ଗାଁର ମହାଦେବ ମନ୍ଦିରରେ ଆରତି ହେଉଛି । ରେଣୁକା ଫେରିଲା ଧାନ ବିଲରୁ । ଘର ଅନ୍ଧାର । ବସନ୍ତ ପିଣ୍ଡାରେ ବସି କାନ୍ଦୁଛି । ବୋଉକୁ ଦେଖି ସେ ଆହୁରି ଟିକିଏ ଜୋରରେ କାନ୍ଦି ଉଠି କହିଲା—ଦେଈ ଭାତ ଦେଲା ନାହିଁ । ତାକୁ ସାନ୍ତ୍ୱନା ଦେଇ ରେଣୁକା ଡିବିରିଟି ଲଗାଇଲା । ଦେଖିଲା—ଭାତ ଗଣ୍ଡିକ ରନ୍ଧାହୋଇ ଥୁଆ ହୋଇଛି । ହାଣ୍ଡିଶାଳେ ପାଣି ମାଠିଆ ନାହିଁ । ଜାଣିଲା—ତୁଳସୀ ନଈକୁ ଯାଇଛି । ବିରକ୍ତରେ କହି ପକାଇଲା, "ଦିନବେଳେ ପାଣି ଆଣିବାକୁ କ'ଣ ଡର ହେଲା ନାହିଁ ?" ରାତି ଗୁଞ୍ଜୁଗୁଞ୍ଜୁବେଳେ ନଈକୁ ଯାଇଛି ? ବାସି-ତୁରଣିରେ ଭାତ ଗଣ୍ଡେ ପଖାଳି ବସନ୍ତକୁ ଦେଲା କାନସିରି ଶାଗ ଆଣିଥିଲା—ବାଢ଼ି ବସିଲା । ଏତେବେଳ ଯାଏଁ ଆଉ କୁଆଡ଼େ ଗଲା ତୁଳସୀ ?"

ସରପଞ୍ଚ ବାବୁଙ୍କ ଚାକର ମଧୁଆ ଚିଠିଟିଏ ଧରି ପହଞ୍ଚିଲା । ମାଉସୀ ! ତୁମର ଚିଠି ଆସିଛି । ରେଣୁକା ଚମକି ପଡ଼ିଲା—ଚିଠି ? କିଏ ଦେଇଛି ବାପା ? ତୋ ମଉସା ନା ହେମନ୍ତ ?

ମଧୁଆ ଭାଗବତ ପଢ଼ିବା ଯାଏ ପାଠ ପଢ଼ିଛି । ଚିଠିଟି ଆଣି ଖୋଲି ପଢ଼ିଲା । ହେମନ୍ତ ଦେଇଛି ଗୋପାଳପୁର ହାଇସ୍କୁଲରୁ ।

ଷ୍ଟାଇପେଣ୍ଡ୍ ଗ୍ଣ୍ଣିମାସ ହେଲା ମିଳି ନାହିଁ । ମେସ୍‌ର ବାକି ତିରିଶି ଟଙ୍କା ଭୁଟାଇ ଦଶଟଙ୍କା ଜମା ନ ଦେଲେ ଖୋରାକ ପଡ଼ିବ ନାହିଁ । ବଡ଼ବଡ଼ୁ ପରୀକ୍ଷା ଆଉ ମାସେ ରହିଲା । ଘରକୁ ଗ୍ଳଲଗଲେ ବାର ବଉଷର ତପଯାକ ଶୁଖୁଆ ପୋଡ଼ାରେ ଯିବ । ମଧୁଆ ଚିଠିଟି ପଢ଼ି ଦେଇ ଗ୍ଳଲଗଲା ।

ରେଣୁକାର ମସ୍ତକରେ ବଜ୍ରପାତ ହେଲା । କ'ଣ କରିବ, କୁଆଡ଼ୁ ଆଣିବ ଟଙ୍କା ? ବାପ କଲିକତାରେ ଅଚିନ୍ତାରେ ଅଛି । ଗ୍ଣ୍ଣ ଗ୍ଣ୍ଣ ମାସ ହେଲା ଟଙ୍କା ପଇସା କି ଚିଠିପତ୍ର କିଛି ପଠାଉ ନାହିଁ, ତିନି ତିନିଟା ପିଲାଙ୍କୁ ମୁଁ କପରି ପାଳିବ ? ଏ ଦୁଇଟି' ଘରେ ଅଛନ୍ତି ବୋଲି ଯୁଆଡ଼ୁ ଆଣୁଛି, ପାଣିପଖାଳ କରି ଖାଉଛୁ । ସେ ତ ରହିଲା ବିଦେଶରେ, ତା'ପାଇଁ କୁଆଡ଼ୁ ଏହିକ୍ଷଣି ଟଙ୍କା ଆଣିବ ?

ସାଇକେଲ୍ ବେଲ୍ ବଜାଇ ଶ୍ରୀକାନ୍ତ ଡାକିଲା---ମାଉସୀ ଘରେ ଅଛ ? ରେଣୁକାର ଚିନ୍ତା ସ୍ୱପ୍ନ ଭାଙ୍ଗିଗଲା । ତହିଁ ଠି ଧରି ବାହାରି ଆସିଲା ପଦାକୁ । ବାବୁ ! ଆପଣ କୁଆଡ଼େ ? ଆଜି ଆମର ବଡ଼ ଭାଗ୍ୟ । ବସ ବାବୁ ! ସଅପ ଖଣ୍ଡେ ପକାଇଦେଲା ରେଣୁକା । ଶ୍ରୀକାନ୍ତ କହିଲା—ନା' ମାଉସୀ, ମୋତେ ବସିବାକୁ ସମୟ ନାହିଁ । ତୁଳସୀ କଣ କହୁଥିଲା ତୁମ ପାଖରେ ?

କାହିଁ ବାବୁ ତୁଳସୀ ?

ତୁଳସୀ ଆସି ନାହିଁ ? ତେବେ ଗଲା କୁଆଡ଼େ ? ଟଗାଟିଏ କଥା ମାଉସୀ ! ତୁଳସୀ ପାଣି ନେଇ ଫେରୁଥିଲା ବନ୍ଧ ଉପରେ । ମୁଁ ଘଣ୍ଟି ଦେଲି । ଡରିଛି ଯାଇଁ ଏପଟ ସେପଟ ହେଲା ସେ—ମୋ ସାଇକେଲଟା ତା ଦେହରେ ବାଜିଲା । ତା' କଳସୀଟି ଖସିପଡ଼ି ଭାଙ୍ଗିଗଲା । ପଇସା ମାଗିଲି ଆଣିଲା ନାହିଁ, ପଳାଇ ଆସିଲା ।

ରେଣୁକା ଏଣିକତେଣିକ ଗୁହିଁ କହିଲା—ଆଉ କୁଆଡ଼େ ଗଲ ସେ ? ମୋ ଭୟରେ କୋଉଠି ବସିଥିବ ବାବୁ ! ଶ୍ରୀକାନ୍ତ କହିଲା—ତୁମେ ତାକୁ କିଛି କହିବ ନାହିଁ ମାଉସୀ, ଏଇ ପଇସା ନିଅ, କଳସୀଟେ କିଣି ଆଣିବ । ତା'ର କିଛି ଦୋଷ ନାହିଁ ।

—ନାହିଁ ବାବୁ, ଆପଣଙ୍କଠାରୁ ପଇସା ତଣ୍ଡି ନେବୁ ? ଆମେ ଆପଣଙ୍କର ପର ଖାଉଛୁ—

ମୁଁ ତଣ୍ଡ ଦେଉ ନାହିଁ ମାଉସୀ—ଖୁସିରେ ଦେଉଛି । ତୁମେ ଗରିବ ଲୋକ । ନୂଆଟିଏ କିଣିବାକୁ ପଇସା ନ ଥିବ । ପୁଣି ଚଳିବ କିପରି ? ମୋ କଥା ରଖ, ପଇସା ନିଅ । ପଇସା ନ ନେଲେ ମୁଁ ଘରକୁ ଯିବ ନାହିଁ ।

ରେଣୁକା ହାତ ବଢ଼ାଇ ଦେଲା । ଶ୍ରୀକାନ୍ତ ପାଞ୍ଚଟଙ୍କିଆ ନୋଟଟି ଦେଇ ଚାଲିଗଲା । ଜୀବନରେ ପାଞ୍ଚଟା ଟଙ୍କା ସେ କେବେ ଏକାସ ଦେଖି ନାହିଁ, ଆସି ବୁଢ଼ି ହେଲଣି । ମାଠିଆ କିଣିବ କ'ଣ—ହେମନ୍ତର ଚିଠିକଥା ମନେ ପଡ଼ିଲା । ସୁବିଧା ପାଇଲେ ଏ ଟଙ୍କାକୁ ପଠାଇଦେବ ତା' ପାଖକୁ । ଭଗବାନଙ୍କର ପ୍ରେରିତ ଟଙ୍କା ଅପବ୍ୟୟ ହେବ ନାହିଁ । ଲୁଗାକାନିରେ ଟଙ୍କାକୁ ରଖିଦେଇ, ରେଣୁକା ପୁଣି ଶାଗ ବାଛି ବସିଲା । ଆସୁ ସେ କୋଉଠି ଅଛି, କଳସୀକୁ ଭାଙ୍ଗି ଦେଇ କାହା ଘରେ ବସିଛି ।

ତୁଳସୀ ବାଡ଼ପଟ ତରାଟଟିକୁ ଆଉଜି ସବୁ ଶୁଣୁଛି । ଶ୍ରୀକାନ୍ତ ଯେତେବେଳେ ତାଙ୍କ ବାଡ଼ପଟ ରାସ୍ତା ଦେଇ ଗାଁ ଭିତରକୁ ଯିବାକୁ ଚେଷ୍ଟା କଲା, ତୁଳସୀ ତରାଟ ମୂଳେ, ଅନ୍ଧାରଟାରେ ଚୁପ୍ ହୋଇ ବସି ପଡ଼ିଲା । ଆଗେଇ ଗଲା ଶ୍ରୀକାନ୍ତ । ତୁଳସୀ ଉଠି ଠିଆହେ । ଗୁହିଁଲା—ଶ୍ରୀକାନ୍ତକୁ । କ୍ରମେ କ୍ରମେ ଅନ୍ଧାରରେ

ମିଶି ଯାଉଛି । ସାଇକେଲ୍‌ର ଚକା ଦ'ଟା କେତେ ଶୀଘ୍ର ଘୂରି-ଚାଲିଛି ! ପୁଣି ସେ ଭାବିବାକୁ ଲାଗିଲା । ମୋ ପାଇଁ କେତେ କଷ୍ଟ ପାଇଲେ ! ଗାଡ଼ିଟାକୁ ପେଲି ପେଲି ଅନ୍ଧାରରେ ଏତେ ବାଟ ଆସିଲେ । ଏତେ ବଡ଼ ଲୋକର ପୁଅ, କ'ଣ ସେ ଭାବିବେ ? ଏଇ ବାଟେ ଗଲେ, ମୁଁ ତାଙ୍କୁ କ୍ଷମା ମାଗି ପାରିଲି ନାହିଁ । ସେ ମଣିଷ ନୁହନ୍ତି—ଦେବତା—ଗରିବଙ୍କ ମା' ବାପ । ଯେଉଁ ଝିଅଟି ଏପରି ମହାମାନବର ପାଦସେବା କରିବାକୁ ସୁଯୋଗ ପାଇବ, ସେ କେଡ଼େ ଭାଗ୍ୟବତୀ ହୋଇ ନ ଥିବ ? କି ସୁନ୍ଦର କଥା ପଦକ ତାଙ୍କର, ଆଉ କ'ଣ କେବେ ଶୁଣିବାକୁ ପାଇବି ନାହିଁ ? ଏଁ—ମୁଁ କ'ଣ ଭାବୁଛି ? ଭଗବାନ ମୋତେ କ୍ଷମାକର । ମୁଁ ତାଙ୍କର ଉପଯୁକ୍ତା ନୁହେଁ । ମୁଁ ଗରିବ ଅଛୁତ ଘରର ଝିଅ ମୁଁ ଅଭିଶପ୍ତା ବିଚଳିତ ହୋଇଉଠିଲା ତୁଳସୀ । ମୁଣ୍ଡଟା ତା'ର ବାଉଳେଇ ହୋଇଗଲା ତରାଟ ଗଛରେ । ସୁଖ ସ୍ୱପ୍ନ ଭାଙ୍ଗିଗଲା । ଚାହିଁଲା—ମହାଜନ ସାହି ଆଡ଼କୁ । ବିଜୁଳି ଆଲୁଅରେ ଦେଖାଗଲା—ପୋଖରୀ ବନ୍ଧରେ କିଏ ଜଣେ ତା' ଆଡ଼କୁ ଚାହିଁ ଠିଆ ହୋଇଛି । ସେହି ହେବେ । କଣ ସେ ଭାବୁଛନ୍ତି ?

ଶ୍ରୀକାନ୍ତ ପୋଖରୀ ବନ୍ଧକୁ ଉଠି ଫେରି ଚାହିଁଛି—ତୁଳସୀର ଘରଆଡ଼କୁ । ଅନ୍ଧାରରେ କିଛି ବାରି ହେଉ ନାହିଁ ! ତୁଳସୀଘରକୁ ଯାଇ ନାହିଁ ତ—ଗଲା କୁଆଡ଼କୁ ? ଗରିବ ଘରେ ଜନ୍ମହେଲା କାହିଁକି ସେ ? ଭଗବାନଙ୍କର ସୁନ୍ଦର ସୃଷ୍ଟିରେ ପୁଣି ଏ କି ବ୍ୟତିକ୍ରମ ? ଗୋବର ଗଦାରେ ଛତୁଫୁଲ । କୋଇଲି ଦେହ ପୁଣି କଳା । କ୍ଷୀର ସମୁଦ୍ରର ଜଳ ପୁଣି ଖାର—ଆଉ ଗୋଲାପ ଗଛରେ କଣ୍ଟା ବାହାରେ ଦୁନିଆ ! ଏହିସମୟରେ ମେଘଟା ଗର୍ଜି ଉଠିଲା ।

ଶ୍ରୀକାନ୍ତ ଫେରି ଆସିଲା ଅବସ୍ଥାକୁ । ସାଇକେଲ୍‌ଟି ଧରି ଖସିଲା ବନ୍ଧ ତଳକୁ ।

ତୁଳସୀ ତଗାଟ ମୂଳେ ରହିଁଛି ।

କିନ୍ତୁ ଆଜି ଦେଖାଗଲା ନାହିଁ ଅନ୍ଧାରରେ । ପୂର୍ବ ଦିଗନ୍ତୁ କଳାମେଘ ଖଣ୍ଡେ ଉଠାଇଆସି ଆକାଶକୁ ଆବୋରି ସାରିଲାଣି । ଏହିକ୍ଷଣି ବର୍ଷା ହେବ । ତୁଳସୀର ଛାତି ଥରିଉଠିଲା । ଯୌବନର ସାଗର ମଧ୍ୟରେ ପୂର୍ଣ୍ଣିମାର ଜୁଆର ! ସମସ୍ତଙ୍କୁ ନବ ବୟସ ଏ ଦଶା ଦିଏ । ତା' ଦେହରେ ବି ସେ ବୟସ ଲାଗିଛି । ସେ ବାରିକ-ଝିଅ—ତଥାପି ତା'ର ତ ମନ ପ୍ରାଣ ଅଛି । ସମସ୍ତଙ୍କ ପରି ପ୍ରକୃତି ତାକୁ ଭଲ ପାଇବାକୁ ଶିଖାଇଛି । ଉପକାରୀଲୋକର ମଙ୍ଗଳ କାମନା ସେ ଅବା ନ କରିବ କିପରି ? ଭଗବାନଙ୍କୁ ହାତ-ଯୋଡ଼ିଲା—ବର୍ଷାପୂର୍ବରୁ ସେ ଯେପରି ଘରେ ପହଞ୍ଚି ଯାଆନ୍ତୁ ।

ରେଣୁକା ଶାଗ ବାଛି ସାରି ଦାଣ୍ଡଦୁଆରେ ଖୁବ୍ ଜୋରରେ ଡାକିଲା—'ତୁଳସୀ, ତୁଳସୀ' । ତୁଳସୀ ବାଡ଼ପଟରୁ ବାହାରି ଆସିଲା "କିଲୋ, ସେଠି କଣ କରୁଥିଲୁ ?" ରେଣୁକା ପଚାରିଲା । ତୁଳସୀ କିଛି ନ କହି ପନିକି ପକାଇ ଶାଗ କାଟି ବସିଲା । ରେଣୁକା ଭାବିଲା—ଏତେ ବଡ଼ଲୋକର ପୁଅ ତା' ପାଇଁ ଆପତ୍ତି କରିଗଲେ, ସେ ପୁଣି ତାକୁ ବାଟେଇବ କି ଗାଳିଦେବ କିପରି ? ଆଉ ତାକୁ କିଛି ନ କହି ବାହାରୁ ହାଣ୍ଡିଟିଏ ନେଇ ନଈକୁ ଚାଲିଗଲା ।

ମଧୁପୁର ଗାଁର ଭାଗବତ ଘର । ଇଲାକାର ଭୂତପୂର୍ବ ଜମିଦାର ଓରଫ୍ ବର୍ତ୍ତମାନର ନ୍ୟାୟବାନ୍ ସରପଞ୍ଚ ବସିଛନ୍ତି—ଝଲ୍ ସଫା ସତରଞ୍ଜି ଉପରେ । ବାମକୁ ଗିରି ମହାନ୍ତି, ଦକ୍ଷିଣରେ ନିଧି ବାରିକ୍ । ଆଉ ଅନ୍ୟାନ୍ୟ ଧର୍ମପ୍ରାଣ ବୃଦ୍ଧ ବ୍ୟକ୍ତି ଦଶ ପନ୍ଦର ଜଣ—ସରପଞ୍ଚ ନରହରି ବାବୁଙ୍କ ସାମନାକୁ ଅର୍ଦ୍ଧ ଗୋଲାକାର ହୋଇ ବସିଛନ୍ତି । ପଣ୍ଡା ପୁଅ—ଭାଗବତ ଗାଦି ପାଖରେ ଠାକୁରଙ୍କର ପ୍ରଧାନ ଭୋଗ ଗଞ୍ଜେଇ ଚିଲମ ସଜାଉଛନ୍ତି । ମଧୁ ମଲିକ କିଛି ଦୂରରେ ଖୁଣ୍ଟକୁ ଆଉଜି ଖୁଁ ଖୁଁ କରି କାଶୁଛି । ଗିରି ମହାନ୍ତି ନରହରି ବାବୁଙ୍କୁ ଚାହିଁ କହିଲା—ଆଜ୍ଞା, ମାଲଟା ଆଜ ଭେଲା ଲାଗୁଛି । ଦକୁଦକୁ ବାସି ଉଠିଲାଣି । ପଣ୍ଡା ପୁଅ ! ଏ ମାଲ୍ କାହାର ? ନିଧି ପଣ୍ଡା କହିଲା—ଆଜ୍ଞା, ଏଇ ମଧୁ ମଲିକର ପରା ମାନସିକ ଥିଲା । ଭାଗବତ ମହାପ୍ରଭୁଙ୍କ ମନଜାଣି ସେ ଗଞ୍ଜେଇ ଆଣିଛି । ତା ମନ ନିଶ୍ଚୟ ମହାପ୍ରଭୁ ଜାଣିବେ । ରାଣ୍ଡିଆ ହୋଇ ବିଚରା ବର୍ଷେ ହେଲା ରହିଲାଣି । ବଡ଼ ହଇରାଣ ହେଉଛି । ଏଥର ନିଶ୍ଚୟ ତା'ର ମନକାମନା ପୂରଣ ହେବ । ମଧୁଆ କହିଲା—କାହିଁ ଆଜ୍ଞା, ଭାଗବତ ମହାପୁରୁ ମୋ ଦୁଃଖ କେଉଁଠି ଶୁଣୁଛନ୍ତି ? ହୋଟବଇ ବୋଲି ଶୁଣିଲା ମାତ୍ରେ ତ କେହି ପାଖ ପଶୁ ନାହାନ୍ତି । ହଉ ଦେବତାଙ୍କ ପାଇଁ ଯେତେ ପଇସା ଖର୍ଚ୍ଚ କଲଣି—ରଖିଥିଲେ ଶଏଟଙ୍କା ହୁଅନ୍ତାଣି । ସରପଞ୍ଚ ନରହରି ବଡ଼ ଜେନାଙ୍କର ଗୋଡ଼ ମୋଡ଼ ଦେଉ ଦେଉ ନିଧିବାରିକ୍ କହିଲା—ଏତେକଥା କଲୁଣି, ଠାକୁରେ ଶୁଣୁ ନାହାନ୍ତି ? ତାହାହେଲେ ତୋ ମୁଣ୍ଡରେ ବାଲୁଆ ଛିଙ୍କିଛିରେ ମଧୁଆ ।

ମୁହୂର୍ତ୍ତକ ପାଇଁ ଗୋଟାଏ ହସର ଢେଉ ଖେଳିଗଲା । ପଣ୍ଡାପୁଅ ଗଞ୍ଜେଇ ଚିଲମରେ ନିଆଁ ଲଗାଇ ଭାଗବତ ଗାଦି ତଳେ ଥୋଇ ଦେଲେ । ମଧୁ ମଳିକ ସେଇ ବାରଣ୍ଡା ଖୁଣ୍ଟ ପାଖରୁ ଲମ୍ବ-ହୋଇ ଅଧିଆ ପଡ଼ିଗଲା । ଗିରି ମହାନ୍ତ କହିଲେ—ହରି ବୋଲ ଦିଅ—ମଧୁଆର ମନକାମନା ପୂର୍ଣ୍ଣ ହେଉ । ସମସ୍ତେ' ଏକ ସମୟରେ ହରି ବୋଲି ଦେଲେ । ଗାଁ ଉଚ୍ଛୁଳି ପଡ଼ିଲା । ତା' ପରେ ପଣ୍ଡାପୁଅ ଚିଲମଟିକୁ ଉଠାଇଆଣି ଧରାଇ ଦେଲେ ସରପଞ୍ଚ ବାବୁଙ୍କୁ । ସରପଞ୍ଚ ବାବୁଙ୍କଠାରୁ ନ୍ୟାୟପଞ୍ଚ ଗିରି ମହାନ୍ତଙ୍କ ହାତକୁ ଗଲା, ସେଠୁ ପୁଣି ନିଧି ବାରିକ ହାତକୁ—ଏହିପରି ଚିଲମଟି ଗୃହପାଖ ବୁଲି ବୁଲି ପୁଣି ଆସି ସରପଞ୍ଚଙ୍କ ହାତରେ ପଡ଼ିଲା । ଆଉ ଦି' ଢୋକ ଟାଣିଦେଇ ସରପଞ୍ଚବାବୁ ଡାକିଲେ—ମଧୁଆ ଅଛୁ କିରେ ?

—ହଁ ହଜୁର, ବସିଛି ।

—ଆରେ ଏଠାକୁ ଆ—ଏତେ ଦୂରରେ କାହିଁକି ବସିଛୁ ? ଦେବ ମନ୍ଦିର, ଗଂଜେଇ ଖଟି, ମଦଭାଟି ଆଉ ଡଙ୍ଗା ଘାଟି—ଏ ଜାଗାରେ ପରା ଜାତି ଅଜାତି ବାରଣ ନାହିଁ । ଉଠିଆ—ଢୋକେ ଟାଣି ଦେ । ଖୋସାମତିଆ ନିଧି ବାରିକ ବାବୁଙ୍କ ପିଠିରେ ତେଲ ମାରୁ ମାରୁ କହିଲା-ଆରେ ଉଠି ଆସୁନାହୁଁ ? ବାବୁ ପରା ଡାକୁଛନ୍ତି । ବାବୁ ତ ହୁକୁମ ଦେଲେ, ଆଉ କିନ୍ତୁ କିନ୍ତୁ ହେଉଛୁ କାହିଁକି ?

ବାମ ହାତରେ ଆଣ୍ଠୁ ଉପରକୁ ଲୁଗାକୁ ଚିପି ଧରି ଡାହାଣ ହାତଟି ତଳକୁ କରି ମଧୁଆ ଆସି ପାଖରେ ଛଡ଼େଇ ହୋଇ ବସିଲା । ନିଧିଆ ବଢ଼େଇ ଦେଲା—ଚିଲମଟି ଦୁଇ ତିନି ଢୋକ—ଏକ ନିଶ୍ୱାସରେ ଟାଣିଦେଲା ମଧୁଆ । ବାରିକ

ପୁଅ—ମାଲଟା ପ୍ରକୃତରେ ବଢ଼ିଆ । ଜାଧି ବାଳକ କହିଲା—ଆରେ, ମାଲ୍‌କୁ ପିଇ ବାବୁଙ୍କର ମିଜାସ୍ ଖୁସ୍ ଅଛି । ଲମ୍ବହୋଇ ଗୋଡ଼ ତଳେ ପଡ଼ୁଯା' । ବାବୁ ସନ୍ତୁଷ୍ଟ ହେଲେ—ଜାଲି ବାହା ହେବୁ । ବାବୁ ତ ସବୁ—ଆଉ କ ଠାକୁର ବେ ? ବର୍ଷେ ହେଲାଣି ତୋ ଭଉଣୀ ମଲାଣି । ହରିଗଣ କ'ଣ ଜନ୍ମ ହେଲୁଣ୍ଟ ?

—ହଁ ବାବୁ, ସେକଥା ଆଉ, କାହିଁକି କହୁଛ ।

—ହେଇଥ୍ବା' ଯଦି ବୁଝିଛୁ ମୋ କଥାକୁ କର । ମଧୁଆ ଲମ୍ବ ହୋଇ ଶୋଇଗଲା—ହଜୁର, ମୋତେ ରକ୍ଷାକର । ସରପଞ୍ଚ ବାବୁ ଜୋତାଖୋଳରେ ଅଗେଇ ଅଗେଇ ପଗ୍ଡରିଲେ—ଆବେ ତୋର କ'ଣ ଆପତ୍ତି ଅଛି କହ ? ବାଳକ ଜବାବ ଦେଲା—ହଜୁରଙ୍କର ଆଉ ସବୁ କାମ ସରୁ—ସେ କହିବ ନାହିଁକି ?

ନ୍ୟାୟପଞ୍ଚ ଗିରି ମହାନ୍ତଙ୍କର ଭାଷଣ ଆରମ୍ଭ ହେଲା । ସମସ୍ତେ ଦେଖିଥିବ—ସେଦିନ ଜାଜପୁର ଜମିଦାର, ତାଙ୍କ ଝିଅଟିକୁ ଆମ ଶ୍ରୀକାନ୍ତ ବାବୁଙ୍କୁ ଦେବେ ବୋଲି ଆସିଥିଲେ । ସରପଞ୍ଚ ବାବୁ ତାଙ୍କୁ ମନା କରି ଦେଇଥିଲେ କିନ୍ତୁ ଆମେ ଯାହା ଦେଖିଲୁ ଶ୍ରୀକାନ୍ତ ବାବୁଙ୍କର ମନଟା ଟିକେ ଅନ୍ୟ ରକମ ହେଲାଣି । ନଇଲେ ସେ କ'ଣ ଆଜ ହରିଜନ ସାହି ଫକୀର ଝିଅ ସାଙ୍ଗରେ କଥା ହେଉଥା'ନ୍ତେ ? ଏ କଥା ଶୁଣି ବାବୁଙ୍କର ମନ ବଡ଼ ଦୁଃଖି । ମୁଁ ରାତି ପାହିଲେ ଜାଜପୁର ଯିବ । କାମଟା ଆସନ୍ତା ମାର୍ଗଶିରରୁ କରିବା କି ନାହିଁ, ଆପଣମାନେ ଜବାବ ଦିଅନ୍ତୁ ।

ସମସ୍ତେ କହିଲେ—ହଁ କରିବା । ମହାନ୍ତଏ ପୁଣି କହିଲେ—ହଁ, କରିବା ବୋଲି କହିଲ ଯେ—ବାବୁଙ୍କ ହାତରେ ବର୍ତ୍ତମାନ

ଅର୍ଥ ନାହିଁ । ସେ ଆମକୁ କଣ୍ଟ କଣ୍ଟ ସାହାଯ୍ୟ ମାଗୁଛନ୍ତି । ମାନେ ସେ ବେଳତ ଗଲାଣି । ଜମିଦାରୀ ଥିଲେ—ଆମେ ସମସ୍ତେ କଣ୍ଟ କଣ୍ଟ ତ ଭେଟି ଦେଇଥାନ୍ତେ । ଜମିଦାରୀ ସିନା ଉଠିଗଲା—ହେଲେ ଆମର ଜମିଦାର ତ ବସିଛନ୍ତି । ତାଙ୍କୁ ତ ଟିକିଏ ସୁହାଁଇବାକୁ ହେବ ।

ପଣ୍ଡା ପୁଅ କହିଲା—ସେଇଟା ପ୍ରଜାମାନଙ୍କର କର୍ତ୍ତବ୍ୟ । ତେବେ ଆମେ କ'ଣ ଦେବାକୁ ନାହିଁ କରୁଛୁ ? କ'ଣ କହୁଛ, ଭାଇମାନେ କହୁନାହଁ ? କାହାର କଣ୍ଟ କହିବାର ଅଛି ? ସମସ୍ତେ ନୀରବ ରହିଲେ । ସରପଞ୍ଚ ନରହରି ବାବୁ ସଳଖି ବସିଲେ । ମହାନ୍ତିଏ ଦେଖିଲ ପ୍ରଜାମାନେ ସମସ୍ତେ ରାଜି ଅଛନ୍ତି । ତୁମେ କାଲି ଜାଜପୁର ଯାଅ । କଥାଟା କାଇମି କରି ଆସିବ, ଦବା ନବା ବୁଝିଆସିବ—ଆଉ ପିଲାଟିକୁ ଦେଖି ଆସିବ । ତା'ପରେ ମୁଁ ଯିବି । ଏ କୁଳାଙ୍ଗାର ପୁଅଟାକୁ ଆଉ ବେଶି ଦିନ ଅଟକେଇ ହେବ ନାହିଁ । ଆରେ—ତୋର ସ୍ଥାନ କେଉଁଠି—ତାର ସ୍ଥାନ କେଉଁଠି ? ତୋର ଜାତି କ'ଣ, ତା ଜାତି କ'ଣ ? ଛୁଇଁଲେ ପରା—ପାପ ? କଣ କହିବ, ଇଂରାଜି ପାଠଗୁଡ଼ା ସବୁ ପିଲାମାନଙ୍କୁ ଖରାପ କାମ ଶିକ୍ଷା ଦେଲା ।

ସରପଞ୍ଚ ବାବୁଙ୍କର ଦୃଷ୍ଟି ପଡ଼ିଲା—ମଧୁଆ ଉପରେ । ଆରେ, ତୁ ଅଧିଆ ପଡ଼ିଛୁ କାହିଁକି ? ବାରିକ କହିଲା—ବାବୁ, ବର୍ଷେହେଲା ଘରଜାମଲାଣି । ବଚରା ବଡ଼ ହଇରାଣ ହେଉଛି । କେଉଁଠି ଗୋଟିଏ ଯୋଗାଡ଼ କରିଦେଲେ—ବଚରା—! ନାଧି ବାରିକର କଥା ନ ସରଣୁ ନରହରି ବାବୁ କହି ପକାଇଲେ, ଏଥିପାଇଁ ଚିନ୍ତା କ'ଣ ? ଫକିର ଝିଅ ତୁଳସୀକୁ ତୋତେ ବାନ୍ଧା

କରି ଦେବ । ମଧୁଆ ଉଠି ବସିଲା—ବାବୁ ସେ କ'ଣ ରାଜି ହେବ ? ମହାନ୍ତି କହି ପକାଇଲା—ତୁ ଯା' ପଇସା ପତ୍ର ଯୋଗାଡ଼ କର । ଠାକୁର ଘରକୁ ପଚାଶ୍ ଟଙ୍କା ସଲାମି ଦେ, ଆମକୁ ପଙ୍ଗତ ଦେ—ତୋ ବାହାଘର ହେବ କି ନାହିଁ—କହିବୁ ।

ମଧୁଆ ଚୁପ୍ । ସାଧୁ ବାରିକ କହିଲା—ମଧୁଆ ତୋ ଭାଗ୍ୟରେ । ନଇଲେ—ତୁଳସୀ ପରି ଝିଅ—ତୋତେ ମିଳିଥାନ୍ତା ? ଏ ଆଖ ପାଖ ଦଶକୋଶରେ, ଭଦ୍ରଲୋକ ଘରେ ଏମିତି ଝିଅଟେ ନାହିଁ । କିଏ କହିବ ତାକୁ ହରିଜନ ଝିଅ ବୋଲି ?

ନରହରି ବାବୁଙ୍କୁ ବେଶି ନିଶା ଧାରିଲା । ସେ ଆଉ ବସି ପାରିଲେ ନାହିଁ । ଏତିକାରୁ ସଭା ଭାଙ୍ଗିଲା । ପଣ୍ଡାପୁଅ ଭାଗବତ ଟୁଙ୍ଗିରେ ତାଲି ଦେଲା ।

—*—

## (୪)

ଦଶ ବାଜିଲାଣି, ଗାଧୁଆ ପାଧୁଆ ନାହିଁ । ଶ୍ରୀକାନ୍ତ ବୈଠକଖାନାରେ ବସି—କେତେ କଣ ଭାବୁଚିଲାଛି । ଦୁଇଦିନ ହେଲା ବାପା କାହିଁକି ବିରକ୍ତ ହେଉଛନ୍ତି । କଠିକ କେବେ ପିବ ବାରମ୍ବାର ପଚାରୁଅଛନ୍ତି । ନୂଆ ମା' ଦେଖିଲ ମାତ୍ରେ ମୁହଁ ବୁଲେଉଛି । ଏହାର କାରଣ କ'ଣ ? କିଏ ତା'ର ପ୍ରକୃତ ଜବାବ୍ ଦେବ ।

ଶ୍ରୀକାନ୍ତ ମୁଣ୍ଡଟେକି ଚାହିଁଲା କାନ୍ଥ ଉପରକୁ । ପାଖକୁ ପାଖ ଲାଗି ଦୁଇଟି ଫଟୋ । ନରହରି ବାବୁ ଓ ତାଙ୍କ ବଡ଼ଭାଇ ଗୌର-

ହରିଙ୍କର ପିଲାଦିନର ଫଟୋ । ଫଟୋରୁ ଜଣାପଡୁଛି—କିଏ କିପରି ଲୋକ । ଦୁଇ ମା' ପେଟରୁ ଦୁଇଟି ଭାଇ—ବାପ ଏକା, ଜଣେ ଦୁଷ୍ଟ, ନିଷ୍ଠୁର ଆଉ ମୂର୍ଖ—ଅନ୍ୟ ଜଣେ ଶାନ୍ତ, ସାଧୁ ଏବଂ ଦୟାଳୁ । ବଡ଼କୁ ଭଗବାନ ସବୁଦିନେ ବଡ଼ କରିଛନ୍ତି । ସାନ ନିଜ ବୁଦ୍ଧିଯୋଗୁଁ ସବୁ ଦିନେ ସାନ । ଶ୍ରୀକାନ୍ତ ଗିରି ମା'ଠାରୁ ଶୁଣିଛି—ବଡ଼ ବାପାଙ୍କର ମା' ମରିଗଲା ପରେ ବୁଢ଼ା ଜମିଦାର ପୁଣି ବାହା ହେଲେ । ଜନ୍ମ ହେଲେ ସାନବାବୁ । ବୁଢ଼ା ଜମିଦାରେ ଗୌରହରି ଓ ନରହରି ଦୁଇପୁଅଙ୍କୁ ଖୁବ୍ ସ୍ନେହ କରୁଥିଲେ । ଦେଖିଲେ ଭାତ ଖାଉ ନ ଥିଲେ କିନ୍ତୁ ସାନ ମାଆଙ୍କ ଆଗିରେ [illegible] ସବୁ ଗଲା ନାହିଁ । କ୍ରମେ କ୍ରମେ ବୁଢ଼ାର ସ୍ତ୍ରୀ ବୁଦ୍ଧିରେ ବ[illegible] ଚାଲିଲେ । ନରହରି ବାବୁ ମଧ୍ୟ ନିଜ ମା' କଥାରେ ପଡ଼ି ରାମ ପରି ଭାଇଙ୍କୁ ନାନା ଦୁଃଖ ଦେଲେ । ମିଛରେ ସତରେ ତାଙ୍କ ନାମରେ ନିଜ ମା' ପାଖରେ ଏଣୁ ତେଣୁ ଲଗାଇ କହିଲେ । ଚତୁର୍ଦ୍ଦିଗରୁ ନିରାଶ ହୋଇ ଶେଷରେ ସେ କୋଡ଼ିଏ ବର୍ଷ ବୟସରେ ଖ୍ରୀଷ୍ଟିଆନ୍ ପାଦ୍ରୀଙ୍କ ସାଙ୍ଗରେ କୁଆଡ଼େ ଚାଲିଗଲେ । ଆଉ ଆଜଯାଏ ଫେରି ନାହାନ୍ତି ।

ଶ୍ରୀକାନ୍ତ ଭାବିଲା—ମୋର ବି ଆଜି ଠିକ୍ ବଡ଼ ବାପାଙ୍କ ଅବସ୍ଥା ହେବ—ଆଗୁଁ ତାର ସୂଚନା ମିଳିଲାଣି । ସାନ ମା'ତ ଆଜି—ଏ ବଡ଼ ଘେନା ଘରେ ମାଲିକ । ବାପା ବି ଏ ମାୟାବିନୀର ମାୟାରେ ପଡ଼ି ଏକ ମାତ୍ର ପୁତ୍ରକୁ ତାଙ୍କର ଅବହେଳା କଲେଣି । ମାୟାବିନୀ ଏ ଘର ଭାଙ୍ଗିବ—ବାପ ଘରେ ଯାଇଁ କୋଠା ତୋଳିବ । ଆଜି ଯଦି ମୋର ମା' ଥାନ୍ତା—ସାଧୁ ସୁହୃଦ ବଡ଼ ବାପା ଥାନ୍ତେ—ଏ ଘରେ କ'ଣ ପାପ ପଶିଥାନ୍ତା ? ଦୀର୍ଘନିଶ୍ୱାସ ପକାଇ ଶ୍ରୀକାନ୍ତ ଉଠିଲା—ଚେୟାର୍ ଉପରୁ । ଭାବିଲା—ବର୍ତ୍ତମାନ ପ୍ରତିବାଦ କରିବାକୁ ସମୟ ଆସି ନାହିଁ । ନୀରବ ସବୁଠାରୁ ଭଲ ।

ପଛରୁ ଡାକଲେ ଗିରି ମହାନ୍ତ—ସାନବାବୁ ! ବାପା ଘରେ ଅଛନ୍ତି ? ଶ୍ରୀକାନ୍ତ ପ୍ରକୃତିସ୍ଥ ହେଲା—ଉତ୍ତର ଦେଲା—ହଁ । ନରହରି ବାବୁ ଘରୁ ବାହାରି ଆସିଲେ—କ'ଣ ମହାନ୍ତଏ ? ମହାନ୍ତ କହିଲା—ଆଜ୍ଞା, ମଧୁଆ ସକାଳୁ ଆସି ଆମ ଘରେ ବସିଛି । ଠାକୁର ଘରକୁ ସଲାମି ପଚଶ୍ ଟଙ୍କା ଦେଇଛି । ଆଉ ଗୋଟେ ଖାସି ଆମ ପାଇଁ ଆଣିଛି । ଆନନ୍ଦରେ ନରହରିବାବୁ କହିଲେ—ବେଶ୍, ତୁମେ ତାକୁ କୁହ—ସେ ଯେକର ଘରଯାକୁ ଡାକଆଣୁ । ମହାନ୍ତ ଏ କହିଲା—ଆଜ୍ଞା, ମୁଁ ତାକୁ ପଠାଇସାରିଛି । ବର୍ତ୍ତମାନ ଆସି ପୁହେଁ ଞ୍ଚିଥିବେ । ଗରିବ ଲୋକଟା କାନ୍ଦୁଛି । କଥାଟା ସ୍ଥିରକରି ମୁଁ ଜାଜ-ପୁର ଯିବି । ନରହରି ବାବୁ ଘରଭିତରକୁ ଯାଉଁଯାଉଁ କହିଲେ—ହଉ ବସ, ସେ ଆସନ୍ତୁ । ମୁଁ ଘରେ ଅଛି—ମୋତେ ଡାକିବ । ବୈଠକ-ଖାନା ସେପାଖ ରୁମରେ ଶ୍ରୀକାନ୍ତର ପଢ଼ାଘର । ସେଇଠି ସେ ବସିଥାଏ ନୀରବରେ । ବୁଝିପାରିଲା ଗିରିମହାନ୍ତଙ୍କର ଠାର ଠୁକ୍କୁ ! ତୁଳସୀ ଆଉ ମଧୁଆ ମିଳିକରି ଡିଙ୍ଗିଗିଲା ବାଘଘର ମଧ୍ୟସ୍ଥ ହେଲିଆ । କାହିଁ ଆକାଶ ପାତାଳ ତଫାତ୍ । କଳାବଜାରି ଦଳ କଳା ଯୋଡେଇ ଖାଇ ଅସମ୍ଭବକୁ ସମ୍ଭବ କରିବାକୁ ଯାଉଛନ୍ତି । ଭଗବାନ କପରି ସହିଛନ୍ତି—ଏମାନଙ୍କର ପାପ ଘରକୁ । ସନ୍ଦେହଟାକୁ ସତ୍ୟରେ ପରିଣତ କରିବାପାଇଁ ସେ ରେଣୁକାର ଅପେକ୍ଷାରେ ସ୍ଥିର ହୋଇ ବସି ରହିଲା । ଗିରି ମହାନ୍ତ ବୈଠକଖାନାରେ ବସି ମଧୁଆର ସଲାମି ଟଙ୍କାକୁ ବାରମ୍ବାର ଗଣୁଥାଏ ।

ମଧୁଆ ରେଣୁକାକୁ ଡାକଟେ ମାରିଦେଇ ନିଜ ଘରକୁ ଗଲା । ତାର ଯିବା ଦରକାର ନାହିଁ । ତା' ଖାସି ଓ ପଚଶ ଟଙ୍କା

ତା ପାଇଁ କଥା କହିବେ । ସରପଞ୍ଚ ବାବୁଙ୍କ ଆଜ୍ଞାକୁ ଅବଜ୍ଞା କରିବାକୁ ଶକ୍ତି କାହାର ଅଛି, ମଧୁପୁର ଇଲାକାରେ ? ରେଣୁକା ସରପଞ୍ଚ ବାବୁ ଡାକୁଛନ୍ତି ବୋଲି ଶୁଣି, ସବୁକାମ ପଛକୁ ପକାଇ ଚାଲିଆସିଲା । ତୁଳସୀର ମନକୁ ପାପ ଛୁଇଁଲା । ଶ୍ରୀକାନ୍ତ ବାବୁ ତା ପାଖରେ ବନ୍ଧଉପରେ ଠିଆ ହୋଇଥିବା ବେଳେ କଳହଗୁଡ଼ୀ ଗିରି ମା' ଓ ନୁଖୁରୀ ବୁଢ଼ୀ ଦେଖିଥିଲେ । ସେମାନେ ଯଦି ବାବୁଙ୍କ ଆଗରେ ଲଗାଇ ଜୁଟାଇ କହିଥିବେ, ଏକ୍ଷଣି ବାବୁ ଏ ଗାଁରୁ ଆମକୁ ତଡ଼ି ଦେବେ । କଥାଟା ମନଭିତରେ ରଖି ବୋଉର ଲେଉଟାଣି ବାଟକୁ ଚାହିଁ ରହିଲା ତୁଳସୀ ।

ଗିରି ମହାନ୍ତ ବୈଠକଖାନାରେ ବସି ଗୋଡ଼ ହଲାଉଥାଏ ଖୁସିରେ । ରେଣୁକା ପହଞ୍ଚି ଓଳଗି ହୋଇ ବାରଣ୍ଡା ଉପରେ ଖୁଣ୍ଟକୁ ଆଉଜି ବସିଲା । ମହାନ୍ତ ଡାକିଲା ବାବୁ ! ଫକିରା ଭାରିଯା ଆସିଲାଣି । ନରହରି ବାବୁ ଶୋଇଥିଲେ । ଉଠି ଆସିଲେ । ରେଣୁକା ତାଙ୍କୁ ଓଳଗି ହେଲା । ସରପଞ୍ଚ ବାବୁ ଚେୟାର୍ ଉପରେ ବସୁ ବସୁ କଥା ଆରମ୍ଭ କଲେ । ତୁଳସି ବୋଉ, ମୁଁ ତୋତେ ଡାକିଛି କେତେଟା କଥା ପଚାରିବି ବୋଲି । ପ୍ରଥମରେ ତୋ ସ୍ୱାମୀ ଫକିରା ମୋ ଘରେ ଶହେ ଟଙ୍କା ନେଇ ମୂଲ ଲାଗୁଥିଲା । କାମଦାମ ନ କରି କାଳମାଟିରେ ପଶିଛି । ସେ ଟଙ୍କା ଦେବ କିଏ ? ରେଣୁକା କହିଲା—ବାବୁ ! ଦେଖୁଛ ତ ସେ ଚାରିମାସ ହେଲା ଗଲେଣି ଯେ କିଛି ପତ୍ର କି ଟଙ୍କା ପଇସା କିଛି ପଠାଉ-ନାହାନ୍ତି । ଯେତେଲୋକ କାଳମାଟିରୁ ଆସୁଛନ୍ତି, କେହି ତାଙ୍କର ଠିକଣା କହି ପାରୁ ନାହାନ୍ତି । ମୁଁ ମାଇପୀ ଲୋକ କ'ଣ କରିବି ? ଗିରି ମହାନ୍ତ ରେଣୁକାର କଥା ଛଡ଼ାଇ ନେଇ କହିଲା—ତେବେ

ଫଙ୍କରୁ ବୋଧେ ଆଉ ନାହିଁ । କିଏ ତାଙ୍କୁ କେଉଁଠି ମାରଦେଲାଣି । ରେଣୁକା ଛାତିରେ ବଜ୍ର ପଡ଼ିଲା । ଚମକି ପଡ଼ି ଚିତ୍କାର କଲା—ବାବୁ !

ଗୃହିଁ ଦେଲେ ସରପଞ୍ଚ ରେଣୁକାର ମୁହଁକୁ । କୋଟର ଗତ ଚକ୍ଷୁ ଦୁଇଟିରେ ତାର ଲୁହ ଜକେଇ ଆସୁଛି । ଛଳ ଛଳ ନୟନରେ ସେ ଚାହିଁଛି—ଗିରି ମହାନ୍ତିଙ୍କୁ । ମୁଖରେ ତାର ପ୍ରଶ୍ନବାଚୀ ଚିହ୍ନ । ସରପଞ୍ଚ ବାବୁଙ୍କର ପାଷାଣ ହୃଦୟ ଟିକିଏ ତରଳିଗଲା । ଗିରି ମହାନ୍ତିଙ୍କୁ ସେ ବିରକ୍ତ ହେଲେ । ତୁମେ ମହାନ୍ତିଏ କଥା କହି ଜାଣି ନାହିଁ । ଲୋକଙ୍କ ମୁହଁରେ ଏମିତି କହନ୍ତି ? ଯେଉଁଥିପାଇଁ ଡକାଇଛି ସେ କଥା କୁହ । ବାଜେ ଗପ କର ନାହିଁ ।

ମହାନ୍ତିଙ୍କ କଥା ଯେତେବେଳେ ସ୍ୱୟଂ ସରପଞ୍ଚ ନରହରି ବାବୁ ଧରି ପକାଇଛନ୍ତି ସେକଥା ଠିକ୍ ହୋଇଥିଲେ ବି ଭୁଲ । ଏ ଇଲାକାରେ'ଆଉ ଯଦି କେହି ଏକଥା ଭୁଲ ବୋଲି କହିଥା'ନ୍ତା—ଦେଖି ନେଇଥାନ୍ତା ମହାନ୍ତି—ତାହା ଜିଭରେ କେତେ ହାଡ଼ ଉଠିଲାଣି । ବଡ଼ଲୋକଙ୍କୁ ଉତ୍ତର ନାହିଁ । ତେଣୁ ତା' ଭଳିଆ ଲୋକ ସରପଞ୍ଚବାବୁଙ୍କ ପାଖରୁ ଏ ପଦକ ଶୁଣିଲା । କାହା ପାଇଁ ଶୁଣିଲା ? ଏଇ ରେଣୁକା ହେଲା ମୂଳ ପୋଡ଼ା । ଆଚ୍ଛା ! କାମଟା ଆଗ ସରିଯାଉ । ମହାନ୍ତି ସଳଖି ବସିଲା । କ୍ରୋଧରେ ଚାହିଁଲା ସରପଞ୍ଚଙ୍କ ଆଡ଼କୁ । ସରପଞ୍ଚ କ'ଣ ଭାବି ଭାବି ଡାକିଲେ—ତୁଳସୀ ବୋଉ ! ମନ ଦୁଃଖ ହେଲାକି ?

—ନାହିଁ ହଜୁର୍, ବାବୁ ଥଙ୍କାରେ କହିଲେ‥ ‥‥କହନ୍ତୁ । ମନ ଦୁଃଖ ହେବ କାହିଁକି ?'' —ବେଶ୍, ପ୍ରଥମ କଥା ତ ଶୁଣିଲୁ ।

ଫଁକର କାଲିମାଟିରୁ ଫେରୁ ବା ନ ଫେରୁ ତୋତେ ମୋ ଠଙ୍କା ଦେବାକୁ ହେବ । ପନ୍ଦର ଦିନ ସମୟ ଦେଲି ।

ଜମିଦାର ବାବୁଙ୍କର ତାଗଦା ଶୁଣି ରେଣୁକା ଭୟଭୀତ ହୋଇପଡ଼ିଲା । ପନ୍ଦର ଦିନ ଗୁଡ଼ା ମାସେ ସମୟ ଦେଲେ ବି ସେ ଠଙ୍କା ଆଣିବି କେଉଁଠୁ ? କାତର କଣ୍ଠରେ ସେ କହିଲା—ଠଙ୍କା ଏକ୍ଷଣି ଆଣିବି କୁଆଡୁ ବାବୁ ?

ଗିରି ମହାନ୍ତି ମଝିରୁ ବାହାରି ପଡ଼ି କହିଲା—ଠଙ୍କା ଆସିବ କୁଆଡୁ—ତୁ ଜାଣୁ ନା ବାବୁ ଜାଣନ୍ତି ? ନେଲାବେଳେ ଖୁସି ଲାଗୁଥିଲା, ଦେଲାବେଳକୁ ବାଧୁଛି କାହିଁକି ? ରେଣୁକା ଚୁପ୍ ।

ପୁଣି ଆରମ୍ଭ କଲେ ନରହରି ବାବୁ—ହିଁ ଶୁଣ୍ଣିଛରେ ତୋ ଝିଅ ତୁଳସୀ ନାମରେ ବହୁତ ନିନ୍ଦାଅପବାଦ ମୋ କାନକୁ ଆସିଲାଣି । ତାକୁ ଶୀଘ୍ର ଏ ଗାଁ'ରୁ ବିଦାକର । ଚମକି ପଡ଼ି ରେଣୁକା କହିଲା, "ବାବୁ ! ଆପଣ କ'ଣ କହୁଛନ୍ତି ? ଝିଅ ତ ମୋର ସୁନା ।" ରାଗିଗଲେ ନରହରି ବାବୁ । ସେ କୈଫିୟତ ମୁଁ ଦେଇପାରିବି ନି ତୋତେ । ମୁଁ ଯାହା କହୁଛି ତାହା କର । ବରପାତ୍ର ବି ସ୍ଥିର ହୋଇସାରିଛି, ତୋତେ ଚୂଡ଼ା ଗୁଡ଼ିଲ ଧରି ଖୋଜିବାକୁ ପଡ଼ିବ ନାହିଁ । ବର ଆମ ହାତ ମୁଠାରେ—ଭୁମ ସାଇ ମଧୁଆ । ଝିଅଟି ପାଖରେ ରହିଲେ ତୋର ଭଲ ମନ୍ଦ, ହାନିଲାଭ ବୁଝିବ । ତୁ'ତ ପନ୍ଦର ଦିନ ଭିତରେ ଠଙ୍କା ଦେବାକୁ ନାହିଁ କରୁଛୁ, ମଧୁଆକୁ କହିବି ତୁମ ପାଇଁ ଆଉ ବର୍ଷେ ସେ ମୋ ଘରେ କୋଠିଆ ରହିବ । ଯେପରି ହେଉ ଠଙ୍କା ଗଣ୍ଡାକ ପାଇଲେ ହେଲା । କହେ। ମହାନ୍ତିଏ ! କହୁନା··· ··· । ମହାନ୍ତି ଠାଙ୍ଗରମୁଣ୍ଡିକୁ ଆଉଁସୁ ଆଉଁସୁ କହିଲା—ଠିକ୍ କଥା ନା'······

ରେଣୁକାର ଗୁଣ୍ଡ ଥରଉଠିଲା । କ'ଣ କହୁଛନ୍ତି ବାବୁ ! ଚନ୍ଦ୍ରମା' ଦେହରେ କଳଙ୍କ ଅଛି, ତୁଳସୀ ଦେହରେ ନାହିଁ । ଏପରି ଝିଅକୁ ମୁଁ ମଦୁଆ, ବଜାରଛତରା ମଧୁଆ ହାତରେ ଦେବ କପରି ? ତାହା ହେବ ନାହିଁ । ଖାଇବାକୁ ନ ଦେଇ ପାରିଲେ ତଣ୍ଟି ଚପି ମାରି ଦେବା ପଛେ—ମୁଁ ତାକୁ ଯମ ହାତକୁ ଠେଲି ଦେଇ ପାରିବନି ।

ଗର୍ଜି ଉଠିଲେ ନରହରି ବାବୁ—ତାହା ହେଲେ ତୁ ମୋ କଥା ରଖିବୁ ନାହିଁ ? ମୁଁ ଯାହା କହେ ତା' ବେଦର ଗାର । ମୋ କଥା ନ ମାନିଲେ ଜାଣୁ ତୋର ଅବସ୍ଥା କ'ଣ ହେବ ?

ଗିରି ମହାନ୍ତ ନରହରିବାବୁଙ୍କ ଉଦ୍ଦେଶ୍ୟକୁ ନିଜଭାଷାରେ କହି ପକାଇଲା—ଏ ଇଲାକାରୁ ଯିବୁ ତୁଳସୀ ବୋଉ । କଥାଟା ରଖୁନାହୁଁ କାହିଁକି ? ବାବୁ ତ ଖରାପ କହୁ ନାହାନ୍ତି । ବାହାଘର କରିବାକୁ ପଦ୍ଧ ପଇସା ନାହିଁ, ତାହା ବ କହ । ବାବୁ ପାଞ୍ଚ ପଚାଶ ସାରି ଦେଇ କାମଟା ଚଳାଇ ନେବେ । କଣ କହୁଛୁ ?

ରେଣୁକା କହିଲା—ନାହିଁ ବାବୁ ! ହଜୁର ମୋତେ କ୍ଷମା କରନ୍ତୁ । ଆମରି ଆଖି ଆଗରେ ମଧୁଆ ମଦ, ଗଞ୍ଜେଇ ଖାଇ ସୁନା କଣ୍ଢେଇ ପରି ବୋହୂଟାକୁ ପିଟି ପିଟି ମାରିଦେଲା । ଆଉ ପୁଣି ତାକୁ ଝିଅ କିଏ ଦେବ ? ହଜୁର କପରି କହୁଛନ୍ତି । ସେ କ'ଣ ତୁଳସୀର ସରି ହେବ ?

ନରହରି ବାବୁ ଗର୍ଜି ଉଠିଲେ—ତୁଳସୀ ବୋଉ ! ତୁ ଜାଣୁ କାହାମୁହଁରେ କଥା କହୁଛୁ ? ଖାଲି ମାଇପିଟା ବୋଲି ତୋତେ ଏପର୍ଯ୍ୟନ୍ତ କିଛି କହି ନାହିଁ । ଆଉ କେହି ହୋଇଥିଲେ

ଏତେବେଳକୁ ପିଠିରୁ ଚମଡ଼ା ନିକାଳି ସାରନ୍ତିଣି । ଭଲଗଣ୍ଡ ଥିଲେ ମୋ କଥା ରଖ । ତୋତେ ଦୁଇଟି ଦିନ ଭାବିବାକୁ ସମୟ ଦେଲି । ଦୁଇ ଦିନ ଭିତରେ ହଁ, କି ନା, ଜବାବ ଦେବୁ । ଯା’-ମୋଆଗରୁ ଉଠି ଯା’ । ମୋ କଥା ଯେ ନ ମାନେ ସେ ମୋର ପରମଶତ୍ରୁ ।

ନରହରିବାବୁଙ୍କ ପାଟି ଶୁଣି ରେଣୁକା ନୀରବ । ସେ ଏ ଗାଁକୁ ବୋହୂ ହୋଇ ଆସିଲା ଦିନରୁ ଦେଖିଆସୁଛି ତାଙ୍କର ଅତ୍ୟାଚାର । ଜମିଦାରୀ ଥିଲାବେଳେ ଯେଉଁ ଶୋଷଣ ମାତିଥିଲା, ଏବେ ସରପଞ୍ଚ ହୋଇ ସେ ମାତ୍ରାକୁ ଦ୍ୱିଗୁଣିତ କରି ଦେଇଛନ୍ତି । ସାମାନ୍ୟ କଥାରେ ଗରିବ ମଳି ମୁଣ୍ଡିଆଙ୍କ ଉପରେ ଚଢ଼ାଉ, ଗାଳିମାଡ଼ ପୁଣି ଜରିମାନା । ଯେ ପ୍ରତିବାଦ କଲା, ସେ ହେଲା ତାଙ୍କର ଚକ୍ଷୁଶୂଳ । ସ୍ୱାଧୀନ ଦେଶର ପଞ୍ଚାୟତ ଶାସନ ପାଇଁ କ’ଣ ଏଇ ଆଇନ ବିଧାନ ହୋଇଛି ?

ରେଣୁକା ତଳକୁ ମୁହଁପାତି କେତେ କ’ଣ ଭାବି ଚାଲିଛି । ନରହରିବାବୁ ଭିତର ଘରକୁ ଚାଲିଗଲେ । ଗିରି ମହାନ୍ତି ତାଙ୍କୁ ଅନୁସରଣ କଲା ।

ବୈଠକଖାନାରେ ଏକୁଟିଆ ରେଣୁକା ବସିଛି ଗୋଟିଏ କାନ୍ଥ କଡ଼ ଖୁଣ୍ଟକୁ ଆଉଜି । ଅଜଣା ଆଶଙ୍କାରେ ଛାତିଟା ତାର ପଡ଼ୁଛି ଉଠୁଛି । କି ଉପାୟ କରିବ ସେ । ମନାକରିବ ଯଦି ନିଶ୍ଚୟ ସେମାନେ ବଳପୂର୍ବକ ତୁଳସୀକୁ ଟାଣି ନେଇ ମଧୁଆକୁ ବାନ୍ଧି କରାଇ, ତାକୁ ଏ ରାଜ୍ୟରୁ ତଡ଼ି ଦେବେ ।

ରେଣୁକା ଚାହିଁଲା ମୁକ୍ତ ଆକାଶକୁ । କାହିଁ କେଉଁଠି କିଛି ବୁଦ୍ଧି ଦିଶୁନାହିଁ । ତେବେ କ’ଣ ପୁନେଇ ଚାନ୍ଦକୁ ସେ ରାହୁ କବଳରୁ ରକ୍ଷା କରି ପାରିବନି ?

କଳ୍ପନାତରଙ୍ଗରେ ତୁଳସୀ ଭାସି ଭାସି ଆସି ରେଣୁକାର ଦୃଷ୍ଟି ପଥାରୁଢ଼ ହେଲା ତନ୍ମୟ ହୋଇପଡ଼ିଲା । ତୁଳସୀର ରୂପ ଲାବଣ୍ୟରେ । କି ସୁନ୍ଦର—ସରଗର ପରୀଟିଏ ସତେ । ଗରିବ ଘରେ ଏପରି ଝିଅକୁ ଜନ୍ମଦେଲ କାହିଁକି ପ୍ରଭୁ ? ବଜ୍ରୁଳଗଣ୍ଡରେ ମଧୁଆର ରୌଦ୍ର ମୂର୍ତ୍ତିଟି ଚାଲି ଆସିଲା ରେଣୁକାର ଦୃଷ୍ଟିପଥକୁ । ରାହୁ ଚନ୍ଦ୍ରମା'କୁ ଗ୍ରାସ କରିବାକୁ ଧାଇଁଛି । ଏଇକ୍ଷଣି ଚନ୍ଦ୍ର ହେବ ରାହୁର କରଗତ । ପୃଥିବୀ ଉପରକୁ ମାଡ଼ି ଆସିବ ଅମା ଅନ୍ଧକାର । ରେଣୁକା ଆଉ ଭାବି ପାରିଲାନାହିଁ । ଦୁଃଖରେ ଛାତି ଭିତରଟା ତା'ର କରତି ହୋଇ ପଡ଼ୁଥିଲା ।

ଶ୍ରୀକାନ୍ତ ନିଜର ପଢ଼ା ଗୃହରୁ ବାହାରି ଆସି ଡାକଦେଲା—ମାଉସୀ ! ରେଣୁକାର ସ୍ୱପ୍ନ ଭାଙ୍ଗିଗଲା । ଚାହିଁଦେଲା ସେ ଶ୍ରୀକାନ୍ତକୁ । କ'ଣ କୁହ ବାବୁ ? ଶ୍ରୀକାନ୍ତ କହିଲା – ସବୁ ମୁଁ ଶୁଣୁଛି ମାଉସୀ ! ସେମାନେ ମଧୁଆଠାରୁ ଲାଞ୍ଚଖାଇ ତୁଳସୀକୁ ତା' ହାତରେ ଛନ୍ଦି ଦେବେ ବୋଲି ସ୍ଥିରକୃତ ହୋଇଛନ୍ତି । ତୁମେ ରାଜି ନ ହେଲେ ସେମାନେ ନିଶ୍ଚୟ ତୁମର ଅନିଷ୍ଟ କରିବେ । ମୁଁ ଗୋଟିଏ କଥା କହିବି—ମାନିବ ?

ରେଣୁକା ଚାହିଁ ରହିଲା ଶ୍ରୀକାନ୍ତର ମୁଖକୁ । ଆଖିରେ ତାର ଆଶ୍ଚର୍ଯ୍ୟଜନକ ପ୍ରଶ୍ନବାଚୀ । ମନରେ ତାର କେତେଭାବନା ଖେଳିଗଲା । ଶ୍ରୀକାନ୍ତ ରେଣୁକାର କାତରଦୃଷ୍ଟି ଲକ୍ଷ୍ୟ କରି କହିଲା—ମାଉସୀ ! ଭୟ କରିବାର କୌଣସି କାରଣ ନାହିଁ । ମୁଁ କାଲି କଟକଯାଉଛି, ତୁମେସମସ୍ତେ ମୋ ସାଙ୍ଗରେ ଯାଇପାରିବ ? ରେଣୁକାର ମୁହଁ ଖୋଲିଲା । ଭାବି ଭାବି କହିଲା—ବାବୁ ! କଟକରେ ଆମେ କ'ଣ କରିବୁ ? ଶ୍ରୀକାନ୍ତ ଉତ୍ତର ଦେଲା—ତୁମର

କଷ୍ଟ କରିବାର ନାହିଁ । ମୁଁ ତୁମକୁ ଅନାଥାଶ୍ରମରେ ଛାଡ଼ ଦେବ । ସେଠାକାର ମେନେଜର ବାବୁ ମୋର ଜଣେ ପ୍ରିୟ ବନ୍ଧୁଙ୍କର ବାପା । ତୁମେ ସେଇଠି ଅତନ୍ତାରେ ରହିବ । କାଲ ପ୍ରଭାତରୁ ଉଠି ତୁମେ ସମସ୍ତେ ମଟରଷ୍ଟାଣ୍ଡ୍‌ରେ ପହଞ୍ଚିବ । ମୁଁ ସେଠାରେ ଥିବି, ସାଥିହୋଇ କଟକ ଯିବା । ମଟରଭଡ଼ା କଥା ଭାବବ ନାହିଁ—ସେ ସବୁ ମୁଁ ଜାଣେ । ତୁମେ ଏଠାରେ ରହିଲେ ବିପଦ । କାହା ଆଗରେ ଏ କଥା କହିବ ନାହିଁ ।

ରେଣୁକାର ମନ କୃତଜ୍ଞତାରେ ନଇ ପଡ଼ିଲା । କହିଲା—ବାବୁ ! କହିବ ଆଉ କାହା ଆଗରେ । ସେଇ ଝିଅଟା ପାଇଁ ତ ସମସ୍ତେ ମୋର ଶତ୍ରୁ । ଭଗବାନ ତୁମର ମଙ୍ଗଳ କରନ୍ତୁ ।

ରେଣୁକାର ଦଗ୍ଧ ପ୍ରାଣଟା ଶୀତଳ ହେବାକୁ ଲାଗିଲା । ଏକ ମୁହାଁ ହୋଇ ସେ ଚାଲିଲା ତାର ମାଟିର କୁଡ଼ିଆ ଘରକୁ । ଶ୍ରୀକାନ୍ତ ଶାନ୍ତିରେ ଗୋଟିଏ ନିଶ୍ୱାସ ଛାଡ଼ିଲା ।

—*—

(୪)

ଶ୍ରୀକାନ୍ତ ବାବୁଙ୍କ ସାହାଯ୍ୟରେ ରେଣୁକା, ତୁଳସୀ ଓ ବସନ୍ତ କଟକକୁ ଆସି ଅନାଥାଶ୍ରମରେ ରହିଲେ । ଆଉ କିଛି ଅସୁବିଧା ହେଲା ନାହିଁ । ଆଶ୍ରମ ଜୀବନ ସରଳ ନିରାଡ଼ମ୍ବର ହେଲେ

ମଧ୍ୟ ଶାନ୍ତିପୂର୍ଣ୍ଣ । ସେଠାରେ ନାହିଁ ଦୁର୍ବଳ ଉପରେ ସବଳର ଅତ୍ୟାଚାର, ଉଚ୍ଚ ନୀଚ ଭେଦଭାବ, ହିଂସା, ଦ୍ୱେଷ, ଅହମିକା—କଳାବଜାରୀଙ୍କର ଗୋପନୀୟ ଷଡ଼ଯନ୍ତ୍ର । ଅଛି କେବଳ ଭାତୃଭାବ, ସତ୍ୟ ଶାନ୍ତି, ନ୍ୟାୟ, ଧର୍ମ । ସେଥିପାଇଁ ଆଶ୍ରମର, ଅନାଥ, ଅନାଥିନୀମାନଙ୍କୁ ସଂସାରର ଜଟିଳତା ସ୍ପର୍ଶ କରିପାରେ ନାହିଁ । ସମାଜର ଡାଉକୁ ତାଙ୍କର ଭୟ ନାହିଁ । ରାଜା, ଜମିଦାର, ହାକମଙ୍କୁ ଦଣ୍ଡବତ ନାହିଁ । କାମର ବଶବର୍ତ୍ତୀ ହେଲେ ସିନା ମନୁଷ୍ୟ ଦୁଃଖ ଭୋଗିବ । ନିଷ୍କାମ, ସନ୍ୟାସୀ ଜୀବନରେ ଆତ୍ମାର ନିର୍ବାଣ ହିଁ ଏକମାତ୍ର ଉଦ୍ଦେଶ୍ୟ । ଏଇଠା ହିଁ ଆଶ୍ରମରେ ଆଶ୍ରୟ ନେବା ପୂର୍ବରୁ ପ୍ରତ୍ୟେକ ଅନାଥ-ଅନାଥିନୀଙ୍କୁ ଜାଣିବାକୁ ହୁଏ । ସଂସାରର ମାୟାବନ୍ଧନକୁ ଛିନ୍ନ କରିବାକୁ ପଡ଼ିଥାଏ । ତେବେ, ସେ ଦୁଃଖ ଭୋଗିବେ କାହିଁକି ?

କିନ୍ତୁ ଆଶ୍ରମବାସିନୀ ତୁଳସୀ ଜୀବନରେ ଠିକ୍ ତାର ବିପରୀତ ଫଳ ଫଳେ । ଖାଲି ଆଖି ଆଗେ ତାର ଉଭାହୁଏ—ଅତୀତର କେତେ ଦରଭୁଲା ସ୍ମୃତି । ତରୁଣ ଜୀବନ ତାର କରୁଣୀ ହୋଇଉଠେ । ପେଟଭିତରେ କୋହ ଜାତ ହୁଏ । ଯେଣୋ ଚାହେଁ, ତେଣେ ଦିଶେ ତାକୁ ସେଇ ଶାନ୍ତମୂର୍ତ୍ତି । କାନରେ ବାଜେ ତାଙ୍କର ଥିରି ଥିରି ଡାକ—'ତୁଳସୀ ! ମୋ କଥାଟି ରଖ ।' ଏବ. ପ୍ରାଣଟାର ବିଚଳିତ ହୋଇଉଠେ । ମାୟା - ଖାଲିମାୟା । ଦୌଡ଼ିଯାଏ ତୁଳସୀ ଚଉଁରା ପାଖକୁ । ସଞ୍ଜବତୀଟି ଲଗାଇ ଦେଇ ବୃନ୍ଦାବତୀଙ୍କ ପାଖରେ ତାଙ୍କର ମଙ୍ଗଳକାମନା କରେ । ଯା

ଶ୍ରୀକାନ୍ତ ବାବୁଙ୍କର ଏମ୍. ଏ. ପରୀକ୍ଷା । କେବେ ହିଁ ଯଦି ସମୟ ମିଳେ ଆଶ୍ରମକୁ ବୁଲି ବୁଲି ଆସନ୍ତି । ତୁଳସୀର ଦର୍ଶନ ର ଧପ୍ରାଣ ଶୀତଳ

ହୁଏ । ଆଖି ତାର ପବିତ୍ର ହୁଏ । ପାଦଧୂଳି ନେଇ ମୁଣ୍ଡରେ ମାରେ । ପାଗଲୀଙ୍କ ପରି କେତେଆଡ଼ୁ କେତେକଥା କହି ବସେ । ବସନ୍ତର ଦୁଷ୍ଟାମୀ, ସାଙ୍ଗ ସାଥୀମାନଙ୍କର ଥଟ୍ଟା ପରିହାସ—ସବୁ କଥା ଶୁଣିସାରି ଶ୍ରୀକାନ୍ତ ସରୁ ଚିମୁଟାଟିଏ ଦିଏ ତୁଳସୀର ଗାଲରେ । ଲାଜକୁଳି ଲତା ଝାଉଁଳି ପଡ଼େ ।

ରେଣୁକା ଆସି ହେମନ୍ତର ଖବର ପଚାରେ । ଶ୍ରୀକାନ୍ତ ହେମନ୍ତର ଚିଠି ଆଉ ତା ପାଖକୁ ପଠାଇଥିବା ମନିଅର୍ଡ଼ରର ରସିଦ ଦେଖାଇ ଦିଏ ତାଙ୍କୁ । କହେ—ତୁମେ ତା’ ପାଇଁ ଚିନ୍ତା କରନାହିଁ । ତାର ହାନିଲାଭ ମୁଁ ବୁଝିବି । ଆଉ ଦୁଇଟା ମାସ ପରେ ପରୀକ୍ଷା ଦେଇ ସେ କଟକ ଆସିବ । ଏଇଠି ପଢ଼ିବ । ରେଣୁକାର ମାତୃହୃଦୟ ନଇଁ ଆସେ । କହେ—କେତେ କଷ୍ଟ ସହୁଛନ୍ତି ବାବୁ ଆମ ପାଇଁ । ଭଗବାନ ମଙ୍ଗଳ କରନ୍ତୁ ଆପଣଙ୍କର ।

ଶ୍ରୀକାନ୍ତ ଯେତେବେଳେ ସାଇକେଲ୍‌ଟି ଧରି ଆଶ୍ରମର ଗେଟ୍ ପାଖକୁ ଆସେ—ତୁଳସୀ ଓ ବସନ୍ତ ଆସନ୍ତି ତାଙ୍କୁ ବିଦାୟ ଦେବାକୁ । ଶ୍ରୀକାନ୍ତ ଫେରିଚାହେଁ—ତୁଳସୀ ଆଖିରେ ଲୁହ । ଛି ତୁଳସୀ ! ତୁ କାନ୍ଦୁଛୁ ? କଣ ଅସୁବିଧା ତୋର କହ ? କିଛି ଉତ୍ତର ଦିଏନା ସେ । ପଦେ କଥାରେ କ’ଣ ଅନ୍ତରର ନିବେଦନ ପ୍ରକାଶ କରି ହେବ ? ଖାଲି ପଚାରେ - ପୁଣି କେବେ ଆସିବେ ? ‘ଏଇ ଆସନ୍ତା ରବିବାର’ କହି ଶ୍ରୀକାନ୍ତ ସାଇକେଲ୍‌ରେ ବସେ । ସେ ଅଦୃଶ୍ୟ ହୋଇଯାଏ । ତୁଳସୀ ଠିଆ ହୋଇଥାଏ ଗେଟ୍ ପାଖରେ । ଆଖିରୁ ଲୁହପୋଛି ଆଶ୍ରମକୁ ଲେଉଟେ ।

ଦୁଇମାସ ପରେ । କୁଆଡ଼ୁ ମହାମାରି ମାଡ଼ି ଆସିଲା । କଟକ ସହରରେ ଆତଙ୍କ ପଡ଼ିଗଲା । ପ୍ରତିଦିନ ଶହ ଶହ ଲୋକ ମୃତ୍ୟୁ-

ମୁଖରେ ପଡ଼ିଲେ । ଆଶ୍ରମ ମଧ୍ୟରେ ରେଣୁକା ଓ ବସନ୍ତ । ଦୁହିଁଙ୍କୁ ମଧ୍ୟ ଏକସମୟରେ ହଇଜା ଧରିଲା । ସଞ୍ଜୀବନୀ ଲାଗୁଛି— ମା' ପୁଅ ଦୁହିଁଙ୍କର ପାଟି ପଡ଼ିଗଲା । ତୁଳସୀ ମା', ଭାଇଙ୍କ ପାଖରେ ବସି ମର୍ମଫଟା କାନ୍ଦ କାନ୍ଦୁଥାଏ । ଶ୍ରୀକାନ୍ତ ଖବରପାଇ ଡାକ୍ତରଙ୍କୁ ଧରି ଦୌଡ଼ି ଆସିଲା । ଡାକ୍ତର ରୋଗୀର ଅବସ୍ଥା ଭୟଙ୍କର ଜାଣି ଫେରିଗଲେ । ଶ୍ରୀକାନ୍ତଙ୍କୁ ଦେଖି ରେଣୁକା ଆଖିରୁ ଦୁଇଠୋପା ତରମଲୁହ ଗଡ଼ି ପଡ଼ିଲା । କଥା କହିବାକୁ ଶକ୍ତି ନ ଥାଏ । ଖାଲି ସେ ଚାହିଁଲା ଶ୍ରୀକାନ୍ତ ଓ ତୁଳସୀକୁ । କି ସୁନ୍ଦର ଏ 'ଯୁଗଳମୂର୍ତ୍ତି' । ମୃତ୍ୟୁଶଯ୍ୟାରେ ତାର ପ୍ରାଣ ଉଲ୍ଲସି ଉଠିଲା । ଅତି କଷ୍ଟରେ ସେ ହାତଟି ଉଠାଇ ମାରିଲା ତୁଳସୀ କପାଳରେ । ଜଣାଇ ଦେଲା— ତୋର ଭାଗ୍ୟ ମା' । ପୁଣି ହାତ ବଢ଼ାଇଲା ଶ୍ରୀକାନ୍ତ ଆଡ଼କୁ । ଶ୍ରୀକାନ୍ତ ଧରିନେଲା ତାର ହାତକୁ । ରେଣୁକା ଦେଖାଇ ଦେଲା ତୁଳସୀକୁ । ସେତିକ ବେଳେ ମହାଦେବ ମନ୍ଦିରରେ ଆଳତି ହେଉଛି—ମା' ପୁଅ ଦୁହେଁ ଆଖି ବୁଜିଲେ । ତୁଳସୀ ମା' ମା' ହୋଇ କବୁଡ଼ି ପଡ଼ିଲା । ଚୋଳ ଧରିଲା ଶ୍ରୀକାନ୍ତ !

—୦—

—୭—

ଶୀତ ପ୍ରଭାତ । ରାତି ଚାରିଟା ବେଳେ ଅସରାଏ ବର୍ଷା ହୋଇ ଛାଡ଼ି ଯାଇଛି । ଶୀତରେ ବିଛଣା ଛାଡ଼ିବାକୁ ମନ ହେଉ ନାହିଁ । ଗୋପାଳପୁର ହାଇସ୍କୁଲ ହଷ୍ଟେଲରେ ପ୍ରାର୍ଥନା ଘଣ୍ଟା ବାଜିଲା । ଛାତ୍ରାବାସର ଛାତ୍ରମାନେ ବିଛଣା ଛାଡ଼ି ବାରଣ୍ଡାରେ ଧାଡ଼ି ହୋଇ ବସିଲେ ପ୍ରାର୍ଥନା କରିବେ ବୋଲି । ହେମନ୍ତ ବିଛଣାରୁ ଉଠି-ପାରିଲା ନାହିଁ । ଦୁଇଦିନ ହେଲା ତାକୁ ଜ୍ୱର । ଖିଆପିଆ ନାହିଁ, ଶକ୍ତି

ନାହିଁ ଉଠିବାକୁ । ସେଇ ବିଛଣା ଉପରେ ସେ ହାତଯୋଡ଼ି ନିଜକୁ ସମର୍ପି ଦେଲା—ବିଶ୍ୱକର୍ତ୍ତାଙ୍କ ଠାରେ । ବଧିର ଭଗବାନଙ୍କୁ କ'ଣ ତାର ଡାକ ଶୁଭୁଛି ? କେଉଁଥିରେ ତାକୁ ସୁଖି କରିଛନ୍ତି ? ଖାଇବାକୁ ଦାନା ନାହିଁ କି ପିନ୍ଧିବାକୁ କନା ନାହିଁ । ବାପା ପୁଣି ଛ' ମାସ ହେଲା କୁଆଡ଼େ ଗଲେଣି ଯେ, ତାଙ୍କର ପତ୍ତା ମିଳୁ ନାହିଁ । ମା' ଘରେ ଆଶ୍ରମରେ ଦୁଃଖ ଭୋଗୁଛନ୍ତି । ଏଇତ ସୁଖ ଶାନ୍ତି ? ହଉ—ଆଉ କେତେଦିନ ତାଙ୍କର ପରୀକ୍ଷା କରିବାକୁ ଅଛି କରନ୍ତୁ ।

ପ୍ରାର୍ଥନା ସରିଲା । ଛାତ୍ରମାନେ ନିଜ ନିଜର ବିଛଣାପତ୍ର ଗୁଡ଼ାଉଥାନ୍ତି—ହଷ୍ଟେଲ ସୁପରିଟେଣ୍ଡେଣ୍ଟ୍ ଓ ଆଉ ଦୁଇଜଣ ଶିକ୍ଷକ ପ୍ରବେଶ କଲେ । ସୁପରିଣ୍ଟେଣ୍ଡେଣ୍ଟ ସବୁ ପିଲାମାନଙ୍କୁ ପଦାକୁ ବାହାରି ଯିବାକୁ ଆଦେଶ ଦେଲେ । ସମସ୍ତେ ଅବାକ୍ । ଗୋଟିକ ପରେ ଗୋଟିଏ ଟ୍ରଙ୍କ୍ ଖୋଲା ହେଲା । ହେମନ୍ତର ବାକ୍ସଟି ଖୋଲିଲା ବେଳକୁ ମିଳିଲା—ହାତ ବନ୍ଧା ଘଡ଼ି । ସୁପରିଣ୍ଟେଣ୍ଡେଣ୍ଟ ଚିତ୍କାର କଲେ—ହେମନ୍ତ ! ଘଡ଼ି ତ ମିଳିଲା, ଟଙ୍କା କ'ଣ କଲୁ ?

ବଜ୍ର ପଡ଼ିଲା ହେମନ୍ତର ଛାତିରେ । ସେ ମୁଣ୍ଡଟେକି ଚାହିଁଲା ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଆଉ ସେହି ହାତବନ୍ଧା ଘଡ଼ିକୁ । ପଚାରିଲା—ସାର୍ ଘଡ଼ି କଣ ? ଟଙ୍କା କ'ଣ ?

—ବେଶୀ ଚାଲାକି ଦେଖା ନା ହେମନ୍ତ । କାଲି ଚାରିଟାବେଳୁ ମୋର ଘଡ଼ି ଆଉ ପଚିଶ ଟଙ୍କା ଚୋରିଗଲାଣି । ଘଡ଼ି ତ ମିଳିଲା— ଟଙ୍କା କ'ଣ କଲୁ ଦେଇ ଦେ—

—ସାର୍ ମୁଁ ଦୁଇଦିନ ହେଲା ବିଛଣାରୁ ଉଠିନାହିଁ । ଆପଣଙ୍କ ଘଡ଼ି, ଟଙ୍କା କିପରି ଆଣିଲି ।

—ବେଶୀ କଥା କହନା ଆଉ, ତୋ ଗୁଣ ଜଣାଗଲା । ହଷ୍ଟେଲରେ ଯେତେ ସବୁ ଚୋରିଯାଉଛି, ସେ ସବୁ ତୋର ହାତ ସଫେଇ । ଟଙ୍କାତକ କେଉଁଠି ରଖିଛୁ ଆଣି ଦେଇ, ବର୍ତ୍ତମାନ ତୁ ହଷ୍ଟେଲରୁ ବାହାରିଯା - ହଁ ଏଇ ଗୋଟେ ଚିଠି ତୋର କାଲିଠୁ ଆସିଲାଣି—ନେ' ।

ଚିଠିଟି ପକାଇ ଦେଇ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟ ଶିକ୍ଷକ ଦୁଇଜଣ ଛାତ୍ରାବାସରୁ ବାହାରିଗଲେ ।

ହେମନ୍ତ ଦୀର୍ଘନିଶ୍ୱାସ ଛାଡ଼ିଲା । ହେ ଭଗବାନ !! ଏକି ବିପଦ । କାହାର ମୁଁ କି ଦୋଷ କଲି । ସେ ମୋତେ ଏ ଦୁଃଖ ଦେଲା । ଛାତ୍ରମାନେ ସବୁ ନିଜନିଜ ଭିତରେ ଠାରା ଠାରି ହେଉଥା'ନ୍ତି । ହେମନ୍ତ ଚିଠିଟି ଖୋଲିଲା ।

ଚକ୍ଷୁତାର ବିସ୍ଫାରିତ ହୋଇ ଉଠିଲା । ଘୂରିଗଲା ମୁଣ୍ଡ ଭିତରର ସ୍ନାୟୁଗୁଡ଼ାକ । ଦୁର୍ବଳ ଛାତିଟା ତା'ର ଥରିଉଠିଲା । ପାଗଳପରି ସେ ଡେଇଁ ପଡ଼ିଲା—ତା'ର ଖଟିଆ ଉପରୁ । "ମା' - ବସନ୍ତ - ମୁଁ କ'ଣ କରିବି ଏକ୍ଷଣି" ଦୌଡ଼ିଗଲା ସୁପରିଣ୍ଟେଣ୍ଡେଣ୍ଟଙ୍କ ରୁମକୁ । "ସାର୍ ମୋର ମା', ଭାଇ ଦୁହେଁ ମରି ଯାଇଛନ୍ତି । ମୁଁ ଘରକୁ ଯିବି । ସୁପରିଣ୍ଟେଣ୍ଡେଣ୍ଟ କହିଲେ ଟଙ୍କା କେଉଁଠି ରଖିଛୁ—ଆଣି ଦେଇ ଚାଲି ଯା - କିଛି ଆପତ୍ତି ନାହିଁ । ହେମନ୍ତ କହିଲା—ସାର୍, ଆପଣ ମୋର ଗୁରୁ, ଆପଣଙ୍କ ପାଦ ଛୁଇଁ ନିୟମ କରୁଛି-ଚୋରି ମୁଁ କରି ନାହିଁ । କିଏ ମୋତେ ଏ ବିପଦରେ ପକାଇଛି । ମୁଁ ସତ କହୁଛି ସାର୍ ! ମୋତେ ବିଶ୍ୱାସ କରନ୍ତୁ । ସୁପରିଣ୍ଟେଣ୍ଡେଣ୍ଟ କହିଲେ—ସେ ସବୁ ମୁଁ ଶୁଣିବାକୁ ଚାହେଁନା ।

ଆଗ ମୋର ଟଙ୍କା ଆଣ; ଗଣ୍ଠିଲପଣ ଧର ଘରକୁ ଯା'। ତୋ' ପରି ଲୁଚ୍ଚ ଆମର ଦରକାର ନାହିଁ । ହେମନ୍ତ କିଂ କର୍ତ୍ତବ୍ୟ-ବିମୂଢ଼ ହୋଇ ଠିଆହୋଇଛି କବାଟ ବନ୍ଦକୁ ଅଉଜି ।

ଗୋପାଳପୁର ଷ୍ଟେସନରେ ଗାଡ଼ି ସିଟି ମାରିଲା, "ହେଇ ସାର୍, ଗାଡ଼ି ଆସିଲାଣି—ମୁଁ ଯାଉଛି—ଏତିକି କହି ହେମନ୍ତ ଏକ ନିଶ୍ୱାସକେ ଷ୍ଟେସନରେ ଉଠିଲା । ଗାଡ଼ି ଛୁଟିବା ଉପରେ, ଦୌଡ଼ି ଦୌଡ଼ି ଚଢ଼ିଗଲା ଗୋଟିଏ ଡବାକୁ ।

ଏକ୍ସ୍‌ପ୍ରେସ୍ ଗାଡ଼ି ବାଟରେ ଆଉ କେଉଁଠି ଅଟକିବ ନାହିଁ । ପୁଣି ଯାଇ କଟକରେ । କ୍ଲାନ୍ତ ଶ୍ରାନ୍ତ ଚକ୍ଷୁଦ୍ୱୟରୁ ତା'ର ଝରିପଡ଼ୁଛି ଶ୍ରାବଣର ଧାର । ରୋଗ ଓ ଦୁଃଖଯନ୍ତ୍ରଣାରେ ପ୍ରାଣଟା ତା'ର ଦହଲି ହେଉଛି । ବଡ଼ ବାଧିଲା ହେମନ୍ତକୁ । ଡବାର ଏକ ବେଞ୍ଚ ଉପରେ ଶୋଇ ପଡ଼ିଲା ଟିକିଏ ।

କାଳନିଦ୍ରା ଘାରିଲା ତାକୁ, କଟକ ଷ୍ଟେସନ ଯାଇ ବାଲେଶ୍ୱରରେ ଗାଡ଼ି ପହଞ୍ଚିଲାଣି—ତଥାପି ତା'ର ନିଦ ଭାଙ୍ଗି ନାହିଁ । ସେଇଠି ଗାଡ଼ି ଚେକ୍ ହେବାକୁ ଥିଲା । ପୁଣି ଆସିଲେ ଡବା ଭିତରକୁ ଟି. ଟି. ଆଇ ବାବୁ, ହେମନ୍ତକୁ ଉଠାଇଲେ । ହେମନ୍ତ ତା'ର ଦୁଃଖର କାହାଣୀ କହିଗଲା; କିନ୍ତୁ କେହି ଶୁଣିଲେ ନାହିଁ ତା' କଥା । ହେମନ୍ତ ଓ ଆଉ କେତେଜଣଙ୍କୁ ଚାଲାଣ କଲେ ଖଡ଼ଗପୁରକୁ । ସେଇଠି ତାଙ୍କର ବିଚାର ହେଲା । ସମସ୍ତଙ୍କୁ ଦୁଇମାସ ସଶ୍ରମ କାରାଦଣ୍ଡ ।

ଜେଲରେ ରହି ଦୁଃଖର ଚାପରେ ହେମନ୍ତ ହେଲା ପାଗଳ । ବୁଦ୍ଧି ବୃତ୍ତି ତା'ର କିଛି ରହିଲା ନାହିଁ । ସ୍ମୃତି ଅଚଳ ହୋଇ ପଡ଼ିଲା । କିଛି ମନେପଡ଼ିଲା ନାହିଁ ତା'ର । ପୁରାପୁରି ବୋକା

ବନ୍ଦିଗଲା । ଜେଲରଙ୍କ ହୁକୁମ ଓ ଲାଠିମାଡ଼ ଭୟରେ ଯନ୍ତ୍ର ସଦୃଶ କାମ କରିବାକୁ ଲାଗିଲା ।

ଏ କ'ଣ ଭଗବାନଙ୍କର ଆଶିର୍ବାଦ ନା **ଅଭିଶାପ**—

—*—

(୭)

ଏଇ ଦଶଦିନ ମଧ୍ୟରେ ତିନି ଚିଠିଖଣ୍ଡ ଚାଲିଗଲାଣି, ତାର ଉତ୍ତର ନାହିଁ କି ହେମନ୍ତର ଦେଖା ନାହିଁ । ଚୁହିଁ ଚୁହିଁ ଆଖିରୁ ପାଣି ମରିଲାଣି । ସନ୍ଦେହ ଓ ଆଶଙ୍କାରେ ତୁଳସୀ ଓ ଶ୍ରୀକାନ୍ତର ମନ ବ୍ୟାକୁଳ । ଆଜି ଶୁଦ୍ଧପୂର୍ଣ୍ଣିମା । ସକାଳ ଗାଡ଼ିରେ ତ ଆସିଲା ନାହିଁ, ପୁଣି ଦୁଇଟା ବେଳ ଗାଡି ଗଲାଣି । ଆଜି କେତେବେଳେ ଆସିବ ? ଶ୍ରୀକାନ୍ତ ଭାବିଲା—ଚିଠିଗୁଡ଼ା କ'ଣ ସେ ପାଇ ନାହିଁ ? ତେବେ ତାର ହେଲା କ'ଣ ! ହଁ ପରୀକ୍ଷା ନିକଟ, ସେଇଥିପାଇଁ ସେ ଆସି ପାରି ନାହିଁ ବୋଧହୁଏ । କଥାଟା ଲେଖି ଜଣାଇ ଦେଇଥିଲେ ଆମକୁ ହନ୍ତସନ୍ତ ହେବାକୁ ପଡ଼ନ୍ତାନି ।

ମା'ଙ୍କର ମରିବାଦିନରୁ ତୁଳସୀ ଆଖିରୁ ଲୁହ ବନ୍ଦ ନାହିଁ । ସବୁବେଳେ ସେ ତାର କୋଠରୀରେ ବସି ସୁଁ, ସୁଁ ହୋଇ କାନ୍ଦୁଛି । ଶ୍ରୀକାନ୍ତ ତୁଳସୀକୁ ସାନ୍ତ୍ୱନା ଦେଇ ନିଜେ କାମରେ ଲାଗି ପଡ଼ିଲା ।

ସବୁ କାମ ସାରି କଲେଜ ଫେରିଲା ବେଳକୁ ରାତି ଆଠ । ଶ୍ରୀକାନ୍ତ ମସ୍ତିଷ୍କରେ ଏକ ଅବ୍ୟକ୍ତ ବେଦନା ଅନୁଭବ କଲା । ଏମ୍. ଏ., ପରୀକ୍ଷା ଅସି ମୁଣ୍ଡ ଉପରେ । ସବୁ ପିଲାମାନେ ପଢ଼ାରେ

ଲାଗି ପଡ଼ିଛନ୍ତି । ତୁଲସୀଙ୍କ ପାଇଁ ସେ ବହୁତ ସମୟ ନଷ୍ଟ କରି ସାରିଲାଣି । ପୁଣି ମନକୁ ବୁଝାଇଲା—ଦରିଦ୍ର ନାରାୟଣ ସେବା କ'ଣ ବିଫଳ ? ଖାଲି ପୁସ୍ତକକୀଟ ହୋଇ ସୁପାରିଶ ପତ୍ର ହାସଲ କରିବା ତ ମୋର ଉଦ୍ଦେଶ୍ୟ ନୁହେଁ । ଜ୍ଞାନ ଅର୍ଜନ କରି ଯଦି ତାକୁ ଜଗତର ସେବାରେ ନିୟୋଜିତ ନ କଲି—ସେ ଜ୍ଞାନର ମୂଲ୍ୟ କ'ଣ ?

ସାଇକେଲ୍‌ଟି ଥୋଇ ଦେଇ ଶ୍ରୀକାନ୍ତ କୋଠରୀର ତାଲା ଖୋଲିଲା । ଟେବୁଲ ଉପରେ ଥିବା ବିଜୁଳିବତୀଟିକୁ ଲଗାଇ ଦେଇ ଲୁଗାପଟା ଖୋଲିଲା, ଦେଖିଲା ଟେବୁଲ ତଳେ ଖଣ୍ଡିଏ ଚିଠି । ବାହାରୁ ଥାଇ ଭିତରକୁ କିଏ ଗଳାଇ ଦେଇଛି । ଚିଠିଟି ଆଗ୍ରହରେ ଉଠାଇଆଣି ପଢ଼ିଲା । ଗୋପାଳପୁର ହାଇସ୍କୁଲ ହେଡ଼ମାଷ୍ଟର ଲେଖିଛନ୍ତି ।

ଶ୍ରୀକାନ୍ତ ବାବୁ ! ହେମନ୍ତ ପାଖରୁ ସମସ୍ତ ଶୁଣିଥିବେ । ପ୍ରକୃତରେ ସେ ଚୋରି କରି ନାହିଁ । ଚୋର ଯିଏ ଧରା ପଡ଼ିଛି । ସୁପରିଣ୍ଟେଣ୍ଡେଣ୍ଟ୍ ହେମନ୍ତର ଟ୍ରଙ୍କରୁ ତାଙ୍କର ଓ୍ୱାଚ୍ଟି ପାଇଲେ ବୋଲି ଆମେ ତାକୁ ସନ୍ଦେହ କରୁଥିଲୁ । ସେଥିପାଇଁ ଆମେ ଅନୁତପ୍ତ । ପରୀକ୍ଷା ଖୁବ୍ କମ୍ ଦିନ ଅଛି । ହେମନ୍ତକୁ ଶୀଘ୍ର ପଠାଇ ଦେବେ । ଇତି ।

ଆଶ୍ଚର୍ଯ୍ୟ ହେଲା ଶ୍ରୀକାନ୍ତ ! ତେବେ ଏପରି କିଛି ଘଟଣା ଘଟିଛି । ହେମନ୍ତ ନାହିଁ ହଷ୍ଟେଲରେ, କଟକ ବି ଆସି ନାହିଁ । ଗାଁ କୁ'ତ ଯାଇ ନ ଥିବ । ଆଉ ଗଲା କୁଆଡ଼େ ? ହଉ—ରାତି ପାହୁ, ଚିଠିଟି ଥୋଇ ଦେଲା ଟେବୁଲ ଉପରେ ।

ସବୁ ଚିନ୍ତା ଓ ଭାବନାକୁ ପଛକୁ ପକାଇ ଦେଇ ଆଲମାରୀରୁ ପାଠ୍ୟପୁସ୍ତକ ଖଣ୍ଡିଏ ଟାଣି ଆଣି ପଢ଼ି ବସିଲା । ଦୁଇଘଣ୍ଟାର ପୃଷ୍ଠା

ପଡ଼ିଛି କି ନାହିଁ; କ୍ଲାନ୍ତ ଓ ଅବସାଦରେ ଆଖି ଦୁଇଟା ତାର ଢାଙ୍କି ହୋଇପଡ଼ିଲା । ଦରମେଲା ପୁସ୍ତକଟି ଉପରେ ମୁଣ୍ଡ ରଖି ସେ ଶୋଇଗଲା ନାଃଘାଡ଼ ନିଦରେ । କୋଠରୀର କବାଟ ମେଲା, ବିଜୁଳିବତୀଟି ଜଳୁଛି ଟେବୁଲ ଉପରେ ।

ଆଖି ଆଗେ ଉଭା ହେଲେ ମହାମାନବ ମହାତ୍ମାଗାନ୍ଧୀ, ପ୍ରଣାମ କଲା ଶ୍ରୀକାନ୍ତ । ବାପୁଜୀ ପ୍ରଶ୍ନ କଲେ—

ଶ୍ରୀକାନ୍ତ ମୋର ଆଦେଶ ପାଳନ କରିପାରିବ ?

—ପାରିବ ସାର୍, ଯେତେ ଜଟିଳ ହେଲେ ବି ପାଳନ କରି ପାରିବ । ଜୀବନ ବି ଦେବାକୁ ପ୍ରସ୍ତୁତ । କହନ୍ତୁ ସାର୍—

—ତେବେ ତୁଳସୀକୁ ତୁମେ ବିବାହ କର । ତାର ପିତୃଋଣ ସୁଝ । ତୁମେ ଭାବନା ଯେ ତୁମର ବାପାଙ୍କ ଅର୍ଥରେ ତୁମେ ଏତେ ଦୂର ଆସିଛ । ଭାବି ଦେଖ, ସେ ଅର୍ଥରେ ବି ତୁଳସୀ ବାପର ମୁଣ୍ଡଝାଳ ଓ ଶରୀର ରକ୍ତ ମିଶିଛି । ପିଲାଟି ଦିନରୁ ତା' ବାପ ତୁମ ଘରର କୋଠିଆ ଥିଲା । ସେ ମୁଣ୍ଡଝାଳ ତୁଣ୍ଡରେ ମାରି, ଖରା, ବର୍ଷା, ଶୀତ ସହି ଧନ ଅର୍ଜେ, ଆଉ ତୁମ ବାପା ସେ ଧନକୁ ସାଇତି ରଖନ୍ତି । ତେବେ କୁହ, କାହା ଧନରେ ତୁମେ ମଣିଷ ହୋଇଛ ? ତୁଳସୀକୁ ବିବାହ କର । ପତିତ ଦଳିତ ହରିଜନମାନଙ୍କୁ ଉଦ୍ଧାର କର ।

ଶ୍ରୀକାନ୍ତ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥାଏ ବାପୁଜୀଙ୍କୁ । ପୁନଶ୍ଚ ବାପୁଜୀ ଆରମ୍ଭ କଲେ—

ଅସଙ୍ଗତ ନୁହେଁ ଶ୍ରୀକାନ୍ତ, ସେ ତୁମର ସ୍ତ୍ରୀ ଓ ତୁମେ ତାର ସ୍ୱାମୀ—ଏହି ବିଧିର ବିଧାନ । ଆଜି ନୁହେଁ ଯୁଗ ଯୁଗ ଧରି ତୁମେ ଦୁହେଁ ସ୍ୱାମୀ ସ୍ତ୍ରୀ ରୂପରେ ଜନ୍ମ ହୋଇଛ । ପ୍ରେମ ତୁମର

ଅନାବିଳ । ସେଥିପାଇଁ ସୃଷ୍ଟି କର୍ତ୍ତାଙ୍କର ଏ ବିଡ଼ମ୍ବନା । ଏ ଜନ୍ମରେ ତୁମେ ଉଚ୍ଚକୁଳ ସମ୍ଭୂତ ଆଉ ସେ ଅଭିଯାତ ହୀନା । ଜଗତର ମଙ୍ଗଳପାଇଁ ଏ ବ୍ୟତିକ୍ରମ । ତୁମେ ତୁଳସୀକୁ ବିବାହ କରି ଅନ୍ଧ ସମାଜକୁ ଚକ୍ଷୁଦାନ କର । ବିଶ୍ୱକୁ ଦେଖାଇ ଦିଅ ଏକ ଅଲୌକିକ ଆଦର୍ଶ । ଗଢ଼ ନୂଆ ଧର୍ମ । ବିଶ୍ୱରେ ଶାନ୍ତିର ପ୍ରଚାର କର । ବର୍ତ୍ତମାନ ତୁଳସୀ ଅନାଥିନୀ । ଜୀବନକୁ ତା'ର ହରାଇ ଦେବାକୁ ବସିଛି । ତୁମେ ତାକୁ ଉଦ୍ଧାର କର ।

ଅନ୍ତର୍ଦ୍ଧାନ ହୋଇଗଲେ ବାପୁଜୀ । ଶ୍ରୀକାନ୍ତର ସ୍ୱପ୍ନ ଭାଙ୍ଗିଗଲା । ଚାହିଁଲା—କାନ୍ଥଦେହରୁ ବାପୁଜୀଙ୍କ ବନ୍ଧାଇ ଫଟୋଟି ଖସି ପଡ଼ି ଟେବୁଲ ଉପରେ ପଡ଼ିଛି । ଭକ୍ତିଭରେ ଫଟୋଟିକୁ ନେଇ ମୁଣ୍ଡରେ ଲଗାଇଲା । ଭାବିଲା, ଗୋଟିଏ ଦିଗରେ ଦେବତାଙ୍କ ଆଦେଶ, ଆଉ ଅନ୍ୟ ଦିଗରେ ରକ୍ଷଣଶୀଳ ପୂଜମାୟ ପିତାଙ୍କର ଦୃଢ଼ ପ୍ରତିଦାନ । ପରସ୍ପର ବିପରୀତ ମୁଖୀ ଦୁଇଟି ସ୍ରୋତର ସଂଘର୍ଷ । କେଉଁଟି ଶ୍ରେୟସ୍କର ?

କେତେ ପ୍ରଶ୍ନ ତାର ମସ୍ତିଷ୍କରେ ଖେଳିଗଲା । ସେ କିଛି ସ୍ଥିର କରି ପାରିଲାନି । ସେଇ ବିଶ୍ୱକର୍ତ୍ତାଙ୍କଠାରେ ନିଜକୁ ସମର୍ପିଦେଲା । ସେ ଯେଉଁଆଡ଼କୁ ଚଳାଇବେ, ସେ ଆଡ଼େ ସେ ଯିବ । ସେହି କେବଳ ଏ ସମସ୍ୟାକୁ ସମାଧାନ କରିବାକୁ ତାକୁ ସାହାଯ୍ୟ କରିବେ ।

ତୁଳସୀ ନିଜର ଜୀବନକୁ ହରାଇ ଦେବାକୁ ବସିଛି । ବାପୁଜୀଙ୍କ ଉପଦେଶ । ନିଶ୍ଚୟ ସେ ଆଶ୍ରମକୁ ଯିବ । ତାର ଖବର ବୁଝିଆସିବ । ଆସିଲାବେଳେ ବଗିଚା ଘର କାନ୍ଦୁଥିଲା । ସାଇକେଲ୍‌ଟିକୁ ପଦାକୁ ବାହାରକରି ଆଣି କୋଠରୀରେ ତାଲା ଦେଲା ଶ୍ରୀକାନ୍ତ ।

ରାତି ପ୍ରାୟ ଏଗାରଟା । ବିଜୁଳି ଯୋଗାଣରେ କିଛି ଅସୁବିଧା ଯୋଗୁଁ ହଠାତ୍ ସହରଟି ସାରା ଅନ୍ଧାର ହୋଇଗଲା । ଅମାବାସ୍ୟାର ରାତି । ରାସ୍ତାଘାଟ କିଛି ବାରି ହେଉନାହିଁ । ସ୍ୱେର, ଉଲ୍କାଯୁକ୍ତ ଗୁଡ଼ା ଏକ୍ଷଣି ମାତି ଉଠିବେ । ଅନ୍ଧାରରେ ଛୁଟିଛି ଶ୍ରୀକାନ୍ତ—ଆଶ୍ରମ ଅଭିମୁଖରେ । ମନେପଡ଼ୁଛି ତାର—ରେଣୁକାର ଅନ୍ତିମ ଅନୁରୋଧ । ପୁଣି ମହାମାନବଙ୍କର ଆଦେଶ । କେତେ କ'ଣ ଭାବି ଭାବି ଶ୍ରୀକାନ୍ତ ଆଶ୍ରମ ଫାଟକ ପାଖରେ ପହଞ୍ଚିଲା ।

ଆଶ୍ରମଟି ଶୁନ୍‌ସାନ୍ । ଚାରିଆଡ଼େ ଅନ୍ଧାର ରାଜୁତି କରୁଛି । ଆମ୍ବ ବଗିଚାରେ ବସି ପେଚାଟା କୁହୁଳେଇ ହେଉଛି । ଚେଁଚେଁଇ ଟା ଆଶ୍ରମ ଚାରିପାଖ ଏଗଛରୁ ସେ ଗଛକୁ ଉଡ଼ି ବୁଲି ରଡ଼ି ଛାଡ଼ୁଛି । ଶ୍ରୀକାନ୍ତ ସାଇକେଲ୍‌ରୁ ଓହ୍ଲାଇ ପଡ଼ି ଠିଆ ହେଲା । ଫାଟକ ପାଖରେ ମଣିଷର ପାଟି ତୁଣ୍ଡ କେଉଁଆଡ଼େ ଶୁଭୁ ନାହିଁ । ଭୟରେ ଛାତିଟା ତାର ଥରି ଉଠିଲା । ଅନ୍ଧାରର ଭୂତ ତା' ଆଡ଼କୁ ମାଡ଼ି ଆସିଲା ପରି ତାକୁ ଜଣାଗଲା । କିଛି ସମୟପରେ ସେ ଶୁଣିବାକୁ ପାଇଲା—ଦୂରରେ ଏକ ରମଣୀର କ୍ରନ୍ଦନରୋଳ । କାଠଯୋଡ଼ି ନଦୀ ମଧ୍ୟରୁ ରହି ରହି ପବନରେ ଭାସିଆସୁଛି ଆଶ୍ରମ ଆଡ଼କୁ । ଶ୍ରୀକାନ୍ତର ଦେହଟା ଆତଙ୍କରେ ଫୁଲି ଉଠିଲା । କିଏ କାନ୍ଦୁଛି ଏତେ ରାତିରେ ? ଡାଆଣୀ ନା' ଚିରଗୁଣୀ ? ପୁଣି କାନଡେରି ଶୁଣିଲା । ନା'—ଏତ ମଣିଷର କଣ୍ଠ ସ୍ୱର । କିଏ ଜଣେ ଦୁଃଖିନୀ କାଠଯୋଡ଼ି ବାଲି ମଧ୍ୟରେ କାନ୍ଦି କାନ୍ଦି ଖୋଜି ବୁଲୁଛି, ତା'ର ଚିର ଶାନ୍ତିର ଆଶ୍ରୟ ! ତେବେ ସେ କ'ଣ ତୁଳସୀ !

ମନକୁ ତାର ପାପ ଛୁଇଁଲା । ସାଇକେଲ୍‌ଟି ଧରି ଆଗେଇଲା କାଠଯୋଡ଼ିର ସାହେବଘାଟ ଆଡ଼କୁ । ନଦୀର ଅପରପାର୍ଶ୍ୱରୁ

ଶୁଭୁଛି ପାହାନ୍ତିଆ ବାଲୁଆ ଗୁଡ଼ାକର 'ହୁକେ ହୁଆ' ରଡ଼ି । ଏପଟରୁ ଦେଶୀ କୁକୁର ଗୁଡ଼ାକ ଭୁକି ଉଠୁଛନ୍ତି । କିଛି ବିପଦର ସୂଚନା ପ୍ରାଣକୁ ଶତ ଆଶଙ୍କାରେ ବିବ୍ରତ କରିଦେଲା । ରାସ୍ତାର ଦୁଇକଡ଼ରେ ଦୁଇଧାଡ଼ି ଦେବଦାରୁ ଗଛ—ଦୂରରୁ ଶ୍ରୀକାନ୍ତଙ୍କୁ ଭୂତ ପରି ଦେଖାଯାଉଛନ୍ତି । ପକ୍ଷୀଗୁଡ଼ାକର ଡେଣା ଫଡ଼ ଫଡ଼ ଶବ୍ଦରେ ଶ୍ରୀକାନ୍ତ ଚମକି ପଡ଼ୁଛି, ତଥାପି ସେ ଆଗେଇ ଚାଲିଛି ।

କନ୍ଦନର ସ୍ୱର କ୍ରମେ କ୍ରମେ କ୍ଷୀଣରୁ କ୍ଷୀଣତର ଅନୁଭବ କଲା ଶ୍ରୀକାନ୍ତ । ସାହେବଘାଟ ଉପରକୁ ଉଠି ଚାହିଁଲା ଏଣିକି ତେଣିକି, ଅନ୍ଧାରରେ କିଛି ବାରି ହେଉନାହିଁ । ଗାଡ଼ିଖସର ମାରିବଣା ଭିତ୍ରକର ଝିଙ୍କାରି ପୋକଗୁଡ଼ାକ ଝିଁ ଝିଁ କରି ଉଠିଲେ । ସେପାଖରୁ ଡାଆଣୀ ଆଲୁଅ ରହି ରହି ଜଳି ଉଠୁଛି । କାନ୍ଦଣା ତ କେଉଁଆଡ଼ୁ ଶୁଭୁନାହିଁ । ତେବେ କ'ଣ ପିଚେଉଣୁଣୀ କାନ୍ଦୁଥିଲା ? ଭୟରେ ଫୁଲି ଉଠିଲା ଶ୍ରୀକାନ୍ତର ଗୁଡିଟା । ଚିତ୍ତଦମ୍ଭ କରି ସନ୍ଦେହରେ ଥରୁଟିଏ ସେ ଡାକିଦେଲା—'ତୁଳସୀ !" ଘାଟତଳେ ପାଣିଟା ଚହଲି ଯିବାର ଜଣାଗଲା । ପୁଣି ଡାକିଲା—ତୁଳସୀ !

ନଦୀ ମଧ୍ୟରୁ ଉତ୍ତର ଆସିଲା—'ବାବୁ' !

ଆଶ୍ଚର୍ଯ୍ୟ ହେଲା ଶ୍ରୀକାନ୍ତ । ସାଇକେଲ୍‌ଟିକୁ ଠିଆ କରି ଦେଇ ତୁଠତଳକୁ ଖସିଲା । ନିରୀକ୍ଷଣ କରି ଚାହିଁଲା—ବେକେ ପାଣିରେ ତୁଳସୀ ଠିଆ ହୋଇଛି । ଡାକିଲା - ତୁଳସୀ, ତୁମର ଏ କି ବୁଦ୍ଧି ? ବାହାରି ଆସ ପାଣି ଭିତରୁ । ଆତ୍ମହତ୍ୟା ଯେ ମହାପାପ—ଏତିକି ତୁମେ ଜାଣ ନାହିଁ !

ତୁଳସୀ ଥରି ଥରି କଣ୍ଠରେ କହିଲା—ଆଉ କାହିଁକି ବାବୁ ଏ ନିଲଠା ଦେହ ଧରି ବଞ୍ଚି ରହିବି । ଆପଣ ଫେରିଯା'ନ୍ତୁ ।

ମୋତେ ବଳାନ୍ତୁ ନାହିଁ । ମୁଁ ଆଉ ଦୁଃଖ କଷ୍ଟ ଭୋଗିପାରିବ ନାହିଁ ।

ପାଣି ଭିତରକୁ ପଶି ଯାଇଁ ଯାଇଁ ଶ୍ରୀକାନ୍ତ କହିଲା—ଭୁଲବୁଝିଛ ତୁଳସୀ । ଦୁଃଖ କଷ୍ଟ ତ ଭଗବାନଙ୍କର ଆଶୀର୍ବାଦ । ସେ ଦୁଃଖ ଦିଅନ୍ତି, ପୁଣି ସୁଖ ମଧ୍ୟ ଦିଅନ୍ତି - ଏଇ ତ ତାଙ୍କର ଖେଳ । ଏ ଦୁଃଖ ଗହନ ପୃଥିବୀ ଉପରେ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ସବୁଦିନେ ସୁଖରେ କିମ୍ବା ଦୁଃଖରେ କଟେନାହିଁ । ସମସ୍ତେ ବଞ୍ଚିବାର ଆଶା ନେଇ ଦୁଃଖ ସୁଖକୁ ଅଙ୍ଗେ ନିଭାଇଥା'ନ୍ତି । ଦେବତା ବି ମର୍ତ୍ତ୍ୟମଣ୍ଡଳରେ ଜନ୍ମ ହୋଇ ଦୁନିଆର ଦାଉରୁ ରକ୍ଷାପାଇ ନାହାନ୍ତି । ତା' ବୋଲି କ'ଣ ସେମାନେ ଜୀବନକୁ ଅକାଳରେ ନଷ୍ଟକରି ଦେଇଛନ୍ତି ? ସୃଷ୍ଟିକର୍ତ୍ତାଙ୍କ ଦରବାରରେ ଆତ୍ମହତ୍ୟାକାରୀର ଦୋଷ ଅକ୍ଷମଣୀୟ । ଆତ୍ମାର ନିର୍ବାଣ ନାହିଁ । ଏ କଥା କ'ଣ ଆଶ୍ରମ ଶିକ୍ଷାରୁ ଜାଣି ପାରିନ ?

ତୁଳସୀର ମୁହଁରୁ ଉତ୍ତର କିଛି ବାହାରୁ ନାହିଁ । ସେ ଖାଲି ପାଣି ଭିତରେ ବରଡ଼ାପତ୍ର ପରି ଥରୁଛି ଆଉ ଭାବୁଛି—ବାବୁ ଏସବୁ ଜାଣି ଏଠାକୁ ଆସିଲେ କିପରି । ପଚାରିବାକୁ ବି ମୁହଁ ଖୋଲୁ ନାହିଁ । ଦୋଷୀଙ୍କ ପରି ସେ ଖାଲି ଠିଆ ହୋଇ ରହିଛି ।

ଶ୍ରୀକାନ୍ତ ତା' ପାଖରେ ପହଞ୍ଚି ତା'ର ହାତକୁ ଧରି ତୁଠ ଉପରକୁ ଉଠାଇ ଆଣିଲା । ନିଜର ଓଦା ଲୁଗାକୁ ଚପୁଡ଼ି ଚପୁଡ଼ି କହିଲା—ତୁଳସୀ, ମୋ ଧନ ! ତୁମେ ଆଉ ଏପରି କର୍ମ ଆଉ ଜୀବନରେ କେବେ କରିବନି । ତୁମେ ଅନାଥିନୀ ବୋଲି ଭାବୁଛ,

କାହିଁକି ? ମୁଁ ଯେ ତୁମର ପାଖେ ପାଖେ ଅଛି । ମୃତ୍ୟୁଶଯ୍ୟାରେ ତୁମର ବୋଉ ମୋତେ ତୁମର ଦାୟିତ୍ୱ ଦେଇ ଯାଇଛନ୍ତି । ତେଣୁ ତୁମେ ମୋର ଅଧିନା । ମୋର ବିନାନୁମତିରେ ଆଗକୁ ପାଦେ ଘୁଞ୍ଚିବାର ଅଧିକାର ତୁମର ନାହିଁ । ତେବେ—କେଉଁ ସାହସରେ ତୁମେ ଏପରି କର୍ମ କରିବାକୁ ଯାଉଥିଲ ? କି ଦୁଃଖରେ ?

ତୁଳସୀ ନୀରବ । ଲଜ୍ୟା ଓ ଭୟରେ ସେ ମର୍ମାହତ । ମନେମନେ କେତେ ନିଜକୁ ଧିକ୍କାର କରୁଛି, ନିଜର ଅପକର୍ମ ପାଇଁ ବାବୁଙ୍କ ଚକ୍ଷୁରେ ସେ କେତେ ଦୋଷୀ ହୋଇପଡ଼ିଲା ? ଭାବୁଛି—ଅନୁତାପ କରି ଆଉ କିଛି ଲାଭ ନାହିଁ । ଏଥିପାଇଁ ସେ ବାବୁଙ୍କଠାରୁ କ୍ଷମା ମାଗିନେବ । ଆଉ ଜୀବନରେ ଏପରି ଅପ କର୍ମ କେବେହେଲେ କରିବ ନାହିଁ ।

ଶ୍ରୀକାନ୍ତ ଓଦାଲୁଗାକୁ ଚିପୁଡ଼ି ପାଲଟି ସାରି ସାଇକେଲ୍‌କୁ ଆଉଜି ଠିଆ ହୋଇଥାଏ । ତୁଳସୀ ଲୁଗାଚିପୁଡ଼ି ତୁଠ ଉପରକୁ ଉଠିଲା । ଦୁହେଁ ବନ୍ଧଡଳକୁ ଖସିଲେ । ଶ୍ରୀକାନ୍ତ କହିଲା ତୁଳସୀ, କେହି ଯେପରି ଏକଥା ନ ଜାଣନ୍ତି । ଜାଣିଲେ ଛି ଛି କରିବେ । ନିଜର ମୂଲ୍ୟ କମିଯିବ । ଭଲ ପିଲାଟି ପରି ଯାଇ ଶୋଇପଡ଼ିବ । ତୁମେ ମା', ଭାଇଙ୍କ ପାଇଁ ଚିନ୍ତାକଲେ କ'ଣ ସେମାନେ ଆଉ ଫେରିଆସିବେ ? ମୋର ପରୀକ୍ଷା ସରୁ । ହେମନ୍ତକୁ ସଙ୍ଗରେ ନେଇ ମୁଁ କଲିକତା ଯିବି । ତୁମ ବାପାଙ୍କୁ ଯେଉଁଠି ପାଇବି ନେଇ ଆସିବି । ବର୍ତ୍ତମାନ ଆଶ୍ରମକୁ ଯିବା ମୋର ଉଚିତ ନୁହେଁ—ମୁଁ କଲେଜ ଯାଉଛି । ଦୁହେଁ ଆଶ୍ରମର ଗେଟ୍ ପାଖରେ ପହଞ୍ଚି-ଗଲେ । ଗେଟ୍‌କୁ ଆଉଜି ଠିଆହେଲା ତୁଳସୀ । ଗେଟ୍ ଖୋଲି ସେଆଡ଼କୁ ଯିବାକୁ ତାର ପାଦ ଚଳୁ ନାହିଁ । ଶ୍ରୀକାନ୍ତ କହିଲା—

ଭାବୁଛ କ’ଣ ? ଯାଅ, ମୋର ପରା ଡେରି ହେଉଛି । ତୁଳସୀ ନୀରବ । ଅନ୍ତରେ ତଳୁ ତାର କୋହ ଉଠୁଛି । ଶତଚେଷ୍ଟା କଲେ ସୁଦ୍ଧା ସେ ତାକୁ ଦବାଇ ପାରୁନାହିଁ । ଅଜାଣତରେ ତାର ଦୁଇ ଆଖିରୁ ଝରି ପଡୁଛି ଶ୍ରାବଣର ଧାରା । ଶ୍ରୀକାନ୍ତକୁ ଶୁଭୁଛି ତୁଳସୀର କଇଁ କଇଁ କାନ୍ଦ । ସେଇ କନ୍ଦାହିଁ ସୁଚାଇ ଦେଉଛି ତାକୁ ନାରୀର ଚିରନ୍ତନ କ୍ଷୁଧା । କ୍ଷୁଧାତୁରା ତୁଳସୀର ସାହସ ହେଉନି ଶ୍ରୀକାନ୍ତକୁ ପଚାରିବାକୁ, ବାବୁ ତୁମେ କ’ଣ ମୋତେ ଅନ୍ତରରେ ଭଲ ପାଅ ? କାହିଁକି ମୋତେ ମୃତ୍ୟୁମୁଖରୁ ଛଡ଼ାଇ ଆଣିଲ ?

ଧର୍ମିଖରୁ ଶ୍ରୀକାନ୍ତ ଅବାକ୍ ହୋଇ ଚାହିଁ ରହିଛି ତୁଳସୀକୁ । ମାୟାବନ୍ଧନ ପୂର୍ବରୁ ଥରୁଟିଏ ତାକୁ ତାର ବିସ୍ତୃତ ବକ୍ଷ ଉପରେ ବାନ୍ଧି ରଖି ଦଗ୍ଧପ୍ରାଣକୁ ତାର ଶୀତଳ କରିବାପାଇଁ ସାହସ ନାହିଁ । ତଥାପି ସେ ତୁଳସୀର ଆଖିରୁ ନିଜ ରୁମାଲରେ ଲୁହ ପୋଛି ଦେଲା । କହିଲା—ତୁଳସୀ, ଯଦି ତୁ ମୋତେ ଖୁସି କରିବାକୁ ଚାହୁଁ, ମନରୁ ସବୁ ଅବସାଦ ପୋଛିପକା । ଆଶ୍ରମକୁ ଯା— ମୁଁ ଯାଉଛି କଲେଜକୁ । ଆଉ ଅଳ୍ପଦିନ ପରୀକ୍ଷା ରହିଲା ମୋର ।

ଶ୍ରୀକାନ୍ତର ସାନ୍ତ୍ୱନାବାଣୀ ଶୁଣି ତୁଳସୀ ଆଖିରୁ ଲୁହ ପୋଛିଲା । ଭାବିଲା, ସେ ଅନାଥିନୀ ନୁହେଁ । ଦୁଃଖବେଳେ ଆହା କହିବାକୁ ତାର ଜଣେ ସାହା ଅଛନ୍ତି । ପଚାରିଲା, ଆଉ କେବେ ଆସିବେ ବାବୁ ? ଶ୍ରୀକାନ୍ତ ଉତ୍ତର ଦେଲା, ତୁମେ ଯେତେବେଳେ ଚାହିଁବ । ରାତି ବେଶୀ ହୋଇଗଲାଣି—ତୁମେ ଆଶ୍ରମକୁ ଯାଅ । ତୁମେ ଘରେ ପଶିଲେ, ମୁଁ ଯିବି ।

ତୁଳସୀ ବାଧ ଶିଶୁଟିପରି ଶ୍ରୀକାନ୍ତର ଆଦେଶ ପାଳନ କରୁ କରୁ କହିଲା, ବାବୁ ରବିବାର ଦିନ ଆସିବେ । ଶ୍ରୀକାନ୍ତ କହିଲା—ହଁ, ନିଶ୍ଚୟ ଆସିବି । ତୁମେ ଆଉ କାନ୍ଦିବ ନାହିଁ । ମୋ ରାଣ ।

ଆଶ୍ରମ ବାରଣ୍ଡାକୁ ଉଠିଲା ତୁଳସୀ । ହାତଠାରି ଶ୍ରୀକାନ୍ତକୁ ଯିବାକୁ କହିଲା । ଶ୍ରୀକାନ୍ତ ସାଇକେଲ୍ ଉପରକୁ ଉଠିଲା । ପାହାନ୍ତିଆ ତାରାଟି ଉଙ୍କି ମାରିଲାଣି ସେତେବେଳକୁ ।

—o—

## —ଆଠ—

ଘଣ୍ଟା ବାଜିଲାଣି । ଗିରି ମା' ବାବୁଆଣୀ ହରିଦେଈଙ୍କର ମୁଣ୍ଡ ଚିପି ଦେଉଛି । କେତେଆଡ଼ୁ କେତେ କଥା ପକାଉଛି ଗିରି ମା', ହରି ସବୁ ଶୁଣୁଛି । ଆଗ ହରିର ଶ୍ୱଶୁର କ୍ଷେତ୍ରମୋହନ ବଡ଼ ଜେନାଙ୍କ ପାଖରୁ କଥା ଆରମ୍ଭ । ସେ ଭାରି ସୁନ୍ଦର ଲୋକ ଥିଲେ । ମାଛିକୁ 'ମ' ବୋଲି କହି ନାହାନ୍ତି । ତାଙ୍କ ଅମଳରେ ପ୍ରଜାମାନେ ରାମ ରାଜ୍ୟ ଭୋଗ କରୁଥିଲେ । ଏତେ ବଡ଼ ସୁନ୍ଦର ଲୋକ ନା'ରେ ପୁଣି ଏଗାଁ ଲୋକେ କଳଙ୍କ ଲଗାଇଲେ । କ'ଣ କହିବି ବାବୁଆଣୀ, ଗିରିଟି ମୋର ସେତେବେଳେ ପିଲା । ତା' ବାପ ମରିଗଲା । ମାଇପୀ ଲୋକ ଚଳିବାକୁ ବଡ଼ ହଇରାଣ ହେଲି । ଦୁଃଖ କରିବାକୁ ଶକ୍ତି ଥିଲା; କିନ୍ତୁ କରଣ ଘର ଡିମ ତ ଜାଣୁଛ । ଭିତରେ ଯାହାହେଉ ପଛେ—ବାହାରେ ବଡ଼ଲୋକୀ ଆଡ଼ମ୍ବର ଦେଖାଇବାକୁ ପଡ଼ିବ । କ୍ଷେତ୍ରମୋହନ ବାବୁ ମୋ ଦୁଃଖ ସହି ପାରିଲେ ନାହିଁ । ଭଲରେ ମନ୍ଦରେ ସେ ମୋତେ ଚଳାଇ ନେଲେ । ଜମିବାଡ଼ି

ଦ'ଖଣ୍ଡ ବ ମୂଳିଆଙ୍କ ଦ୍ୱାରା କରାଇଦେଲେ । ସେଇଠୁ ଏ ଯୋଗିଣୀଝିଆମାନେ ଫୁସୁଫୁସୁ ହେଲେ । ଏଠି ସେଠି ପଲେ ପଲେ ବସି ହଁ ପଚାପ ହେଲେ । ବାବୁ ଥିଲେ ସିନା ତାଙ୍କ ଗୁଣ କହନ୍ତେ । ସେ ତ ଯାଇ ସରଗରେ ରହିଲେଣି । ଯେଉଁ ଗାତପଶାଯାକ ତାଙ୍କ ଚନ୍ଦ୍ରମା ଦେହରେ କଳଙ୍କ ଲଗାଉଥିଲେ, ସେମାନେ ଏଇ ଦେଖ ନର୍କ ଭୋଗୁଛନ୍ତି ।

ଆଉ ତୁମ ଆଗ ଶାଶୁ ଭାରି ଭଲ ଲୋକ ଥିଲେ । ବିଲେଇ କୁକୁରର ବି ସେ ମନ ଜାଣି ଖାଇବାକୁ ଦେଉଥିଲେ । ଆଜଯାଏ ତାଙ୍କୁ ଲୋକେ ଝୁରୁଛନ୍ତି । ଭଲ ମଣିଷଟା—ବସୁ ବସୁ ମରିଗଲେ । ତାପରେ ତୁମ ନିଜ ଶାଶୁ ଆସିଲେ । ସେ ବି ଭଲ ଲୋକ; କିନ୍ତୁ ଟିକିଏ କଡ଼ା । ତାଙ୍କର ପୁଅ ତୁମ ସ୍ୱାମୀ । ଆଉ ତୁମ ଆଗ ଶାଶୁ ପୁଅ ଗୌରହରି ବାବୁ । ଦେଖୁନା, ବୈଠକ-ଖାନାରେ ବାବୁଙ୍କ ସଙ୍ଗରେ ତାଙ୍କର ଫଟୋ ଅଛି । ସେ ବି ତାଙ୍କ ମା' ପରି ଭାରି ଭଲ ଲୋକ ଥିଲେ । ତୁମ ଶାଶୁଙ୍କର କଡ଼ା କଥା ସହି ନ ପାରି କୁଆଡ଼େ ଇଂରାଜ ହୋଇ ଚାଲିଯାଇଛନ୍ତି ଯେ ଆଉ ଫେରି ନାହାନ୍ତି—ପଚିଶ ତିରିଶ ବର୍ଷ ହେଲାଣି ।

କୋଡ଼ିଏ ବର୍ଷ ବୟସରେ ବାବୁ ବାହା ହେଲେ ତୁମ ଆଗ ସଉତୁଣୀକୁ । ଆଳି କନକା କୁଆଡେ ଲୋ ମା'—ସେଇ ରାଇଜର, ଝିଅ । ଶ୍ରୀକାନ୍ତ ବାବୁ ତାଙ୍କରି ପୁଅ । ବାହାଘରର ବର୍ଷ ନ ପୁରୁଣୁ ତୁମ ଶାଶୁ ବାଟ କାଟିଲେ । ସେ ଶ୍ରୀକାନ୍ତ ବାବୁଙ୍କ ଜନ୍ମ ଦେଖି ନାହାନ୍ତି । ସମସ୍ତେ କହିଲେ—ଏ ବୋହୂଟା ହେଲା କାଳ । ଘରେ ଗୋଡ଼ ଦେଉଁ ଦେଉଁ ଶାଶୁଙ୍କୁ ଖାଇଲା ।

ସେ ତ ନିଜେ ତେଇଶ୍‌ବର୍ଷ ମଲେ—ତା’ପରେ ତୁମେ ଆସିଲ । ତୁମେ ଆସିଲାଦିନୁ ତ ଧନ ଦଉଲତ ହୁ ହୁ ବଢ଼ୁଚି । କେବଳ ଏତିକି, ଗରିବ ଘରର ଝିଅ ତୁମେ । ବାପ ଟଙ୍କା ନେଇ ବୁଢ଼ାବରରେ ଦେଇଛି । ନ ହେଲେ ତୁମେ ଲକ୍ଷ୍ମୀ । ମୁଣ୍ଡ ବନ୍ଧା ସରିଲା—ଗିରି ମା’ର କଥା ସରିଲା ।

ହିରାର ମୁହଁ ଖୋଲିଲା । କହିଲା—ମୁଁ କି ଲକ୍ଷ୍ମୀ ଲୋ ଗିରିମା’—ମୁଁ ଆସିଲାରୁ କୁଆଡ଼େ ପରା ତାଙ୍କ ଜମିଦାରି ଗଲା ?

ଗିରିମା’ ସଳକ ବସୁ ବସୁ କହିଲା—କିଏ କହୁଛି ଗୋ ସେ କଥା ? ମୁଲକ ଯାକର ଜମିଦାରି ଗଲା—ତା’ ସାଙ୍ଗରେ ଆମ୍ଭର ବି ଗଲା । ଏଥିରେ ତୁମର ଦୋଷ କଣ ?, ଜମିଦାରି ଗଲା ସିନା, ବାବୁ ତ ସରପଞ୍ଚ ଗାଦି ପାଇଛନ୍ତି । ପରକଥା ତୁମେ ଶୁଣ ନାହିଁ । ସରପଞ୍ଚ ବାବୁ କୁଆଡ଼େ ଯାଇଛନ୍ତି ?

—ଅଫିସ କରୁଛନ୍ତି ପରା । ତୁମ ପୁଅ ?

—ସେତ ଅଫିସ ଯାଇଛି । ଆସିବାବେଳ ହୋଇଗଲାଣି ଗୋ

ମା’ ମୁଁ ଯାଉଛି । ଗରିବ ବୋଲି ତ ଆଜଯାଏ ତାକୁ ହାତକୁ ଦିହାତ କରିପାରିଲି ନାହିଁ । ଗିରିର ବୃଳଶ ପୂରି ଆଉରି ବର୍ଷକୁ ଧକ ଦେଲଣି । ଆଉ କିଏ ଝିଅ ଦେବେ । ମୁଁ ବଞ୍ଚିଥିବା ଯାଏ ଖଣ୍ଡେ ଫୁଟାଇ ଦେଉଥିବି—ଆଖି ବୁଜିଲେ ତେଣିକି ତା’ ଭାଗ୍ୟ

ହିଁ ଗୋ ବାବୁଆଣି, କଥାଟେ ଭୁଲି ଯାଇଥିଲି । ଏ ବର୍ଷ ଶ୍ରୀକାନ୍ତ ବାବୁଙ୍କର ବାହାଘର କରୁଛ ?

— ନ କଲେ ଏତେ ନିନ୍ଦା ଅପବାଦ ସହି ହେବ ନାହିଁ ।

—ମୁଁ ନିଜେ ଦେଖିଛି ଗୋ' ବାବୁଆଣୀ, ଆଉ କାହା କଥା କହିବ କ'ଣ । ପୁଣି କ'ଣ ଶୁଣୁଛି ତାଙ୍କ ମା' ଝିଅାଙ୍କୁ ଶ୍ରୀକାନ୍ତ-ବାବୁ କାଳେ ଏଠୁଁ ନେଇଯାଇ କଟକରେ କେଉଁଠି ରଖାଇଛନ୍ତି । ବଡ଼ଜେନା କୁଳରେ କଳଙ୍କ ଲଗିଲା ଗୋ ବାବୁଆଣୀ । ଆମେ ଖାଲି ଈଶ୍ୱରଙ୍କୁ ହାତ ଯୋଡ଼ୁଛୁ, ତୁମର କୋଳରେ ବଳଟେ ପିଲା ହେଲେ ଏକୁଳ ଉଦ୍ଧାର ହେବ

ପିଲା ନା' ଶୁଣି ହିରାର ମନ ଶୁଖି ହୋଇଗଲା ? ବରଷେ ହେଲାଣି ସେ ଏ ଘରକୁ ଆସିଲାଣି । ସ୍ୱାମୀ ସୁଖ କ'ଣ ଜାଣି ପାରିଲା ନାହିଁ । ପିଲାର ମା' ହେବାକୁ ସେ ଇଚ୍ଛା କରିବ କପରି

ବାହାରେ କବାଟ ଖଡ଼ ଖଡ଼ ଶୁଭିଲା । ହିରା ପ୍ରକୃତିସ୍ଥ ହେଲା । ଦାଣ୍ଡକବାଟ ପାଖକୁ ଯାଇ କଳିଣି ଖୋଲି ଦେଲା । ନରହରି ବାବୁ ପଶି ଆସିଲେ ଘର ଭିତରକୁ । ଗିରିମା' ବାହାରି ଗଲା ପଦାକୁ । ଫେରି ପଡ଼ି ନରହରି ବାବୁ କହିଲେ—ମାଉସୀ, ଶୀଘ୍ର ତୁମ ପୁଅକୁ ଡାକିଦେବ, ଗାଡ଼ି ବେଳ ହୋଇଗଲାଣି । ଗିରିମା—'ହଁ' କହି ଚାଲିଗଲା ।

ବାବୁ ତାଙ୍କ ଶୋଇବା ଘରକୁ ଗଲେ । ହିରା ଅଇନା, ପାନିଆଁ ଧରି ସେ ଘରକୁ ଯାଉଁ ଯାଉଁ ଚାହିଁ ଦେଲା ଅଇନାକୁ । ମୁଣ୍ଡରେ ନାଇଲନ୍ ଫିତା ଦେଇ ଖଳସି ପାରିଛି । ମୁହଁରେ ଲଗିଛି ହିମାଳୟ ସ୍ନୋ । ଦୁଇଭ୍ରୂଲତା ମଝିରେ ସିନ୍ଦୁର ବିନ୍ଦୁଟି ମୁଖମଣ୍ଡଳକୁ ତାର ଶତଗୁଣ ମନୋରମ କରି ଦେଉଛି ! ହିରା ପୁଣି ଚାହିଁଲା ତାର ବକ୍ଷକୁ । ସଜଫୁଟା ଯଉବନ ଉକୁଟି ଉଠୁଛି । ଦେହଟା ତାର ଶୀତେଇ ଉଠିଲା । ଦୌଡ଼ିଗଲା ସେ ନରହରି ବାବୁଙ୍କ

ପାଖକୁ । ବାବୁ ସିଲ୍‌କର ପଞ୍ଜାବ ପିନ୍ଧି, ତହିଁରେ ସୁନା ବୋତାମ ଲଗାଉଥିଲେ । ଛଡ଼ାଇ ଆଣିଲା ହରି ସେ ବୋତାମକୁ । ନିଜେ ବୋତାମଗୁଡ଼ିକୁ ପିନ୍ଧାଇ ଦେଉଁ ଦେଉଁ କଟେଇ ଚାହିଁ ଦେଲା ତାଙ୍କ ମୁହଁକୁ ! ଦରଫୁଟା ହସଟିଏ ଖେଳିଗଲା ତାର ଗୋଲାପି ଅଧରରେ । ଢଳି ପଡ଼ୁଥିଲା ସେ ନରହରି ବାବୁଙ୍କ ଛାତି ଉପରେ । ନରହରି ବାବୁ ଘୁଞ୍ଚିଗଲେ କିଛି ଦୂରକୁ । କହିଲେ—ସବୁବେଳେ ମୋତେ ଏଗୁଡ଼ା ଭଲ ଲାଗେ ନା ।' ତୋର କ'ଣ ସମୟ ଜ୍ଞାନ ନାହିଁ ? ଯିବା ଆସିବାବେଳେ.........

ହରିର ହସ ହସ ମୁଖଟି ମଳିନ ପଡ଼ିଗଲା । ସେ ଖାଲି ଅବାକ୍ ହୋଇ ଚାହିଁ ରହିଲା ତାଙ୍କ ମୁହଁକୁ । ସେ ପକେଟରୁ ଚିଠି ଖଣ୍ଡେ ବାହାର କରି ସିନ୍ଦୁକ ଉପରେ ଥୋଇ ଦେଇ କହିଲେ— ଏ ଚିଠି ଶ୍ରୀକାନ୍ତ ପାଖକୁ ଯିବ । ମଧୁଆ ହାତରେ ପୋଷ୍ଟକରି ଦେବ । ମୁଁ ଜାଜପୁର ଯାଉଛି । ଏତିକ କହି ନରହରି ବାବୁ ବାହାରିଗଲେ ଘରୁ । ହରି ଖାଲି ବଲବଲ କରି ତାକୁ ଚାହିଁଥାଏ ।

ହରିର ଦୁଇ ଆଖିରୁ ଦୁଇଟୋପା ତତଲା ଲୁହ ଗଡ଼ି ପଡ଼ିଲା । ତାର ଛାତି ଭିତରୁ ବାହାରି ଆସିଲା ଗୋଟିଏ ଦୀର୍ଘଶ୍ୱାସ । ଅଜାଣ-ତରେ କହି ପକାଇଲା—ବୁଢ଼ା କ ବୁଝିବ ଯୁବତୀର ମନ ? ଧନ-ସମ୍ପତ୍ତି ପାଇଁ ଜୀବନଟାକୁ ମୋର ନଷ୍ଟ କରିଦେଲା—ମୋ ବାପା ।

—০—

ରବିବାର ସକାଳ । ଶ୍ରୀକାନ୍ତ ବିଛଣାରୁ ଉଠି ଚାହିଁଲା ଟେବୁଲ କ୍ଲକ୍‌କୁ । ଆଠଟା ବାଜିଲାଣି । ଚମକି ପଡ଼ିଲା ସେ, ବିଛଣାଗୁଡ଼ାଇ ଦେଇ ବାହାରିଗଲା ଗାଧୋଇବାକୁ ।

ଓ. ଏ. ଏସ୍ ପରୀକ୍ଷା ଦେଇଥିଲା ଯେ ଗତକାଲି ତାକୁ ଭାଇବାକୁ ଡକା ଯାଇଥିଲା । ତେଣୁ ଫେରୁ ଫେରୁ ସଞ୍ଜ ପାଞ୍ଚଟା । ତାଙ୍କ ଗ୍ରାମର ପୋଷ୍ଟମାଷ୍ଟର କଟକ ଆସିଥିଲେ, ତାଙ୍କ ସଙ୍ଗେ ଗପସପ କରି ହେମନ୍ତର ଖବର ନେଉ ନେଉ ରାତି ସାତଟା । ପୋଷ୍ଟମାଷ୍ଟରଙ୍କଠାରୁ ବୁଝିଲା ହେମନ୍ତ ଘରକୁ ଯାଇ ନାହିଁ । ମନ ଦୁଃଖରେ ଗୋପାଳପୁର ହାଇସ୍କୁଲ ହେଡ଼ମାଷ୍ଟରଙ୍କ ପାଖକୁ ଚିଠିଖଣ୍ଡେ ଲେଖି ବସିଲା—ହେମନ୍ତ କଟକ ଆସି ନାହିଁକି ଘରକୁ ଯାଇନାହିଁ । ସ୍କୁଲକୁ ଗଲାଣିକି ନାହିଁ ଦୟାକରି ଜଣାଇବେ । ଚିଠିଟି ଲେଖି ଟେବୁଲ ଉପରେ ଥୋଇଦେଲା । ଖୋଲିଲା ଘରୁ ଆସିଥିବା ଲଫାପାଟି ।

ବାପା ଲେଖିଛନ୍ତି—ତୁ ଆସିଲେ ଲଗ୍ନ ଧରାଯିବ । ଜାଜପୁର ମୁଁ ଯାଇଥିଲି, ସେମାନେ ତାଗିଦା କରୁଛନ୍ତି । ଆଠଦିନ ପାଇଁ ଛୁଟି ନେଇ ଆସିବୁ । ଜମିଦାର ଘର, ମଟରକାର୍ ଦେବେ, ଆଉ ଦଶହଜାର ଟଙ୍କାର ସମ୍ପତ୍ତି । ଆମର ଏଣେ ସବୁ ଯୋଗାଡ଼ ସରିଲାଣି ।

ବଡ଼ ବିରକ୍ତ ଲାଗିଲା ଶ୍ରୀକାନ୍ତକୁ । ଚିଠିଟି ଚିକିଟିକି କରି ଚିରି ଦେଲା । ମନେପଡ଼ିଲା ତାର ସେ ରାତିର ସ୍ୱପ୍ନ । ଆଖି ଆଗେ ଉଭାହେଲେ ସତ୍ୟ, ଶାନ୍ତ ମୂର୍ତ୍ତି—ମହାମାନବ ବାପୁଜୀ ।

ଶୁଭିଗଲା ତାଙ୍କର ଆଦେଶ—ବିଶ୍ୱର ମଙ୍ଗଳପାଇଁ ତୁମେ ତୁଳସୀକୁ ବିବାହ କର । ନଇଁ ଆସିଲା ଶ୍ରୀକାନ୍ତର ମଥା ।

କଲମ କାଗଜ ଧରିଲା । ବିବାହ ସ୍ଥଗିତ ରଖିବାକୁ ଚିଠି ଲେଖି ବସିଲା । ପରଧନରେ ବାପାଙ୍କର ଆଖି । ମଠର ଦେବେ, ହାତୀଘୋଡ଼ା ଦେବେ ଲେଖିଲେ । କନ୍ୟାଟି କପରି ତ ଲେଖିଲେ ନାହିଁ । ତାଙ୍କର ଧନଲୋଭା; କିନ୍ତୁ ମୋର ଲୋଡ଼ା କ'ଣ, ସେ କଥା ତ ଚିନ୍ତା କରୁ ନାହାନ୍ତି । ସେ ମନ ଜାଣନ୍ତି ନାହିଁ—ଧନକୁ ଚିହ୍ନନ୍ତି । ଧନବଳରେ ସେ ବୃଦ୍ଧବୟସରେ ଗୋଟିଏ ଷୋଡ଼ଶୀକୁ ବିବାହ କରି ତାର ନାରୀ ଜୀବନକୁ ନଷ୍ଟଭ୍ରଷ୍ଟ କରି ଦେଇଛନ୍ତି ।

ବେଶିଗୁଡ଼େ ଭାବିବାକୁ ସମୟ ନାହିଁ । ମୁଣ୍ଡଉପରେ ପରୀକ୍ଷା । ଚିଠିଟି ବନ୍ଦ କରିଦେଇ ଶ୍ରୀକାନ୍ତ ପଢ଼ି ବସିଲା । ଆଜି କୁଆଡ଼କୁ ନଜର ନାହିଁ । ପୂଜାରୀ ଭାତ ତରକାରୀ ଥୋଇ ଦେଇ-ଗଲାଣି । ପ୍ରତିଜ୍ଞା କରିଛି—ବହିଟି ଶେଷହେଲେ ଖାଇବ । ସଦର-ଥାନାରେ ବାଜିଲା—ରାତି ଦୁଇ । ବହିଟି ଶେଷ ହେଲା । ଶୁଖିଲା ଭାତ ଦୁଇଗ୍ରାସ ଗୁଣ୍ଡା ଖାଇଦେଇ ବିଛଣା ଧରିଲା । ସେଇଥି ପାଇଁ ଆଜି ନିଦ ଭାଙ୍ଗୁ ଭାଙ୍ଗୁ ଦିନ ଆଠ ।

ଗାଧୋଇ ଆସି ଶ୍ରୀକାନ୍ତ ରବିବାର ରୁଟିନ୍ ଦେଖିଲା । ଇଂରେଜି ବହିଗୁଡ଼ାକ ଆଜି ଉପର ଶିଖାଇଜ ସରିବ । ତରତର ହୋଇ ଜଳଖିଆ ଗଣ୍ଡେ ଖାଉଛି—ମନେପଡ଼ିଲା ତୁଳସୀର ଅନୁରୋଧ । ନିଶ୍ଚୟ ଆଜି ତା' ପାଖକୁ ଯିବାକୁ ହେବ । ନ ଗଲେ ପାଗଳୀଟା କିଛି ବୁଝିବ ନାହିଁ—କାନ୍ଦିବ । ସାନ୍ତ୍ୱନା ଦେବାକୁ ଆଉ ତାର କିଏ ଅଛି ? ହେମନ୍ତର ଖବର ସେ ଶୁଣି ନାହିଁ । ଶୁଣିଲେ

ଅବସ୍ଥା ତାର କ'ଣ ହେବ—କିଛି ଠିକଣା ନାହିଁ । ତେଣୁ ଥରେ ତାକୁ ଦେଖା ଦେବା ନିହାତି ଉଚିତ ।

ଟେବୁଲ କ୍ଲକ୍‌ରେ ନଅ ବାଜିଲା । ଶ୍ରୀକାନ୍ତ ସାଇକେଲ୍ ଧରି ବାହାରିଲା ଆଶ୍ରମକୁ । ବାଟରୁ ତୁଳସୀ ପାଇଁ "ସହଜ ଇଂରାଜୀ ଶିକ୍ଷା" ବହିଖଣ୍ଡେ କିଣି ନେଲା । ଆଶ୍ରମର କାମ ସାରି ଖାଲିଖାଲି ବସିବାରୁ ବାର କଥା ମନେ ପକାଇ ସେ କାନ୍ଦୁଛି । ସେଇ ସମୟଟା ପଢ଼ାରେ ଲଗାଇ ଦେଲେ ସେ ଆଉ କିଛି ଭାବିପାରିବ ନାହିଁ । ଏମିତି କେତେ କ'ଣ ଭାବି ଭାବି ଶ୍ରୀକାନ୍ତ ପହଞ୍ଚିଗଲା ଆଶ୍ରମ ଗେଟ୍ ପାଖରେ । ସାଇକେଲ୍‌ଟା ଠିଆକରାଇ ଦେଇ ପଶିଗଲା ଆଶ୍ରମ ଭିତରକୁ । ଭାବିଲା—ସବୁଦିନେ ତ ତୁଳସୀ ମୋର ଆସିବା ବାଟକୁ ଚାହିଁଥାଏ ! ଆଜି କ'ଣ କେଉଁଠି ଦିଶୁନାହିଁ । ପୁଣି କ'ଣ ହେଲାକି ତାର ?

ତୁଳସୀର କୋଠରୀ ଆଡ଼କୁ ଗଲା । ତୁଳସୀ ଶୋଇଥାଏ ତାର ଖଟିଆ ଉପରେ । ଯୋତା ମଡ଼ ମଡ଼ ଶବ୍ଦ ଶୁଣି ସେ ଉଠି ବସିଲା । ନମସ୍କାର କଲା ଶ୍ରୀକାନ୍ତକୁ । ଶ୍ରୀକାନ୍ତ ପଚାରିଲା—ଏ ପର୍ଯ୍ୟନ୍ତ ଶୋଇଛ କାହିଁକି ? ତୁଳସୀ କହିଲା—ବାବୁ, କାଲି ରାତିରୁ ଜ୍ୱର ।

—ଚାଲ, ଡାକ୍ତରଖାନା ଯିବା ।

—ନାହିଁ ବାବୁ, ସେମିତି ସେ ଭଲ ହେବ । ବେଶି କିଛି ସାଙ୍ଘାତିକ ଜଣାପଡ଼ୁନାହିଁ । ଆନାସିନ୍ ଖାଇଛି ।

—ହଉ, ବେଶି ଖରାପ ଲାଗିଲେ ଡାକ୍ତରଖାନା ଚାଲିଯିବ । ଏଇ ବହିଟି ଆଣିଛି ତୁମ ପାଇଁ । ତୁମେ ଇଂରେଜୀ ଶିଖିବ । ମାଷ୍ଟର

ଦରକାର ନାହିଁ । ଟିକଏ ଚେଷ୍ଟା କଲେ ନିଜେ ଶିଖିଯିବ । ତୁମେ ଗାଁ ସ୍କୁଲରେ ପଢୁଥିଲ ?

—ହଁ, ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛୁ ।

—ବେଶ୍, ଏଣିକି ଇଂରେଜି ଶିଖ । ଆର ବର୍ଷକୁ ମାଟ୍ରିକ୍ ପଢ଼ିବ । ମୋର ପରୀକ୍ଷା ବୁଧବାରଠାରୁ ଆରମ୍ଭ । ଦେଢ଼ମାସ ପ୍ରାୟ ଲାଗିଯିବ । ତେଣୁ ତୁମ ପାଖକୁ ଆସିପାରିବ ନାହିଁ । ପରୀକ୍ଷା ସରିଲେ ଆସିବି । ଏହା ଭିତରେ ତୁମେ ଏବହିଟି ମୁଖସ୍ଥ କରି ସାରିଥିବ ।

ତୁଳସୀ ନୀରବ । ଶ୍ରୀକାନ୍ତ ବହିଟିକୁ ତା ହାତକୁ ବଢ଼ାଇ ଦେଇ ଗେଟ୍‌ପାଖକୁ ଚାଲିଆସିଲା । ସାଇକେଲ୍‌ର ଚାବି ଖୋଲୁ ଖୋଲୁ ଚାହିଁଦେଲା ଆଶ୍ରମ ଆଡ଼କୁ । ତୁଳସୀ ଝରକା ପାଖରେ ତାକୁ ଚାହିଁଛି । ଆଖିରୁ ତାର ଝରିପଡୁଛି ଲୁହ ।

ଶ୍ରୀକାନ୍ତ ହାତଠାରି ତୁଳସୀକୁ ସାନ୍ତ୍ୱନା ଦେଲା । ସାଇକେଲ୍ ଛୁଟିଲା ଆଗକୁ । ତୁଳସୀ ଚାହିଁଥାଏ ସେହିପରି ଝରକା ଫାଙ୍କରେ ।

## ( ୧୦ )

ଇତିମଧ୍ୟରେ ପନ୍ଦରଟି ଦିନ ଅତୀତ ହୋଇଛି । ବାହାଘରର ଯୋଗାଡ଼ଯନ୍ତ୍ରରେ ସରପଞ୍ଚ ନରହରିବାବୁ ଅତି ବ୍ୟସ୍ତ । ବାହାଘରର ଦିନ, ବାର ଆସି ମୁଣ୍ଡ ଉପରେ । ତଥାପି ଶ୍ରୀକାନ୍ତ କଟକରୁ ଫେରିନାହିଁ । ନରହରିବାବୁ ବଡ଼ ବିବ୍ରତ ହୋଇ ଉଠିଲେ । ପାଞ୍ଜିରେ ଆଉ ଦିନ, ବାର ନାହିଁ । ଏଇ ତିଥିରେହିଁ ବାହାଘର କରିବାକୁ ପଡ଼ିବ । ନରହରି ବାବୁ କ'ଣ କରିବେ—

କୌଣସି କର୍ତ୍ତବ୍ୟରେ ସେ ମହନ୍ତଙ୍କ ଆରୁ ନ ଥିଲେ । ଶ୍ରୀକାନ୍ତ କ'ଣ ସତରେ ତାଙ୍କୁ ହତାଶ କରିଦେବ ? ଅପମାନରେ ତାଙ୍କର ମୁଣ୍ଡଟା ନଇଁଯିବ ସିନା ! ନରହରିବାବୁ ନାଗ ଦଂଶନର ଶ୍ଚିବ୍ରଜ୍ୱାଳା ଅନୁଭବ କଲେ ।

ଗୋଟାଏ ବର୍ଷକ ସାପର ଦାନ୍ତ ଭାଙ୍ଗିଲା ପରି ଗିରି ମହାନ୍ତ ଲଫାପା ଖଣ୍ଡିଏ ଧରି ନରହରିଙ୍କ ବୈଠକଖାନାରେ ପହଞ୍ଚିଲା । ସାନବାବୁ ଚିଠି ଦେଇଛନ୍ତି ବୋଲି କହି ଲଫାପାଟି ତାଙ୍କ ହାତକୁ ବଢ଼ାଇ ଦେଲା । ସରପଞ୍ଚ ନରହରିବାବୁ ଲଫାପାଟି ଭିତରୁ ଚିଠିଟି ବାହାର କରି କହିଲେ, "ମହନ୍ତଏ, ପଢ଼ିଲ କ'ଣ ଲେଖିଛି ।"

ଗିରି ମହାନ୍ତ ଚିଠି ପଢ଼ିଲା । ସରପଞ୍ଚବାବୁଙ୍କ ରକ୍ତ ତାତି-ଉଠିଲା । ଚିତ୍କାର କଲେ—କ'ଣ···ବିଭାଘର ସ୍ଥଗିତ ରଖିବ ? ଭଦ୍ରଲୋକଙ୍କୁ ଜବାବ ଦେଇଛି କ'ଣ ଅପମାନ ପାଇବାପାଇଁ ? ଏମ୍. ଏ. ପରୀକ୍ଷା ତା ପାଇଁ ଏତେ ବଡ଼ ହେଲା ? ବାପର ମାନସମ୍ମାନ କିଛି ନୁହେଁ ? ତୁମେ ଆଜି ମୋ ସାଙ୍ଗରେ କଟକ ଚାଲ ମହାନ୍ତଏ । ଏ ବିଷୟରେ ବାହାଘରଟା ଅଲବତ୍ ହେବ । ଚାଲ—

ଗିରି ମହାନ୍ତ କହିଲା— କ'ଣ ଏଇ ସାଙ୍ଗେ ସାଙ୍ଗେ ?

ହଁ, ବର୍ତ୍ତମାନ୍—ଏଇଠୁ ଚାଲ—ନରହରିବାବୁ କହିଲେ । ଅବସ୍ଥାର ଗୁରୁତ୍ୱ ଦୃଷ୍ଟିରୁ ଗିରି ମହାନ୍ତ ମନା କରି ପାରିଲେ ନାହିଁ ।

କଟକ ଯିବା ପାଇଁ ପ୍ରସ୍ତୁତ ହୋଇପଡ଼ିଲେ । ମଧୁଆ ବେଗ୍‌ପତ୍ର ଧରି ବସ୍ ଘାଟୀକୁ ତାଙ୍କ ସଙ୍ଗରେ ଗଲା । ବସ୍ ଆସିବାକୁ ଟିକିଏ ଡେରିଥାଏ । ସରପଞ୍ଚବାବୁ ଓ ଗିରି ମହାନ୍ତ ଦୁହେଁ ଚ'

ଦୋକାନରେ ବସି ଚ଼ା’ ଖାଇଲେ । ଦୋକାନ ଖୁଣ୍ଟକୁ ଆଉଜି ଠିଆ ହୋଇଥାଏ ମଧୁଆ । ମହାନ୍ତ ଚ଼ା ଗ୍ଲାସ୍‌ଟି ଶେଷ କରିଦେଇ ପଚାରିଲେ—ଆଉ ତୋର ହାଲ କ’ଣରେ ମଧୁ ? ଭାଗବତ ଟୁଙ୍ଗି ଆଡ଼କୁ ଆଉ ତ କଆଁ ଯାଉନାହୁଁ ?

ମଧୁଆ କହିଲା—ମୋ କପାଳକୁ ଠାକୁର ତ ପଥର ହେଲେ । ଆପଣମାନେ ତ ତହୁଁ ବଳି ! ଯାହାପାଇଁ ଏତେ ସବୁ ଭିଆଣ ଭିଆଇ ବସିଥିଲି—ସେ ତ ଯାଇ କଟକରେ । ହେଉଟି ବାବୁ, ଯାହା ତ ହେବାର ହେଲା···ମୋ ପଚଶଟା ଟଙ୍କା ଭଲି ଫେରାଇ ଦିଅନ୍ତୁ । ଗରିବ ଲୋକ···

ଗିରି ମହାନ୍ତ କହିଲା—ଆରେ ବୋକା, ଟିକିଏ ଧୈର୍ଯ୍ୟ ଧର । ଆମେ ତ ଯାଉଛୁଁ । ସାନବାବୁଙ୍କୁ ଫେରାଇ ଆଣିବୁ । ଆଉ ତା ସାଙ୍ଗରେ ତୁଳସୀକୁ ବି । ଦୁଇଟା ଦିନ ସମ୍ଭାଳି ଯା । ମଧୁଆ କହିଲା, “ଆଜ୍ଞା, ତୁଳସୀ କଥା ଛାଡ଼—ଆଉ କୋଉଠି ଦେଖନ୍ତୁ ।”

ସରପଞ୍ଚବାବୁ ଚ଼ା’ ଗ୍ଲାସ୍‌ଟା ଥୋଇ ଦେଇ ଗର୍ଜି ଉଠିଲେ—ଏକ୍ଷଣି ହେଲେ ହେବ ନଇଲେ ନାହିଁ ? ଚଣ୍ଡୀଟା ଏକାବେଳକେ ଅଶୁଦ୍ଧ ହୋଇଯିବ ? ଆମେ କଟକରୁ ଫେରିଆସୁଁ, ଏତେ ଅସମ୍ଭାଳ କାହିଁକି ?

ମଧୁଆ ତଳକୁ ମୁହଁ ପୋତି ନୀରବ ରହିଲା । ବଡ଼ ଲୋକଙ୍କୁ ତ ଉତ୍ତର ନାହିଁ । ବସ୍ ଆସି ପହଞ୍ଚିଲା । ସରପଞ୍ଚ ନରହରିବାବୁ ଓ ନ୍ୟାୟ ପଞ୍ଚ ମହାନ୍ତ ଉଠିଗଲେ ବସ୍ ଉପରକୁ । ମଧୁଆ ଦୀର୍ଘ ନିଶ୍ୱାସଟେ ଛାଡ଼ି ରାସ୍ତା ତଳକୁ ଗଡ଼ିଲା ।

ଶ୍ରୀକାନ୍ତ ନରହରି ବାବୁଙ୍କୁ ଧରା ଦେଲା ନାହିଁ । ଗାଁରୁ ବାପା ଆସିଛନ୍ତି ବୋଲି ଶୁଣି ଆଉ ହଷ୍ଟେଲକୁ ଗଲା ନାହିଁ । ଜଣେ

ବନ୍ଧୁଙ୍କ ଘରେ ଖଣ୍ଡିଏ କଟାଇ ଦେଲ । ନରହରିବାବୁ ଓ ଗିରି ମହାନ୍ତ ରାତି ବାରଟା ପର୍ଯ୍ୟନ୍ତ ଶ୍ରୀକାନ୍ତକୁ ଚାହିଁ ଚାହିଁ ବଡ଼ ହତାଶ ହୋଇପଡ଼ିଲେ । ସକାଳ ହେଲା । ତଥାପି ଶ୍ରୀକାନ୍ତର ପତ୍ତା ନାହିଁ । ଗିରି ମହାନ୍ତ କହିଲା—ବାବୁ ଅନାଥାଶ୍ରମକୁ ଚାଲିଯିବା । ସେଇଠି ହୁଏ ତ ସାନ ବାବୁ ଥିବେ । ମୁଁ ପରା ଜାଣେ—ସେ ଟୋକା ସାନ ବାବୁଙ୍କୁ କମିଆ କରି ଦେଇଛି । ଏଠାକା ପିଲମାନେ ତ କହୁଛନ୍ତି—ଏଠି ଖାଇ, ସେଠି କୁଳ ଚକାଉଛନ୍ତି । ମୋର ବିଶ୍ୱାସ—ସେଇଠି ସେ ନିଶ୍ଚୟ ଥିବେ । ଆମେ ଏଠି ବସିବା କାହିଁକି ? ସେ ଆଜ ଆସି ନ ପାରନ୍ତି । ମଝିରେ କୁଆଡ଼େ ତିନିଦିନ ତାଙ୍କର ପରୀକ୍ଷା ନାହିଁ । ତିନିଦିନ ପର୍ଯ୍ୟନ୍ତ ଆମେ କ'ଣ ଏଇଠି ବସିଥିବା ? ଉଠନ୍ତୁ—ଯିବା ଆଶ୍ରମକୁ ।

ଦୁହେଁ ଛୁଟିଲେ ଆଶ୍ରମକୁ । ଆଶ୍ରମର ମେନେଜର ଗୋପାଳ-କୃଷ୍ଣ ବାବୁଙ୍କୁ ନିଜ ନିଜର ପରିଚୟ ଦେଲେ । ମେନେଜର ବାବୁ ସେମାନଙ୍କୁ ଆଦର ଓ ସମ୍ମାନର ସହ ବସାଇଲେ । ଆରମ୍ଭ ହେଲା କଥା । ମେନେଜର ବାବୁ ପଚାରିଲେ—କୁଆଡ଼େ କମିତି ଆସିଲେ ଆଜ୍ଞା ? କଟକରେ କ'ଣ କାମଥିଲା ?

ନରହରି ବାବୁ କହିଲେ—ଶ୍ରୀକାନ୍ତ ପାଖକୁ ଆସିଥିଲି । କାଲିଠୁ ହଷ୍ଟେଲରେ ବସିଛି—ତାର ଦେଖା ନାହିଁ । ଭାବିଲି ଆପଣଙ୍କ ଘରଆଡ଼େ ଆସିଥିବ । ମେନେଜର ବାବୁ କହିଲେ—ଶ୍ରୀକାନ୍ତ କେବେକେବେ ଆସେ କିନ୍ତୁ କାଲି ତ ଆସିନାହିଁ । ତାର ଏମ୍. ଏ. ପରୀକ୍ଷା ଚାଲିଛି । କେଉଁଠି ପଢୁଥିବ । ତାକୁ ଏତେ ଜଗରି କରି ଖୋଜୁଛନ୍ତି କାହିଁକି ?

ତାର ବାହାଘର ତିନୋଟି ଦିନ ରହିଲା । ସିବାକୁ ଚିଠି ଲେଖିଥିଲି । ପରୀକ୍ଷା ବାହାନାରେ ଏଠି ପଡ଼ି ରହିଛି । କ'ଣ କରିବ ? ଭଦ୍ରଲୋକଙ୍କ ପାଖରେ ଅପଦସ୍ତ ହେବ ସିନା ?

ଅପଦସ୍ତ କାହିଁକି ହେବେ ? କହନ୍ତୁ—ପୁଅର ପରୀକ୍ଷା ସରିନାହିଁ । ମଝିରେ ମାସଟିଏ ଛୁଟି ଆଷାଢ଼ ମାସରେ ବାହାଘର ହେବ । ବାହାଘର କରିବେ ବୋଲି କ'ଣ ପରୀକ୍ଷା ବନ୍ଦ ହେବ ? ମୋ ମତରେ ଆପଣମାନେ ତାକୁ ଗଣ୍ଡଗୋଳରେ ନ ପକାଇ ଫେରିଯାଆନ୍ତୁ । ସେ ଶାନ୍ତିରେ ପରୀକ୍ଷା ଦେଇସାରୁ । ମୁଁ ଜାଣେ— ଶ୍ରୀକାନ୍ତ ଭଲ ପିଲା । ମୋ ପୁଅ ରମେଶର ସେ ଘନିଷ୍ଠ ବନ୍ଧୁ । ତା' ସାଙ୍ଗରେ ପ୍ରାୟ ପ୍ରତିଦିନ ସେ ମୋ ଘରକୁ ଆସେ । ରମେଶ ପ୍ରାୟ ଚାରିମାସ ହେବ ଆମକୁ ଶୋକସାଗରରେ ଭସାଇ ଦେଇ ଚାଲିଗଲାଣି । ସେଇଦିନଠୁ ସେ ଆଉ ସେତେ ଏଣେ ଆସେ ନାଁ । ଯଦି ଆସେ—ଆଶ୍ରମ ଯାଏ ; ମୋ ବସାକୁ ଯାଏନା ।

ମେନେଜର ବାବୁଙ୍କ ଆଖିକୋଣରେ ଲୁହ ଜମା ହୋଇ ଗଲା—କଥା କହୁକହୁ । ନରହରିବାବୁ ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି ତାଙ୍କ ବିଷର୍ଣ୍ଣ ବଦନକୁ । ଗିରି ମହାନ୍ତ କହିଲା—ଆଜ୍ଞା, ଯେ ଯାଇଛି, ତା ପାଇଁ କାନ୍ଦିଲେ ସେ କ'ଣ ଆଉ ଫେରିବ ! ମନକଷ୍ଟ କରନ୍ତୁ ନି । ମେନେଜର ବାବୁ ଆଖିରୁ ଲୁହପୋଛି ପ୍ରକୃତିସ୍ଥ ହେଲେ ।

ନରହରି ବାବୁ ପଚାରିଲେ—ତୁଳସୀ କ'ଣ ଆଜ୍ଞା, ଏଇଠି ଅଛି ? ହଁ କଲେ ମେନେଜର ବାବୁ । ମା'ଭାଇତ ତାର ମରିଗଲେ । ଏକୁଟିଆ ଏଠି ଅଛି । ଭାରି ଭଲ ଝିଅଟିଏ । ମୁଁ ତାକୁ ସବୁ ଝିଅଙ୍କ ଅପେକ୍ଷା ବେଶି ଭଲପାଏ । ରୂପରେ ଯେମିତି, ଗୁଣରେ

ମଧ୍ୟ ସେମିତି । ରମେଶ ପଦ୍ମ ବଞ୍ଚିଥା'ନ୍ତା—ତୁଳସୀକୁ ମୁଁ ବୋହୂ କରିଥା'ନ୍ତି ।

ଗିରି ମହାନ୍ତି କଣ୍ଠ ପକାଇଲ, "ଆପଣ ପରା ବ୍ରାହ୍ମଣ ?"

" ହଁ, ବ୍ରାହ୍ମଣର କର୍ମହିଁ ଅଲୌକିକ । ଅଜାତିକୁ ଜାତି କରାଇବା, ପତିତକୁ ପବିତ୍ର କରିବା, ଅନାଥକୁ ଆଶ୍ରୟଦେବା ଆଉ ବିଶ୍ୱର ମଙ୍ଗଳ ଲାଗି ନିଜକୁ ଉତ୍ସର୍ଗ କରିବା ତ ବ୍ରାହ୍ମଣର ପ୍ରଧାନ ଧର୍ମ । ବ୍ରାହ୍ମଣ ଚକ୍ଷୁରେ କୀଟ ପତଙ୍ଗଠାରୁ ବ୍ରହ୍ମଯାଏ ସମସ୍ତେ ସମାନ । ବ୍ରାହ୍ମଣ ଗୁଣର ପୂଜାରୀ । ତୁଳସୀ ତ ଗୁଣବତୀ । ଗୁଣର ଆଦର କେବଳ କରିଛି ?"

"ନାହିଁ ଆଜ୍ଞା, ମୁଁ ଭାବୁଥିଲି—କାଳେ ତା'ର ଜାତିଟା ଜାଣି ନ ଥିବ ।"

"ସବୁ ଜାଣେ ।"

"ସେମାନଙ୍କୁ ଏଠିକି ଆଣିଲା କିଏ ?"

"ଶ୍ରୀକାନ୍ତ । ପର ଉପକାରୀ ପୁଅ ବୋଲି ମୁଁ ତାକୁ ଅତି ଭଲପାଏ । ତା'ର କର୍ମଯୋଗୁଁ ସେ ଦିନେ ମହାନ୍ ହେବ । ତୁଳସୀକୁ ଏଠାରେ ଭରତି କରିବା ପୂର୍ବରୁ ଶ୍ରୀକାନ୍ତ ମୋତେ ତାଙ୍କର ଅବସ୍ଥା ସମ୍ବନ୍ଧରେ ସବୁ ଶୁଣାଇଛି । ନିଜେ ବି ଦୁସ୍ଥ ପରିବାରଟି ପାଇଁ ଦୁଃଖ ପ୍ରକାଶ କରିଛି । ଆଶ୍ରମରେ ସ୍ଥାନ ନଥିଲେ ବି ବାଧ୍ୟ ହେଲି ସେମାନଙ୍କୁ ଆଶ୍ରୟ ଦେବାକୁ । ଆଚ୍ଛା, ତୁଳସୀ ବାପାର କ'ଣ କିଛି ସନ୍ଧାନ ମିଳୁନି ?

ମେନେଜର ବାବୁ ଚାହିଁଲେ ନରହରି ବାବୁଙ୍କ ମୁହଁକୁ ଉତ୍ତର ଆଶାରେ । ନରହରି ବାବୁ ଆରମ୍ଭ କଲେ-ବିଶ୍ୱସ୍ତ

ସୂତ୍ରରୁ ଜଣାଯାଏ, ସେ ଆଉ ଜୀବନରେ ନାହିଁ । ମୋ ଇଲାକାର ଜଣେ କଲିକତାରେ କାମ କରୁଥିଲା । ସେ କୁଆଡ଼େ ମାସେ ଗୋଟିଏ ଲୁଗାକଲରେ କାମ କରିଛି । ପ୍ରଥମ ମାସର ଦରମା ଗଣ୍ଡାକପାଇ ପୋଷ୍ଟ ଅଫିସକୁ ଆସିଲା--ଘରକୁ ଟଙ୍କା ମନିଅର୍ଡ଼ର କରିବାକୁ ! ବଡ଼ ଡାକଖାନା । ଅସଂଖ୍ୟ ଲୋକ । ପ୍ରତ୍ୟେକ ବିଭାଗ ଝରକା ପାଖରେ ପେଲାପେଲି । ତୁଳସୀ ବାପ ଫଙ୍କାରା ବି ଲୋକଙ୍କ ଭିତରେ ପଶିଛି । କିଏ ପକେଟମାର କରିଦେଲା । ଦାରିଦ୍ର୍ୟ ଓ ନିର୍ଯ୍ୟାତନାର କଷାଘାତରେ ସେ ହେଲା ପାଗଳ । ତା'ପରେ ସେ କୁଆଡ଼େ ଗଲା—ଆଉ କେହି ଜାଣି ନାହାନ୍ତି ।

ମେନେଜର ବାବୁ ଟିକିଏ ଚିନ୍ତାକଲା ପରେ କହିଲେ—ତୁଳସୀର ବାପା ଦେଖିବାକୁ କିପରି ସରପଞ୍ଚ ବାବୁ ? ସରପଞ୍ଚ ନରହରି ବାବୁ ଉତ୍ତର ଦେଲେ—ଆଜ୍ଞା, କଳା ମଚ ମଚ ପାଞ୍ଚ-ହାତିଆ ମରଦ । କପାଳରେ ତାର କଟା ଦାଗ ଅଛି । ସେତେବେଳେ ସେ ୧୯୪୨ ଆନ୍ଦୋଳନରେ ଯୋଗଦେଇ ପୋଲିସଠାରୁ ପୁରସ୍କାର ପାଇଥିଲା । ଏଇ ରକମର ଲୋକ କେବେ ଯଦି ଆପଣଙ୍କ ଦୃଷ୍ଟିରେ ପଡ଼େ—ଅନୁଗ୍ରହ କରି ତାକୁ ଆଶ୍ରମରେ ଆଶ୍ରୟ ଦେବେ । ସେ ଥିଲେ କ'ଣ ତୁଳସୀ ଏତେ ହିନସ୍ତା ହୁଅନ୍ତା । ଆପଣ ତ ଭାରତ-ସାରା ବୁଲୁଛନ୍ତି । କେଉଁଠି କ'ଣ ଏପରି ଲୋକ ଦେଖିନାହାନ୍ତି ମେନେଜର ବାବୁ ?

ମୋର ମନେପଡ଼ୁଛି, ଆଜକୁ ଛ' ମାସ ତଳେ ମୁଁ ବମ୍ବେ ଯାଇଥିଲି । ମୁଁ ଓଡ଼ିଆ ମଣିଷ ବୋଲି ଚିହ୍ନିପାରି ଜଣେ ପାଗଳ ମୋ ପାଖକୁ ଦୌଡ଼ିଆସି ହାତ ପତାଇ ଖାଇବାକୁ ମାଗିଥିଲା । ସେ ଥିଲା ଓଡ଼ିଆ । ତାର ରୂପ ମନେ ପଡ଼ୁଛି-- ଠିକ୍ ଆପଣଙ୍କ

ବର୍ଣ୍ଣନା ମୁତାବକ । ଦଶପଇସା ମୁଁ ତାକୁ ଦେଲି । ସେ ଗୋଟାଏ ଅଟ୍ଟହାସ ହସି, କହି କହି ଚାଲିଗଲା—ମୋ ଟଙ୍କା ତ ତୁ ନେଲୁ । ମୋ ପିଲା ବଞ୍ଚିବେ କିପରି ? ତା ପରେ ମୁଁ ଚାଲିଆସିଲି ମୋ ବସାକୁ । ଠିକ୍ ତା' ପରଦିନ ଶୁଣିଲି— ଯେଉଁ ପାଗଳଟି ବୁଲୁଥିଲା—ସେ—ସେ ପର ପାଇଁ ପୋଡ଼ି ହୋଇ ମରିଛି । ରାତି ଦୁଇଟାବେଳେ ଡକାୟତ ଦଳ ଜଣେ କୋଟିପତି ଘରେ ଅଗ୍ନି ସଂଯୋଗ କଲେ । କୋଟିପତି ଓ ତାଙ୍କର ସ୍ତ୍ରୀ ପ୍ରାଣ—ବିକଳରେ ପଦାକୁ ବାହାରି ଆସିଲେ । ଏକମାତ୍ର ନୟନପିତୁଳୀ । ଦଶବର୍ଷର ଝିଅଟି ତାଙ୍କର ଉପର ତାଲାରେ ଶୋଇଥାଏ । କୋଟିପତି ଝିଅଟି ପାଇଁ ଅଧୈର୍ଯ୍ୟ ହୋଇପଡ଼ିଲେ । ପାଗଳଟି କେଉଁଠି ଥିଲା କେଜାଣି—ଦୌଡ଼ି ଆସିଲା ଘଟଣା ସ୍ଥଳକୁ । ମୁହୂର୍ତ୍ତେ ବିଳମ୍ବ ନ କରି ସେ ଉପରତାଲାକୁ ଉଠିଯାଇ ଝିଅଟିକୁ ଧରି ତଳକୁ ଖସିଲା । ଝିଅଟି ବଞ୍ଚିଗଲା । ପୁନଶ୍ଚ ଅର୍ଦ୍ଧଦଗ୍ଧ କୁକୁରଟିର ବିକଳ ସହି ନ ପାରି ସେ ଉପରକୁ ଉଠିଲା । ଆଉ ତଳକୁ ଖସି ନାହିଁ । ଡକାୟତମାନେ ଅଗ୍ନିନିବାପି ବସ୍ତୁ ପିନ୍ଧି ଉପର ତାଲାରେ ଉଠି ଯାଇଥିଲେ ସେତେବେଳକୁ । ଗୁଳିକଲେ ସେ ପାଗଳକୁ ପାଗଳର ମୃତ୍ୟୁହେଲା । ନିଆଁଲିଭାଳି ଦଳ ଆସିଲାବେଳେ ଡକାୟତମାନେ କୋଟିଏ ଟଙ୍କାର ସମ୍ପତ୍ତି ଲୁଟି ନେଇ ଚାଲି ଯାଇଥିଲେ । ସେମାନେ ଅଗ୍ନି ଲିଭାଇ ସାରିଲା ପରେ—ପାଗଳର ଶବକୁ ବାହାର କଲେ । କୋଟିପତିଙ୍କର ଅନ୍ତର କୃତଜ୍ଞତାରେ ପୂରିଉଠିଲା । ସେ ତାର ଠିକଣା ଖୋଜିଲେ; କିନ୍ତୁ ପାଇଲେ ନାହିଁ । ନିଜପ୍ରାସାଦର ସମ୍ମୁଖ ଉପବନ ମଧ୍ୟରେ ସେ ପାଗଳର ଶବକୁ ସମାଧି କରାଇଲେ । ମୋର ମନେ ହେଉଛି ସେଇ ଆମର ତୁଳସୀ ବାପ ଫକୀର ହେବ ।"

—"ହଁ ଆଜ୍ଞା, ସେଇ ଠିକ୍' । ପୁଣି ତ କ'ଣ ଆଜ୍ଞା—ତାର ଭାଇ ହେମନ୍ତଟି ସ୍କୁଲରୁ କୁଆଡ଼େ ଯାଇଛି ଯେ—ମାସେ ହେଲା ଖୋଜ ପାଉନାହାନ୍ତି । ଆମ ଗାଁର ପିଲାମାନେ ତା'ସଙ୍ଗରେ ପଢୁଥିଲେ—ସେମାନେ ଆସି ଗାଁରେ କହୁଛନ୍ତି ।"

—କ'ଣ ଆପଣ କହୁଛନ୍ତି ?

— ସତ କଥା ଆଜ୍ଞା, ମିଥ୍ୟା ନୁହେଁ ।

—ତେବେ, ମା'ଭାଇଙ୍କର ମୃତ୍ୟୁ ଖବର ଶୁଣି ସେ କ'ଣ ପାଗଳ ହେଲା କି ଆଉ ? ହଉ, ମୁଁ ଗୋପାଳପୁର ସ୍କୁଲକୁ ଚିଠି ଲେଖୁଛି ।

—ଆପଣ ଏକଥା ତୁଳସୀକୁ କହନ୍ତୁ ନାହିଁ । ସେ ଶୁଣିଲେ ମୁଣ୍ଡ ବାଡ଼େଇ ଦେବ ।

—ନାହିଁ ଆଜ୍ଞା; ସେ ଶୁଣିବ କାହିଁକି ? ମୁଁ ଭାବୁଛି— ତୁଳସୀକୁ ଆଶ୍ରମରୁ ନେଇ କେଉଁଠି ହେଲେ ବାହା କରାଇ ଦେଲେ ଭଲ ହୁଅନ୍ତା । ତା ବାପ ମୋର ଉପକାରୀ ଲୋକ, ପୁରୁଣା କୋଠିଆ । ସେ ତ କୁଆଡ଼େଗଲାଣି । ଝିଅଟିକୁ ପରଘରୀ କରି ଦେଲେ—ମୋ ନାଁ ରହନ୍ତା ।

—ଆପଣ ଯଦି ନେଇଯିବେ ମୋର ଆପତ୍ତି ନାହିଁ; କିନ୍ତୁ ତୁଳସୀ ଯଦି ରାଜି ନ ହୁଏ—ମୁଁ ତାକୁ ବାଧ୍ୟ କରିପାରିବି ନାହିଁ ।

—ନ ହେଲେ ନାହିଁ ଆଜ୍ଞା, ତା'ରି ଭଲପାଇଁ କହୁଥିଲି ।

ମେନେଜର ବାବୁ ଉପରକୁ ଚାହିଁ ଆକାଶ ପାତାଳ ଭାବି ଚାଲିଛନ୍ତି । ଗିରି ମହାନ୍ତି—ମନେମନେ ଭାବୁଛି, ମଧୁଆ କପାଳରେ ତୁଳସୀ ନାହିଁ । ତୁଳସୀ ତ ସ୍ୱଇଚ୍ଛାରେ ଯିବନାହିଁ । ମଧୁଆ ବାଉଳାହେବ

କାହାକୁ ? ଗାଁରେ ଚହଳ୍‌ଲକ୍ଷଣି ତ ମଧୁଆ କନ୍ୟା କାହିଁ ବୋଲି ଖାଇଯିବ । ବଡ଼ ମୁସ୍‌କିଲରେ ପଡ଼ିଲି ତା'ଠାରୁ ଖାସିଟା ଆଉ ଟଙ୍କାଟା ନେଇଯାଇ । ସରପଞ୍ଚବାବୁ ତ ଖାଇଦେଇ ମୁହଁପୋଛି ଦେବେ । ମୁଁ ମରିବ । ବସେଇ ଉଠିଲା ଗିରି ମହାନ୍ତର ମନ । ଖାଙ୍ଗି ମୋଡ଼ହୋଇ ଉଠିବସି କହିଲା ବାବୁ, ଚାଲ ଏଥର ଆମେ ଯିବା । ନରହରିବାବୁ ଉଠିଲେ । ଦୁହେଁ ଶୁଭ ବିଦାୟ ଜଣାଇଲେ ମେନେଜର ବାବୁଙ୍କୁ । ମେନେଜର ବାବୁ ପ୍ରତି ବିଦାୟ ଜଣାଇଲେ । ଯିବାବେଳେ ନରହରିବାବୁ କହିଲେ—ହଁ ମେନେଜର ବାବୁ, ଶ୍ରୀକାନ୍ତକୁ ଆଉ ଆଶ୍ରମ ଆଡ଼େ ଯିବାକୁ ଦେବେ ନାହିଁ ।

କାହିଁକି ନରହରିବାବୁ—ଚମକି ପଡ଼ି ପଚାରିଲେ ମେନେଜର ବାବୁ—

- ଯଥେଷ୍ଟ କାରଣ ଅଛି ଆଜ୍ଞା । ବର୍ତ୍ତମାନ କହିବାକୁ ବେଳ ନାହିଁ । ସବୁ ମୋର ଦୋଷ । ଆଜିଠାରୁ ତା'ର ସମସ୍ତ ଖର୍ଚ୍ଚ ବନ୍ଦ କରିଦେବି । ନାଚୁ ସେ କେତେ ନାଚୁଛି ।

ଏତିକି କହି ସରପଞ୍ଚ ନରହରିବାବୁ ଏବଂ ଗିରି ମହାନ୍ତି ବାରଣ୍ଡା ତଳକୁ ଖସିଲେ । ମେନେଜର ବାବୁ ତାଙ୍କର ଏପରି କଥାଶୁଣି ତଳକୁ ଚାହିଁ କେତେ କଣ ଭାବିବାକୁ ଲାଗିଲେ—ଏ ଦୁହେଁ ଆଶ୍ରମକୁ ଆସିଥିଲେ କାହିଁକି ? ଏହାପଛରେ ନିଶ୍ଚୟ କିଛି କାରଣ ରହିଛି । ତୁଳସୀକୁ ନେବାପାଇଁ କହୁଥିଲେ କାହିଁକି ?

ସେପାଖ କୋଠରୀରେ ତୁଳସୀ ବସି ସହଜ ଇଂରାଜୀ ଶିକ୍ଷା ବହିଟି ପଢ଼ୁ ପଢ଼ୁ ମେନେଜର ବାବୁ ଓ ନରହରି ବାବୁଙ୍କର କଥୋପକଥନ ସବୁ ଶୁଣୁଥିଲା । ହଠାତ୍ ଯେତେବେଳେ ବାପାର

ମୃତ୍ୟୁ ଓ ଭାଇର ଅନ୍ତର୍ଦ୍ଧାନ ଖବର ତା' କାନରେ ବାଜିଲା, ସେ ଅଧୈର୍ଯ୍ୟ ହୋଇ କାନ୍ଥ ଦେହରେ ନିଜ ମୁଣ୍ଡକୁ ବାଡ଼େଇ ଦେଲା । ସେତେବେଳୁ ସେ ସେଇଠି ଅଚେତ ହୋଇପଡ଼ିଛି ।

କିଛି ସମୟ ପରେ ମେନେଜର ବାବୁ ଦୁଃଶ୍ଚିନ୍ତା ରାଜ୍ୟରୁ ଫେରି ଆସିଲେ—ବାସ୍ତବକୁ । ଡାକିଲେ ତୁଳସୀକୁ । ସେପଟ କୋଠରୀରୁ ଉତ୍ତର କିଛି ଆସିଲା ନାହିଁ । ପୁଣି ଡାକିଲେ, ତଥାପି ଉତ୍ତର ମିଳିଲା ନାହିଁ । ନିଜେ ଯାଇ ଯାହା ଦେଖିଲେ—ତାଙ୍କର ଚେତା ହଜିଗଲା । ତୁଳସୀ ଅଚେତ ହୋଇପଡ଼ିଛି ଚଟାଣ ଉପରେ । ମୁଣ୍ଡ ଫାଟି ଧାରଧାର ରକ୍ତ ବହିଯାଉଛି । ଜାଣିପାରିଲେ ସବୁ କଥା । ଶ୍ରୀକାନ୍ତ ପାଖକୁ ପିଅନ ହାତରେ ଖବର ପଠାଇ ନିଜେ ତୁଳସୀକୁ ନେଇଗଲେ ଡାକ୍ତରଖାନାକୁ । ତୁଳସୀର ଚେତନା ଆସିବା ପର୍ଯ୍ୟନ୍ତ ସନ୍ତାନ ରକ୍ଷଣା ମେନେଜର ଗୋପାଳକୃଷ୍ଣ ବାବୁଙ୍କ ଚକ୍ଷୁରୁ ଝରି ପଡୁଥାଏ ଧାର ଧାର ଲୁହ ।

—*—

( ୧୧ )

ବସନ୍ତ ଗୋଧୂଳିର ସେ ଏକ ଅଳସ ସନ୍ଧ୍ୟା । ଶ୍ରୀକାନ୍ତ ତା'ର ବନ୍ଧୁଘରୁ ଆସି ପହଞ୍ଚିଲା ହଷ୍ଟେଲରେ । ହଷ୍ଟେଲ ପିଅନ ପାଖରୁ ଚିଠିଟି ପାଇ ସମସ୍ତ ବିଷୟ ଅବଗତ ହେଲା । ଛୁଟିଲା ହସ୍‌ପିଟାଲକୁ ।

ତୁଳସୀ ଶାନ୍ତରେ ଖଟିଆ ଉପରେ ଶୋଇଥାଏ । ମୁଣ୍ଡରେ ବନ୍ଧା ହୋଇଛି ପଟି । ଶ୍ରୀକାନ୍ତ ନର୍ସଙ୍କୁ ପଚାରି ବୁଝିଲା—

ତାର ଅବସ୍ଥା ଟିକଏ ଭଲ । ଆଜି ଉଠାଇଲା ନାହିଁ ସେ ତୁଳସୀକୁ । ଷ୍ଟୁଲଟିଏ ଟାଣି ଆଣି ତା' ପାଖରେ ବସିଲା । ଏତେ ଡେରିରେ ଆସିଛି ବୋଲି ନିଜେ ଅନୁତାପ କରିବାରେ ଲାଗିଲା ।

ଅସ୍ତମୁଖୀ ସୂର୍ଯ୍ୟଙ୍କର ସୁନେଲି କିରଣ ଗବାକ୍ଷଫାଙ୍କ ଦେଇ ପଡ଼ୁଥାଏ ରୋଗୀମାନଙ୍କ ଉପରେ । ଗୁଡ଼ି ତଳେ ବିଜୁଳି ପଙ୍ଖାଟି ମୃଦୁମଳୟ ସୃଷ୍ଟି କରି କେତେକାଂଶରେ ରୋଗୀମାନଙ୍କର ରୋଗ ଯନ୍ତ୍ରଣା ଲାଘବ କରିଦେଉଛି । ସୂର୍ଯ୍ୟ ଲୁଚିଗଲେ ବାରୁଣୀ ରାଣୀଙ୍କ କୋଳରେ । ପ୍ରାଚୀକୋଳରୁ ମାଡ଼ି ଆସିଲା ଅନ୍ଧକାର, ପୃଥିବୀ ଉପରକୁ । ଜାଗ୍ରତ ରୋଗୀମାନେ ହାତଯୋଡ଼ି ନିଜ ନିଜର ଦୁଃଖ ଜଣାଇଲେ ବିଭୁଙ୍କୁ ।

ତୁଳସୀର ନିଦ ଭାଙ୍ଗିଲା । ଆଖି ମେଲି ଚାହିଁଲା । ପାଖରେ ବସିଛନ୍ତି ତା'ର ମନର ମଣିଷ ଶ୍ରୀକାନ୍ତ—ଯାହାର ଇଙ୍ଗିତ ବାଞ୍ଛା ରହିବାର ମୋହରେ ତାକୁ ବାରମ୍ବାର ଉନ୍ମାଦ କରିଛି— ସେଇ ଶ୍ରୀକାନ୍ତ ତାର ଅତି ନିକଟରେ । ତୁଳସୀ ଉଠି ବସିବାକୁ ଚେଷ୍ଟାକଲା । ଶ୍ରୀକାନ୍ତ ତାର ଦୁଇବାହୁକୁ ଧରି ଶୁଆଇ ଦେଉଁ ଦେଉଁ କହିଲା—ଉଠିବା ଦରକାର ନାହିଁ, ଶୋଇପଡ଼ । ମୁଣ୍ଡ ଫାଟିଲା କିପରି ?

କିଛି ଉତ୍ତର ଦେଲା ନି ତୁଳସୀ । ଖାଲି ଆଖିରୁ ତାର ଝରିପଡ଼ିଲା ଦୁଇ ଟୋପା ଲୁହ । ଶ୍ରୀକାନ୍ତ ଆଉ ଧୈର୍ଯ୍ୟ ଧରି ପାରିଲାନି । ବିରକ୍ତ ହୋଇ କହିଲା, "ତୁମେ ଅବିରତ କାନ୍ଦୁଛ କାହିଁକି ? ଯେତେ କହିଲେ ମନା ମାନୁନା ।" ଡରି—ଡରି ତୁଳସୀ ଉତ୍ତର ଦେଲା—ବାବୁ ମୋ କାନ୍ଦ ବନ୍ଦ ହେବ ନାହିଁକି;

ଆଖିରୁ ଲୁହ ଶୁଖିବ ନାହିଁ । ବାପା ମୋର ବମ୍ବେରେ ପୋଡ଼ି ମରିଛନ୍ତି । ଆଜି ହେମନ୍ତ ଭାଇ କୁଆଡ଼େ ସ୍କୁଲରୁ ପଳାଇ ଯାଇଛନ୍ତି । ସବୁ ତ ଗଲେ, ମୋର ହୋଇ ଆଉ ରହିଲା କ'ଣ ? କାହା ପାଇଁ, କେଉଁ ସୁଖ ଆଶାରେ ଏ ପୋଡ଼ା ଜୀବନଟାକୁ ଗଣ୍ଠି ଧନ ପରି ସାଇତି ରଖିବ ?

ଶ୍ରୀକାନ୍ତ କହିଲା—ନିୟତିର ନିର୍ଦ୍ଦେଶକୁ କିଏ ରୋଧି ପାରିବ ତୁଳସି ? ଦୁଃଖ ସଙ୍ଗରେ ଆମକୁ ଯୁଦ୍ଧ କରିବାକୁ ପଡ଼ିବ । ଦୁଃଖର ଅବସାନ ପରେ ସୁଖ ଆସେ । ଏଇଟା ତ ଦୁନିଆଁର ନୀତି । ତେବେ, ଏତେ ଅଧୈର୍ଯ୍ୟ ହୋଇପଡ଼ିଲେ କ'ଣ ଚଳିବ ! ମୋର ପରୀକ୍ଷା ସରିଯାଉ ମୁଁ ନିଜେ ହେମନ୍ତକୁ ଖୋଜିବାକୁ ଯିବି । ଏହାଭିତରେ ମୁଁ ତାଙ୍କ ହେଡ଼୍ମାଷ୍ଟରଙ୍କ ପାଖରୁ ଚିଠି ପାଇଥିଲି—ସେ ସବୁକଥା ଆଜି ତୁମକୁ କହିଥାନ୍ତି । ସେମାନେ ବି, ବହୁତ ଚେଷ୍ଟା କଲେଣି । ଥାନାରେ ହୁଲିଆ କରିଛନ୍ତି । ଖବର କାଗଜରେ ବିଜ୍ଞାପନ ମଧ୍ୟ ବାହାର କରିଛନ୍ତି । କିନ୍ତୁ ହେମନ୍ତର କିଛି ଖବର ମିଳୁନାହିଁ । ଭଗବାନଙ୍କର କିଣ ଯେ ଇଚ୍ଛା—ସେ କେବଳ ଜାଣନ୍ତି । ତୁମେ ବାଉଳି ପିଟିହେଲେ, ସେ କ'ଣ ଆସିଯିବେ ?

ଏତିକିବେଳେ ମେନେଜର ବାବୁ ଆସି ପହଞ୍ଚିଲେ । ତୁଳସୀ ଟିକିଏ ପ୍ରକୃତିସ୍ଥ ହେଲା । ଶ୍ରୀକାନ୍ତ ମେନେଜର ବାବୁଙ୍କୁ ପ୍ରଣାମ କଲା । ମେନେଜର ବାବୁ ପଚାରିଲେ – କେତେବେଳୁ ଆସିଲଣି ଶ୍ରୀକାନ୍ତ ?

—ହଇ ଅଧ ଘଣ୍ଟାଏ ହେବ ସାର୍ ।

—ତୁଳସୀର ଦେହ କିପରି ?

— ଟିକିଏ ଭଲ ଅଛି ସାର୍ !

—ଆଚ୍ଛା ହେଉ । ଆଜ ତ ତୁମ ବାପା ଆସିଥିଲେ, ଆଶ୍ରମକୁ । ବଡ଼ ବିରକ୍ତ ହୋଇଯାଇଛନ୍ତି, ଆଉ କହି ଯାଇଛନ୍ତି —ଏଇ ମାସଠାରୁ ତୁମ ଖର୍ଚ୍ଚପତ୍ର ବନ୍ଦ କରିଦେବେ । ଆଶ୍ରମ ବି ତୁମକୁ ମନା । ତୁମେ ତୁମ ବାପାଙ୍କର ଅବାଧ୍ୟ ହେଉଛ କାହିଁକି ?

—ସାର୍ ସେ ସବୁ ବହୁତ କଥା—କଣ କହିବି, ଆପଣଙ୍କୁ ।

—ମୁଁ ସବୁ ଜାଣିଛି ଶ୍ରୀକାନ୍ତ, ମୋତେ ଆଉ କହିବାକୁ ପଡ଼ିବ ନାହିଁ । ତଥାପି ସେ ତୁମର ବାପା, ତାଙ୍କପ୍ରତି ତୁମର କର୍ତ୍ତବ୍ୟ ଅଛି । ପରୀକ୍ଷା ପରେ ତୁମେ ଗ୍ରାମକୁ ଯାଇ ତାଙ୍କୁ ବୁଝାଇଶୁଝାଇ ଆସ ।

ଶ୍ରୀକାନ୍ତ ନୀରବରେ ସବୁ ଶୁଣିଲା ତଳକୁ ମୁହଁପୋତି । ପୁଣି କହିଲେ ମେନେଜର ବାବୁ । ହଉ; ବର୍ତ୍ତମାନ ସେସବୁ କିଛି ଚିନ୍ତା କରନି । ପରୀକ୍ଷା ତୁମର ସରୁଛି କେବେ ?

— ଆଉ ମୋଟେ ଦୁଇଟା ପେପର୍ ଅଛି । ଏଇ ସପ୍ତାହରେ ସରିବ ।

— ବେଶ, ପରୀକ୍ଷା ସରୁ, ସବୁ ସମାଧାନ ହୋଇଯିବ । ମୁଁ ଯାଉଛି — ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ କଥାବାର୍ତ୍ତା ଅଛି ଆଶ୍ରମ ସମ୍ବନ୍ଧରେ । ତୁମେ ଡାକ୍ତରଙ୍କୁ ଦେଖାକରି ଭଲମନ୍ଦ ବୁଝି ହଷ୍ଟେଲକୁ ଯିବ ।" ଶ୍ରୀକାନ୍ତ ସମ୍ମତି ଜଣାଇଲା ।

ମେନେଜର ବାବୁ ବାହାରି ଆସିଲେ—ପଦାକୁ । ତାଙ୍କ ସଙ୍ଗେ ସଙ୍ଗେ ଶ୍ରୀକାନ୍ତ । ମେନେଜର ବାବୁ ରିକ୍ସାରେ ବସିଲେ ଶ୍ରୀକାନ୍ତ ତାଙ୍କୁ ଅବ୍ୟକ୍ତ ଦୃଷ୍ଟିରେ ଚାହିଁ ରହିଥାଏ ।

ବେଡ୍ ଉପରୁ କଡ଼େଇ ଗ୍ଲହିଁଲ ତୁଳସୀ । ଶ୍ରୀକାନ୍ତ ବାରଣ୍ଡାରେ ଠିଆହୋଇ ନୀଳ ଆକାଶକୁ ଗ୍ଲହିଁ କେତେ କ'ଣ ଭାବ ଗ୍ଲଲଛୁ । ମନେପଡ଼ିଲା ତାର ତା ଅଙ୍ଗେ ଲଭିଇଲା ଦୁଃଖ— ସୁଖ । ଶ୍ରୀକାନ୍ତ ବାବୁ ତାର କଏ ? କାହିଁକି ସେ ଏତେ ସବୁ ଦୁଃଖସୁଖରେ ଭାଗ ନେଇ ଆତ୍ମୀୟସ୍ୱଜନଙ୍କ ଠାରେ ଅପ୍ରିୟ ହେଉଛନ୍ତି ? ଆଖିରୁ ତାର ଝରିପଡ଼ିଲା କୃତଜ୍ଞତାର ଝର । ଅନ୍ତର ତଳୁ ଛୁଟି ଆସିଲା—ଭକ୍ତିର ଜୁଆର । ଶ୍ରୀକାନ୍ତ ବଡ଼ ଉଦାର । ଅତି ମହତ । ମଣିଷ ନୁହନ୍ତି—ଦେବତା ।

ଡାକ୍ତର ଆସି ପହଞ୍ଚିଲେ ଓ୍ୱାର୍ଡ଼ ଦୁଆର ମୁହଁରେ । ଶ୍ରୀକାନ୍ତ ଶୁଭ ସନ୍ଧ୍ୟା ଜଣାଇ ନିଜ ରୋଗୀର ପରିଚୟ ଦେଲା । ଡାକ୍ତର ବାବୁ ଓ୍ୱାର୍ଡ ଭିତରକୁ ଆସି ପ୍ରଥମେ ତୁଳସୀର ଅବସ୍ଥା ପରୀକ୍ଷା କଲେ । ଶ୍ରୀକାନ୍ତ ତାଙ୍କ ପାଖରେ ଠିଆହୋଇ ତାଙ୍କ ଉପଦେଶକୁ ଅପେକ୍ଷା କରିଥାଏ ।

ପରୀକ୍ଷା ଶେଷକରି ଡାକ୍ତରବାବୁ ନିଜର ମତାମତ ବ୍ୟକ୍ତ କଲେ । ଶାରୀରିକ ଅବସ୍ଥା ଅପେକ୍ଷା ରୋଗୀଟିର ମାନସିକ ଦୁଶ୍ଚିନ୍ତା ଖୁବଣ ପ୍ରବଳ ହୋଇଉଠିଛି । ରକ୍ତଗ୍ଲପର ସଙ୍କେତ ମଧ୍ୟ ମିଳୁଛି । ଦୁଶ୍ଚିନ୍ତାରୁ ମୁକ୍ତ ନ ହେଲେ ଏ ପ୍ରକାର ରୋଗୀ ପାଗଳ ହୋଇଯିବା ଅତି ସ୍ୱାଭାବିକ । ତେଣୁ, ରୋଗୀଟିର ମନପରିବର୍ତ୍ତନ ପାଇଁ ଶୀଘ୍ର ବ୍ୟବସ୍ଥା କରିବା ଦରକାର । ଚିତ୍ତ ବିନୋଦନରେ ସେ ହୁଏତ ଆରୋଗ୍ୟ ଲାଭ କରିପାରନ୍ତି । × × ×

ଡାକ୍ତର ବାବୁ ଓ୍ୱାର୍ଡ଼ର ଅନ୍ୟାନ୍ୟ ରୋଗୀଙ୍କ ପରୀକ୍ଷା ଶେଷକରି ବାହାରକୁ ଗ୍ଲଲଗଲେ । ଶ୍ରୀକାନ୍ତ ବଡ଼ ଚିନ୍ତିତ ମନରେ

ଝରକା ବାହାରର ଖୋଲା ମେଲା ଆକାଶ ଉପରେ ଦୃଷ୍ଟି ନିକ୍ଷେପ କରୁଛି । ଶୁଭ୍ର ଆକାଶରେ ଧୀରେ—ଧୀରେ ଉଇଁ ଆସୁଥିଲା ଉଜ୍ଜ୍ୱଳା ଜହ୍ନ ।

ଶ୍ରୀକାନ୍ତ ଫେର ଚାହିଁଲା ।

ତୁଳସୀର ଆଖିରେ ଲାଖି ରହିଛି କେତେ ଗୋପନ ଭାଷା !

ବାହାରେ, ବଗିଚାର ଫୁଲ ପାଖୁଡ଼ାରେ ଶିହରଣ···ପୁଣି କେତେ ଗୁଣୁ—ଗୁଣୁ ଗୁଞ୍ଜନ । ସୁଲୁ—ସୁଲିଆ ପବନ ବଣ୍ଡ ଅମାନିଆ ହୋଇଉଠିଛି । ଏଇତ ସୃଷ୍ଟି ଆଉ ତାର ସ୍ଥିତି । ସୁନ୍ଦର··· !

—*—

## ( ୧୨ )

**ନାରୀର** ମନ ଖୋଜେ ସ୍ୱାମୀ ସୁଖ । ଅଗାଧ ଧନ ସମ୍ପତ୍ତି, ଗଜଦନ୍ତ ପଲଙ୍କ, ଶତ ଶତ ଦାସଦାସୀ ଥିଲେ କ'ଣ ହେବ—ଯଦି ମନଜାଣି ସାଥୀ ନାହିଁ । ସବୁବେଳେ ଏହିକଥା ଭାବି ଭାବି ହୀରା ଦେଈର ଶରୀର କ୍ଷୀଣ ହେବାକୁ ବସିଲାଣି । ବୃଦ୍ଧ ନରହରି ବଡ଼ଜେନାଙ୍କ ହାତ ଧରି ଏଘରେ ପାଦ ପକାଇଲା ଦିନଠୁଁ କେବେ ସେ ସ୍ୱାମୀ ସୁଖ ପାଇଁ ନାହିଁ । ବରଂ ଭାଗ୍ୟକୁ ଆଦରି ବୃଦ୍ଧ ସ୍ୱାମୀର ସେବା କରୁଛି । ତଥାପି ନରହରି ବାବୁ ତାର ଜୀବନର ମୂଲ୍ୟ ବୁଝିନାହାନ୍ତି । ଯୌବନର ଉଦ୍ଦେଶ୍ୟକୁ ସ୍ୱୀକାର କରି ଆତ୍ମତୃପ୍ତ କରିପାରି ନାହାନ୍ତି । ଯୌବନର ଉତ୍ତେଜନା ମରି ଯାଉଛି । ତେଣୁ ସେ ନୀରବ । ପଙ୍ଗୁ । ଯୁବତୀ ହୀରା ବା ସୁଖୀ ହେବ

କେମିତି ? ତା' ବୋଲି କ'ଣ ସେ ବୃଦ୍ଧ ସ୍ୱାମୀର ଚକ୍ଷୁରେ ଧୂଳି ପକାଇ ଦେହର କ୍ଷୁଧାକୁ ଚରିତାର୍ଥ କରିବ ? ପ୍ରବଳ ଉତ୍ତେଜନାରେ ବଶବର୍ତ୍ତି ହୋଇ ଚିରଦିନ ପାଇଁ କ'ଣ ବଡ଼ଜେନା ବଂଶରେ କଳଙ୍କର କାଳକୂଟ ବିଷ ବୋଳି ଦେବ ?

ସୀମା ହୀନ ଭାବନାରେ, ଉତ୍ତେଜନାର ଉଗ୍ର ଚାପରେ ବଡ଼ ବିବ୍ରତ ହୋଇଉଠେ ହୀରା । ପୁଣି ସେ ଲେଉଟି ଆସେ ବାସ୍ତବର ଅନ୍ଧକାର ଭିତରକୁ । ସେ ଏ ଘରର ବୋହୂ । କୁଳର ଲକ୍ଷ୍ମୀ । ସାବତ ହେଲେ ବି ଘରେ ଭେଣ୍ଡା ପୁଅ ଶ୍ରୀକାନ୍ତ । ଗତି ପାଇଲେ ହାତକୁ ଦି ହାତ ହେବ । ଏ ଘରକୁ ବୋହୂ ଆସିବ । ହୀରା ହେବ ସମସ୍ତଙ୍କର ମୁରବୀ । ସା'ନ୍ତାଣୀ । ବାର ଲୋକ ତା' ହାତକୁ ଚାହିଁ ରହିବେ । ଭୋକା ଶୋଷୀଙ୍କର ପେଟ ଚାଲିବ । ଦୀନ ଦୁଃଖିଙ୍କୁ ଆଶ୍ରା ଦେବ । ଏଇତ ତାର ସୁଖ । ସ୍ୱାମୀ ସୁଖ କେବଳ ଦୁଇଦିନର ଧୂଳି ଖେଳ । ତେବେ ଏତେ ବ୍ୟାକୁଳ କାହିଁକି ? ଯେଉଁ ଦେହ ମାଟିରେ ମାଟି ହୋଇଯାଏ—କେବଳ ତାଆରି ସୁଖ ପାଇଁ ସେ ନିଜର ଚଲା ବାଟକୁ ଛାଡ଼ି ଅଣବାଟରେ ପାହୁଣ୍ଡ ପକାଇ ସବୁ ଦିନପାଇଁ ଗୋଟାଏ ମୁନିଆଦି ବଂଶର ଉନ୍ନତ ପରଂପରାକୁ ସେ କଳଙ୍କିତ କରି ଦେଇପାରିବ ନାହିଁ ।

ହୀରାର ବହୁ ଭାବନାର ଇନ୍ଦ୍ରଜାଲ ଛିନ୍ନ କରି ମଧୁଆ ଡାକିଲା—'ମା' ତୁମର ଚିଠି ନିଅ । ଚିଠି ଆସିଛି ଶୁଣି ହୀରାଦେଇ ଉଠିଗଲା—ପଲଙ୍କ ଉପରୁ ବାହାରକୁ । ମଧୁଆ ଚିଠି ଖଣ୍ଡିକୁ ବଢ଼ାଇ ଦେଲା ତା' ହାତକୁ । ଲଫାପାଟି ଖୋଲି ପଢ଼ିଲା । ଟଙ୍କା ପାଇଁ କଟକରୁ ଲେଖିଛି ଶ୍ରୀକାନ୍ତ । ତା'ଉପରେ ରାଗି ବାପା ଖର୍ଚ୍ଚ ପତ୍ର ବନ୍ଦ କରି ଦେଇଛନ୍ତି । ପୁଅଟା ଚଳିବାକୁ ବଡ଼ ହଇରାଣ ହେଉଛି ।

ମଧୁଆ ଚାଲି ଯାଉଥିଲା । ହୀରାଦେଈ ପଛରୁ ତାକୁ ଡାକି କହିଲା—ମଧୁଆ, ଗିରି ମହାନ୍ତି ତୁମ ଟଙ୍କା ଦେଲା ?

—ନାହିଁ ମା' ଟଙ୍କା ନାହିଁକି କଣିଆ ନାହିଁ । ଖାସିଟା ଗଲେ ଗଲା—ମୋ ଟଙ୍କା ପଚାଶଟା ଭଲା ଫେରାଇ ଦିଅନ୍ତେ । କଥାରେ ପରା ଅଛି ମା'—ସ୍ୱର୍ଗକୁ ନିଶୁଣି ନାହିଁକି ବଡ଼ ଲୋକଙ୍କୁ ଉତ୍ତର ନାହିଁ ।

—ହଉ, ତୁମେ ବ୍ୟସ୍ତ ହୁଅନାହିଁ । ମୁଁ ତୁମ ଟଙ୍କା ଦେଇ-ଦେବି । ତୁମେ ଗୋଟେ କାମ କର । ମୁଁ ତୁମକୁ ପାନଖିଆ ପାଇଁ ଟଙ୍କାଟାଏ ଦେବି । ବର୍ତ୍ତମାନ ଟଙ୍କା ଶହେଟା ନେଇ ଶ୍ରୀକାନ୍ତ ପାଖକୁ ମନିଅର୍ଡ଼ର କରିଦେଇ ଆସ । ଏ କଥା ବାବୁ ଯେପରି ନ ଜାଣନ୍ତି—ବୁଝିଲ ?

ହୀରା ଦେଈ ସିନ୍ଦୁକ ଖୋଲି ଶହେ ଟଙ୍କିଆ ନୋଟ୍ ଟିଏ, ଡାକ ଖର୍ଚ୍ଚ ଓ ମଧୁଆର ପୁରସ୍କାର ଅନ୍ଧ ଅଣି ମଧୁଆ ହାତରେ ଦେଲା । ମଧୁଆ ପୋଷ୍ଟ ଅଫିସ ଆଡ଼େ ମୁହାଁଇଲା । ହୀରା ଦେଈ ହସ—କାନ୍ଦର ଦ୍ୱନ୍ଦ୍ୱ ଭିତରେ ମଧ୍ୟ କେବଳ ହସର ଜୁଆ ଉଚ୍ଛୁଳାଇ ଚାହିଁ ରହିଲା ମଧୁଆର ଯିବା ବାଟକୁ ।

—o—

## ( ୧୩ )

ଦୁଇମାସ ପରେ ଜେଲରୁ ଖଲାସ ହୋଇ ହେମନ୍ତ ତାର ଭାଗ୍ୟକୁ ଅନୁସରଣ କରି, ଘୂରି ଘୂରି ଶେଷରେ ବମ୍ବେ ସହରରେ ପହଞ୍ଚିଲା । ଖାଦ୍ୟାଭାବ ଓ ନାନା ଚିନ୍ତା ଯୋଗୁଁ ଶରୀର ତାର କ୍ଷୀଣ

ହୋଇଗଲାଣି । ପିନ୍ଧିଥିବା ଲୁଗା ଖଣ୍ଡିକ ଓ କାମିଜ ଖଣ୍ଡିକ ମଇଳା ହୋଇ ଠାଏଁ ଠାଏଁ ଚିରିଗଲାଣି । ତଥାପି ସେ ଦୁଃଖକୁ ଖାତିର ନ କରି ଚାଲିଛି ଆଗକୁ । କେଉଁଠି ତାର ଯାତ୍ରା ଶେଷ ହେବ—ସେ ଜାଣେ ନାହିଁ ।

ସନ୍ଧ୍ୟା ! ସୂର୍ଯ୍ୟ ମା' କୋଳରେ ଲୁଚି ଯାଉଛନ୍ତି । ହେମନ୍ତ ରାଜଦାଣ୍ଡରେ ଯାଉଁ ଯାଉଁ ଆତୁର ହୋଇ ଦୌଡ଼ିଗଲା—ଦ୍ୱି'ତଳ ପ୍ରାସାଦ ତଳେ ଲାଗିଥିବା ଏକ ପାଣି କଳ ପାଖକୁ । କଳରେ ମୁହଁ ଲଗାଇ ପେଟେ ପିଇଗଲା । ଗୋଟିଏ କଡ଼କୁ ବାରଣ୍ଡା ଉପରେ କୁସୁନ୍ ଚେୟାରରେ ବସିଥିଲେ ଜଣେ ବୃଦ୍ଧ । ବେକରେ ତାଙ୍କର ସୁନାଚେନ୍‌ରେ ଝୁଲୁଥିଲା—ଭଗବାନ ଯୀଶୁଙ୍କର କ୍ରୁଶାଙ୍କିତ ପଦକଟିଏ । ହେମନ୍ତ ପାଣି ପିଇସାରି ଚାଲିଗଲା ବେଳକୁ ସେ ଡାକିଲେ—ହେ ପୁଅ ।

ହେମନ୍ତ ଫେରି ଚାହିଁଲା ।

ପୁଣି ଡାକିଲେ—ଶୁଣି ଯାଅ ।

ହେମନ୍ତ ଭାବିଲା—ତାଙ୍କ କଳରୁ ପାଣି ପିଇ ଭୁଲ କରିଛି ବୋଧହୁଏ । କ'ଣ ନାହିଁ କ'ଣ କହିବେ ଏକ୍ଷଣି । ମନରେ କେତେ ଆଶଙ୍କା କରି, ଗଲା ବାରଣ୍ଡା ତଳକୁ । ତଳେ ଠିଆ ହୋଇ ନମସ୍କାର କଲା ବାବୁଙ୍କୁ । ବାବୁ କଅଁଳେଇ ପଚାରିଲେ—

—ପୁଅ, ତୁମର ନାମ କ'ଣ ?

—ହେମନ୍ତ ।

—ତୁମ ଘର କେଉଁଠି ?

—ବାବୁ—ଓଡ଼ିଶାରେ ।

—ଏଣେ କୁଆଡ଼େ ଆସିଛ ?

—ଚାକରୀ ଖୋଜୁଛି ।

—କ’ ଚାକରୀ କରିବ ? କେତେ ପର୍ଯ୍ୟନ୍ତ ପାଠ ପଢ଼ିଛ ?

—ମାଟ୍ରିକ ପରୀକ୍ଷା ଦେଇନାହିଁ ବାବୁ । ଅର୍ଥାଭାବ, ବହୁ ଦୁଃଖ କଷ୍ଟରେ ପଢ଼ି, ପଢ଼ା ଛାଡ଼ିବାକୁ ବାଧ ହେଲି । ଜୀବନରେ ଗୋଟିଏ ମହାନ ଉଦ୍ଦେଶ୍ୟଥିଲା, କିନ୍ତୁ ସେ ଆଶା ଖାଲି ଆଶାରେହିଁ ରହିଲା । ଆଉ କେତେ ଦିନ ଦୁଃଖ ଭୋଗିବି; ଭାବୁଛି—ଯୋଗ୍ୟତା ଅନୁସାରେ କେଉଁଠି ଖଣ୍ଡିଏ ଚାକରୀ ମିଳିଲେ—ରହିଯା’ନ୍ତି ।

ଗୋବିନ୍ଦ ବାବୁ ହେମନ୍ତର କଥା ଶୁଣି ଟିକିଏ ଚିନ୍ତିତ ହେଲେ । କହିଲେ—ପୁଅ, ତଳେ ଠିଆହୁଅନା । ବାରଣ୍ଡା ଉପରକୁ ଆସ । ବସ ଏଇ ଚେୟାର ଉପରେ ।

ହେମନ୍ତ ବାରଣ୍ଡା ଉପରକୁ ଉଠି ଖୁଣ୍ଟକୁ ଆଉଜି ଠିଆ ହେଲା । ଗୋବିନ୍ଦ ବାବୁ କହିଲେ—ଚେୟାର୍‌ରେ ବସ ପୁଅ । ଠିଆହେଲ ଯେ ? ହେମନ୍ତ କହିଲା—ବାବୁ, ମୁଁ ଅଯୋଗ୍ୟ ।

—“କାହିଁକି ହେଲ ? ଭଗବାନଙ୍କ ସୃଷ୍ଟିରେ ତୁମେ ତ ମଣିଷ । ମୋର ଧନୀ, ଗରିବ, ପର, ଆପଣା କିଛି ବାରଣ ନାହିଁ । ମୁଁ ଜାଣେ—ସମସ୍ତେ ଆମେ ଈଶ୍ୱରଙ୍କ ପୁଅ । ଧନରେ କିମ୍ବା ଜାତିରେ ବଡ଼ ସାନ ହେଲେ କେହି ପୂଜାର ଅଯୋଗ୍ୟ କିମ୍ବା ଘୃଣାର ପାତ୍ର ହୁଏ ନାହିଁ । ବ୍ୟବହାରହିଁ ମଣିଷକୁ ଉଚ୍ଚ ନୀଚ ଆସନ ଦେଇଥାଏ ।

ହେମନ୍ତ କହିଲା—ନାହିଁ ବାବୁ, ମୁଁ ଏଇଠି ଠିଆହେବି । ବାବୁ କହିଲେ—ହଉ । ତୁମର ଘରେ ଆଉ କିଏ ଅଛି ପୁଅ ? ଓଡ଼ିଶାରେ, କେଉଁ ଜିଲ୍ଲାରେ, କେଉଁ ସ୍ଥାନରେ ତୁମ ଘର ?

ହେମନ୍ତ ଆମୂଳ ଚୂଳ ବର୍ଣ୍ଣନା କରି ନିଜର ପରିଚୟ ଦେବା ସଙ୍ଗେ ସଙ୍ଗେ ସବୁ ଦୁଃଖଗୁଡ଼ିକ କହିଗଲା । ସମସ୍ତ ଅବଗତ ହେଲେ ଗୋବିନ୍ଦ ବାବୁ । ହେମନ୍ତର ଦୁଃଖରେ ଦୁଇ ଆଖିରୁ ତାଙ୍କର ଲୁହ ଝରି ପଡ଼ିଲା । ଚିହ୍ନି ପାରିଲେ ସେ ହେମନ୍ତକୁ । କିନ୍ତୁ · ନିଜେ ଆଉ ଚିହ୍ନା ଦେଲେ ନାହିଁ ।

କିଛି ସମୟ ଚକିତ ହୋଇ ଚାହିଁଲେ ସେ ହେମନ୍ତର ମୁହଁକୁ । ହେମନ୍ତ ନିଜର ମଇଳା ପିନ୍ଧା କାମିଜ୍‌ରେ ଆଖିରୁ ଲୁହ ପୋଛୁଛି । ପିତୃ ହୃଦୟ ତାଙ୍କର ତରଳିଗଲା । କହିଲେ—କାନ୍ଦ ନାହିଁ ପୁଅ । ବିଧିର ବିଧାନକୁ ଶତଚେଷ୍ଟା କଲେ ସୁଦ୍ଧା ଆନ କରିହେବ ନାହିଁ । ସବୁ ସେ ହରିଙ୍କ ଇଚ୍ଛା । ତୁମେ ଚାକିରି କରିବ କହୁଛ । ଆଉ କିଛି ପଢ଼ିଲେ ହୁଅନ୍ତା ନାହିଁ ? ତୁମେ ତ ପିଲା, ଆଜଠୁ ଖଟିବ କ'ଣ ?

ହେମନ୍ତ କହିଲା—ପଢ଼ିବି କପରି ସାର୍ ? ମନଥିଲେ ବି ଧନ ନାହିଁ ।

ଟିକିଏ ଚିନ୍ତା କଲେ ଗୋବିନ୍ଦ ବାବୁ । କହିଲେ— ତୁମେ ଆମଘରେ ରହି ପାଠପଢ଼ି ପାରିବ ? କିନ୍ତୁ······ଆମେ ଯେ ଖ୍ରୀଷ୍ଟିଆନ୍ ।

—ମୋର ଆପତ୍ତି ନାହିଁ ସାର୍ ! ମୁଁ ମଧ୍ୟ ଅତି ନୀଚ । ଆପଣ ଶୁଣିଲେ·········

—ତୁମେ ଉଚ୍ଚ ହୁଅ ବା ନୀଚ ହୁଅ—ତୁମେ ମୋ ଘରେ ରହିବ । ପଢ଼ିବ । ଆଉ ମୋର ଗୋଟିଏ ପିଲାକୁ ପଢ଼ାଇବ, ପାରିବନି ?

—ହଁ ସାର !

—ଆଚ୍ଛା, ବସ୍ । ମୁଁ ଆସୁଛି ।

ଗୋରାଚନ୍ଦବାବୁ ଚାଲିଗଲେ ଘର ଭିତରକୁ । ହେମନ୍ତ ଠିଆହୋଇଥାଏ—ସେଇଠି ।

ଗୋରାଚନ୍ଦ ବାବୁଙ୍କ ଶୋଇବା ଘରକୁ ଲାଗି ଠାକୁର ଘର । ଭଗବାନ ଯୀଶୁ, ବୁଦ୍ଧ, ରାମକୃଷ୍ଣ ଓ ମହାତ୍ମାଗାନ୍ଧୀ ଆଦି ମହାପୁରୁଷଙ୍କର ପାଞ୍ଚଟି ପ୍ରତିମୂର୍ତ୍ତି ଖଟୁଲି ଉପରେ ପୂଜା ପାଉଛନ୍ତି । କୋଠରୀଟି ସାରା ଝୁଣାଧୂଆଁର ମହକରେ ପୂରି ଉଠୁଛି । ଗୋରାଚନ୍ଦ ବାବୁଙ୍କର ସ୍ତ୍ରୀ ରାଧାରାଣୀ ଖଟୁଲି ପାଖରେ ସଞ୍ଜବତୀ ଜାଳିଦେଇ ନିଜକୁ ସମର୍ପି ଦେଇଛନ୍ତି ପଞ୍ଚଦେବତାଙ୍କ ପାଦତଳେ । ଏତେ ସେବାବ୍ରତ କରିସୁଦ୍ଧା ତାଙ୍କର ଡାକ ଭଗବାନଙ୍କୁ ଶୁଭୁନାହିଁ । ତାଙ୍କ ପାଇଁ ସମସ୍ତେ ନୀରବ, ମୂକ । ବୁଢ଼ୀକାଳକୁ ଗୋଟିଏ ବୋଲି ଝିଅ ସନ୍ଧ୍ୟା । ସାତବର୍ଷବେଳେ ତାକୁ ଦାନକରି ଦେଇଥିଲେ ପର ପୁଅକୁ । ବରଷଟେ ପୂରିନାହିଁ, ତା ହାତରୁ ଚୁଡ଼ି, ମଥାର ସିନ୍ଦୂର ଚିରଦିନ ପାଇଁ ଉଭେଇଗଲା । ସେ ବାରବର୍ଷର ଝିଅ ହେଲାଣି । ତଥାପି ସନ୍ଧ୍ୟା ନିଜର ବିପର୍ଯ୍ୟୟ କାହାଣୀ ଜାଣିନାହିଁ । ଦିନେତ ଜାଣିବ । ସେତେବେଳେ ତାର ଅବସ୍ଥା କ'ଣ ହେବ ? ଏ କୋଟି କୋଟି ଟଙ୍କାର ସମ୍ପତ୍ତି କିଏ ଭୋଗ କରିବ ? ସନ୍ଧ୍ୟାର ଚିନ୍ତାରେ ରାଧାରାଣୀ ଦିନକୁ ଦିନ ଶୁଖି ଶୁଖି କଣ୍ଟା ହେଲେଣି । ପୂଜା ସରିଗଲା ପରେ ସେ ପଛକୁ ଫେରିଚାହିଁଲେ - ସ୍ୱାମୀ ତାଙ୍କର ଚିନ୍ତିତ ଅବସ୍ଥାରେ ଠିଆହୋଇଛନ୍ତି କାନ୍ଥକୁ ଆଉଜି । ପ୍ରଶ୍ନକଲେ ରାଧାରାଣୀ—କ'ଣ କହୁଛ ?

— ପୂଜାକାମ ସରିଗଲା ?

—ହଁ

—ହଁ, ପିଲାଟି ଆମ ବାରଣ୍ଡାରେ ବସିଛି । କଥା ହେପହରୁ ମୁଁ ତା'ର ଚରିତ୍ର ସମ୍ବନ୍ଧରେ ସବୁ ଜାଣିପାରିଲି । ଅତିଶାନ୍ତ । ସଂସାରର କୂଟନୀତି, ଛନ୍ଦକପଟ ତାର ଅନ୍ତରକୁ ସ୍ପର୍ଶ କରିନାହିଁ । ସେ ପିଲାଟି କହୁଛି—ଆମଘରେ ରହି ପାଠ ପଢ଼ିବ । ମାଟ୍ରିକ୍ ପଢ଼ିଛି ।

—ସେ କ'ଣ ରହିବ ଆମ ଘରେ ? ଆଜି କାଲି ତ କାହାରିକୁ ବିଶ୍ୱାସ କରିହେଉନି ।

—ନିରାଶ୍ରୟକୁ ଆଶ୍ରୟ ଦେବା ଯିଶୁଙ୍କର ଆଦେଶ । ତାପରେ ଯଦି କେହି ବିଶ୍ୱାସଘାତକତା କରେ—ତାର ଫଳ ସେ ଭୁଞ୍ଜିବ । ମନୁଷ୍ୟର କର୍ମକର୍ମ—ତାକୁ ଲୋକଲୋଚନରେ ଘୃଣ୍ୟ ଅଥବା ପୂଜ୍ୟ କରିଗଢ଼େ । ଦୁନିଆକୁ ଚିହ୍ନି ଚିହ୍ନି ମୁଁ ଆସି ବୁଢ଼ା-ହେଲିଣି । ପିଲାଟି ଜଣାଯାଏ—କୃତଘ୍ନ ହେବ ନାହିଁ ।

—ଜାତି

—ମଣିଷ । ସ୍ରଷ୍ଟାଙ୍କ ସୃଷ୍ଟିରେ ଉଚ୍ଚ ନୀଚ ଭେଦା ଭେଦର ସ୍ଥାନ ନାହିଁ । ସେ ସମସ୍ତଙ୍କର ଜନକ । ତେଣୁ ସେ ଯାହାକୁ ଆମ ପାଖକୁ ପଠାଇଛନ୍ତି, କାହିଁକି ଆମେ ତାକୁ ଆଶ୍ରୟ ନ ଦେବା ? ସାରା ଭାରତରେ ମୋର ଦଶ ହଜାର ଶ୍ରମିକ କାମକରନ୍ତି । ସମସ୍ତେ ତୁମର ସନ୍ତାନ । ତୁମର ଅନ୍ନରେ ପ୍ରତିପାଳିତ । କେହି କେବେ ବିଶ୍ୱାସଘାତକତା କରି ନାହାନ୍ତି । ତୁମେ ଭାବୁଛ—ଆଜି ଏହି ଯୀଶୁ ପ୍ରେରିତ ପିଲାଟି ଅସତ୍ ପଥରେ ଚାଲିବ ? ଏଇ ଚାହୁଁ ମହାପ୍ରଭୁ ଯୀଶୁଙ୍କୁ, ବୁଦ୍ଧ—ରାମକୃଷ୍ଣଙ୍କୁ ଆଉ ମହାମାନବ ମହାତ୍ମା-ଗାନ୍ଧିଙ୍କୁ, ସମସ୍ତଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଦିଶୁଛି । ସମସ୍ତେ ମୋତେ

ଆଦେଶ ଦେଉଛନ୍ତି—ଏହି ପିଲାଟିକୁ ଆଶ୍ରୟ ଦିଅ । ସେହି ଦେବତାଙ୍କ ଆଦେଶକୁ ଆମେ ଅମାନ୍ୟ କରିବା କିପରି ?

ରାଧାରାଣୀ ଚାହିଁଲେ ଥରେ ଥରେ ସବୁ ଦେବତାଙ୍କ ମୁଖକୁ । ସମସ୍ତେ ହସିଲା ପରି ଜଣାଯାଉଛନ୍ତି । ସ୍ୱାମୀଙ୍କୁ କହିଲେ—ତୁମେ ପିଲାଟିକୁ ପଚାର—ସେ ରହିବ କି ନାହିଁ । ଆମେ ତ ଖ୍ରୀଷ୍ଟିଆନ୍ ।

—ତୁମେ ଆସ ପଚାରିବ । ମୁଁ ଆଗରୁ ପଚାରିଛି ।

ଗୋବର୍ଦ୍ଧନବାବୁ ଓ ତାଙ୍କ ସ୍ତ୍ରୀ ରାଧାରାଣୀ ବାହାରି ଆସିଲେ ଘରଭିତରୁ ବାରଣ୍ଡାକୁ । ହେମନ୍ତ ପ୍ରଣାମ କଲା ରାଧାରାଣୀଙ୍କୁ । ରାଧାରାଣୀ ପଚାରିଲେ, "ପୁଅ, ତୁମ କଥା ସବୁ ଶୁଣିଲିଣି ବାବୁଙ୍କ ପାଖରୁ । ତୁମେ ଆମ ଘରେ ରହିବ ?"

ହେମନ୍ତ ନୀରବ ରହିଲା । ତାର ନୀରବତା ସମ୍ମତିର ଲକ୍ଷଣ ଜାଣି ପୁଣି କହିଲେ—ବାପ, ଆମ ଘରେ ତୁମର କିଛି ଅସୁବିଧା ହେବ ନାହିଁ । ତୁମର ଗୋଟିଏ ଭଉଣୀ ଅଛି । ପାଗଳୀଟା ସେ । ତାକୁ ତୁମେ ପଢ଼ାଇବ ।

ଗୋବର୍ଦ୍ଧନ ବାବୁ ପଚାରିଲେ—ପୁଅ, କିଛି କହୁନାହଁ କାହିଁକି ? ଆମେ ଖ୍ରୀଷ୍ଟିୟାନ୍ ବୋଲି କୁଣ୍ଠାବୋଧ କରୁଛ କି ? ଚମକି ପଡ଼ିଲା ହେମନ୍ତ—ସାର୍ ! ଜଗତଚକ୍ଷୁରେ ଆପଣ ପୂଜ୍ୟ । ମୋର ନମସ୍ୟ । ଭାରତର ଅର୍ଦ୍ଧେକ ସ୍ଥାନ ମୁଁ ଭାଗ୍ୟ ଦୋଷରୁ ବୁଲି ଆସିଲିଣି, ଅଚ୍ଛୁଆ ବୋଲି ମୋତେ କେହି ସ୍ଥାନ ଦେଇନାହାନ୍ତି । ମୁଁ ଆଜି ପୁଣି ଆପଣଙ୍କୁ ଉପେକ୍ଷା କରିବ ? ସେ ଧୃଷ୍ଟତା ମୋର ନାହିଁ ଆଜ୍ଞା ।

—ବେଶ୍ । ଆଜଠାରୁ ଏ ତୁମର ଜନମୀ । ତାଙ୍କ ପାଖରେ ତୁମର ସବୁ ଅଳିଦଳି । ଏକମାତ୍ର କନ୍ୟା ମୋର ସନ୍ଧ୍ୟା ! ସେ ତୁମର ଭଉଣୀ । ତାର ଦାୟିତ୍ୱ ତୁମ ଉପରେ ।

ଗୋବିନ୍ଦ ବାବୁ ଡାକିଲେ—'ସନ୍ଧ୍ୟା ! ସନ୍ଧ୍ୟା ।' ଉପର ତାଲରୁ 'ବାପା' ବୋଲି ଜବାବ ଦେଇ ଛୁଟି ଆସିଲା ଦ୍ୱାଦଶ ବର୍ଷିୟା କୁମାରୀ କନ୍ୟା ସନ୍ଧ୍ୟା । ବିଜୁଳି ଆଲୋକରେ ହେମ ଗୌର କାନ୍ତିଟି ତାର କମନୀୟ ଦିଶୁଛି । ଦ୍ୱାରବନ୍ଧରେ ଠିଆହୋଇ ବାପାଙ୍କ ଆଦେଶକୁ ଅପେକ୍ଷା କରି ରହିଲା । ଗୋବିନ୍ଦ ବାବୁ କହିଲେ, "ମା' ସନ୍ଧ୍ୟା ! ପ୍ରଭୁ ଯୀଶୁ ପଠାଇଛନ୍ତି ତୋପାଇଁ ଗୋଟିଏ ଭାଇ । ଆଜଠୁଁ ସେ ଆମ ଘରେ ରହି ପାଠ ପଢ଼ିବ । ତୋତେ ପଢ଼ାଇବ । ତୁ' ତୋ ଭାଇର ଖିଆ ପିଆ ଦାୟିତ୍ୱ ନେବୁ ।"

ସନ୍ଧ୍ୟା ଚାହିଁଲା ହେମନ୍ତକୁ । ଜରାଜୀର୍ଣ୍ଣ ବସ୍ତ୍ର ମଧ୍ୟରୁ ତାର ଅସ୍ଥି-କଙ୍କାଳ ସାର ଶରୀରରେ ମଧ୍ୟ କମନୀୟ କାନ୍ତି ଫୁଟି ଦିଶିଯାଉଛି । କୋଟରଗତ ଚକ୍ଷୁ ଦୁଇଟିରୁ ଶାନ୍ତ ରଶ୍ମି ନିର୍ଗତ ହେଉଛି । ସନ୍ଧ୍ୟା କିଛି କହି ପାରିଲାନି । ବିଜୁଳି ପରି ପୁଣି ଦୌଡ଼ି ପଳାଇଲା—ନିଜ ପଢ଼ା କୋଠରୀକୁ ।

ଗୋବିନ୍ଦ ବାବୁ ହେମନ୍ତର ହାତଧରି ତାକୁ ଘର ଭିତରକୁ ନେଇଗଲେ । ରାଧାରାଣୀ ଦାଣ୍ଡ କବାଟ ବନ୍ଦ କଲେ ।

( ୧୪ )

ନିୟତିର ରଥଚକ ଗଡ଼ିଚାଲେ । ସୁଖ ପରେ ଦୁଃଖ, ଦୁଃଖପରେ ସୁଖ—ଏଇତ ଦୁନିଆଁ । ହେମନ୍ତ ଦିନକୁ ଦିନ ନିଜଚରିତ୍ର ବଳରେ ଗୋବିନ୍ଦ ବାବୁଙ୍କର ଅତି ଆଦରର ପାତ୍ର

ହେବାକୁ ବସିଲା । ରାଧାରାଣୀ ଭୁଲିଗଲେ ଅପୂର୍ବିକା ଦୁଃଖ । ସନ୍ଧ୍ୟା ଏପରି ଏକ ଗୁଣବନ୍ତ ଭାଇକୁ ପାଇ ନିଜକୁ ଧନ୍ୟା ମନେ କଲା । ମୋଟ ଉପରେ ହେମନ୍ତ ହେଲା ସେ ପରିବାରର ନୟନ ପିତୁଳା ।

ବ୍ୟବସାୟରେ ବ୍ୟସ୍ତରହି ଗୋବର୍ଦ୍ଧନ ବାବୁ କ୍ୱଚିତ ଘରକୁ ଆସନ୍ତି । ରାଧାରାଣୀ ପୁଅ ଝିଅ ଦୁହିଁଙ୍କର ଖବର ଓ ଘରର ଯାବତୀୟ କର୍ମ ନିଜେ ବୁଝନ୍ତି । ସନ୍ଧ୍ୟା ଓ ହେମନ୍ତ ଦୁହେଁ ସ୍କୁଲକୁ ଯିବାବେଳେ ମା'ଙ୍କୁ ପ୍ରଣାମକରି ବିଦାୟ ନେଇ ଯା'ନ୍ତି । ରାଧାରାଣୀଙ୍କର ମନ ଆନନ୍ଦରେ ନାଚି ଉଠେ ।

ସେ ଦିନ ଗୋବର୍ଦ୍ଧନ ବାବୁ ରାଜଦାଣ୍ଡ ପାଖ ବାରଣ୍ଡାରେ ବସି କେତେ କ'ଣ ଭାବି ଚାଲିଛନ୍ତି । ଚାହିଁଛନ୍ତି ରାସ୍ତା ସେ ପାଖ ଆମ୍ବ ବଗିଚାକୁ । ବଗିଚା ଭିତରୁ ଦିଶୁଛି ଗୋଟାଏ ସମାଧି ମନ୍ଦିର । ଆଖି ତାଙ୍କର ଛଳ ଛଳ ହୋଇ ଆସୁଛି । ହେମନ୍ତର ପରିଚୟ ପାଇଲା ଦିନଠୁଁ ଅନ୍ତରରେ ତାଙ୍କର ବ୍ୟାକୁଳତା କ୍ଷଣକୁ କ୍ଷଣ ବଢ଼ି ଚାଲିଛି । କେଉଁ ଉପାୟରେ ସେ ସେଥିରୁ ରକ୍ଷା ପାଇବେ—ଏଇ 'ଚିନ୍ତାରେ ସେ ବ୍ୟଥିତ । ସନ୍ଧ୍ୟା ଓ ହେମନ୍ତ ବାହାରି ଆସିଲେ ଘରୁ । ହେମନ୍ତର ପରୀକ୍ଷା ଆଜି ଆରମ୍ଭ । ଦୁହେଁ ଗୋବର୍ଦ୍ଧନ ବାବୁଙ୍କୁ ପ୍ରଣାମ କଲେ । ଆଶୀର୍ବାଦ କଲେ ଗୋବର୍ଦ୍ଧନ ବାବୁ । ଦୁହିଁଙ୍କୁ କୋଳକୁ ଆଉଜାଇ ଆଣି କହିଲେ—ରାସ୍ତାର ସେପଟେ କ'ଣ ଦେଖୁଛ ପିଲେ ?

ହେମନ୍ତ କହିଲା—ଆମ୍ବ ବଗିଚା ଭିତରେ ଗୋଟିଏ ଛୋଟ ମନ୍ଦିର । ଗୋବର୍ଦ୍ଧନ ବାବୁ କହିଲେ—ହଁ, ସେଇ ମନ୍ଦିରଟି ଜଣେ ମହାମାନବଙ୍କ ସମାଧି ଉପରେ ନିର୍ମିତ । ମୋତେ ତୁମେ

ଭକ୍ତି କରିବାକୁ ମୁଁ କହୁନାହିଁ । ତୁମେ ଯଦି ପ୍ରତିଦିନ ତାଙ୍କୁହିଁ ପ୍ରଣାମ କର—ଯୁଆଡ଼େ ଯିବ—ସିଆଡ଼େ ତୁମେ ବିଜୟୀ ହେବ । ଆଜିଠାରୁ ଦୁହେଁ ସେହି ମହାମାନବର ମନ୍ଦିରକୁ ଯାଇ ପ୍ରଣାମ କର । ସଞ୍ଜ ହେଲେ ସଞ୍ଜବତି ଜାଳି ତାଙ୍କର ପାଦରେ ମୁଣ୍ଡ ନୁଆଁଅ । ତାଙ୍କର ଅତୃପ୍ତ ଆତ୍ମା ତୁମକୁ ସଦ୍‌ବୁଦ୍ଧି ଦେବ । ଏତିକି ମୋର ଆଦେଶ ।

ଦୁହିଁଙ୍କ ମୁହଁକୁ ଚାହିଁଲେ ଗୋବିନ୍ଦ ବାବୁ । ଛାତିଟା ତାଙ୍କର ଆନନ୍ଦରେ ଫୁଲି ଉଠିଲା । କି ସୁନ୍ଦର ଦୁହେଁ ! ଏଇମିତି ପୁଅ ଝିଅ ଦୁଇଟି ଯାହାର ଅଛନ୍ତି—ତାର ଧନ କ'ଣ ହେବ ?

—ଏଇତ ଧନ, ଚାହିଁ ଦେଲାକ୍ଷଣି ଦୁଃଖ ପାଶୋରି ଯାଉଛି । ପୁଣି କାହିଁକି ମନଟା ତାଙ୍କର ବିଷେଇ ଉଠିଲା । ଦୁହିଁଙ୍କୁ ଛାଡ଼ିଦେଇ କହିଲେ—ଯାଅ, ଡେରି ହୋଇଯିବ ।

ସନ୍ଧ୍ୟା ଗଲା ସ୍କୁଲକୁ । ହେମନ୍ତ ଗଲା କଲେଜକୁ । ବୃଦ୍ଧ ଗୋବିନ୍ଦଙ୍କର ସନ୍ଧ୍ୟାର ବୈଧବ୍ୟ ଦଶା ମନେ ପଡ଼ିଲା । ଚନ୍ଦ୍ରମା ଦେହରେ କଳଙ୍କ ଲାଗିଛି ।

ଦୀର୍ଘ ନିଶ୍ୱାସ ଛାଡ଼ିଲେ ଗୋବିନ୍ଦ ବାବୁ—"ପ୍ରଭୁ ଯୀଶୁ, ତୁମରି ଇଚ୍ଛା ପୂର୍ଣ୍ଣହେଉ । ସର୍ଜନା ମୂଳରେ ତୁମେ । ଧ୍ୱଂସ ବି ତୁମରି ଲୀଳା । ତୁମେ ସବୁ ।

ବାରମ୍ବାର ହେମନ୍ତର ମନେପଡ଼େ ଗୋବିନ୍ଦ ବାବୁଙ୍କ—କଥା ପଦକ । ସେଇ ମନ୍ଦିରଟି ଜଣେ ମହାମାନବଙ୍କ ସମାଧି ଉପରେ ନିର୍ମିତ । କିଏ ସେ ମହାମାନବ ? ତାଙ୍କର ପରିଚୟ୍‌ତ ଦେଲେ

ନାହିଁ । ବହୁତଥର ଚେଷ୍ଟାକଲଣି ଗୋବର୍ଦ୍ଧନ ବାବୁଙ୍କୁ ପଚାରି ବୁଝିବାକୁ । କିନ୍ତୁ ତାଙ୍କୁ ବ୍ୟବସାୟରେ ସବୁବେଳେ ବ୍ୟସ୍ତ ଦେଖି ପଚାରି ପାରୁନାହିଁ ।

ଏହିପରି ଦିନଗୁଡ଼ିକ ବିତିଯାଏ । ହେମନ୍ତର ରୂପ ବଦଳେ । ଗୋବର୍ଦ୍ଧନବାବୁ ଓ ରାଧାରାଣୀଙ୍କର ସ୍ନେହ-ସହାନୁଭୂତି ପାଇ ସେ ଭୁଲିଯାଏ ଜୀବନର ସମସ୍ତ ଦୁଃଖ, ଦୁର୍ଦ୍ଦଶାକୁ ।

—*—

## ( ୧୪ )

ଦିନ ଦି'ପ୍ରହର । ବୈଶାଖୀ ଝାଞ୍ଜି ବହୁଛି । ତୁଳସୀ ଖୋଲିଲା ନଈକୂଳ ପାଖ ଝରକାଟିକୁ । ଧୂଳି ବାଲିମିଶା ଗରମ ପବନ "ସୁଁ" କରି ପଶି ଆସିଲା ଘରକୁ । ତୁଳସୀ ଅଣନିଶ୍ୱାସୀ ହୋଇ ଚଟ୍‌କରି ବନ୍ଦ କରିଦେଲା ଝରକାକୁ । ଅଳ୍ପ ଫାଙ୍କଥାଏ । ସେଇ ଫାଙ୍କ ଦେଇ ଚାହିଁଲା ବାହାରକୁ । ରାସ୍ତାର ପିଚୁ ସବୁ ତରଳି ଯାଇଛି ଗରମରେ । ସେ ବାଟରେ ଯାନବାହାନ ଆଦି କେହି ଯା'ଆସ କରୁନାହାନ୍ତି । ନିର୍ଜନ ରାସ୍ତା । ନଈ ତୁଠ ବରଗଛ ମୂଳେ, ଗାଈ ଦୁଇଟି ଶୋଇ ରୋମନ୍ଥନ କରୁଛନ୍ତି । ଉପରେ ମାଙ୍କଡ଼ ଦଳେ ବସି ବର ଫଳ ଖାଉଛନ୍ତି । ନଈ ମଝିରେ କାଶତଣ୍ଡି ପଠା ଉପରେ ଘୂରୁଛି ଖଣ୍ଡିଆ ଭୂତ । ବାଲିଗୁଡ଼ାକ ପ୍ରଖର ସୂର୍ଯ୍ୟ କିରଣରେ ଚକ୍ ଚକ୍ କରୁଛି । ସେଇ ପଠାର ପଞ୍ଚୁରେ ମିଶିଛି ତା ମାଆ ଓ ଭାଇର ଦେହ । ନିଷ୍ଠୁର ମଶାଣୀଟା ସେ । ଦିଶିଲା ତୁଳସୀକୁ—ରେଣୁକା ଆଉ ବସନ୍ତର ମୁହଁ । ଛାତିଟା ତା'ର ଥରିଲା ଉଠିଲା । ଧଡ଼୍ କରି ସେ ବନ୍ଦ କରିଦେଲା

ଦରଆଉଜା ଝରକାଟିକୁ । ବ୍ୟଥିତ ହୋଇ ମୁହଁମାଡ଼ି ପଡ଼ିଲା ତାର ଖଟିଆ ଉପରେ । ସାଥି ପିଲାଟି ନିଦରେ ଘୁଙ୍ଗୁଡ଼ି ମାରୁଛନ୍ତି ।

ବ୍ୟଥାଭରା ଅନ୍ତରଟା ତା'ର ଜଳି ପୋଡ଼ିଗଲା । ମୁଣ୍ଡରେ ତାର ଅବ୍ୟକ୍ତ ବେଦନାର ସୁଅ ଖେଳିଲା । ମୋ'ର କେହି ନାହିଁ । ମୁଁ ଅନାଥିନୀ । ଅନାଥଶ୍ରମର ଆଶ୍ରିତା । ଶ୍ରୀକାନ୍ତ ବାବୁ ! ସେ ମୋର କିଏ ? ସେ କାହିଁକି ପ୍ରାଣଭରି ମୋତେ ଭଲ ପାଉଛନ୍ତି ? ପଚାରିଲେ କହୁଛନ୍ତି, "ତୁମର ମଙ୍ଗଳ ମୋର କାମନା" । ତେବେ ସେ କ'ଣ ମୋତେ···। କ'ଣ ମୁଁ ଭାବୁଛି ! ପ୍ରଭୁ, କ୍ଷମାକର ! ମୁଁ ଚାହେଁ ନା ତାଙ୍କର ଅମଙ୍ଗଳ ···ମୋ ପାଇଁ ସେ କାହିଁକି ଜଗତ ଚକ୍ଷୁରେ ଘୃଣ୍ୟ ହେବେ ? ଏଇ ଆଶ୍ରମରେ ମୋର ଜୀବନ ଦୀପ ଲିଭି ଯାଉ । ଏ ଆଶ୍ରମର ଆଶ୍ରିତଙ୍କ ସେବାରେ ମୋ ଜୀବନ ବିତିଯାଉ ।

ତୁଳସୀ ମନକୁ କେତେ କ'ଣ ବୁଝାଇ ଆଖିରୁ ଲୁହ ପୋଛିଲା । ଟିକିଏ ନ ଶୋଇଲେ ରାତିକୁ ନିଦ ଆସିବ । ରାତିରେ ପୁଣି ରୋଗୀସେବା ପାଳି । ତୁଳସୀ ଶୋଇବାକୁ ଚେଷ୍ଟାକଲା ।

× × × ×

ଆଜି ଶ୍ରୀକାନ୍ତର ଗୋଟିଏ ପେପର ଥିଲା । ଗୋଟାଏ ବାଜିବା ପୂର୍ବରୁ ପେପରଟି ଦେଇସାରି ମନ ଖୁସିରେ ଶ୍ରୀକାନ୍ତ ଫେରିଲା ହଷ୍ଟେଲକୁ । ଆଉ ପରୀକ୍ଷା ନାହିଁ । ସେ ଯେପରି ଲେଖିଛି—ଦ୍ୱିତୀୟ ଶ୍ରେଣୀଟା ସୁନିଶ୍ଚିତ । ପ୍ରଥମ ଶ୍ରେଣୀରେ ହୁଏତ ପାଶ୍‌କରି ନ ପାରେ, ଦ୍ୱିତୀୟ ଶ୍ରେଣୀଟି ନିଶ୍ଚିତ । ନାନା'

ବାଧାବିଘ୍ନ ସତ୍ତ୍ୱେ ସେ ଯେ କୃତକାର୍ଯ୍ୟ ହୋଇପାରିଛି, ଏଥିପାଇଁ ମିନିଟିକେ ପାଇଁ ଆଖିବୁଜି ନିଜକୁ ଲୋଟାଇ ଦେଲା ତକ୍ତପୋଷ୍ ଉପରେ ।

ବାବୁ, ତୁମର ରେଜିଷ୍ଟ୍ରୀ ଚିଠି ଆଉ ମନିଅର୍ଡ଼ର । ପୋଷ୍ଟମ୍ୟାନ୍‌ଟି କୋଠରୀ ଦୁଆରେ ଠିଆ ହୋଇ ଡାକିଲା । ଶ୍ରୀକାନ୍ତ ଆଖି ଖୋଲି ଚାହିଁଲା—ପୋଷ୍ଟମ୍ୟାନ । ଶହେଟଙ୍କା ବୋଉ ପଠାଇଛନ୍ତି । ଶ୍ରୀକାନ୍ତ ଆନନ୍ଦିତ ହେଲା । ବୋଉ ତାକୁ ଭଲପା'ନ୍ତି । ନାହିଁ ବୋଲି ସେ ଭୁଲ ବୁଝିଥିଲା । ସେଥିପାଇଁ ଅନୁତାପ କଲା । ପୁଣି ଚିଠିଖଣ୍ଡିକ ଆଣି ଖୋଲିଲା । ଉଜ୍ଜ୍ୱଳ ହୋଇଉଠିଲା ତାର ଚକ୍ଷୁଦୁଇଟା । ବାଲେଶ୍ୱରରେ ଡେପୁଟି ଚାକିରୀ । ପଅରି ଦିନ ତାକୁ ଜଏନ୍ କରିବାକୁ ପଡ଼ିବ । ମଝିରେ ଜମାରୁ ଗୋଟିଏ ଦିନ ।

ପୁଣି ଥରେ ପଢ଼ିଲା—ଚିଠିଟିକୁ । ପ୍ରତିଧାଡ଼ିରେ, ପ୍ରତି ଶବ୍ଦରେ···ପ୍ରତିଅକ୍ଷର ମଧ୍ୟରେ ସେ ଦେଖିଲା, ତୁଳସୀକୁ । କାନରେ ବାଜିଲା—ମହା ମାନବର ଉପଦେଶ, "ଜଗତର ମଙ୍ଗଳପାଇଁ ତୁମେ ତୁଳସୀକୁ ବିବାହ କର" । ତେବେ ଉପାୟ କ'ଣ ? ଏକଦିଗରେ ବଡ଼ ଜେନାଙ୍କର ବଂଶର ମର୍ଯ୍ୟାଦା; ସମାଜର କଠୋର ନିୟମ ଆଉ ବାପାଙ୍କର ଅନ୍ତିମ ଉଦ୍ଦେଶ୍ୟ । ଅନ୍ୟଦିଗରେ ଗରିବ ଅଛବର କନ୍ୟା ତୁଳସୀ ଆଉ ମହାମାନବର ଆଦେଶ, "ଜଗତର ମଙ୍ଗଳ ପାଇଁ ତୁମେ ତୁଳସୀକୁ ବିବାହ କର ।" କିଏ ଶ୍ରେଷ୍ଠ ?

କେତେ ପ୍ରଶ୍ନ ଉଙ୍କି ମାରିଲା ଶ୍ରୀକାନ୍ତ ମନ ମଧ୍ୟରେ । ସବୁର ମିମାଂଶା କଲା ଶ୍ରୀକାନ୍ତ । ସମାଜ ସଂସ୍କାରହିଁ ଜଗତର

ପରମ ସୁକଲ୍ୟାଣ । ଏଥିପାଇଁ ମହାମନୀଷୀମାନେ ଅଶେଷ ତ୍ୟାଗ କରିଛନ୍ତି । ମୁ ବା ନ ପାରିବ କାହିଁକି ? ଏ ତ କିଛି ଅସଙ୍ଗତ ନୁହେଁ । ତୁଳସୀ ଉପଯୁକ୍ତା—ଅନ୍ତର ତାର ନିର୍ମଳ ! ଏଇ ପୃଥିବୀର ପବିତ୍ର ରକ୍ତ ମାଂସର ମଣିଷ ସେ । ତା ରକ୍ତର ରଙ୍ଗ ବେରଙ୍ଗ ନୁହେଁ । ବେରଙ୍ଗ ହସେ ଦେଖିଲା ଲୋକର ମ୍ଳାନ ଆଖିକୁ କେବଳ । ମଣିଷ ମଣିଷକୁ କେବଳ ମଣିଷର ସମ୍ମାନ ସେ ଦେଇ ଶିଖିଛି । ଏ ସୃଷ୍ଟି ଟା ତା ପାଇଁ ସୁନ୍ଦର । ସ୍ରଷ୍ଟାଙ୍କର ଉଦ୍ଦେଶ୍ୟ ଅତି ମହତ୍ ।

—*—

( ୧୬ )

ଏକ କମମାୟ ସନ୍ଧ୍ୟାର ନମମାୟ ଶୁଭ ଲଗ୍ନରେ, ଶ୍ରୀକାନ୍ତର ସାଇକଲ୍ କେତେ ଗଳି କନ୍ଦି ବସ୍ତି କଟାଇ ପହଞ୍ଚିଲା ଆଶ୍ରମର ଫାଟକ ପାଖରେ । ଫାଟକଟି ବନ୍ଦ ଥାଏ । ସାଇକେଲ୍‌ରୁ ଓହ୍ଲାଇ ପଡ଼ି ଶ୍ରୀକାନ୍ତ ଚାହିଁଲା ଫାଟକ ଫାଙ୍କରେ—ଆଶ୍ରମ ଭିତରକୁ । ଚଉଁରାମୂଳେ ତୁଳସୀ ସଞ୍ଜଦୀପ ଜାଳି ଲୋଟିପଡ଼ିଛି ବୃନ୍ଦାବତୀଙ୍କ ଚରଣ ତଳେ । ସଞ୍ଜୁଆ ପବନରେ ଚଉଁରା ଉପରେ ତୁଳସୀ ଗଛଟି ଦୋହଲୁଛି । ଦୋଳି ଖେଳିଲା ପରି ତୁଳସୀ ଆଖିରୁ ଝରିପଡୁଛି ମିନତି ଭରା ଅଶ୍ରୁବିନ୍ଦୁ । ସବୁ ବାରି ହେଉଛି— କ୍ଷୁଦ୍ର ଦୀପାଲୋକରେ । ଶ୍ରୀକାନ୍ତର ଅନ୍ତର ତଳ ଦୁମୁରି ଉଠିଲା— କାହାପାଇଁ ଏ କୋଠର ସାଧନା ? ଏ ଅଶ୍ରୁତର୍ପଣ ?

ତୁଳସୀ ଆଖିରୁ ଲୁହପୋଛି କୂଅ ଉପରକୁ ଉଠିଲା ପାଣି ଟାଣିବାକୁ । ବାଲ୍‌ଟିରେ ପାଣି ଟାଣି ମାଠିଆରେ ଢାଳୁଛି—ପଶି ଆସିଲା ଶ୍ରୀକାନ୍ତ ଗେଟ୍‌ଟି ଖୋଲିଦେଇ । ଡାକିଲା—ତୁଳସୀ !

ଚମକି ଚାହିଁ ଦେଲା ତୁଳସୀ । ଦରିଦ୍ରକୁ କୋଟିନିଧି ମିଳିଲା ପରି ତା'ର ମୁହଁଟା ଫୁଲି ଉଠିଲା । ଚାହିଁଛି ସେ— ଶ୍ରୀକାନ୍ତକୁ । ପାଣିଗୁଣ୍ଡା କଳସିରେ ନ ପଡ଼ି ତଳେ ଢାଳି ହୋଇ-ଯାଉଛି । ଶ୍ରୀକାନ୍ତ ଡାକିଲା—ପାଣି ତଳେ ଢାଳୁଛ ? ନା' ମାଟିଆରେ ? ନରମି ଗଲା ତୁଳସୀର ମୁହଁ । ସଚେତ ବାଲ୍‌ଟି ଯାକ ପାଣି ତଳେ ଢାଳି ସାରିଲାଣି । ଲଜ୍ଜିତା ହେଲା ସେ ।

ତୁଳସୀ କୂଅ ଉପରେ ଠିଆ ହୋଇଥାଏ— ଶ୍ରୀକାନ୍ତ ସାଇକେଲ୍‌ରେ ଚଢ଼ି ଦେଇ ମେନେଜର ବାବୁଙ୍କ କୋଠରୀ ଆଡ଼କୁ ଗଲା ।

ସେଇଠି ଠିଆ ହୋଇ ତୁଳସୀ ଚାହିଁଥାଏ— ଶ୍ରୀକାନ୍ତର ସାଇକେଲ୍‌କୁ—ନିର୍ନିମେଷ ଦୃଷ୍ଟିରେ । ନୂଆ ସାଇକେଲଟା, ପୋଛା ପୋଛି ନାହିଁ । ରଜନୀ ପଛରୁ ଚୁପ୍ ଚୁପ୍ ଆସି ତା'ର ଆଖି ଧରି ପକାଇଲା । ଚମକି ପଡ଼ିଲା ସେ ।

—କିଏ ?

—ତୋ ନଟନାଗର···ଶ୍ରୀକାନ୍ତ । ହାତ ଛାଡ଼ିଦେଲା ରଜନୀ ।

—ରଜନୀ ଅପା, ତୁ ଭାରି ଦୁଷ୍ଟ ।

—ସତ କଥାଟି କହିଲେ—ଦୁଷ୍ଟ ହେବ ନାହିଁ ତ ଶିଷ୍ଟ ହେବ ?

—ଅପା, ତୋ ଗୋଡ଼ ଧରୁଛି, ତୁ ଆଉ ପାଟି କରନା । ଗୋଟିଏ କଥା ମୋର ରଖିବୁ ?

—କ'ଣ କହ ।

—ମୋର ଆଜ ଗୋଷେଇ ପାଳି । ବାବୁ ଆସିଛନ୍ତି—ମୁଁ ତାଙ୍କର କିଛି ବ୍ୟବସ୍ଥା କରି ନାହିଁ । ଗୋଷେଇ କରିବାକୁ ଗଲେ ସେ ଚାଲିଯିବେ । ଏତେ ଦିନରେ ଆସିଛନ୍ତି । କ'ଣ ଭାବିବେ କହିଲୁ ? ସେ ତ ଭାରି ଲାଜକୁଳା । ତୁମେମାନେ ଥିଲେ —ମୋତେ କିଛି ସେ ଭଲମନ୍ଦ ପଚାରିବେ ନାହିଁ । ସହଜ ଇଂରାଜି ଶିକ୍ଷା ବହିଟି ସାରିଲଣି । ଆଜି ଖଣ୍ଡେ ଭଲ ବହି ପାଇଁ କହିବି—ଆଣି ଦେବେ ।

—ହଉ, ବେଶି କହନା । ତୁ ଯା' ବାବୁଙ୍କ ଖବର ନେ' । ମୋ ପାଇଁ କହିବୁ ବାବୁଙ୍କୁ—ଖଣ୍ଡେ ଲକ୍ଷ୍ମୀ ପୁରାଣ ଆଣି ଦେବେ । ମୁଁ ଲୁଗା ଧୋଇ ଯାଉଛି । ତୋ ପାଇଁ ଗୋଷେଇ କରିବି । ପାଣି ଦି' ବାଲ୍‌ଟି ଗୋଷେଇ ଘରେ ଥୋଇଦେଇ ଶୀଘ୍ର ଚାଲିଆ' ।

ଗୋଷେଇ ଘରେ ପାଣି ଥୋଇ ଦେଇ ତୁଳସୀ ଆସିଲା ନିଜ ରୁମ୍‌କୁ । ବସି ଶୁଣିଲା ଶ୍ରୀକାନ୍ତ ଓ ମେନେଜର ବାବୁଙ୍କ କଥୋପ-କଥନ । ମେନେଜର ବାବୁ କହୁଛନ୍ତି—ଶ୍ରୀକାନ୍ତ, ତୁମେ ତ ବଡ଼ ହାକିମ ହେଲ । ବାଲେଶ୍ୱରକୁ ଚାଲି ଯିବ । ତୁଳସୀର ଦାୟିତ୍ୱ ମୁଁ ନେଇପାରିବି ନାହିଁ । ତାକୁ ଏଠାରୁ ନେଇ ତୁମେ ଅନ୍ୟ କୌଣସି ସ୍ଥାନରେ ଛାଡ଼ିଦେଇ ଯାଅ । ଭାବିବ ନି—ମଉସା ତୁମର ଖରାପ କହୁଛି । ତୁଳସୀର ଅନାସ୍ଥାଭାବ ମୁଁ ବହୁଦିନରୁ ଲକ୍ଷ୍ୟ କଲିଣି । ଦୁଃଖ କଷ୍ଟ ସହି ସେ ଏ ଆଶ୍ରମରେ ରହି ପାରିବନି । ସଦାବେଳେ ବସି କ'ଣ ଚିନ୍ତା କରୁଛି । କାନ୍ଦୁଛି । ଜୀବନକୁ ତାର ଲୋଡ଼ୁନାହିଁ । କେତେବେଳେ ଯେ କ'ଣ ଘଟାଇବ ତାହା ଭାବିବାର କଥା । ଚୋରି ନା' କହି ତାକୁ ଡରାଇ ଭୁଲାଇ ମୁଁ ରଖିଛି । ତୁମେ ତାର କିଛି ବ୍ୟବସ୍ଥା କରିଯାଅ । ହଁ, ତୁମେ ତାର ।......

—ମୁଁ ଆଜି କ'ଣ ବ୍ୟବସ୍ଥା କରିବି ମଉସା ? ଆପଣ ଗୋଟାଏ କାମ କରି ଦିଅନ୍ତୁ ।

—କଣ କରିବ ବୁଦ୍ଧ ।

—ତୁଳସୀର ବିବାହ—

ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ମେନେଜରବାବୁ, ଶ୍ରୀକାନ୍ତର ମୁହଁକୁ । ପାଟିରୁ ତାଙ୍କର କିଛିକ୍ଷଣ ପାଇଁ ବାକ୍ୟ ସ୍ଫୁରଣ ହେଲା ନାହିଁ । ସେ ଖାଲି ଅପଲକ ଦୃଷ୍ଟିରେ ଚାହିଁ ରହିଲେ ମାଉଁଙ୍କ ପରି ।

ସେ ପାଖ କୋଠରୀରେ ତୁଳସୀ ବସି ଶୁଣୁଥିଲା ସବୁ । ମୁଣ୍ଡରେ ତାର ମହାମେରୁ ଭୁଷୁଡ଼ି ପଡ଼ିଲା । ସରଳପ୍ରାଣରେ ତାର ଆଘାତ ଲାଗିଲା । ବାବୁଙ୍କର ସବୁ ଅଭିନୟ କ'ଣ କୃତ୍ରିମ ? ମାୟାବୀ ମୋତେ ମାୟା କରି ଆସୁଥିଲେ ? ମୁଁ କ'ଣ କରିବ ଏକ୍ଷଣି ? ମା' ମୋତେ ସଙ୍ଗରେ ନ ନେଇ କାହିଁକି ଦୁଃଖ ଭୋଗାଉଛୁ ?

ତୁଳସୀ ତାର ମସ୍ତିଷ୍କରେ ଶତ ବୃଶ୍ଚିକର ଦଂଶନ ଅନୁଭବ କଲା । ଅସହ୍ୟ ହେଲା ତାକୁ ଦୁନିଆଁର ଚହାନ୍ତ । 'ଡୁ' କରି ବାଡେଇ ଦେଲା ସେ ମୁଣ୍ଡକୁ ଖଟିଆ ବାଡରେ । ସଂଜ୍ଞାହୀନା ହୋଇ ପଡ଼ିଗଲା—ଚଟାଣ ଉପରେ ।

ମୁହଁ ଖୋଲିଲା ପୁଣି ମେନେଜର ବାବୁଙ୍କର । ତୁମେ କ'ଣ ଜାଣୁନା ଶ୍ରୀକାନ୍ତ—ଆଶ୍ରମରେ ପ୍ରତିପାଳିତା କନ୍ୟାମାନଙ୍କୁ ବିବାହ କରିବାକୁ କେହି ସମ୍ମତ ନୁହନ୍ତି । ଲୋକଦୃଷ୍ଟିରେ ଏମାନେ ଆଭିଜାତ୍ୟ ହୀନା । ପଚିଶଟି ଝିଅର ଯୌବନ ଫୁଲ ମଉଳି ଗଲାଣି—ଲୋକଙ୍କ ଉପହାସର ନିଷ୍ଠୁର କଷାଘାତରେ । ସେଇମାନଙ୍କ ଦୁଃଖରେ କାନ୍ଦି କାନ୍ଦି ଏ ବୃଦ୍ଧ ଆଖିରୁ ଲୁହ ଶୁଖିଗଲା—କିଛି ବ୍ୟବସ୍ଥା କରି ହେଲାନି - ପୁଣି ତୁଳସୀ ପରି ଝିଅକୁ କାହା ହାତରେ ଟେକିବ

ମୋତେ କୁହ । ମରିଗଲେ ବରଂ ନଈ ମଝି—କାଶତଣ୍ଡି କୁଦରେ ଶୋଇଦେଇ ଆସିବି । କେତେ ଅନାଥିମାର ହାଡ଼ ମାଂସ ଧରି ସେ ବାଲିତଳେ ଉଜ ହୋଇଛି । କେତେ ଅବିନାଶୀ ଆତ୍ମା ଘୂର୍ଣ୍ଣିବାୟୁ ରୂପରେ ତାହାର ଚତୁର୍ଦ୍ଦିଗରେ ଘୂରି ବୁଲୁଛନ୍ତି । କାଳର କରାଳ ଗର୍ଭରେ ଦିନେ ପୁଣି ତୁଳସୀକୁ ସେ କୋଳରେ ଧରିବ । ଏଥିପାଇଁ ଚିନ୍ତା କ'ଣ ? କିନ୍ତୁ ଉପଯୁକ୍ତ ପାତ୍ର ନ ପାଇଲେ ମୋର ସୁନା କୁଣ୍ଢେଇକୁ ମୁଁ ଯାହା ତା' ହାତରେ ଦେବି ନି । ତୁମେ ଯଦି ତାର କିଛି ବ୍ୟବସ୍ଥା ନ କରି ପାରିବ—ତେବେ ଚାଲିଯାଅ ନିଜବାଟରେ । ବିଭାଘର କଥା ମୋତେ କୁହ ନାହିଁ ।

ଆପଣ ମୋର ଗୋଟିଏ ଅନୁରୋଧ ରକ୍ଷା କରିପାରିବେ ମଉସା ?

—କୁହ କ'ଣ ଆଉ କହିବ ।

—ତୁଳସୀର ମଙ୍ଗଳ ଛଡ଼ା କୌଣସି ଦିନ ତାର ଅମଙ୍ଗଳ ମୁଁ କାମନା କରିନି । ଆପଣ ଯଦି ମୋତେ ବିଶ୍ୱାସ କରନ୍ତି, ତୁଳସୀକୁ ମୋର ହାତରେ ଅର୍ପଣ କରି··· ।

—ଶ୍ରୀକାନ୍ତ ! କ'ଣ କହୁଛ ତୁମେ !

—ହଁ ମଉସା, ମୋତେ ବିଶ୍ୱାସ କରନ୍ତୁ—।

—ଅବିଶ୍ୱାସ ବି ମୁଁ କରୁନାହିଁ ଶ୍ରୀକାନ୍ତ । ତଥାପି ଆଉ ଥରେ ଭାବିବାକୁ ଚେଷ୍ଟା କର । ମଧୁପୁରର ଖ୍ୟାତନାମା ସରପଞ୍ଚ ନରହରି ବାବୁ ବଡ଼ ଜେନାଙ୍କ ଜ୍ୟେଷ୍ଠ ପୁତ୍ର ତୁମେ । ଏ କାର୍ଯ୍ୟରେ ବାପା ତୁମର ସମ୍ମତ ହେବେ ନାହିଁ । ସମାଜ ତୁମକୁ ଘୃଣା କରିବ । ଜୀବନର ମୀମାଂସା ଏତେ ଶସ୍ତା ନୁହେଁ । ବହୁତ ଚିନ୍ତା କରିଛି ମଉସା । ଚୁହଁନ୍ତୁ କାନ୍ଥ ଉପରର ବାପୁଜୀଙ୍କ ମାର୍ଜିତ ଫଟୋକୁ ।

ହସି ହସି ସେ କପର ଆଦେଶ ଦେଉଛନ୍ତି । ସେ ମହାମାନବ ହରିଜନ ବନ୍ଧୁ—ବାପୁଜୀଙ୍କର ଆଦେଶକୁ କପରି ମୁଁ ଅମାନ୍ୟ କରିବ ? ଜଗତର ମଙ୍ଗଳ ଓ ସମାଜର କୁ ସଂସ୍କାରକୁ ଦୂରକରିବା ପାଇଁ ମୁଁ ନିଜକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ । ବାପା ସମ୍ମତ ନ ହୋଇପାରନ୍ତି । କିନ୍ତୁ ବୁଆବୋଉଙ୍କୁ ମୁଁ ଆଜ ଚିଠିଲେଖି ଜଣାଇବି । ସେ ମୋତେ ଭାରି ଭଲପା'ନ୍ତି ।

ଉଠି ବସିଲେ ମେନେଜର ଗୋପାଳକୃଷ୍ଣବାବୁ । କହିଲେ—ତେବେ ମୋର କିଛି ଆପତ୍ତି ନାହିଁ । ତୁମେ ଯେପରି ତୁଳସୀକୁ ଅବହେଳା ନ କର ।

—ସେ ଚିନ୍ତା ମନରୁ ପୋଛି ଦିଅନ୍ତୁ ମଉସା । ଆଉ ବେଳ-ନାହିଁ । ଦୁଇଦିନ ମଧ୍ୟରେ ଏଠାରୁ ମୁଁ ବାଲେଶ୍ୱରକୁ ଚାଲିଯିବି । ଅତି ଶୀଘ୍ର କାମରେ ଯୋଗ ଦେବାକୁ ହେବ ।

—ବେଶ୍, ମୁଁ ବି ତାହା ଚାହୁଁଛି । ଯେତେ ଶୀଘ୍ର ମୋ ମୁଣ୍ଡରୁ ବୋଝ ଖଲାସ ହେବ ସେତେ ମୁଁ ନିଶ୍ଚିନ୍ତ ହେବି । କାଲି-ବାରଟାବେଳକୁ ସବୁ କାମ ସରି ଯାଇଥିବ । ତୁମେ ସନ୍ଧ୍ୟାଗାଡ଼ିରେ ବାଲେଶ୍ୱର ଯାଅ—ଆପତ୍ତି ନାହିଁ ।

—ହଁ, ମୋତେ ଆଉ କିଛି ବ୍ୟବସ୍ଥା କରିବାକୁ ହେବ ମଉସା ?

—ନା, କିଛି ଦରକାର ନାହିଁ । ସବୁ ମୋର ଅଛି । ତୁମର ଧୋତି ହଲେ ଆଉ ଝିଅ ପାଇଁ ଶାଢ଼ୀ ଖଣ୍ଡିଏ, ଶଙ୍ଖାମୁଠେ ମୁଁ ଦେଇପାରିବି ନାହିଁ ? ତୁମେ ଆଜ ଏଇଠି ରହିଯାଅ । କାଲି ପ୍ରଭାତର ସିନ୍ଦୂରି ଫାଟି ନ ଥିବ, ମୁଁ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ କରି ଦେବି ।

ତୁଳସୀ ଶ୍ରୀକାନ୍ତର ଶେଷ ନିଷ୍ପତ୍ତି ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ସତରେ ସେ ଯାହାସବୁ ଶୁଣିଗଲା—ସେ ଗୁଡ଼ାକ ତା ବିକାର ମନର ବାତୁଳତା ନୁହେଁ ତ ? ସେ ସ୍ୱପ୍ନ ଦେଖୁ ନାହିଁ ତ ! ତା ଭାଗ୍ୟରେ ପୁଣି ଏତେ ବଡ଼ ସୌଭାଗ୍ୟ ଆତ୍ମଗୋପନ କରି ରହିଛି । ସତରେ ସେ ହେବ ଶ୍ରୀକାନ୍ତର ସ୍ତ୍ରୀ···ଧର୍ମପତ୍ନୀ···ଅର୍ଦ୍ଧାଙ୍ଗିନୀ । କ୍ଷଣିକ ପାଇଁ ତୁଳସୀ ନିଜର ମନକୁ ବିଶ୍ୱାସ କରିପାରିଲା ନାହିଁ ।

କାନ୍ଥ ଘଣ୍ଟାରେ ବାଜିଲା ଦଶ'ଟା । ମେନେଜର ବାବୁ ବାହାରକୁ ଆସି ଦେଖିଲେ—ପିଲାମାନେ ସବୁ ଖାଇପିଇ ଯେ' ଯାହା ରୁମ୍‌ରେ ଶୋଇଲେଣି । ଭାବିଲେ, ତୁଳସୀକୁ ଉଠାଇ ଏ ସମ୍ବନ୍ଧରେ ପଚାରିବାର ଦରକାର କ'ଣ ? ସେ ତ କିଛି ଆପତ୍ତି କରିବ ନାହିଁ ବରଂ ଖୁସି ହେବ ।

ମେନେଜର ଗୋପାଳକୃଷ୍ଣ ବାବୁ ଡାକିନେଲେ ଶ୍ରୀକାନ୍ତକୁ ନିଜ ରହିବା ଘରକୁ । ଶ୍ରୀକାନ୍ତକୁ ଦେଖି ତାଙ୍କର ସ୍ତ୍ରୀ ସୁମିତ୍ରା ଦେବୀ ଅତ୍ୟନ୍ତ ଆନନ୍ଦିତା ହେଲେ । ମନେପଡ଼ିଲା—ତାଙ୍କ ପୁଅ ରମେଶର କଥା । ଦୁଇବନ୍ଧୁ ଏକମାଆ ପେଟ ଭାଇ ପରି । ହୃଦୟ ତାଙ୍କର ଫାଟି ପଡ଼ିଲା । ସେ ବାହୁନି କରି କାନ୍ଦିଲେ । ମେନେଜର ବାବୁ ତାଙ୍କୁ ସାନ୍ତ୍ୱନା ଦେଲେ ।

ଶ୍ରୀକାନ୍ତକୁ ଖୋଇ ପେଇ ଶୋଇ ପକାଇ ଦୁଇ ପ୍ରାଣୀ ବିଭାଘର ଆୟୋଜନରେ ଲାଗି ପଡ଼ିଲେ । ସତେ ଯେପରି ତାଙ୍କର ପୁଅ ବାହାହେବ ।

—*—

ହସି ହସି ସେ ଉପରେ ଆଦେଶ ଦେଉଛନ୍ତି । ସେ ମହାମାନଙ୍କ ହରିଜନ ବନ୍ଧୁ—ବାପୁଜୀଙ୍କର ଆଦେଶକୁ କିପରି ମୁଁ ଅମାନ୍ୟ କରିବି ? ଜଗତର ମଙ୍ଗଳ ଓ ସମାଜର କୁ ସଂସ୍କାରକୁ ଦୂରକରିବା ପାଇଁ ମୁଁ ନିଜକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ । ବାପା ସମ୍ମତ ନ ହୋଇପାରନ୍ତି । କିନ୍ତୁ ଝୁଆବୋଉଙ୍କୁ ମୁଁ ଆଜ ଚିଠିଲେଖି ଜଣାଇବି । ସେ ମୋତେ ଭାରି ଭଲପା'ନ୍ତି ।

ଉଠି ବସିଲେ ମେନେଜର ଗୋପାଳକୃଷ୍ଣବାବୁ । କହିଲେ—ତେବେ ମୋର କିଛି ଆପତ୍ତି ନାହିଁ । ତୁମେ ଯେପରି ତୁଳସୀକୁ ହୃନସ୍ତା ନ କର ।

—ସେ ଚିନ୍ତା ମନରୁ ପୋଛି ଦିଅନ୍ତୁ ମଉସା । ଆଉ ବେଳ-ନାହିଁ । ଦୁଇଦିନ ମଧ୍ୟରେ ଏଠାରୁ ମୁଁ ବାଲେଶ୍ୱରକୁ ଚାଲିଯିବି । ଅତି ଶୀଘ୍ର କାମରେ ଯୋଗ ଦେବାକୁ ହେବ ।

—ବେଶ୍, ମୁଁ ବି ତାହା ଚାହୁଁଛି । ଯେତେ ଶୀଘ୍ର ମୋ ମୁଣ୍ଡରୁ ବୋଝ ଖଲାସ ହେବ ସେତେ ମୁଁ ନିଶ୍ଚିନ୍ତ ହେବି । କାଲି-ବାରଟାବେଳକୁ ସବୁ କାମ ସରି ଯାଇଥିବ । ତୁମେ ସନ୍ଧ୍ୟାଗାଡ଼ିରେ ବାଲେଶ୍ୱର ଯାଅ—ଆପତ୍ତି ନାହିଁ ।

—ହଁ, ମୋତେ ଆଉ କିଛି ବ୍ୟବସ୍ଥା କରିବାକୁ ହେବ ମଉସା ?

—ନା, କିଛି ଦରକାର ନାହିଁ । ସବୁ ମୋର ଅଛି । ତୁମର ଧୋତି ହଲେ ଆଉ ଝିଅ ପାଇଁ ଶାଢ଼ୀ ଦି'ଟା, ଏତିକି ମୁଁ ଦେଇପାରିବି ନାହିଁ ? ତୁମେ ଆଜ ଏଇଠି ରହିଯାଅ । କାଲି ପ୍ରଭାତର ସିନ୍ଦୁର ଫାଟି ନ ଥିବ, ମୁଁ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ କରି ଦେବି ।

ତୁଳସୀ ଶ୍ରୀକାନ୍ତର ଶେଷ ଶାସ୍ତ୍ରୀ ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ସତରେ ସେ ଯାହାସବୁ ଶୁଣିଗଲା—ସେ ଗୁଡ଼ାକ ତା ବିକାର ମନର ବାତୁଳତା ନୁହେଁ ତ ? ସେ ସ୍ୱପ୍ନ ଦେଖୁ ନାହିଁ ତ ! ତା ଭାଗ୍ୟରେ ପୁଣି ଏତେ ବଡ଼ ସୌଭାଗ୍ୟ ଆତ୍ମଗୋପନ କରି ରହିଛି । ସତରେ ସେ ହେବ ଶ୍ରୀକାନ୍ତର ସ୍ତ୍ରୀ...ଧର୍ମପତ୍ନୀ...ଅର୍ଦ୍ଧାଙ୍ଗିନୀ । କ୍ଷଣିକ ପାଇଁ ତୁଳସୀ ନିଜର ମନକୁ ବିଶ୍ୱାସ କରିପାରିଲା ନାହିଁ ।

କାନ୍ଥ ଘଣ୍ଟାରେ ବାଜିଲା ଦଶଟା । ମେନେଜର ବାବୁ ବାହାରକୁ ଆସି ଦେଖିଲେ—ପିଲାମାନେ ସବୁ ଖାଇପିଇ ଯେ' ଯାହା ରୁମ୍‌ରେ ଶୋଇଲେଣି । ଭାବିଲେ, ତୁଳସୀକୁ ଉଠାଇ ଏ ସମ୍ବନ୍ଧରେ ପଚାରିବାର ଦରକାର କ'ଣ ? ସେ ତ କିଛି ଆପତ୍ତି କରିବ ନାହିଁ ବରଂ ଖୁସି ହେବ ।

ମେନେଜର ଗୋପାଳକୃଷ୍ଣ ବାବୁ ଡାକିନେଲେ ଶ୍ରୀକାନ୍ତକୁ ନିଜ ରହିବା ଘରକୁ । ଶ୍ରୀକାନ୍ତକୁ ଦେଖି ତାଙ୍କର ସ୍ତ୍ରୀ ସୁମିତ୍ରା ଦେବୀ ଅତ୍ୟନ୍ତ ଆନନ୍ଦିତା ହେଲେ । ମନେପଡ଼ିଲା—ତାଙ୍କ ପୁଅ ରମେଶର କଥା । ଦୁଇବନ୍ଧୁ ଏକମାଆ ପେଟ ଭାଇ ପରି । ହୃଦୟ ତାଙ୍କର ଫାଟି ପଡ଼ିଲା । ସେ ବାହୁନି କରି କାନ୍ଦିଲେ । ମେନେଜର ବାବୁ ତାଙ୍କୁ ସାନ୍ତ୍ୱନା ଦେଲେ ।

ଶ୍ରୀକାନ୍ତକୁ ଖୋଇ ପେଇ ଶୋଇ ପକାଇ ଦୁଇ ପ୍ରାଣୀ ବିଭାଘର ଆୟୋଜନରେ ଲାଗି ପଡ଼ିଲେ । ସତେ ଯେପରି ତାଙ୍କର ପୁଅ ବାହାହେବ ।

—*—

ରାତି ପାହିଲେ ତାହା ଘରର ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ । ଏଇ ଶୁଭ ବିବାହରେ ବାହାରର ଆଡ଼ମ୍ବର ନ ଥିଲେ ମଧ୍ୟ-ଦୁଇଟି ପବିତ୍ର ଆତ୍ମାର ଅହେତୁକ ପ୍ରୀତିର ନିରାଡ଼ମ୍ବର ବାତାବରଣ ଭିତରେ—ଦୁଇଟି ଶୁଦ୍ଧ-ପୂତ ଜୀବନର ଐକ୍ୟ ପ୍ରତିଷ୍ଠିତ ହେବ । ସମାଜ ସେମାନଙ୍କୁ ହୁଏତ ସ୍ୱୀକାର କରିବ ନାହିଁ । ପୁରାଣ—ଶାସ୍ତ୍ରର ବୃଥା ଅହଙ୍କାର ହୁଏତ ଆତ୍ମ ସମ୍ମାନରେ କ୍ଷୁର୍ଣ୍ଣ ହେବ । ତଥାପି ଏ ସୁନ୍ଦର ସୃଷ୍ଟିରେ ସେମାନେ ଐକ୍ୟର ବିଜୟ ଡିଣ୍ଡିମ ବଜାଇବେ । ସଂସାରର ସାର ସେମାନଙ୍କ ପାଇଁ ଅସାର ହେବ ନାହିଁ । ସେମାନେ ମଧ୍ୟ ସ୍ୱାମୀ—ସ୍ତ୍ରୀ । ସଂସାର କରିବେ । ସୃଷ୍ଟି କରିବେ । ବ୍ୟତିକ୍ରମ ନ ଥିବ । ମନଗଢ଼ା ସମାଜର ହିଂସା କେବଳ ଅଗ୍ନି ବୃଷ୍ଟି କରିବ । ତଥାପି—ସେମାନେ ଦମ୍ପତି ।

ଶ୍ରୀକାନ୍ତର ତାରୁଣ୍ୟ ମନରେ ଅସୁମାରି କଳ୍ପନାର ଉତ୍ସବ । ତରୁଣ ଜୀବନର ଏକମାତ୍ର ଶୁଭ ପର୍ବରେ ସେ ଉନ୍ମାଦ କଳ୍ପ ପଥ ଭ୍ରଷ୍ଟା ନୁହେଁ ।

ସୁ—ସ୍ୱପ୍ନରେ ଶ୍ରୀକାନ୍ତର ତରୁଣମନ ଜାଗରି ଘାୟାଲ କଲା । ତୁଳସୀ ! ଯୁବତୀ । ତାର କମନା ଆଉ ଉନ୍ମାଦନା ଅତି ଅବାଞ୍ଛିତା ନ ହେଲେ ମଧ୍ୟ—ଅସ୍ୱାଭାବିକ ନୁହେଁ ।

ରାତି ପାହିଲା ।

ଶୁଭ କାଉ ଆସନ୍ନ ଦିନର ଶୁଭବାର୍ତ୍ତା ଦେଇଗଲା । ଶ୍ରୀକାନ୍ତ ଆଉ ତୁଳସୀର ବିବାହ ! ସମାଜର ସମ୍ମତି ନାହିଁ । ମନରେ ଐକ୍ୟ ବହୁ ଆଗରୁ ସୁପ୍ରତିଷ୍ଠିତ । ଏଇ ଅସବର୍ଣ୍ଣ ବିବାହ

ଦେଶପାଇଁ, ଜାତି ପାଇଁ, ସମାଜ ପାଇଁ ଗୋଟିଏ ଅଦ୍ଭୁତ ଆଦର୍ଶ । ଏଥିରେ ପାପ ନାହିଁ । ମଣିଷ—ମଣିଷର ସୁ-ସମ୍ପର୍କର ପ୍ରତିଷ୍ଠା କେବଳ !

ତୁଳସୀର ବହୁ ଆକାଂକ୍ଷୀତ ବାସନା ପୂର୍ଣ୍ଣ ହେଲା । ଶ୍ରୀକାନ୍ତର ଉଦ୍ଦେଶ୍ୟ ସାର୍ଥକ ହେଲା । ବିବାହ ସରିଲା ।

ଶୁଭ ଶଙ୍ଖ ବାଜୁଥିଲା—ଉଂ—ଉଂ—ଉଂ

—*—

—୧୮—

**ମେ**ନେଜର ବାବୁ ଓ ଶ୍ରୀକାନ୍ତ ବାବୁ ଦୁହେଁ ବଜାରକୁ ଯାଇଛନ୍ତି ଦରକାରୀ ଜିନିଷ ପତ୍ର କିଣା କିଣି କରିବାକୁ । ଆଶ୍ରମର ପିଲାମାନେ ଆନନ୍ଦରେ ଋନ୍ଧା ବଢ଼ାରେ ଲାଗିଛନ୍ତି । ତୁଳସୀ ବସି ତା'ର କୋଠରୀ ଭିତରେ ଚପୁଡ଼ ହୋଇ କାନ୍ଦୁଛି । ଆଜି ତା'ର ଯଦି ବାପ ମା' ଥା'ନ୍ତେ, କେତେ ଆନନ୍ଦ ହେଉ ନ ଥାନ୍ତେ । ଝିଅର ବାହାଘର ବୋଲି ଗୋଡ଼ ତାଙ୍କର ତଳେ ପଡ଼ୁ ନ ଥା'ନ୍ତା । ହତଭାଗିନୀ ସେ, ସମସ୍ତଙ୍କୁ ଖାଇ ବସିଛି ।

ମେନେଜର ବାବୁଙ୍କ ସ୍ତ୍ରୀ ସୁମିତ୍ରା ଦେବୀ—ତୁଳସୀ, ତୁଳସୀ, ଡାକି କୋଠରୀ ଭିତରକୁ ପ୍ରବେଶ କଲେ । ତୁଳସୀ ତାଙ୍କୁ ଦେଖି ପଣତରେ ଲୁହପୋଛି ହେଉଥାଏ । ତା'ର କାନ୍ଦଣା ଦେଖି କହିଲେ—ଛି, ତୁଳସୀ ! ଆଜି ପରି ଶୁଭଦିନରେ ତୁ ପୁଣି କାନ୍ଦୁଛୁ ? ମା', ଭଗବାନ ତୋର ଡାକ ଶୁଣିଛନ୍ତି । ଏଇଠୁ ଦୁଃଖ ତୋର ଅପସରି ଗଲା । ସଂସାର ଭଲ ମନ୍ଦ ତ କିଛି ଜାଣି

ନାହିଁ । କିପରି ଘର କରିବୁ ? ଝିଅଟିଏ ଥିଲୁ ବୋଲି ଚଳି ଯାଉଥିଲା । ବର୍ତ୍ତମାନ ହାକିମର ବୋହୂ ହେଲୁ । ପାର୍ଟୀର ଜଳ ସଙ୍ଗେ ପୁରୋହିତ ତୋ ମୁଣ୍ଡ ଉପରେ ବହୁତ ଦାୟିତ୍ୱ ଢାଳି ଦେଲେ । କିପରି ତୁ ସେ ସବୁ ବହନ କରିବୁ ? ଏଠି କିଏ ଅଛି ତୋତେ ଘରକରଣା ଶିଖାଇବ । ତେବେ -- କେତୋଟି କଥା ମୁଁ ତୋତେ କହୁଛି—ତୁ ତାକୁ ଗୁରୁଜ୍ଞାନ କରିଥିବୁ ।

ସୁମିତ୍ରା ଦେବୀ ତୁଳସୀ ପାଖକୁ ଘୁଞ୍ଚି ବସୁ ବସୁ କହିଲେ— ମା' ସ୍ୱାମୀ ସେବା ତୋର ପ୍ରଥମ କର୍ତ୍ତବ୍ୟ । ସେ ତୋର ଦେବତା । ଦେବତାର ସେବାକରି, ପୂଜାକରି ଜନ୍ମକୁ ସାର୍ଥକ କରିବୁ । ସେ ତୋର ଇଷ୍ଟ । ସ୍ୱାମୀହିଁ ସ୍ତ୍ରୀର ସର୍ବସ୍ୱ । ମନ ମନ୍ଦିରର ଚଳନ୍ତି ବିଗ୍ରହ ।

ଜାୟା, ଜନନୀ, ଭଗିନୀ—ଏଇ ତିନି ରୂପର ପ୍ରତିମୂର୍ତ୍ତି ନାରୀ । ତେଣୁ—ଜାୟା ରୂପରେ ପ୍ରେମ ଦେବୁ, ଜନନୀ ରୂପରେ ସେବା କରିବୁ ଏବଂ ଭଗିନୀ ରୂପରେ ସ୍ନେହ ଦେବୁ । ସ୍ୱାମୀ ତୋର ହାକିମ ! ଗୋଟାଏ ମୂଲକର ହାନିଲାଭର ଜଞ୍ଜାଳ ତାଙ୍କ ମୁଣ୍ଡ ଉପରେ । ଆଉ—ଯେ ଏତେବଡ଼ ଭାର ମସ୍ତକରେ ଧାରଣ କରିଛି—ତାର ପାଦ ତୋର ମଥା ଉପରେ । ତେଣୁ ଭାବୁଥିବୁ— ତୋତେ କେତେ ଧୈର୍ଯ୍ୟଶାଳିନୀ ହେବାକୁ ପଡ଼ିବ । କିଛି ବ୍ୟତିକ୍ରମ ହେଲେ—ସମ୍ଭାଳି ନେବୁ । ଜାଣି କିମ୍ବା ଅଜାଣରେ ତାଙ୍କ ମନରେ ଦୁଃଖ ହେଲା ଭଳି କିଛି କହିବୁ ନି । ତାଙ୍କ ଅଜାଣରେ କିଛି କାମ କରିବୁନି । ତାଙ୍କଠାରେ ବେଶି ଅଭିମାନ କରିବୁ ନି । ଅଭିମାନର ଅତିମାତ୍ରା—ବିରକ୍ତି ସୃଷ୍ଟି କରେ । ବିରକ୍ତିରୁ ରାଗ ବଢ଼େ । ଫଳରେ ଦାମ୍ପତ୍ୟ ଜୀବନ ଅଶାନ୍ତିରେ କଟେ । ନାରୀଟିଏ—ବସୁଧା

ସିଏ । ସବୁ ସହିଯିବୁ । ସମ୍ଭାଳି ଯିବୁ । ତେବେ ଯାଇ ଜୀବନରେ ତୁ ପାଇବୁ ସୁଖ, ଶାନ୍ତି, ଆନନ୍ଦ । କ'ଣ ମୋ କଥା ମନେ ରହିଲାଟି ?

—"ହଁ ମାଉସୀ !

—ଆଉ ଶୁଣ ? ସ୍ୱାମୀ ସେବାଠାରୁ ବଡ଼ ଶାଶୁ ଶ୍ୱଶୁରଙ୍କ ସେବା । ଭାବବୁ—ସେ ତୋର ଶାଶୁ ଶ୍ୱଶୁର ନୁହନ୍ତି – ପୁଅ-ଝିଅ । ତାଙ୍କର ମନ ଜାଣି ତାଙ୍କୁ ସନ୍ତୁଷ୍ଟ କରିବୁ । ସେ ହେଉଛନ୍ତି—ତୋର ଜୀଅନ୍ତା ଲକ୍ଷ୍ମୀ-ନାରାୟଣ । ସେ ଯେଉଁ ଆଶୀର୍ବାଦ ଦେବେ —ତାହା ଫଳିବ । ଆଜି ସିନା ତୋତେ ଘୃଣା କରୁଛନ୍ତି । କାଲି କି ଯୁଗ ବଦଳି ଯିବ । ତୋତେ କୋଳରେ ବସାଇବେ ।

ପୁଣି ପାଖ ପଡ଼ଶାଙ୍କ ପ୍ରତି କର୍ତ୍ତବ୍ୟ । କାହାରିକୁ ମୁହଁ ଛୁଆଁଙ୍କ କଥା କହିବୁ ନାହିଁ । ଲୋକଙ୍କ ମନରେ ଦୁଃଖ ହେବ । କାହାର ମନରେ ଦୁଃଖ ଦେବା ଉଚିତ ନୁହେଁ । କିଏ ଯଦି ଅଭାବରେ ଅସୁବିଧାରେ ତୋର ସାହାଯ୍ୟ ଗୁହିଁଲା—ଥିଲେ ଦେବୁ ନ ଥିଲେ ମଧୁର ବଚନ କହି ଲେଉଟାଇ ଦେବୁ ।

ତା'ପରେ ଦରିଦ୍ର ନାରାୟଣ ସେବା । ଦେଖୁଛୁ—ଦରିଦ୍ର ନାରାୟଣର ସେବା କରି ଆମ ଗୋପବନ୍ଧୁ ଦାସ ମଲେ । ପତିତ-ପାବନ ମହାତ୍ମାଗାନ୍ଧୀ ଗୁଳି ମୁହଁରେ ଗଲେ । ତୁ'ତ ସେପରି କରିପାରିବୁ ନାହିଁ । ତୋ ଦୁଆରକୁ ଦୁଃଖିରଙ୍କି ଆସିଲେ—ତାଙ୍କୁ ମୁହୂର୍ତ୍ତେ ଠିଆ ନ କରାଇ ଖୁସିରେ ତାଙ୍କୁ ବିଦାୟ ଦେବୁ ।

ଏ ସବୁ ତ ଶୁଣିଲୁ—ଆଉ ଅଧିକ କିଛି ମୋର ନାହିଁ—ତୋତେ କହିବାକୁ । ତୋର ମା' ମରିଗଲା—ମୁଁ ବଞ୍ଚିଛି । ଅଳ୍ପ ଦିନ ତା'ର ମୋର ସାଙ୍ଗ । ସେ ତା'ର ଦୁଃଖ ମୋ ଆଗରେ

କହୁଛି—କେତେ କାନ୍ଦୁଛି । ତା'ର ନା' ଯେପରି ରଖୁ । ତୋର
ଭଲ ଶୁଣିଲେ ମୁଁ ଖୁସି ହେବ । ମନ୍ଦ ଶୁଣିଲେ—ତୋ ଦୁଆରେ
ମାଟି ମାଡ଼ିବ ନାହିଁ ।

ଘଣ୍ଟାରେ ବାଜିଲା—ଦୁଇ । ମେନେଜର ବାବୁ ଓ ଶ୍ରୀକାନ୍ତ
ବାବୁ ଦୁହେଁ ଫେରିଲେ ବଜାରରୁ । ଏତେ ବେଳଯାଏ ଖିଆପିଆ
ସରିନାହିଁ ବୋଲି ବଡ଼ ବିରକ୍ତ ହେଲେ । ପାଟି ଶୁଣି ସୁମିତ୍ରା
ତୁଳସୀ ପାଖରୁ ଉଠି ଆସି କହିଲେ—"ମଲା ମୋର ଏତେ
ତରତର । ଦିନ ଗାଡ଼ିଟା ଯାଉ । ରାତିରେ ତ ତିନିଟା କି ଚାରିଟା
ଗାଡ଼ି ଅଛି । ସେଥିରେ ଯିବେ । ମିଛଟାରେ ତୁମେ ପାଟି କରୁଛ
କାହିଁକି ? ପିଲାଲୋକ ବାଗ ପାଉ ନାହାଁନ୍ତି—ତାକୁ କହିବୁଝା
ଦିଅ ।"

ତୁମେ ସେଠି କ'ଣ କରୁଚ—ରୋଷେଇ ଘରକୁ ଟିକେ
ଆସ । ମୁଁ ଜିନିଷପତ୍ର ସଜାସଜି କରି ବାନ୍ଧି ଦିଏଁ । ଖିଆ ପିଆ
ସରିଲେ—ତାଙ୍କୁ ଷ୍ଟେସନକୁ ବିଦା କରି ଦେବ । କଲିକତା
ବଗିରେ ବସିଥିବେ—ଟ୍ରେନ୍ ଯେତେବେଳେ ଯା'ନ୍ତୁ ।

ମେନେଜର ବାବୁ ରିକ୍‌ସାରୁ ଜିନିଷ ଓହ୍ଲାଇବାକୁ ଫାଟକ
ପାଖକୁ ଦୌଡ଼ିଗଲେ । ସୁମିତ୍ରା ଦେବୀ—ରୋଷ ଘରକୁ ଗଲେ—
ତାଙ୍କର ଆଦେଶରେ ରଜନୀ ଓ ଆଉ କେତୋଟି ଝିଅ ଆସିଲେ—
ତୁଳସୀର ମୁଣ୍ଡ କୁଣ୍ଡାଇ ଦେବାକୁ । ଖାଇ ସାରିଲେ ବିଦା
ହେବେ ।

ରଜନୀ, ହୀରା, ଚମ୍ପା ଆଉ ଦୁଇ ତିନୋଟି ଝିଅ ତୁଳସୀର
ମୁଣ୍ଡ ବାନ୍ଧି ବସିଲେ । କେତେ ଆଉ କେତେ କଥା ପଡ଼ିଲା ।
କେତେ ହସ—କେତେ ଖୁସି । ରଜନୀ କହିଲା—ତୁଳସୀ, ତୁ

ଆଉ କ'ଣ ଆମକୁ ମନେ ପକାଇବୁ ? ସମସ୍ତେ ନୂଆ ସାଥି ପାଇ ପୁରୁଣାକୁ ଭୁଲିଯା'ନ୍ତି । ଏଇଟା ତ ଦୁନିଆର ନୀତି । ଏଇ ଆଶ୍ରମ ଅଛି, ତୋପରି କେତେ ଆସି କେତେ ଗଲେଣି । ଆମେ କେତୋଟି, ହିନିମାମି ଏଇଠି ପଡ଼ି ରହିଛୁଁ । ଆମର କୁଆଡ଼କୁ ଆଶ୍ରା ନାହିଁ ଲୋ ଭଉଣୀ । ଏଇଠି ମରିବୁ । ସଂସାରର ସୁଖ କ'ଣ ଜାଣିବୁ ନାହିଁ । ତୁ ବି ଆମକୁ ଛାଡ଼ି ଯାଉଛୁ । କେତେ ଦୁଃଖ ସୁଖରେ ଦିନ ଏଇ ଆଶ୍ରମରେ ବିତିଛି ଲୋ ତୁଳସୀ—ଭଲଗୁଣ ପାଇଁ ତୋର ପ୍ରଶଂସା କରିଛୁ, ମନ୍ଦ ପାଇଁ ତୋତେ କେତେ ଗାଳି ଦେଇଛୁଁ । ସେ ସବୁ ମନରୁ ଭୁଲିଯିବୁ ।

ରଜନୀ ଆଉ କିଛି କହିପାରିଲା ନାହିଁ । ଛାତି ତଳର ଛପିଲା ବେଦନା ତାର କଣ୍ଠରୁଦ୍ଧ କରିଦେଲା । ଦୁଇ ତିନି ଟୋପା ବ୍ୟଥା ଭରା ଉଷ୍ଣମ ଲୁହ, ଖସି ପଡ଼ିଲା ତା' ଆଖିରୁ—ତୁଳସୀର ମୁଣ୍ଡ ଉପରକୁ । ହୀରା, ଚମ୍ପା, ଆଦି ସମସ୍ତେ ସୁଁ, ସୁଁ, ହୋଇ ନିଜ ନିଜର ପଣତରେ ଲୁହ ପୋଛୁଥାନ୍ତି । ସାଥିମାନଙ୍କର ଆଖିରେ ଲୁହ ଦେଖି ତୁଳସୀ ଧୈର୍ଯ୍ୟଧରି ପାରିଲା ନାହିଁ । ନିଜର ବ୍ୟାକୁଳିତ ହୃଦୟକୁ ସଞ୍ଚିତ କରି, ସେ ନିଜ ପଣତରେ ରଜନୀର ଲୁହ ପୋଛି ଦେଲା । କହିଲା—"ମୋ'ରାଣ ରଜନୀ ଅପା ! ତୁମେ କାନ୍ଦନା ।"—କହୁ—କହୁ ନିଜେ ମଧ୍ୟ ସୁଁ ସୁଁ ହୋଇ କାନ୍ଦି ପକାଇଲା ।

ପ୍ରବେଶ କଲେ ସୁମିତ୍ରା ଦେବୀ । ବାମ ହାତରେ ଖଣ୍ଡେ ରେଶମ ଶାଢ଼ୀ । ଡାହାଣ ହାତରେ ଟଙ୍କା ମୁଠେ । ସିନ୍ଦୂର ଡିବାଟେ । ରଜନୀ ପାଖରେ ସେ ସବୁ ଥୋଇଦେଇ ସମସ୍ତଙ୍କୁ କାନ୍ଦୁଥିବାର ଦେଖିଲେ । ସାନ୍ତ୍ୱନା ଛଳରେ କହିଲେ—କିଲୋ, ତୁମେ କାନ୍ଦୁଛ କାହିଁକି ? ଝିଅ ଜନ୍ମ ତ ପରଘରକୁ । ତାକୁ ସବୁ କଲ୍ୟାଣ କର ।

ଏତିକ କହି ସେ ତୁଳସୀ ଆଖିରୁ ଲୁହ ପୋଛି ଦେଲେ । ରଜନୀ ଆଖିରୁ ଲୁହ ପୋଛି ଶାଢ଼ୀ ଖଣ୍ଡିକ ଖୋଲି ଦେଖି ଦେଖି କହିଲା—ମାଉସୀ, ଶାଢ଼ୀଟା ତୁଳସୀକୁ ଭଲ ମାନିବ । ସୁମିତ୍ରା ଦେବୀ କହିଲେ—"କଣ୍ଡ ନାହିଁ ମା' ମୋର ତାକୁ ଦେବାକୁ । ଗରିବ ବ୍ରାହ୍ମଣ ଘର, ଆଶ୍ରମର ନା' ଧରି ଯାହା ଯୁଆଡ଼ୁ ଭିକ୍ଷା ଆସୁଛି, ସେଥିରେ ସମସ୍ତେ ଆମେ ଚଳୁଛୁ । ତୁଳସୀର ମନ ଲାଖି ଜିନିଷଟିଏ ଦେବାକୁ ଶକ୍ତିନାହିଁ ଆମର ମା' । ଏଥର ଯାଇଥିଲି ଯେ—ଭାଇ ମୋତେ ସେ ଶାଢ଼ୀ ଖଣ୍ଡିକ ଦେଇଥିଲେ । ନଇଲେ—ମୋର ଶ୍ରୀକାନ୍ତକୁ ଭଗବାନ ଭଲରେ ରଖନ୍ତୁ । ଲୁଗା ପଟା ଗହଣା ପଣ ତୁଳସୀକୁ କ'ଣ ଅଭାବ ରହିବ ? ମୁଁ ଯାଉଛି, ତୁମ ମଉସାକୁ ଖାଇବାକୁ ଦେବି । ତୁମର ରୋଷେଇ ସରିଲାଣି—ରଜନୀ, ଯାଅ—ଢ'ଟା ଖାଇ ଦେଇ ବାହାରି ପଡ଼ । ସେମାନେ ଷ୍ଟେସନକୁ ବାହାରି ଗଲେ ଆମେ ଅଚିନ୍ତା । ତୁଳସୀ, ଆରେ ତୁ କାନ୍ଦୁଛୁ କାହିଁକି ? ରଜନୀ ! ତୁ ପରା ମୋର ସୁନା ଝିଅ ! ଢ'ଟା ଖୋଇଦେଇ ଦେଇ ଲୁଗାପଟା ପିନ୍ଧାଇ ଦେ'—ସେ ବାହାରି ଯା'ନ୍ତୁ ।

ସୁମିତ୍ରା ଦେବୀ ଚାଲିଗଲେ । ତୁଳସୀର ମୁଣ୍ଡ ବନ୍ଧା ସରିଥିଲା । ରଜନୀ ସୁମିତ୍ରା ଦେବୀଙ୍କ ଶାଢ଼ୀ ଓ ଶଙ୍ଖା ସିନ୍ଦୂର ତାକୁ ପିନ୍ଧାଇଦେଲା । ହୀରା ଚମ୍ପା ଆଦି ତିନି ଚାରୋଟି ଝିଅ ଭାତ ବାଢ଼ିଆଣି ଥୋଇଲେ । ସମସ୍ତେ ବହୁତ ବାଧ କଲେ ତୁଳସୀକୁ ଖାଇବାକୁ, କିନ୍ତୁ ସେ ପାରିଲାନି' ।

ତୁଳସୀର ହୃଦୟ ଫାଟି ପଡୁଥାଏ । ଆଶ୍ରମର ମାୟା, ମେନେଜରର—ଗୋପାଳ ବାବୁ ଓ ସୁମିତ୍ରା ଦେବୀଙ୍କର ସ୍ନେହ, ହତଭାଗିନୀ ଭଉଣୀମାନଙ୍କର ଶରଧା—ସବୁ ତାର ଗୋଟି ଗୋଟି ମନେ ପଡ଼ୁଛି । ଏସବୁ ସେ ଭୁଲିଯିବ କିପରି ?

ମେନେଜର ବାବୁ ହଠାତ୍ ପଚାରିଲେ, ଫାଟି କରି ଉଠିଲେ, କ'ଣ କରୁଛ ରଜନୀ, ଶ୍ରୀକାନ୍ତ ପରା ରିକ୍ସାରେ ବସିଲାଣି । ତାଙ୍କୁ ଷ୍ଟେସନରେ ବଦା କରିଦେଇ ଆସିଲେ ମୋର କାମ ସରିଲା । ରଜନୀ ଉତ୍ତର ଦେଲା, "ସାର୍, ତୁଳସୀ ଜମା ଖାଉନି, ଖାଲି କାନ୍ଦୁଛି ।
—"ତେବେ ତାକୁ ବାଧ କରନା । ବାଧ କଲେ ବି ସେ ଖାଇ ପାରିବ ନାହିଁ । ତାକୁ ବୁଝାଇ ସୁଝାଇ ବଦା କରିଦିଅ । ମେନେଜର ବାବୁ ଗେଟ୍ ଆଡ଼କୁ ଚାଲିଗଲେ ।

ଆଶ୍ରମର ଗେଟ ପାଖରେ ଦୁଇଟି ରିକ୍ସା ଠିଆ ହୋଇଥାଏ । ଗୋଟିକରେ ଜିନିଷ ପତ୍ରଥାଏ ଅନ୍ୟଟିରେ ଶ୍ରୀକାନ୍ତ ବସିଥାଏ । ତୁଳସୀକୁ କେତେ ବୁଝାଇ ସୁଝାଇ ଆଶ୍ରମ ବାଳିକାମାନେ ଓ ସୁମିତ୍ରା ଦେବୀ ନେଇ ଆସିଲେ ଗେଟ୍ ପାଖକୁ । ତୁଳସୀ ପ୍ରଣାମ କଲା ବାପୁଜୀଙ୍କର ପ୍ରସ୍ତର ମୂର୍ତ୍ତିକୁ ଆଉ ତାର—ତୁଳସୀ ଚଉରାକୁ । କେତେ ଯତ୍ନରେ ସେ ଗଛଟିକୁ ବଢ଼ାଇଥିଲା । ନିତି ତାର ମୂଳେ ସେ ସଞ୍ଜ ଦୀପ ଜାଳି କେତେ ତାର ଅନ୍ତର ବେଦନା ଜଣାଉଥିଲା । ଏବେ କିଏ ତା'ର ଯତ୍ନ ନେବ ? ତୁଳସୀ ବାଷ୍ପାକୁଳ କଣ୍ଠରେ ରଜନୀକୁ କହିଲା, "ରଜନୀ ଅପା, ଏଇ ଚଉଁରାଟି ତୋର । ନିତି ତୁ' ଏ ଗଛରେ ପାଣିଦେଇ ସଞ୍ଜ ଦେବୁ । ମୁହଁ ଫେରାଇ, ପୁଣି ଚାହିଁଲା ସେ ମେନେଜର ବାବୁ ଓ ସୁମିତ୍ରା ଦେବୀଙ୍କୁ । ଦୁହିଁଙ୍କ ଆଖିରେ ଲୁହ । ସଜଳ ନୟନରେ ସେ ଦୁହିଁଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କଲା । ଆଖିରୁ ଲୁହ ପୋଛୁ ପୋଛୁ ମେନେଜର ବାବୁ କଲ୍ୟାଣ କଲେ—ମା' ତୋ କାଚ ବଜ୍ର ହେଉ ! ସୁଖରେ ତୁ' ସଂସାର କର । ଯାଉଛୁ, ଥରେ ତୋ ମାଆକୁ ଏଇଠି ମୁଣ୍ଡ ଲଗାଇ ପ୍ରଣାମ କର । ତାର ଅବିନାଶୀ ଆତ୍ମା ଘୂରି ବୁଲୁ ଥିବ । ସେ ଆଜି ବଞ୍ଚିଥିଲେ, କେତେ ଖୁସି ହେଉ ନ'ଥାନ୍ତା ।

ତୁଳସୀ ମା,ଜଗନ୍ନାଥଙ୍କୁ ଉଦ୍ଦେଶ୍ୟରେ ଭୂଇଁରେ ମୁଣ୍ଡ ଲଗାଇ ପ୍ରଣାମ କଲା । ତାପରେ ସାଥୀ ଭଉଣୀମାନଙ୍କ ଧରି କେତେ କାନ୍ଦିଲା । ମୁହୂର୍ତ୍ତକ ପାଇଁ,ଗୋଟାଏ କ୍ରନ୍ଦନର ଝଡ଼ ବ୍ୟାପିଗଲା ଚତୁର୍ଦ୍ଦିଗରେ । ଆକାଶ କମ୍ପି ଉଠିଲା । ବୃକ୍ଷ ଲତା ଉପରେ ବସି କାଉ କୋଇଲି ଆଦି ପକ୍ଷୀମାନେ ଦୁଃଖରେ ରାବି ଉଠିଲେ । ଗଛରୁ ଫୁଲ ଝଡ଼ି ପଡ଼ିଲା—ତୁଳସୀର ବିଦାୟ ବାରତା ପାଇଁ ତାର କୁକୁର ଛୁଆଟି କଣ ବୁଝି ପାରୁ ନ ଥାଏ । ଦୌଡ଼ି ଦୌଡ଼ି ଖାଲି ଭୁ, ଭୁ, ହେଉଥାଏ ।

ସମସ୍ତଙ୍କଠାରୁ ବିଦାୟ ନେଇ, ରିକ୍ସାରେ ବସିଲେ ଶ୍ରୀକାନ୍ତ ଓ ତୁଳସୀ । ସମସ୍ତଙ୍କୁ ଆଉ ଥରେ ବିଦାୟକାଳୀନ ପ୍ରଣାମ ଜଣାଇଲା ତୁଳସୀ । ସମସ୍ତଙ୍କ ଉପରେ ଶୋକର ଆକାଶ ଭାଙ୍ଗି ପଡ଼ିଲାକି ଆଜି ? ସୁମିତ୍ରା ଦେବୀ ଭୋ' ଭୋ' କାନ୍ଦି ପକାଇଲେ । କଲ୍ୟାଣ କଲେ —ମା' ତୋର ଯାତ୍ରା ଶୁଭ ହେଉ ।

ରିକ୍ସା ଚାଲିଲା । ମେନେଜର ବାବୁ ସାଇକେଲ୍‌ରେ ପଛେ ପଛେ ଆସୁଥାନ୍ତି । ତୁଳସୀ ପୋଷିଥିବା—କୁକୁର ଛୁଆଟି କୁଆଡ଼େ ଯାଉଛି ବୋଲି—ଦୌଡ଼ି ଦୌଡ଼ି ରିକ୍ସା ଆଗରେ ହାଜର । ଭୁ' ଭୁ' କରି ଚଢ଼ିଗଲା ରିକ୍ସାବାଲା ଉପରକୁ କାମୁଡ଼ିବାକୁ । ମେନେଜର ବାବୁ କହିଲେ—"ମା' ତା'କୁ ସାଙ୍ଗରେ ନେଇ ଯା, ସେ ରହିବ ନି ଏଠାରେ ।" ତୁଳସୀ ଝପି ବୋଲି ଡାକଦେଲା । ଏକା ଡିଆଁକେ ଚପି ଯାଇଁ ତା' କୋଳରେ । ପାଟି ତାର ଫିଟୁ ନାହିଁ । ଖାଲି ସେ ତା' ମୁହଁକୁ ଚାହିଁ ଭୁ' ଭୁ' ହେଉଛି । ସତେ ଯେପରି କହି ଚାଲିଛି ସେ--ଅପା, ମୋତେ ଛାଡ଼ିଦେଇ ତୁ' କୁଆଡ଼େ ଯାଉଥିଲୁ ଏକା ଏକା- ?

ରିକ୍ସା ପୁଣି ଛୁଟିଲା ଷ୍ଟେସନ୍ ଅଭିମୁଖେ । ପଛକୁ ଫେରି ଚାହିଁଲା ତୁଳସୀ । ଗେଟ୍ ବାହାରେ ସୁମିତା ଦେବୀ ଓ ସବୁ ସାଙ୍ଗସାଥିମାନେ ଚାହିଁଛନ୍ତି—ତା'ର ଚଲା ବାଟକୁ । ଆଖିରୁ ଲୁହ ଝରିପଡ଼ିଲା ତୁଳସୀର । ହାତ ଯୋଡ଼ିଲା ସେ ପୁଣି ଥରେ ସମସ୍ତଙ୍କୁ । ଏଇ ତା'ର ଶେଷ ବିଦାୟ... ।

—×—

( ୧୯ )

ସନ୍ଧ୍ୟା ଛ'ଟା । ପୁରୀ ହାଓଡ଼ା ଏକ୍ସପ୍ରେସ୍‌ରେ ଶ୍ରୀକାନ୍ତ ଓ ତୁଳସୀକୁ ଉଠାଇ ଦେଇ ମେନେଜର ଗୋପାଳକୃଷ୍ଣ ବାବୁ ଆଖିରୁ ଲୁହ ପୋଛୁ ପୋଛୁ ଆଶ୍ରମକୁ ଫେରିଲେ ।

ଟ୍ରେନ୍‌ଟି ଛୁଟିଛି ଅବିରାମ ଗତିରେ । ଚନ୍ଦ୍ର ଲୁଚକାଳି ଖେଳୁଛି—ତାରକା ଖଚିତ ମହାଶୂନ୍ୟର ଭିହା ଜଳଦ ସାଥିରେ । ଜ୍ୟୋତ୍ସ୍ନା ବିଧୌତ ଧରଣୀରାଣୀ ଅପୂର୍ବ ଶୋଭାର ପସରା ମେଲାଇ ଦେଇଛନ୍ତି । ଅନନ୍ତ ଦୂରରେ ଢେଉ ଢେଉକା ପାହାଡ଼ମାଳା ଜ୍ୟୋତ୍ସ୍ନାର ପ୍ରାବୃତ ମଧ୍ୟରେ ମୀନାକ୍ଷୀଚ ଅଞ୍ଜନ ଗାର ପରି ଦେଖା-ଯାଉଛି । ଯାତ୍ରୀବାହୀ ବାଷ୍ପୀୟ ଶକଟଟି ନିଜ ଦେହକୁ ଆଲୋକ-ମାଳାରେ ବିଭୂଷିତା କରି ସେଇ ସଂସା'ର ମଠ'ରେ ସାପେଇ ସାପେଇ ପଡ଼ିଥିବା ଲୌହପଥ ଉପରେ ଛୁଟିଛି ଆଗକୁ ।

ରିଜର୍ଭ ଫାଷ୍ଟ କ୍ଲାସ୍ କମ୍ପାର୍ଟ୍‌ମେଣ୍ଟରେ ବସିଛନ୍ତି ତୁଳସୀ ଓ ଶ୍ରୀକାନ୍ତ । କୁକୁର ଛୁଆଟି ବେଞ୍ଚ ତଳେ ଶୋଇ ଆନନ୍ଦରେ ଘୁଙ୍ଗୁଡ଼ି ମାରୁଛି । ତୁଳସୀ ବାହାରକୁ ଚାହିଁ ପ୍ରକୃତିର ଶୋଭା ଦର୍ଶନରେ ବିଭୋର । ସତେ ଯେପରି ସେ ଅନ୍ୟ ଏକ ଚଳନ୍ତା ଗ୍ରହରେ ବସି—

ଶ୍ରୀମଣ୍ଡିତା ପୃଥିବୀ ମଧ୍ୟରେ ପ୍ରଣୟର ନୂତନତ୍ୱ ଉଦ୍ଭାବନ କରୁଛି । ଶ୍ରୀକାନ୍ତ ସେ ପାଖ ବେଞ୍ଚରୁ ଧୀରେ ଧୀରେ ଉଠିଆସି ତୁଳସୀର ଆଖି ଧରି ପକାଇଲା । ତୁଳସୀ ଧରିନେଲା ତାଙ୍କର ସୁନ୍ଦର କରପଲ୍ଲବକୁ । କହିଲା—ଉଦ୍ୟା ଭିତରେ ତ ଆମ ବ୍ୟଥିତ ତୃଷ୍ଣ ବ୍ୟକ୍ତି ଆଜ କେହି ନାହାନ୍ତି । ହସିଲା ଶ୍ରୀକାନ୍ତ । ଆଗକୁ ଟିକଏ ଝୁଙ୍କିପଡ଼ି ପଚାରିଲା—"କଣ ଦେଖୁଚ ତୁଳସୀ !"

—କି ସୁନ୍ଦର ଏ ଜହ୍ନ ରାତି ।

—ହଁ ସେ ରାତିପରି ଏ ନୁହେଁ ।

—ସେ ରାତି ?

— ହଁ, ମନେପଡ଼ୁନି ? ଯେଉଁଦିନ ତୁମେ ତୁମ ବାପାଙ୍କର ମୃତ୍ୟୁ ଓ ଭାଇଙ୍କର ଅନ୍ତର୍ଦ୍ଧାନ ଖବର ପାଇଁ ମେଡ଼ିକାଲରେ ଅଚେତ ହୋଇ ପଡ଼ିଥିଲ । ମେଡ଼ିକାଲ୍‌ରୁ ଡିସ୍‌ଚାର୍ଜ ହେବା ପରେ ତୁମର ଚିତ୍ତବିନୋଦନ ପାଇଁ ଏହିପରି ଏକ ମଧୁର ସନ୍ଧ୍ୟାରେ ଆମେ ଦୁହେଁ ବସିଥିଲେ ଯୋବ୍ରା ଅନିକଟର ଏକ ପାଷାଣ ସ୍ତମ୍ଭ ଉପରେ । ଚନ୍ଦ୍ର, ବ୍ୟୋମଚାରିଣୀ ଦେବ କନ୍ୟାଙ୍କ ସଙ୍ଗେ ମହାନଦୀର ସ୍ୱଚ୍ଛ ଜଳ – ଦର୍ପଣରେ ତା'ର ମୁଖଦର୍ଶନରେ ରତଥିଲା । ତରଳ ଚନ୍ଦ୍ରମା ତେଜ ଖେଳୁଥିଲା ନଦୀ ବକ୍ଷରେ । ପ୍ରକୃତି ମାଲୁଣୀ ବୁଢ଼ୀର ଉଦ୍ୟାନରୁ ଭାସି ଆସୁଥିଲା ହେନାର ମହକ କେତେ ବ୍ୟଥାଭରା ମରମକୁ ପୁଲକିତ କରିବାପାଇଁ । ତୁମେ ନୀରବ ହୋଇବସିଥିଲ ମୋଠାରୁ କିଛି ଦୂରରେ । ସହରର କେଉଁ ଏକ ସପନପୁରୀରୁ ଭାସି ଆସୁଥିଲା—ମୋଗଲ ଏ ଆଜାମ୍—ର ଶ୍ରେଷ୍ଠ ସଙ୍ଗୀତ—"ଜବ୍ ପ୍ୟାରେ କିୟା ତୋ

ତରନା କ୍ୟା··· । ତୁମେ ତନ୍ମୟା ହୋଇ ପଡ଼ିଥିଲ । କାହିଁକି କେ'ଜାଣି ମୋତେ ଟିକେ ସଲଜ ଆଖିରେ ଚାହିଁ ଦେଇ ମୁହଁ ପୁଣି ଫେରାଇ ନେଲ ।

—ମିଛ କଥା ।

ମୁହଁ ଫେରାଇ ନେଇଥିଲା—ତୁଳସୀ । ଶ୍ରୀକାନ୍ତ ତା'ର ଥରିଲା ଓଠକୁ ଧରି ପକାଇ କହିଲା—ତେବେ ସତ କଥା କ'ଣ ? ସ୍ମିତ ହାସ୍ୟରେଖା ଖେଳିଗଲା ତୁଳସୀର ଗୋଲାପି ଅଧରରେ । ଢଳି ପଡ଼ିଲା ସେ—ଶ୍ରୀକାନ୍ତର ପ୍ରଶସ୍ତ ଛାତି ଉପରେ ।

ଏଇଟା ତେବେ ସତ୍ୟ ତୁଳସୀ ।

—ହଁ ବାବୁ, ନା । ନା·· ସବୁ ମିଛ ।

ମିନତି ଭରା ନୟନରେ ଶ୍ରୀକାନ୍ତର ମୁହଁକୁ ଚାହିଁ ସେ ଅଳ୍ପ ହସିଦେଲା । ଛାତିରେ ଛାତି, ଆଖିରେ ଆଖି ମିଳନ—କି ମାୟା । ଶ୍ରୀକାନ୍ତ ଆଙ୍କିଦେଲା ତାର ରଙ୍ଗିମା ଗଣ୍ଡରେ ଚୁମ୍ବନର ରେଖା ।

ଜୀବନର ନୂଆ ଅନୁଭୂତି । ଭୟଖିନ୍ନା ତୁଳସୀର ଥରିଲା ଛାତିଟା ଶ୍ରୀକାନ୍ତର ଗରମ ଛାତିର ଆକର୍ଷଣରେ ସ୍ଥିର ହୋଇଗଲାଣି । ନିଦ୍ରାଦେବୀଙ୍କ ଶାନ୍ତିମୟ କୋଳରେ ଶୋଇଯାଇଛନ୍ତି—ଦୁହେଁ । ବିଜୁଳି ଆଲୋକରେ ଦୁହିଁଙ୍କ ମୁହଁରେ ଉକୁଟି ଉଠୁଥିବା ଗରମ ଦିନର ସ୍ୱେଦ ମୁକୁତା ବିନ୍ଦୁକୁ ବୈରି ପବନ ଅପହରଣ କରୁଛି—ଝରକା ଫାଙ୍କଦେଇ । ଚିର ଇପ୍‌ସିତ୍ କାମନାର ପୂରଣ ପରେ ଦୁହେଁ ଭୁଲିଯାଇଛନ୍ତି—ଜୀବନର କୋଟି ଅବସାଦ; ଭୂତ ଭବିଷ୍ୟତ, ବର୍ତ୍ତମାନ; ଜଗତର ଦୁଃଖ ଶୋକ, ମାନ ଅପମାନ । କିନ୍ତୁ ଭାଗ୍ୟଚକ୍ରର ଗତି କେଉଁ—ଗ୍ରହକୁ । ତାହା ତା'ଙ୍କୁ ଜଣା ନାହିଁ । ରାତି ପ୍ରାୟ—୪ଟା ବାଜିଲା ।

ଏକ୍ସପ୍ରେସ୍ ଆସି ବାଲେଶ୍ୱରରେ ପହଞ୍ଚିଲା । ଯାତ୍ରୀ କୋଳାହଳରେ ଶ୍ରୀକାନ୍ତର ନିଦ୍ରା ଭାଙ୍ଗିଗଲା । ଚଟ୍‌ପଟ୍ ଉଠାଇ ଦେଲା ତୁଳସୀକୁ । ପୋଷାକପତ୍ର ପିନ୍ଧା ପିନ୍ଧି କରି ଡବାଟିର କବାଟ ଖୋଲି ଚାହିଁଲା—ପଦାକୁ । ତେଣେ ନୂଆ ଯାତ୍ରୀଙ୍କ ଅପେକ୍ଷାରେ—କେତେ ଜଣ ରେଳୱା କର୍ମଚାରୀ—ଏପଟ ସେପଟ ଦୌଡ଼ି ବୁଲୁଛନ୍ତି । ସେମାନଙ୍କୁ ଠେଲିଦେଇ ଓହ୍ଲାଇ ପଡ଼ିଲା ଟ୍ରେନରୁ ।

ନୂଆ ବାବୁ ବାବୁଆଣି, ନୂଆ ସ୍ଥାନ, ନୂଆ ଜଗ୍ । ସବୁ ନୂଆ ଧରି ଜଗ୍ ଛୁଟିଲା ନୂଆ ବସା ଆଡ଼କୁ ।

—*—

( ୦ )

ସୁକାନ୍ତ ଶ୍ରୀକାନ୍ତର ମାଉସୀ ପୁଅ ଭାଇ । ଯେଉଁଦିନ ସୁକାନ୍ତର ମେଟ୍ରିକ୍ ପରୀକ୍ଷାର ଫଳ ବାହାରିଲା—ସେଦିନ ତା'ର ବାପାମା' ଦୁହେଁ ହଇଜାରେ ବାଟ କାଟିଲେ । ଆଜି ତା'ର ଆହା କରିବାକୁ କେହି ସାହା ନାହାନ୍ତି । ଶ୍ରୀକାନ୍ତ ପାଖକୁ ନିଜର ଦୁଃଖ ଜଣାଇ ସେ ଚିଠି ଲେଖିଲା ।

ଉତ୍ତର ଅପେକ୍ଷାରେ ଆଠ ଦିନ ବିତି ଗଲା । ହତାଶର ଶେଷ ମୁହୂର୍ତ୍ତରେ ସୁକାନ୍ତକୁ ପୋଷ୍ଟମ୍ୟାନ୍ ଆଣି ଚିଠି ଖଣ୍ଡିଏ ଦେଲା । ଶ୍ରୀକାନ୍ତ ଲେଖିଛି । ଏତେ ଦିନ ପରେ ଚିଠି ଆସିଛି । ସୁକାନ୍ତ ପଢ଼ିଲା ଚିଠିଟି । ଗର୍ବରେ ଛାତି ଫୁଲିଉଠିଲା ତା'ର । ମା'ଙ୍କର ମୃତ୍ୟୁ

ବାରତା ଶୁଣି ସେ ମର୍ମାହତ ହୋଇଛନ୍ତି—ଲେଖିଛନ୍ତି, "ସୁକାନ୍ତ ତୁ ଗାଁ ଛାଡ଼ି ବାଲେଶ୍ୱର ଚାଲିଆ'। ମୋର ବସାରେ ରହି ପଢ଼ିବୁ। ଆଜଠୁଁ ଗୋଟେ ଚାକରୀ କରିବୁ କ'ଣ ?—ଯାହା ପାଇଁ ଚିନ୍ତା କରୁଥିଲୁ—ସେ ଚାଲିଗଲେ। ଆଜ କାହାପାଇଁ—ଚାକରୀ କରିବୁ। ତୁ ଚିଠିପାଇ ଯେତେ ଶୀଘ୍ର ପାରୁ ବାଲେଶ୍ୱର ଚାଲିଆ'। ଇତି।

ସୁକାନ୍ତର ବିରସ ବଦନରେ ହାସ୍ୟରେଖା ଫୁଟି ଉଠିଲା। ଆଉ ତାଲା ଖୋଲିବ କ'ଣ—ବ୍ୟାଗ୍‌ଟି ଧରି ବାହାରି ଆସିଲା ବସ୍ତା ଉପରକୁ। ପାଖରେ ତ ପଇସା ନାହିଁ। ପାଦରେ ଚାଲିବାକୁ ଆରମ୍ଭ କଲା—କଟକ ଷ୍ଟେସନ୍ ପର୍ଯ୍ୟନ୍ତ।

କଟକରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ସାତଟା। ଏପଟ ସେପଟ ହେଉଁ ହେଉଁ, ଦୁଇ ତିନି ଘଣ୍ଟା କଟିଗଲା। ଦଶଟା ବେଳେ ଆସିଲା ଜନତା। ସେଇଥିରେ ସେ ଗାର୍ଡ଼କୁ ନିଜର ଦୁଃଖ ଜଣାଇ ବାଲେଶ୍ୱର ପର୍ଯ୍ୟନ୍ତ ଯିବାକୁ ଅନୁମତି ପାଇଲା।

ବାଲେଶ୍ୱରରେ ପହଞ୍ଚି ବାଟ ପଚାରି ପଚାରି ସୁକାନ୍ତ ଗଲା ଶ୍ରୀକାନ୍ତର ବସାକୁ। ସୁକାନ୍ତକୁ ପାଇ ଶ୍ରୀକାନ୍ତ ଓ ତୁଳସୀର ଆନନ୍ଦ କହିଲେ ନ ସରେ। ଜୀବନର ଘଡ଼ିସନ୍ଧି ବେଳେ ଲକ୍ଷ୍ମଣ ପରି ଭାଇଙ୍କୁ ପାଇ ସୀତା ରାମ ନିଜକୁ ଧନ୍ୟ ମନେକରିଥିଲେ। ଆଜି ତୁଳସୀ ଶ୍ରୀକାନ୍ତ ମଧ୍ୟ ସୁକାନ୍ତ ପରି ଭ୍ରାତୃଭକ୍ତ ଭାଇକୁ ପାଇ—ସମାଜ, ନିଜ ପିତା ମାତାଙ୍କର ନିଷ୍ଠୁର ଅବହେଳା ଓ ଅତ୍ୟାଚାରକୁ ଧିନକୁ ଧିନ ପାଶୋରି ପକାଉଛନ୍ତି।

ବାଲେଶ୍ୱର କଲେଜରେ ସୁକାନ୍ତ ନାମ ଲେଖାଇ ପଢ଼ିଲା। ବଡ଼ଭାଇ ବଡ଼ ଭାଉଜଙ୍କ ଠାରୁ ପୁତ୍ରସ୍ନେହ ପାଇ ସେ ପିତା-ମାତାଙ୍କର ବାଂସ୍ଥାଗ ଦୁଃଖ ଭୁଲିଗଲା। ଭାଇଙ୍କୁ ତ ମୁହୂର୍ତ୍ତେକ କାଛୁ

କହେନା ସୁକାନ୍ତ । ସେଇ ଗରବ ଅଛବ ଝିଅ ତୁଳସୀ ପାଖରେ ତା'ର ସବୁ ଅଳଧଳ । ସେଇ ତାର ନମସ୍ୟା । ନାଗ୍ନ—ନୁହେଁ ଦେବୀ, ଭଉଜ ନୁହେଁ—ମା' ।

—*—

( ୨୧ )

ଦିନ ବିତ ଯାଏ । ହେମନ୍ତ ସନ୍ଧ୍ୟାଠାରୁ ଭଗ୍ନୀର ବ୍ୟବହାର ପାଇ—ଭୁଲିଯାଏ ସମସ୍ତ ଅଶ୍ରତର ଝଡ଼ଝଞ୍ଜାକୁ । ତା'ର ଯାହା ଅଳି, ଅଭିମାନ ସବୁ ସନ୍ଧ୍ୟା ପାଖରେ ।

ସେଦିନ ହେମନ୍ତ ମୁହଁ ପାଖକୁ ଗୁ' କପ୍ଟି ନେଇ ନେଇ ଥୋଇ ଦେଲା । ସନ୍ଧ୍ୟା ଦୌଡ଼ି ଯାଇ ଗୁ' କପ୍ଟି ହେମନ୍ତର ମୁହଁ ପାଖକୁ ଉଠାଇ ଧରି କହିଲା—ଭାଇ ତୁମେ ଖାଅ । ଆଜ ବାପାଙ୍କୁ କହି ଚୁଡ଼ି ମଗାଇ ନେବ । କାଲି ମା'ଙ୍କୁ କହିଲି ଯେ—ସେ ମନା କଲେ । କହିଲେ,—"ସ୍କୁଲରେ ପଢୁଛୁ, ଏକ୍ଷଣି ଚୁଡ଼ି କ'ଣ ଦରକାର । ପାଠ ପଢ଼ି ସାରିଲେ ପିନ୍ଧିବୁ ।"

—ଆହୁରି ଦଶବର୍ଷ ପାଠପଢ଼ିବୁ ହାତଟା କ'ଣ ସେତେ ଦିନ ଯାଏଁ ଛୁଙ୍ଗୁଲା ଥିବ ? ଦେଖୁ ନାହୁଁ-ତୋ ସାଙ୍ଗ ସାଥିମାନେ କିପରି ସ୍କୁଲକୁ ଆସୁଛନ୍ତି । ତୁ' ବାପାଙ୍କଠାରୁ ଟଇସା ମାଗି ଆଣ୍ । ତୋ ହାତକୁ ମାନିଲା ଭଳି ଚୁଡ଼ି ମୁଁ ଆଣି ଦେବି ।

—ତୁମେ ମୋତେ ପିନ୍ଧାଇ ଦେବ ଭାଇ ?

—ହଁ, ମୁଁ ପିନ୍ଧାଇ ଦେବି । ବାପା କ'ଣ କରୁଛନ୍ତି ଦେଖିଲୁ ।

—ଦେଖି ଆସିଲି ପରା—ଠାକୁର ସେବା କରୁଛନ୍ତି ।

- ନଈ ଯା' ତା'ଙ୍କ ଠାରୁ ପଇସା ମାଗି ରଖିବୁ ।

ହେମନ୍ତ ଫ୍ଲ' କପ୍‌ଟି ସନ୍ଧ୍ୟା ହାତରୁ ନେଇ ଖାଇଲା । ସନ୍ଧ୍ୟା ଆନନ୍ଦରେ ଘରଚଟିଆ ପକ୍ଷୀପରି ଡେଇଁ ଡେଇଁକା' ପଦାକୁ ବାହାରି ଗଲା ।

ନଗାରଗୃନ୍ଦ ବାବୁ ଠାକୁର ସେବାସାରି ପ୍ରସାଦ ପାଉ ପାଉ ଶୁଣୁଥିଲେ—ଦୁହିଁଙ୍କର କଥୋପକଥନ । ବାଜିଲା ତାଙ୍କ କାନରେ ହେମନ୍ତର କଥା ପଦକ—ହଁ ମୁଁ ତୋତେ ଚୂଡ଼ି ପିନ୍ଧାଇ ଦେବ । ବୁକୁ ଭିତରଟା ତାଙ୍କର ଥରିଉଠିଲା ଏକ ଅବ୍ୟକ୍ତ ଆନନ୍ଦରେ ! ମୁଣି ଜଳ ଉଠିଲା ଆନନ୍ଦର ପରିବର୍ତ୍ତେ ବିଷାଦର ବହ୍ନି ।

ସନ୍ଧ୍ୟା ବାଳ୍ୟ ବିଧବା । ଅଜ୍ଞାନରେ ବିନା ବାଲ୍ୟ ପୌଗଣ୍ଡ କଟିଗଲା ବୈଜୟନ୍ତ ବାନା ଟାଣି କୈଶୋର ଆସିଛି । ତରଳ ଯୌବନର ସ୍ୱର୍ଣ୍ଣରେଖା ମୁଖମଣ୍ଡଳରେ ତା'ର ଫୁଟି ଉଠିଲାଣି । କଥାରେ ତା'ର ମାଦକତା, ନୟନରେ ତା'ର ଲଜ୍ଜାର କଜ୍ଜଳ ରେଖା ପ୍ରକଟିତ ହେଲାଣି ? କପରି ସେ ସହିବ ଏ ଯୌବନର ଭାର । କପରି ସେ ଆଚରିବ ତାପସୀ ସଞ୍ଜମ ? ଅଭିଶପ୍ତା ମା' ମୋର । ଭାବଥିଲ—ଖ୍ରୀଷ୍ଟିଆନ୍ ଧର୍ମରେ ବିଧବା ବିବାହ ସମ୍ବନ୍ଧରେ କିଛି କଟକଣା ନାହିଁ । କିନ୍ତୁ ଆଜ ମୋ ପ୍ରସ୍ତାବରେ କେହି ରାଜି ହେଉନାହାନ୍ତି କାହିଁକି ? ହେମନ୍ତ କ'ଣ ସବୁ ଜାଣି ଶୁଣି ସନ୍ଧ୍ୟା ହାତରେ ଚୂଡ଼ି ପିନ୍ଧାଇ ପାରିବ ? ହେ ପ୍ରଭୁ । ତୁମେ ମୋତେ କ୍ଷମାକର ! ମୁଁ କ'ଣ ଭାବୁଛି ? ମୋତେ ମରଣ ଦିଅ ପ୍ରଭୁ । ସନ୍ଧ୍ୟାର ଏ ଦୁଃଖ ମୁଁ ନ ଦେଖେ ।

ସଜଳ ନୟନରେ ଲୋଟି ପଡ଼ିଲେ ଗୋବିନ୍ଦବାବୁ—ଦେବତାଙ୍କ ଚରଣ ତଳେ । ସନ୍ଧ୍ୟା—"ବାପା ବାପା" ! ଡାକି ଡାକି ଝିପ୍ଟି ଆସିଲା । ଦ୍ୱାରରୁଦ୍ଧ । କବାଟରେ ହାତମାରି ଡାକିଲା--'ବାପା ! ବାପା !!" ବୃଦ୍ଧ ଗୋବିନ୍ଦବାବୁ ପ୍ରକୃତିସ୍ଥ ହେଲେ । ପାଗଳୀଟା ଆଖିରେ ଯଦି ଲୁହ ଦେଖିବ—କେତେ ପ୍ରଶ୍ନ ପଚାରିବ । ନ ଜାଣୁ—ସେ ବିଧବା ବୋଲି । ଆଖିରୁ ଲୁହ ପୋଛିଦେଇ ଗୋବିନ୍ଦବାବୁ କବାଟ ଖୋଲିଲେ – "କ'ଣ କରେ ସଞ୍ଜୁ" ?

କବାଟ ବନ୍ଧର ଜଞ୍ଜିରକୁ ଧରି ସନ୍ଧ୍ୟା କହିଲା—ହେମନ୍ତଭାଇ କହୁଛନ୍ତି – ମୁଁ ଚୂଡ଼ି ନ ପିନ୍ଧିଲେ ସେ ମୋ ହାତରୁ କିଛି ଖାଇବେ ନାହିଁ । ତୁମେ ମୋତେ ଚୂଡ଼ି ଆଣିଦିଅ—ସେ ପିନ୍ଧାଇ ଦେବେ ।

— ମା'ଙ୍କୁ କହୁନୁ ।

—ମା' ପରା ମନାକଲେ—କହିଲେ ପାଠ ପଢ଼ୁଛୁ—ଏକ୍ଷଣି ଚୂଡ଼ି କ'ଣ ଦରକାର ।

—ଭଲ କହିଛି ।

—ହଁ—ଅନ୍ୟମାନେ କିପରି ପିନ୍ଧୁଛନ୍ତି ।

—ସେ କ'ଣ ତୋ'ଠାରୁ ବେଶି ଭଲ ପଢ଼ୁଛନ୍ତି ?

ନୀରବ ରହିଲା ସନ୍ଧ୍ୟା । ସେ ତାଙ୍କ କ୍ଲାସ୍‌ରେ ପ୍ରଥମ ହୁଏ । କିନ୍ତୁ ସେ ଭଲ ପଢ଼େ ବୋଲି କେବେ ନିଜର ପ୍ରଶଂସା କରି ଅନ୍ୟର ସମ୍ମାନହାନି କରେନା । କିଛିକ୍ଷଣ ପରେ ପୁଣି ସନ୍ଧ୍ୟା କହିଲା—ମୁଁ ତାହାରକୁ ଅନୁକରଣ କରୁନାହିଁ ବାପା । ଚୂଡ଼ି ନ ପିନ୍ଧିଲେ ଯେ ହେମନ୍ତ ଭାଇ ମୋ ହାତରୁ କିଛି ଖାଇବେନି ।

—ଅଚ୍ଛା ଡାକଲୁ ତାକୁ –

ସନ୍ଧ୍ୟା ହେମନ୍ତକୁ ଦୋଷୀକରି ଦେଇ ଦୌଡ଼ିଗଲା—ତାକୁ ଡାକି ଆଣିବାକୁ । ବୃଦ୍ଧ ଗୋରାଚାନ୍ଦବାବୁ ଠିଆ ହୋଇ—ଲକ୍ଷ୍ୟ କରୁଥାନ୍ତି ତାର ଗତିବିଧି । ଜାଣିଲେ—ହେମନ୍ତ ପାଇଁ ତା'ର ମନ—କେତେ ବ୍ୟାକୁଳ । ହେମନ୍ତର ଅଭିମାନ ସତେ ଯେପରି ତା'ର କର୍ତ୍ତବ୍ୟ ତ୍ରୁଟିର ଅଭିଶାପ । ଦୁହେଁ ଆଗ ପଛହୋଇ ତାଙ୍କ ପଢ଼ା ରୁମରୁ ବାହାରି ଆସୁଥିବାର ଦେଖି ବୃଦ୍ଧ ଭାବନା ରାଜ୍ୟରୁ ଫେରିଆସିଲେ । ଚାହିଁଲେ ଥରେ ତାଙ୍କର ସୁଶୀଳା କନ୍ୟାକୁ ଓ ଆଉ ଥରେ ସୌମ୍ୟବଦନ ହେମନ୍ତକୁ । ଆଖିର ପଲକ ତାଙ୍କର ଚଳନ ଶକ୍ତି ହୀନ ହୋଇପଡ଼ିଲା । ସେ ଭୁଲିଗଲେ ସନ୍ଧ୍ୟାର ବୈଧବ ଦଶା ! ଗମ୍ଭୀର ବୁକୁ ତାଙ୍କର ପୁଲକିତ ହୋଇଉଠିଲା । ନିଜ କୋଠରୀରୁ ବାହାରି ଆସି ସେ ଅଧାବାଟରୁ ଦୁହିଁଙ୍କୁ କୋଳ କରିନେଲେ । ଚିତ୍କାର କଲେ—"ସଞ୍ଜୁ ବୋଉ ! ଶୁଣୁଛ ? ରୋଷଘରୁ ବାହାରି ଆସିଲେ ରାଧାରାଣୀ ।

—କ'ଣ କହୁଛ ?

—ଦେଖିଲ, ପୁଅ ଝିଅଙ୍କୁ କୋଳରେ ଧରି ମୁଁ କିପରି ସୁନ୍ଦର ଦିଶୁଛି ।

—ମଲା ମୋର ! ଏଇ କଥା ଦେଖାଉଛ ?

—ନାହିଁ ମ ଆଉରି ଗୋଟିଏ କଥା ।

—କ'ଣ ?

—ହେମନ୍ତ କହୁଛି, ସଞ୍ଜୁ ଆମର ଚୁଡ଼ି ନ ପିନ୍ଧିଲେ ସେ ତା' ହାତରୁ ଖାଇବ ନାହିଁ ।

ବସ୍ତ୍ରାଘାତ ନମୁନରେ ରାଧାରାଣୀ ପ୍ରଶ୍ନ କଲେ ବୃଦ୍ଧ ଗୋବର୍ଦ୍ଧନବାବୁଙ୍କୁ । ମୁଖରୁ ତାଙ୍କର ବାକ୍ୟସ୍ଫୁର୍ତ୍ତି ନାହିଁ । କି ଉତ୍ତର ସେ ଦେବେ ? ତାଙ୍କୁ କିଛି ବୁଦ୍ଧି ଦିଶିଲା ନାହିଁ । କିଛିକ୍ଷଣ ପରେ ଅନ୍ତରର କୋହକୁ ଚାପି ରଖି କହିଲେ—ହେମନ୍ତ ମୋର ପାଗଳା ବାପାର ପାଗଳା ପୁଅ । ଗୋବର୍ଦ୍ଧନବାବୁ ତାଳ ଧରିଲେ—ମୁଁ ତ ସେଇ କଥା କହୁଛି । ସଞ୍ଜୁର ଚୁଡ଼ି ପିନ୍ଧା ବେଳ କ'ଣ ଗଡ଼ିଗଲାଣି ବର୍ତ୍ତମାନ ତ ସ୍କୁଲ ଗ୍ରୁପ୍—ସୁନ୍ଦର ପୋଷାକ ପଦ, ଚୁଡ଼ି ଫୁଡ଼ି କ'ଣ ହେବ ? ପାଠ ପଢ଼ା ସବୁ ଆଗ— ।

— ହଉ ତାଙ୍କୁ ଛାଡ଼ିଦିଅ । ପିଲାଙ୍କୁ ମୋ'ର ଭୋକ ହେବଣି । ଜଳଖିଆ କରି ଆସିବେ ।

—ଯାଅ, ବାପା ମା' ମୋର—ଆଗ ଖାଇ ଆସ । ତାପରେ ଆମର ଯେଉଁ ଅନାଥ ଆଶ୍ରମ ତିଆରି ହେଉଛି—କାମ ଶେଷହେବା ପର୍ଯ୍ୟନ୍ତ ଆନୁମାନିକ ଖର୍ଚ୍ଚର ତାଲିକା କରିବା । ଯେଉଁଦିନ ଆଶ୍ରମ ଉଦ୍‌ଘାଟନ ହେବ, ସେ ଦିନ ସଞ୍ଜୁ ମୋର ଚୁଡ଼ି ପିନ୍ଧିବ । କାଚ ଚୁଡ଼ି ନୁହେଁ —ସୁନାଚୁଡ଼ି । ବୃଦ୍ଧ ଗୋବର୍ଦ୍ଧନବାବୁ—ଦୁହିଁଙ୍କୁ ମୁକୁଳାଇ ଦେଲେ, ନିଜର ସ୍ନେହାକୁଳ ବାହୁବନ୍ଧନରୁ । ସନ୍ଧ୍ୟା ପବନ ପରି ଛୁଟିଗଲା ମା'ଙ୍କ ପଛେ ପଛେ ବେଷ ଘରକୁ । ବେଷ ଘର କବାଟ ବନ୍ଦରେ ଠିଆ ହୋଇ ଶୀଘ୍ର ଆସିବାକୁ ସେ ହାତଠାରି ଡାକୁଥାଏ ହେମନ୍ତକୁ । ହେମନ୍ତ ଚାଲିଛି କଳ୍ପନ ଗତିରେ ।

ଗୋବର୍ଦ୍ଧନ ବାବୁ ଦୁହିଁଙ୍କର ଅଭିନୟକୁ ଦର୍ଶନ କରି ତନ୍ମୟ ହୋଇ ଠିଆ ହୋଇଚନ୍ତି—ଯେଉଁଠି ସେଇଠି ।

ବୁଲିଆସି ପଛରୁ ଡାକିଲା ସନ୍ଧ୍ୟା—'ବାପା !

ଫେରପଡ଼ି ସେ କହିଲେ ପାଗଳୀଟା ତୁ ! କ'ଣ କହୁଛୁ— କହ

—ତୁମେ କହିଲ ପରା ଆମେ ବୁଲିଯିବୁ ?

—କୁଆଡ଼େ ଯିବ ?

—ରେବା କୂଳକୁ ।

—ପର୍ବତ ପାହାଡ଼ ଜାଗା, ଭୟ ଲାଗିବ ନାହିଁ ?

—ନାହିଁ ବାପା, ଜଳପ୍ରପାତ ଦେଖି, ସିଂହେଶ୍ୱର ମହାଦେବଙ୍କଠାରେ ଭୋଗ ଲଗାଇ ଫେରିଆସିବୁ । ବୁଲି ଆସିଲେ ଭାଇଙ୍କ ମନ ପୁର୍ତ୍ତି ହେବ ।

—ହଉ ଯାଅ !

ଗୋବର୍ଦ୍ଧନବାବୁ ଚାଲିଗଲେ ନିଜ କାମରେ । ସନ୍ଧ୍ୟାର ଗୋଡ଼ ତଳେ ଲଗୁ ନାହିଁ । ହେମନ୍ତକୁ ଟାଣିପକାଇ ସେ ଉଠାଇ ପକାଇଲା । ଜଳଖିଆ ଥାଳି ପାଖରୁ—କାନ୍ଥଘଣ୍ଟାରେ ବାଜିଲା ନଅ ।

---

## ( ୨୨ )

କେତେ ଡେଙ୍ଗ ଡେଙ୍ଗିକା ପାହାଡ଼ ସନ୍ଧିରେ ବକ୍ରରେଖା ସଦୃଶ ନାଳିରାସ୍ତା ଉପରେ ଆମ୍ବାସଡ଼ାର କାର୍‌ଟି ଛୁଟିଛି ମଣିଚୂଳ ସର୍ପପରି । ନିଜେ ଚଳାଉଛି କାର୍‌ଟିକୁ ସନ୍ଧ୍ୟା । ମନ ଆନନ୍ଦରେ ଚିତ୍ତବିନୋଦିଆ ଗୀତ ପଦେ ପଦେ ଗାଇ ଦେଉଛି ସେ । ପ୍ରଭୁ ସିଂହେଶ୍ୱରଙ୍କ ମନ୍ଦିର ଦ୍ୱାରରେ କାର୍‌ଟି ଅଟକିଲା ।

ଆଜ ପାହାଡ଼ ଉପରକୁ ରାସ୍ତା ପଡ଼ ନାହିଁ । ସନ୍ଧ୍ୟା ହେମନ୍ତର ହାତଧରି ଓହ୍ଲାଇ ଆସିଲା କାର୍ ଭିତରୁ । ଦୁହେଁ ମହାଦେବଙ୍କ ମନ୍ଦିର ଭିତରକୁ ଗଲେ ।

ଦର୍ଶନ ସାରି ଉଠିଲେ ପର୍ବତ ଉପରକୁ । ହେମନ୍ତ ଜୀବନରେ ଏତେ ବଡ଼ ପର୍ବତାରୋହଣ ଏ ହେଉଛି ପ୍ରଥମ । କିନ୍ତୁ ଶିଳା ବନ୍ଧୁର ପଥ ଦ୍ରୁତଗାମୀ ଘୋଡ଼ା ସନ୍ଧ୍ୟାକୁ ଏ କିଛି ନୂଆ ନୁହେଁ । ସେ ହେମନ୍ତର ହାତକୁ ଧରି ଆଗକୁ ଆଗକୁ ବଢୁଥାଏ ।

ପାହାଡ଼ିଆ ସରୁ ରାସ୍ତା । ବୃକ୍ଷଲତାର ଗହଳୀ ଭେଦି ଭୂଇଁ ଉପରେ ସୂର୍ଯ୍ୟକିରଣ ପଡୁନାହିଁ । କେଉଁଠି କପୋତ-କପୋତୀ ଲୁଚିରହି ବିଶାଳ ଅରଣ୍ୟର ନୀରବତାକୁ ଭଗ୍ନକରି ଧୁମୁରି ଉଠୁଛନ୍ତି । ହରିଣ ଦଳ ରାସ୍ତା ଏପଟରୁ ସେପଟକୁ ଆନନ୍ଦରେ ଡିଆଁ ମାରି ଝପଟି ଯାଉଛନ୍ତି । କଜଳପାତିର "ଝ୍ୱାର୍ମିଚିର୍" ଆଉ ହଳଦୀ ବସନ୍ତର "ଟୁକୁଲୁକୁ" ରବରେ ବିଶାଳ ପର୍ବତ ମଧ୍ୟଦେଶ ମୁଖରିତ ହୋଇଉଠୁଛି । ମୃଦୁ-ମଳୟ ପର୍ବତ ଶିଖରୁ ବହି ଆଣୁଛି—ଚନ୍ଦନର ସୁବାସ । ଝାଇଁ ବଣ ଝିଙ୍କାରିର ଝିଁ ଝିଁ ଶବ୍ଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ ସିଂହେଶ୍ୱର ଶୃଙ୍ଗକୁ ଛୁଇଁ ଛୁଇଁ ଭାସି ଯାଉଛନ୍ତି ଘନକୃଷ୍ଣ ମେଘମାଳା କି ସୁନ୍ଦର ସେ ଦୃଶ୍ୟ । ଅପୂର୍ବ ସେ ବନ ସ୍ଥଳ— ସତେ ଅବା ଦୁଃଖ ପାଶୋରା ଅପ୍‌ସରା ଭୁବନ । ଏଇଥି ପାଇଁ ବୋଧେ ମୁନିଋଷି-ମାନେ ଏ ନିର୍ଜନ ସ୍ଥାନ ଛାଡ଼ି ସଂସାରର ଦୁଃଖ ଶୋକ— ରୋଗ ଆଉ ସମାଜର ନିର୍ଯାତନା ଭୋଗିବାକୁ ବସ୍ତିତ ଜନପଦକୁ ଓହ୍ଲାଉ ନାହାନ୍ତି ।

ଦୁହେଁ ପ୍ରକୃତିର ଶୋଭା ଦର୍ଶନରେ ଆତ୍ମବିଭୋର ହୋଇ ପଡ଼ିଛନ୍ତି । ସନ୍ଧ୍ୟା ପ୍ରସ୍ଫୁଟିତ ବଣମଲ୍ଲୀ ତୋଳି ଆଣି ହେମନ୍ତକୁ ଦେଉଛି, ତାର ବେଣୀରେ ଖୋସି ଦେବାକୁ । ହେମନ୍ତ ସଜାଇ ଦେଉଛି । ତା'ର ଗଣ୍ଡ । ଅତି ଆଦରରେ ମାରି ଦେଉଛି ତା'ର ରକ୍ତିମ ଚିବୁକରେ ସରୁ ଚିମୁଟାଟିଏ । ଅଭିମାନରେ ଲୁଚିଯାଉଛି ସନ୍ଧ୍ୟା କେଉଁ କୃଷ୍ଣଶିଳା ତଳେ—ଅବା କେଉଁ ବୃକ୍ଷ ଅନ୍ତରାଳରେ ହେମନ୍ତର ଭୟାକୁଳ—"ସନ୍ଧ୍ୟା" ଡାକରେ ଦେଖା ଦେଇ ପୁଣି ଲୁଚିଯାଉଛି କେଉଁଠି ।

ଲୁଚକାଳି ଖେଳି ଖେଳି ଦୁହେଁ ପହଞ୍ଚିଲେ ସିଂହେଶ୍ୱର ଜଳ ପ୍ରପାତ ନିକଟରେ । ସକଳ କଳୁଷ ହାରିଣୀ, ସକଳ ଶୁଭ-ଦାୟିନୀ ସିଂହେଶ୍ୱର ଜଳପ୍ରପାତରେ ସନ୍ଧ୍ୟା ସ୍ନାନ କରିବାକୁ ଓହ୍ଲାଇଲା ।

କାମନା ସ୍ନାନ ହେମନ୍ତ ଘାଟର ଏକ ବିସ୍ତୃତ ଶିଳା ଖଣ୍ଡ ଉପରେ ବସି ପ୍ରପାତର ଗୁରୁଗମ୍ଭୀର ମୂର୍ତ୍ତି ଦର୍ଶନରେ ବିଭୋର । ମନେ ପଡ଼ୁଥାଏ—ତାର ଜନମ ଭୂଇଁ ଓଡ଼ିଶାର ମହାବିନାୟକ ଓ ଚଣ୍ଡିଖୋଲର ଦୃଶ୍ୟ । ସେ ବର୍ଷ ଶିବରାତ୍ରୀକୁ ସେ ବାପା, ମା, ଭାଇ, ଭଉଣୀଙ୍କ ସଙ୍ଗେ ଚଣ୍ଡିଖୋଲ ଯାଇଥିଲା । ପର୍ବତ ଶିଖର-ବାସୀ ପ୍ରଭୁ ମହାବିନାୟକ ପାଦଧୌତ କରି ବହି ଆସୁଥିବା ସ୍ରୋତ ଝରଣାଟିର ପବିତ୍ର ଜଳରେ ସ୍ନାନକରି ସେ ନିଜକୁ କେତେ ଭାଗ୍ୟବାନ ମନେ କରୁଥିଲା । ଆଜି ସେ ପୂତଭୂମି କେତେ ଦୂରରେ ? ବାପା ମା' ଭାଇ ଭଉଣୀ ଏମାନେ କେଉଁଠି ? ନୟନରୁ ତାର ଝରି ପଡ଼ିଲା ଲୋତକ; ଦୀର୍ଘ ନିଶ୍ୱାସ ଛାଡ଼ିଲା ହେମନ୍ତ । ଝୁରି ଝୁରି ମାଟିରେ ମିଶିଲେ ବି ଅଜ୍ଞାତ ଆଉ

ବର୍ତ୍ତମାନକୁ ଫେରି ଆସିବନି—ବରଂ ସେ ଚାଲି ଯାଉଥିବ ଆହୁରି ସୁଦୂର ଅତୀତକୁ—କେବଳ ସ୍ମୃତିଟି ଖାଲି ପଡ଼ି ରହିଥିବ ।

ସନ୍ଧ୍ୟା ସ୍ନାନ ସାରି ଗୁଟି ଦେଇ ଟାଣି ଚଳେ ହେମନ୍ତ ଉପରକୁ । ଚିନ୍ତାଶୀଳ ହେମନ୍ତର ସ୍ୱପ୍ନ ଭାଙ୍ଗିଗଲା । ଚମକି ପଡ଼ିଲା ସେ । ହସି ଉଠିଲା ସନ୍ଧ୍ୟା, "ଭାଇ ଚମକି ପଡ଼ିଲେ, ଏତେ କଣ ଭାବୁଥିଲ ?"

—ଆଜଯାଏ ତୋର ଦୁଷ୍ଟାମି ଗଲା ନାହିଁ । ଦେଖୁଛୁ ପରା ମୋତେ ଖୁବଣ ଶୀତ ।

—ଭୁଲ ହୋଇଗଲା । ମୁଁ ଭାବିଲି—କବିପ୍ରାଣ ଭାଇ ମୋର କଳ୍ପନା ରାଜ୍ୟରେ ଭାସି ବୁଲିଲେଣି । ପଡ଼ିସିବେ ଯଦି କେଉଁଠି—ଗୋଡ଼ହାତ ଭାଙ୍ଗିଯିବ । ମୋର ଟାଣି ଚଳାକ ତୁମର କିଛି ଉପକାର କଲାକି ନାହିଁ କହିଲ ? ଆଚ୍ଛା ଭାଇ ତୁମେ ତ କେବେ କବିତା ବି ଲେଖି ନାହିଁ ?

—ମୁଁ ତ କବି ନୁହେଁ କବିତା ଲେଖି ବି ଜାଣେ ?

—ଆଉ କ'ଣ ଭାବୁଥିଲ ?

—ଆଶ୍ରମ କଥା । ଆଶ୍ରମଟି ଏହି ସ୍ଥାନରେ ହୋଇଥିଲେ ସୁନ୍ଦର ହୋଇଥାନ୍ତା ।

—ହଉ ବାପାଙ୍କୁ କହି ଆଉ ଗୋଟିଏ ଆଶ୍ରମ ଏଠି ତିଆରି କରିବା ।

—ତୋର ଭାରି ବୁଦ୍ଧି ସନ୍ଧ୍ୟା !

— ମୋର ବୁଦ୍ଧି ବିଦ୍ୟା; ସବୁ—ଭାଇ କେବଳ ତୁମର ଜୀବନ ପଥରେ ସାହାଯ୍ୟ କରିବାକୁ ।

—କେତେ ଦିନ ତୁ ଆଜି ମୋତେ ସାହାଯ୍ୟ କରିବୁ ?

—କାହିଁକି ?

—ଶାଶୁଘରକୁ ଯିବୁ ନାହିଁ ?

—ବାଜେ କଥା । ଆସ ଯିବା ବାପା ଫେରିବା ପୂର୍ବରୁ ଆମେ ନ ପହଞ୍ଚିଲେ—ମୁସ୍କିଲ୍ ।

ଆଗେ ଆଗେ ସନ୍ଧ୍ୟା, ପଛେ ପଛେ ହେମନ୍ତ ପର୍ବତ ଉପରୁ ଖସିଲେ ମଟରକାର୍ ପାଖକୁ । ସନ୍ଧ୍ୟା କାର୍‌ରେ ବସିଲାଣି । ହେମନ୍ତ ଚାହିଁଛି—ପର୍ବତର ପାଦଦେଶର ସବୁଜ ଶସ୍ୟକ୍ଷେତ୍ରକୁ । କି ସୁନ୍ଦର ଦିଶୁଛି ସେ ଦିଗନ୍ତବ୍ୟାପୀ ପ୍ରାନ୍ତରର ଶ୍ୟାମଳିମା । ପ୍ରକୃତିର ଏ ଅପୂର୍ବ ରୂପ ମାଧୁରୀ ଦର୍ଶନରେ ମୂର୍ଖ ଦର୍ଶକର ଅନ୍ତରରେ ମଧ୍ୟ କବିତ୍ୱ ଜାଗରିତ ହେବ । ଧନ୍ୟ ସେ ସ୍ରଷ୍ଟା, ଧନ୍ୟ ତାର କଳା କଉଶଳ । ଶସ୍ୟକ୍ଷେତ୍ର ଉପରୁ ଦୃଷ୍ଟି ଫେରାଇ ପୁଣି ସେ ଚାହିଁଲା—ଦୂରଦିଗ୍‌ବଳୟ ତଳକୁ । ବମ୍ବେ ସହରର ରମ୍ୟ ଦୃଶ୍ୟ । ଲକ୍ଷ ଲକ୍ଷ ପ୍ରାସାଦ ଫୁଟି ଦିଶୁଛି—ଶିଳ୍ପପତି ଗୋବର୍ଦ୍ଧନ ବାବୁଙ୍କ ଶିଳ୍ପ ପୁରୀ । ଶତ ଶତ ଚିମନୀରୁ ନିର୍ଗତ କୃଷ୍ଣଧୂମ ନୀଳଆକାଶକୁ ବିବର୍ଣ୍ଣ କରି ଦେଉଛି । ଆନନ୍ଦରେ ପ୍ରାଣଟା ତାର ନାଚି ଉଠିଲା । ସନ୍ଧ୍ୟାର ତୃତୀୟ ଡାକରେ ସେ ଜବାବ ଦେଇ ପ୍ରକୃତିର ଚିତ୍ରପଟରୁ ଦୃଷ୍ଟି ଫେରାଇ କାର୍‌ରେ ବସିଲା ।

କାର୍ ଷ୍ଟାର୍ଟ୍ ହେଲା ।

— — —

ବହୁଦିନ ପରେ ସରପଞ୍ଚବାବୁ ତାଙ୍କ ବୈଠକଖାନାରେ ମୁଣ୍ଡ ଭରଦେଇ ବସିଛନ୍ତି । ନ୍ୟାୟପଞ୍ଚ ଗିରି ମହାନ୍ତି ନିର୍ବୋଧଙ୍କ ପରି ସରପଞ୍ଚ ନରହରି ବାବୁଙ୍କ ମୁହଁକୁ ଚାହିଁଛନ୍ତି । ନରହରି ବାବୁ କହିଲେ—ଦେଖୁଛ ତ ମହାନ୍ତିଏ ! ପୁଅ ଦଗା ଦେଲା ବେଳେ ମାଇପର କଟୁଣୀ ଉଛି । ଏଥିରେ ମୁଁ ବଞ୍ଚିବି - ନା ମରିବି—କୁହ ? ମହାନ୍ତି ସଳଖ ବସି କହିଲା ଆପଣ କିଛି ଚିନ୍ତା କରନ୍ତୁ ନାହିଁ । କାଲି ମୁଁ ଯାଉଛି ବାଲେଶ୍ୱର । କେବେ ବଳେ କଉଶଳେ --ସାନବାବୁଙ୍କୁ ଏଠିକି ନେଇ ଆସିଲେ ଗଲା । ସେଣିକି ଫକୀର ଝିଅ ଖାଲୁ ଧରୁଥାଉ ।

—ତୁମେ ପାରିବ ମହାନ୍ତିଏ ?

—ନ ପାରିବ ଯଦି ଆଉ ଏଗାଁରେ ମୁହଁ ଦେଖାଇବ ନାହିଁ ।

ଠିକ୍, ବକ୍‌ସିସ୍ ତୁମର ୫୧୦୦ଙ୍କା; ଧୋତି ହଳେ ରହିଲା । କାମ ସରିଲେ ଏ ସବୁ ପାଇବ ।

—ଟଙ୍କା ଲୁଗା କ'ଣ ହେବ ଆଜ୍ଞା, ଆପଣଙ୍କର କ'ଣ ଖାଉନାହିଁ ?

– ଖାଅ ବରଂ --ତୁମକୁ ତ ମୁଁ ଦେବି । ତୁମେ ବାଲେଶ୍ୱର ଯାଅ । କାଲି କଥା ଛାଡ଼ । ଆଜି ରାତି ଗାଡ଼ିରେ ଯାଅ !

—ହଁ ଆଜ୍ଞା ଭଲ ହେବ । କାଲି ସକାଳୁ ସେଠି ପହଞ୍ଚିବ । ହଁ ଆଜ୍ଞା, ଗୋଟେ କଥା; ମଧୁଆଟା ମୋତେ ରହି ଦେଉନାହିଁ ।

—ତା' ଟଙ୍କା ତାକୁ ଫେରାଇ ଦିଅ । ଖାସି କଥା କହିଲେ ମୋପାଖକୁ ଡାକଦେବ । ତୁମେ ଯାଅ ! ଡେରି କର ନାହିଁ । ନିଅ କୋଡ଼ିଏ ଟଙ୍କା··· ।

—ହଁ ଆଜ୍ଞା ।

ଦୁଇଟି ଦଶଟଙ୍କିଆ ନୋଟ ଅଣ୍ଟାରେ ମାରି ଗିରି ମହାନ୍ତି ବୈଠକଖାନା ବାରଣ୍ଡା ତଳକୁ ଖସି ଯାଉଥିଲା । ନରହରି ବାବୁ ମୁଣ୍ଡରେ ହାତ ଦେଇ ବସିଥାନ୍ତି । ହାରି ଦେଈ ରଣଚଣ୍ଡୀଙ୍କ ପରି ଭିତରୁ ବାହାରିଆସି କହିଲେ, ଦେଖ ଗିରି ମହାନ୍ତି ! ତୁମେ ବାଲେଶ୍ୱର, ଯାଉଛ ଯାଅ ! ମନା ନାହିଁ, ଯଦି ମୋ ପୁଅବୋହୂର କିଛି ଅନିଷ୍ଟ କର ସେଦିନ ଲମାତେ ଚିହ୍ନିବ । ହଁ—ସତ କହୁଛି ତୁମକୁ ଜଅନ୍ତା ଖାଇ ଦେବି । ମୁଁ ଦେଖେଁ ଏ ବୁଢ଼ା ମାଙ୍କଡ଼ ପୁଅ ବୋହୂଙ୍କୁ ଆଣୁଛି କି ନାହିଁ ଘରକୁ ।

ଏତିକି କହି ହାରି ଦେଈ ଘର ଭିତରକୁ ପଶିଗଲା । ନରହରି ବାବୁ ଉଠିଗଲେ—ଅଫିସ୍ ଘର ଆଡ଼କୁ ।

—o—

( ୨୪ )

ବାଲେଶ୍ୱର । ଶ୍ରୀକାନ୍ତ ବାବୁ ହାକିମଙ୍କ କ୍ୱାଟର । କ୍ୱାଟର ସୁନ୍ଦରପଟେ ବଗିଚା । ଏଇ ଗୁଡ଼ିଏ ମାସ ଭିତରେ ତୁଳସୀର ମେହେନତରେ କେତେଗୁଡ଼ିଏ ନୂଆ ନୂଆ ଫୁଲଗଛ, କଦଳୀବୁଦା, ସାଗପଟାଳି, କଲମି ଆମ୍ବ, ଲେମ୍ବୁ ଆଦି ଉଠୁଛି । ଡାଣ ଦୁଆରେ, ବାରଣ୍ଡା ତଳଠାରୁ ଗୁଡ଼ି ପାଞ୍ଚ ହାତ ଦୂରଯାଏ ଘାସ ସଫା ହୋଇ ଧାରେଧାରେ କେତେ ରକମର ଫୁଲ ଗଛ ଲାଗିଛି । ଦୁଇକଣକୁ ଦୁଇଟି ଗଙ୍ଗଶିଉଳୀ ବୁଦା । ଚତୁର୍ଦ୍ଦିଗରେ ବଲାଗ କଣ୍ଟାବାଡ଼ର ଘାଟେଶ୍ୱ' ପ୍ରଧାନ ଫାଟକ ଉପରେ ଶିଆରି ଲତା

ମାଡ଼ୁଛୁ । ଫାଟକ ପାର ହୋଇଗଲେ ବୈଠକଖାନା । ସେଇଠି କଟକରୁ ଯାଇଥିବା କୁକୁର ଛୁଆଟି ଦିନରାତି ବସି ବିଶ୍ବସ୍ତ ଭୃତ୍ୟର କାର୍ଯ୍ୟ କରୁଛୁ, କେହି ଆସିଲେ ଜଣାଇ ଦେଉଛୁ ଡାକିମଙ୍କୁ ।

ସେ ଦିନ ସକାଳୁ ଆଗ ଶ୍ରୀକାନ୍ତ ଗାଧୋଇ ପଡ଼ି ପୋଷାକ ପିନ୍ଧି ତର ତର ହେଉଛୁ କୁଆଡ଼େ ଯିବ ବୋଲି । କାନ୍ଥରେ ଟଙ୍ଗା ହୋଇଥିବା ବଡ଼ ଅଇନା ପାଖରେ ଠିଆ ହୋଇ ମୁଣ୍ଡ କୁଣ୍ଡାଉଛୁ । ତୁଳସୀ ଚାହିଆରେ ପାଣି ମନ୍ଦେ ଧରି ପ୍ରବେଶ କଲ୍; ଶ୍ରୀକାନ୍ତକୁ ପୋଷାକ ପିନ୍ଧୁଥିବାର ଦେଖି ଚମକ ପଡ଼ି ପଚାରିଲ୍, "ତୁମେ କ'ଣ ପୋଷାକ ପିନ୍ଧିଲଣି—ନିଜେ ନିଜେ ?"

—ବାହାରେ ଜରୁରୀ କାମ ଅଛି । ଅଧଘଣ୍ଟାକ ଭିତରେ ଫେରି ଆସିବ !

— ତେବେ ମୁଁ ଆଜି ପାଦୁକା ପାଇବି ନି ?

—ସବୁ ଦିନେ ପାଉଛ; ଆଜି ନ ପାଅ । ଭଗବାନ ତୁମକୁ ସଦ୍‌ବୁଦ୍ଧି ଦିଅନ୍ତୁ । ଯାଅ, ଗୃହ କରୁଥାଅ—ମୁଁ ଆସୁଛି ।

—ପାଦୁକା ନ ପାଇ ମୁଁ କିଛି କାମ କରିବି ନି । ମୋ କାମ ସାରି ତୁମେ କୁଆଡ଼େ ଯାଉଛ ଯାଅ ।

ନଇଁ ପଡ଼ିଲ୍ ତୁଳସୀ ଶ୍ରୀକାନ୍ତର ଗୋଡ଼ ପାଖରେ, ଓହ୍ଲାଇ ଦେଲ୍ ଦକ୍ଷିଣ ଗୋଡ଼ରୁ ବାଟାକମ୍ପାନୀର ନୂଆ ଜୋତାକୁ । ପାଦୁକା ପାଇ ପୁଣି ପିନ୍ଧାଇ ଦେଲ୍ । ଟେବୁଲ ଉପରେ ଥୁଆ ହୋଇଥିବା ନେକ୍‌ଟାଇଟିକୁ ଶ୍ରୀକାନ୍ତର ବେକରେ ବାନ୍ଧି ଦେଲ୍ । ଶ୍ରୀକାନ୍ତ ଖାଲି ନିର୍ଜୀବ ପରି ଠିଆ ହୋଇ ତା'ର କାର୍ଯ୍ୟକଳାପକୁ ଲକ୍ଷ୍ୟ କରୁଥାଏ । ଚାହିଆଟି ଧରି ଯିବାକୁ ଉଦ୍ୟତ ହେଲ୍ ତୁଳସୀ । କହିଲ୍ ଏଥର ତୁମେ ଯୁଆଡ଼େ ଯାଉଛ ଯାଅ, ମୋର କିଛି ଆପତ୍ତି ନାହିଁ ।

—ତୁମର ଆପତ୍ତି ନାହିଁ ?

—ନା,

ଶ୍ରୀକାନ୍ତର ପାର୍ଶ୍ୱବାହୁ ଦୁଇଟି ଉଡ଼ ଆଣିଲା ତୁଳସୀକୁ ତାର ସ୍ପିତ ବକ୍ଷ ଉପରକୁ । ଆଙ୍କି ଦେଲା ସେ ଗୋଟାଏ ସରୁ ଚୁମ୍ବନ ତାର ଥରିଲା ଚିବୁକରେ । ତୁଳସୀ ହାତରୁ ଠଣକର ଚାଟିଆଟି ତଳକୁ ଖସି ପଡ଼ିଲା ।

—ଛି, ଚୁହିଁଲ ଅଇନାକୁ—

—ତୁମେ, ମୁଁ । ଆଜ ତୁମେ ମୋ ବାହୁବନ୍ଧନରେ ।

—ସୁକାନ୍ତ କଲେଜରୁ ଫେରୁଥିବେ ।

—ଦେଖୁ—ଦେଖିଲେ ସିନା ଶିଖିବ ।

—ତୁମେ ଭାରି— — -

ପପି ଭୁକିଲା । ବୈଠକଖାନାରୁ ଶୁଭିଲା—"ବାବୁ ! ଘରେ ଅଛନ୍ତି ?" ତୁଳସୀ ବଜ୍ରାଳ ପରି ଭିତର ଘରକୁ ଚାଲିଗଲା । ଶ୍ରୀକାନ୍ତ ବାହାରି ଆସିଲା ପଦାକୁ ! "କିଏ ? ମଉସା ! ଆସ ! ତୁଳସୀ ଗାଁର ଗିରି ମଉସା ଆସିଛନ୍ତି" ଡାକ ଶୁଣି ତୁଳସୀ ଦୌଡ଼ି ଆସିଲା; ଦୁହେଁ ମହାନ୍ତଙ୍କୁ ନମସ୍କାର କଲେ ।

—ହଉ ବାପ ! ତୁମକୁ କିଏ ଅକଲ୍ୟାଣ କରୁଛି । ଭଗବାନ ତୁମକୁ ମଙ୍ଗଳରେ ରଖନ୍ତୁ । କୁଆଡ଼େ ବାହାରିଛ ବାପା ?

—ମୁଁ ଟିକେ ବାହାରକୁ ଯାଉଛି । ଅଧଘଣ୍ଟାଏ ପରେ ଫେରିବ । ତୁମେ ଗାଧୁଆ ପାଧୁଆ କର—କାଲିଠୁଁ ଆସିଲଣି, ଭୋକ ହେବଣି !

—ତୁମକୁ ଦେଖି ମୋର ପେଟ ପୂରି ଉଠୁଛି ବାପା ? ଖାଇବ କ'ଣ ?

ତୁମ କଲ୍ୟାଣରୁ ମଉସା ସବୁ ଭଲ । ଘରକୁ ଯାଅ—ଲୁଗା ବଦଳାଇ ଧୋଇ ଧୂଆ ହୁଅ । ତୁଳସୀ, ମଉସାଙ୍କୁ ଚା’ ଜଳଖିଆ ଦିଅ ?

—ନାହିଁ ବାପା—ସେ ସବୁ ଆମର ଚଳେ ନାହିଁ । ଆମର ସେଇ ଭାତ ମୁଠାକ ।

—ତେବେ ଶୀଘ୍ର ତୁଳସୀ ଯୋଗାଇର ବନ୍ଦୋବସ୍ତ କର— ମୁଁ ଆସୁଛି ।

ଶ୍ରୀକାନ୍ତ ଚାଲିଗଲା । ତୁଳସୀ ମହାନ୍ତିର ଛତା, ବାଡ଼ି ନେଇ ଗଲା ଘର ଭିତରକୁ । ସେଣେ ଯାଇ ଖାଇବାର ବ୍ୟବସ୍ଥା କଲା । ମଫସଲ ଲୋକ, ଚା’ ଜଳଖିଆକୁ ତାଙ୍କର ପସନ୍ଦ ନୁହେଁ । ଭାତତିଅଣ ତାଙ୍କର ଦରକାର ।

ଗିରି ମହାନ୍ତି ବୈଠକଖାନାରେ ବସି ବଟୁଆରୁ ପାନଗୁଆ ବାହାର କରି ସଜଲ କରୁ କରୁ ଭାବୁଥାଏ—ଚା’ ଖାଇବାକୁ ମନାକରି କେଡ଼େ ଭୁଲ କଲି । କେତେବେଳେ ଯୋଗେଇ ହେବ ? ଏଣିକି ତେଣିକି—ଭୋକରେ ବୁଲୁଥାଏ । କି ସୁନ୍ଦର ଭାବରେ ସଜା ହୋଇଛି ଘରଟା । ସୁକାନ୍ତ କଲେଜରୁ ଫେରି ସେଇବାଟେ ନିଜ ପଢ଼ାଘରକୁ ଯାଉଁ ଯାଉଁ ମହାନ୍ତିଙ୍କୁ ପଚାରିଲା—ଆପଣଙ୍କ ଘର ? ମହାନ୍ତିଏ ଜବାବ ଦେବା ପୂର୍ବରୁ—ତୁଳସୀ ଘରଭିତରୁ କହିଲା—ସେ ପରା ଗିରି ମଉସା ! ଆମ ଶଶୁରଙ୍କର ଦକ୍ଷିଣ ହାତ ।

—ସତେ, ନମସ୍କାର ମଉସା !

—ତୁମେ କିଏ ବାପ, ମୁଁ ତ ଚିହ୍ନିପାରୁ ନାହିଁ ।

—ମୁଁ ପରା ବାବୁଙ୍କର ମଝିଆ ପୁଅ ଭାଇ । ମୋ ନା’ ସୁକାନ୍ତ ।

—ହଁ ବୁଝିଲି । ତୁମେ କେତେଦିନ ହେଲା ଆସିଲଣି ?

—ମୁଁ ବାବୁଙ୍କ ଘରେ ରହି କଲେଜରେ ପଢ଼ୁଛି ।

—ହଉ ଭଲ । ଯା’ ଲୁଗା ବଦଳା ।

ସୁକାନ୍ତ ଲୁଗା ବଦଳାଇ ମହାନ୍ତି ପାଖରେ ବସିଲା । ମଧୁପୁର ଇଲାକାର ଭଲ ମନ୍ଦ, ନରହରି ବାବୁ ହାରାମଣୀ ଦେଈଙ୍କ ଗପ, ଆଉ କେତେ ଦେଶଦୁନିଆଁର କଥା ପଡ଼ିଲା । ଶେଷକୁ ମହାନ୍ତି ପଚାରିଲେ—ଭଲ ଡାକ୍ତର ଏଠାରେ ଅଛନ୍ତି ? ଏ ପେଟ ମରା ରୋଗ ପାଇଁ ଆସିଛି—ଯଦି ଭଲ ହୋଇଯାଏ——

—ହଁ, ବାଇଙ୍କର ସାଙ୍ଗମାନେ ଏଠି ଡାକ୍ତର । ବାଇ ଆସନ୍ତୁ ଖାଇ ପିଇ ସାରି—ତୁମକୁ ବଡ଼ ଡାକ୍ତରଖାନା ନେଇ ଯିବେ ।

—ସେଇ ପେଟ ମରା ପାଇଁ ତ ବାପ ମୁଁ କଣ୍ଟ କରିପାରୁ ନାହିଁ ।

—ଭଲ ହୋଇଯିବ । ଚନ୍ଦ୍ରାକର ନାହିଁ, ମଉସା ।

ଏହାଭିତରେ ଦୁଇଘଣ୍ଟା ବିତିଗଲାଣି । ଗିରି ମହାନ୍ତି ଏଣେ ଭୋକରେ ଛଟପଟ, ତୁଳସୀ ହାତର ପାଣି ଛୁଇଁବ ନାହିଁ ବୋଲି ଯେଉଁ ଆଣ୍ଟ ଥିଲା ବିନାଟିକଟରେ ଗାଡ଼ିରେ ଆସିଥିବାରୁ ଟିଃ ଟିଃ ଆଇ ସେ ଆଣ୍ଟ ଭାଙ୍ଗି ଦେଇଛି । ଭୋକରେ ମହାନ୍ତି ଘନ ଘନ ହାଇ ମାରିଲେଣି । ସୁକାନ୍ତ କହିଲା—ମଉସା ଭୋକ-ହେଲାଣି ବୋଧହୁଏ—

—ନାହିଁ ବାପ, ସେତେ ଭୋକ ହୋଇନାହିଁ ଯେ—ସକାଳୁ ପଖାଳଖିଆ ଲୋକ । ମୁଁ ଟିକଏ ଡେରି ହୋଇଗଲାଣି ।

—ମୁଁ ଦେଖେ ରୋଷେଇ କେତେ ଦୂର ଗଲାଣି ।

ସୁକାନ୍ତ ଉଠିଗଲା ସେତେବେଳେ ଘରକୁ । ସେତେବେଳେ ସାଜ ତୁଳସୀ ଭାତ ବାଢ଼ିବ ବୋଲି ବାସନ ଧୋଉଥିଲା । ସୁକାନ୍ତ କହିଲା—ନୂଆ'ଉ ମୁଁ ବର୍ତ୍ତମାନ ଖାଇବିନି, ଭାଇ ଆସନ୍ତୁ—ସାଙ୍ଗ ହୋଇ ଖାଇବୁ । ତୁମେ ମଉସାଙ୍କ ପାଇଁ କେବଳ ବାଢ଼ । ଭୋକରେ ସେ ହାଇ ମାରିଲେଣି ।

ସୁକାନ୍ତ ମହାନ୍ତିଙ୍କୁ ଡାକଦେଇ ପଢ଼ି ବସିଲା । ହାତ ଧୋଉ ଧୋଉ ମହାନ୍ତିଙ୍କର ମଲି ଫୁଲଆ ଭାତ ଥାଳି ଓ ଥାଳି ଗୋଡ଼ପାଖ ନ' ତିଅଣ ଛ' ଭଜା ଉପରେ ଆଖି ପଡ଼ିଲା । ଶୁଖିଲା ଓଠରେ ତାର ଦରଭଙ୍ଗା ହସ ଖେଳିଗଲା । ଥାଳି ପାଖେ ବସୁ ବସୁ ଜିଭ ତଳର ତରଳ ପଦାର୍ଥରେ ପାଟି ଭରି ଉଠିଲା । ବାବୁଘର ଖାନା । ଜୀବନର ପ୍ରଥମ—ଏ । ଖାଇବ କ'ଣ । ଦେଖୁଦେଖୁ ତ ପେଟ ପୂରିଗଲାଣି । ଆଚମନ ବିଧି ସମାପ୍ତକରି ମହାନ୍ତି ମାଛଝୋଳରୁ ଆଗ ନିଶ୍ୱାସ ବୁଡ଼ା ଶୋଡ଼ିକାଏ ଟାଣିଦେଲା । ପଛକୁ ପଛ ଅନ୍ୟ ତରକାରୀରେ ହାତ ବାଜିଲା । ଭାତ ଖାଉଛି କିଏ - ଖାଲି ତରକାରୀରେ ତ ପେଟ ପୂରିଯିବ । ଭାତ ତ ଅଳପ ବହୁତ ସବୁଦିନେ ମିଳୁଛି; କିନ୍ତୁ ଏ ତରକାରୀ ମିଳିବ କୁଆଡ଼ୁ ? ଖାଇବା ତ ଦୂରର କଥା, ବାପ ଗୋସାପ ବି ନା ଶୁଣି ନ ଥିବେ ।

ଦ୍ୱିତୀୟ ଥର ଭାତ ତିଅଣ ଠେକି ତୁଳସୀ କିଛି ଦୂରରେ କବାଟ ଜଡ଼ାଳରେ ବସିଲା । ବୁଢ଼ାର ସିଁ, ସିଁ, ସାଡ଼ୁ, ସାଡ଼ୁ, ଶବ୍ଦ ଶୁଣି ଶୁଣି କହିଲା—ମଉସା ଡାଲି ତିଅଣ କିପରି ହୋଇଛି ? ମୋତେ ତ ରାନ୍ଧି ଆସେ ନାହିଁ ।

—ମା' ବାରିବାକୁ ନାହିଁ । ତୁ ଲକ୍ଷ୍ମୀ ! ସବୁ ଭଲ ହୋଇଛି । ତୋ ଶାଶୁ ଶଶୁର ପାଖରେ କହିବି ସବୁ । ପ୍ରକୃତରେ ତୁ' ବଡ଼ଲୋକ ଘରକୁ ଯୋଗ୍ୟ । ଆରେ ଜାତି ଭେଦ ତ ମଣିଷ

ଗଡ଼ିଛୁ, ସେ ପୁଣି ଭାଙ୍ଗିପାରିବ ନି କାହିଁକି ? ମୁଁ ତାଙ୍କୁ ବନେଇ ଦେବି । ଅଳ୍ପ ଦିନ ଭିତରେ ଆସି ତୋତେ ନେଇଯିବେ । ବର୍ତ୍ତମାନ ସେ ଦୁରେଇ ଦେଇଚନ୍ତି । ହେଉ—ବନସ୍ତରେ ହାଣ୍ଡି ବଢ଼ିଲେ ଉଜାଡ଼ି ତ ?

—ତୁମେ ଆସିଲାବେଳକୁ ବାପା, ମା' କ'ଣ କରୁଥିଲେ ?

—ତୋ ଶାଶୁ ଶଶୁର ନା' ? ସେ ତ ମୋତେ ତୁମ ପାଖକୁ ପଠାଇଲେ । ପୁଣି ମୋ ବାହୁଡ଼ାପଥକୁ ଚାହିଁ ରହିଥିବେ—ଚାତକ ପରି । ତୁମରି ଭଲ ଶୁଣିଲେ ତାଙ୍କ ମନ ତରିଯିବ ହେବ ।

—ଯାହା'ହେଉ ମଉସା ! ଏତେ ଦିନକେ ତୁମର ଆମ କଥା ମନେ ପଡ଼ିଲା ।

—ସବୁବେଳେ ମନେ ପଡ଼େ ଲେ ମା । ହେଲେ ଆସିବାକୁ ସମୟ ନାହିଁକି ଅର୍ଥ ବି ନାହିଁ । ଏଇ ପେଟଟା ମାରୁଛି ବୋଲି ବାଧ୍ୟ ହୋଇ କାମ ଦାମ ଛାଡି ଆସିଲି । ତୋ ଶଶୁର ବି କହିଲେ—ତୁ ବାଲେଶ୍ୱର ଯା' । ଭଲ ମନ୍ଦ ଦେଖି ରୋଗ ଭଲ କରି ଆସିବୁ ।

—ଭଲ କରିଛ ଆସିଛ । ବାବୁଙ୍କର ଡାକ୍ତରମାନେ ଚିହ୍ନା ଅଛନ୍ତି । ଦୁଇ ଦିନ ଭିତରେ ଭଲ କରି ଦେବେ । ଆଜି ଖାଇବ କ'ଣ ?

—ନାହିଁ ମା' ପେଟ କାହିଁ ? ଆଚ୍ଛା ମା'.ତୋ' ମାଆ ସାନଭାଇ ତ ଆଶ୍ରମରେ ମରିଗଲେ । ହେମ କୁଆଡ଼େ ଗଲା ?

—ଭାଇଙ୍କର ବର୍ଷେ ହେଲା, କିଛି ଖବର ପାଉ ନାହୁଁ । ସ୍କୁଲରେ ଥିଲେ କୁଆଡ଼େ ଗଲେ ତାଙ୍କର ପତ୍ର ପାଉ ନାହୁଁ ।

—ଆହାଃ—। ଭଗବାନ ଏପରି ନିଷ୍ଠୁର ? ସବୁ ଭାଗ୍ୟ ମା —କହିବୁ କାହାକୁ ?

ମହାନ୍ତ ଗ୍ଲାସ୍ ଉଠାଇ ଢକ୍ ଢକ୍ କରି ପାଣି ଗ୍ଲାସ୍‌ଟି ଶେଷକରି ଦେଇ ଆଉ ଗ୍ଲାସେ ପିଉଛନ୍ତି ଶ୍ରୀକାନ୍ତ ବଜାରରୁ ଫେରି, ପଶି ଆସିଲା ଘର ଭିତରକୁ । ତୁଳସୀ ଉଠିଗଲା ତାକୁ ଦେଖି ।

— ମଉସା ଖାଉଛ ?

— ହଁ ବାବୁ ଖାଇ ସାରିଲିଣି ।

— ଆଉ କ'ଣ ଖାଇବ କୁହ ।

— ନାହିଁ ବାବୁ ମା'ତ ମୋର ଆଶା ବୋଧ କରି ଦେଇଛନ୍ତି ।

— ହଉ ତୁମ ଇଚ୍ଛା—

ଶ୍ରୀକାନ୍ତ ଘରକୁ ଚାଲିଗଲା । ମହାନ୍ତ ପେଟକୁ ଓଳଆ ପରି କରି ହାତ ଧୋଇ ହେବାକୁ ଉଠିଗଲା ।

—*—

( ୨୪ )

ମୈତ୍ରୀ ଦିନ ବିତିଗଲାଣି । ଗିରି ମହାନ୍ତ ପିଛରେ ପିଛରେ ଔଷଧ ଖାଇ ଖଟିଆରେ ଚଢ଼ୁଛନ୍ତି । ଏତେ ବଡ଼ ସୁନାର ସଂସାର ଭାଙ୍ଗିବାକୁ ଛିଦ୍ର ଅନ୍ୱେଷଣ କରୁଛି; କିନ୍ତୁ ପୂଣ୍ୟ ଦେହରେ ତାପର ସ୍ଥାନ କାହିଁ ।

ଦଶ ବାଜିଲାଣି । ଦୁଇ ଭାଇଙ୍କୁ ଖାଇବାକୁ ଦେଇ ତୁଳସୀ ସିଲେଇ ମେସିନ୍ ପାଖରେ ବସିଲା । ପୂର୍ବରୁ ସୁକାନ୍ତ ପାଇଁ ପେଣ୍ଟ୍ କାମିଜ୍ ସିଲେଇ କରି ସାରିଥିଲା, ବାକିଥିଲା ବୋତାମ ଲଗାଇ ବାକୁ । ଦୁଇ ଭାଇ ଖାଇସାରି ଉଠିଲାବେଳକୁ ତୁଳସୀର ସିଲେଇ

ସରିଲାଣି । ସୁକାନ୍ତ କଲେଜ ଯିବ । ଶ୍ରୀକାନ୍ତ ଯିବ କଚେରୀକୁ । ହାତ ଧୋଇ ହୋଇ ସୁକାନ୍ତ ନିଜ ବଖରାକୁ ଗଲା । ଶ୍ରୀକାନ୍ତ ପୋଷାକ ପିନ୍ଧିଲା । ତୁଳସୀ ତାର ଗୋଡ଼ରେ ଯୋତା, ବେକରେ ଟାଇ ପିନ୍ଧାଇ ଦେଲା । ଶ୍ରୀକାନ୍ତ ଆରାମ ଚେୟାରରେ ବସି ସିଗାରେଟ୍ ପିଉଥାଏ—ତୁଳସୀ ସୁକାନ୍ତକୁ ଡାକଲା । ଦୌଡ଼ି ଆସିଲା ସୁକାନ୍ତ ।

କ'ଣ ନୂଆ'ଉ ?

—ଆସ, ତୁମ ପାଇଁ ପେଣ୍ଟ୍ କାମିଜ ସିଲେଇ କରିଛୁ ପିନ୍ଧ ।

—ବେଳ ହେଇଗଲାଣି ନୂଆ'ଉ । କାଲିକୁ ପିନ୍ଧିବ ।

—ପେଣ୍ଟ୍ କାମିଜ ପିନ୍ଧିବାକୁ ଦଶ ଘଣ୍ଟା ଲାଗିବ ନାହିଁ ଯେ—

ସୁକାନ୍ତ ଆଉ ଉତ୍ତର ନ ଦେଇ ନୀରବରେ ଦୁଆରି ମୁହଁରେ ଠିଆ ହେଲା । ଶ୍ରୀକାନ୍ତକୁ ତାର ଭାରି ଲାଜ । ମୁହଁଟେକି ସେ ତାକୁ କଥା ପଦେ କହେ ନାହିଁ । ଶ୍ରୀକାନ୍ତ କହିଲା— କରେ ପେଣ୍ଟ୍ ସାର୍ଟ୍ ପିନ୍ଧୁ ନାହୁଁ ! ସୁକାନ୍ତ ପୋଷାକ ଦି' ଖଣ୍ଡ ଧରି ନିଜ ରୁମକୁ ଚାଲି ଯାଉଥିଲା । ତୁଳସୀ କହିଲା—ଶୀଘ୍ର ପିନ୍ଧିଆସ, ତୁମ ଭାଇ ଦେଖିବେ ତୁମକୁ କପରି ମାନୁଛି ।

ତୁଳସୀ ଶ୍ରୀକାନ୍ତ ପାଇଁ ପାନ ଭାଙ୍ଗି ସାରିନାହିଁ । ସୁକାନ୍ତ ପେଣ୍ଟ କାମିଜ୍ ପିନ୍ଧି ହାଜର । ମୁଣ୍ଡ ଲଟାଇ ପ୍ରଣାମ କଲା ଭାଇ ଓ ନୂଆ'ଉଙ୍କୁ । ଶ୍ରୀକାନ୍ତ ତାକୁ କୋଳକୁ ଟାଣି ଆଣି କହିଲା, "ଦେଖିଲୁ ତୋ ନୂଆ'ଉର ତୋ'ଠାରେ କେତେ ସ୍ନେହ ?" ସୁକାନ୍ତ କୃତଜ୍ଞ ପରେ ନିଜ... ଲତାପରି ଝାଉଁଳି ପଡ଼ିଲା ।

ଶ୍ରୀକାନ୍ତ ଚାହିଁଲା ଥରେ ତୁଳସୀଙ୍କୁ, ଆଉ ଥରେ ସୁକାନ୍ତକୁ। ସେହ ଆଉ ଭକ୍ତିର ଆଧାର ଦୁଇଟି ମୂର୍ତ୍ତି। ଜଣେ ସୀତା ଆଉ ଜଣେ ଲକ୍ଷ୍ମଣ। ଦୁହିଁଙ୍କ ମଧ୍ୟରେ ମହାନତା ଓ ଉଦାରତା ସ୍ଥାନ ପାଇଛି। ଦୁହିଁଙ୍କୁ ପାଇ ସେ ଧନ୍ୟ—ଆନନ୍ଦରେ ଅସ୍ଥିର ହୋଇ-ପଡ଼ିଲା ସେ। ଆରାମ ଚେୟାର୍‌ରୁ ଉଠି ବସି ଦୁହିଁଙ୍କୁ ଦୁଇ ବାହୁରେ ଭିଡ଼ି ଧରିଲା। ଆତ୍ମା ତାର ଲୁଚିଗଲା ଈଶ୍ୱରଙ୍କ ଅପାର କରୁଣା ତଳେ। ମୁଦ୍ରିତ ନୟନରେ ସେ ପ୍ରାର୍ଥନା କଲା—ପ୍ରଭୁ! ମୁଁ ଆଉ କିଛି ମାଗୁ ନାହିଁ, ମାଗୁଛି ଖାଲି—ବିଶ୍ୱବ୍ୟାପୀ ସ୍ନେହ, ଭକ୍ତି ଆଉ ଶାନ୍ତି; ଦୁହିଁଙ୍କୁ ବାହୁବନ୍ଧନରୁ ମୁକୁଳାଇ ଦେଇ ଯୋଡ଼-ହସ୍ତେ ପ୍ରଣାମ କଲା—ଶାନ୍ତି ଉପାସକ—ମହାତ୍ମାଗାନ୍ଧୀଙ୍କ ଫଟୋକୁ।

ଶ୍ରୀକାନ୍ତର ଏପରି କାର୍ଯ୍ୟ ଦେଖି ସୁକାନ୍ତ ଓ ତୁଳସୀ ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି। ଭାଇର ଅନୁମତି ପାଇ ସୁକାନ୍ତ ଚାଲିଆସିଲା କଲେଜ ଯିବ ବୋଲି—ତୁଳସୀକୁ ବକ୍ଷରେ ଚାପି ଧରି ଶ୍ରୀକାନ୍ତ କହିଲା—ତୁଳସୀ, ତୁମେ ମାନବୀ ନୁହେଁ—ମୋର ଦେବୀ। —ତୁମେ ଆଜି କଲେଜ ଯିବନି କି ?

—ନାଁ'

—କାହିଁକି ?

—ଆଜି ମୋର ଆନନ୍ଦର ଦିନ।

ଶ୍ରୀକାନ୍ତର ହସ ହସ ମୁଖଟି କ୍ରମେ ନଇଁ ଆସିଲା—ପ୍ରାଣର ପ୍ରିୟତମା—ତୁଳସୀର ଗୋଲାପି ଗଣ୍ଡ ଆଡ଼କୁ।

ମନ୍ଦବୁଦ୍ଧି ଟିଏ ମହାନ୍ତ କାନଡେରି ଶୁଣୁଥିଲା । ହଠାତ୍ ଆନନ୍ଦରେ ହସି ଉଠି କହିଲା—ସୁକାନ୍ତଟାକୁ କାହିଁକି ଏତେ ଭଲ ପାଏ ? ବାଃ ଠିକ୍ ମିଳିଲା ତାକୁ ସେ ଆଉଥରେ ହସିଲା । ହସରୁ ବାହାରୁ ଥିଲା—ବିଷ ।

—୦—

( ୨୬ )

ପରଦିନ ସକାଳୁ । କୁଆ କା' ନ କରୁଣୁ ମହାନ୍ତ ବିଛଣା ଛାଡ଼ିଲା । ଗାଧୁଆ ପାଧୁଆ ଶେଷକରି କୋଥଳି ସେବାରେ ବସିଗଲା । ଚାରି ଦିନ ପରେ ଶ୍ରୀକାନ୍ତ କାଲିଗାଡ଼ିରେ ବନ୍ୟାଞ୍ଚଳରୁ ଫେରିଛି । ପୁଣି କୁଆଡ଼େ ଚାଲିଯିବ । କଥାଟା କହି ଦେଇ ଏ ଜାଗାରୁ ପଳାଇ ଯିବା ଉଚିତ ।

ମହାନ୍ତ ଚନ୍ଦନ ଘୋରି ମସ୍ତକରେ ରାମାନନ୍ଦୀ ଚିତା ଟାଣୁଛି । ଶ୍ରୀକାନ୍ତ ମୁହଁ ଧୋଇ ହୋଇ ପ୍ରାତଃ ଭ୍ରମଣକୁ ଯାଉଁ ଯାଉଁ କହିଲା— ଆଜି କ'ଣ ମଉସା ସକାଳୁ ସକାଳୁ ସବୁ କାମ ସାରି ଦେଲଣି ? ମହାନ୍ତ ଉତ୍ତର ଦେଲେ—ବାପା ଘରୁ ଆସିଲିଣି ଦଶ ବାର ଦିନ ହେଲା—ବନ୍ୟାରେ ଘରଦ୍ୱାର ଥିବ କି ନାହିଁ ସନ୍ଦେହ । ଦେହ ତ ଟିକିଏ ଭଲ ଜଣା ପଡ଼ୁଛି । ଆଉ କାହିଁକି ରହିବ ? ଭାବିଛି ଏଇ ସକାଳ ଗାଡ଼ିରେ ଚାଲିଯିବି । ମୋତେ ଟିକିଏ ବାପ ଷ୍ଟେସନରେ ଛାଡ଼ି ଦେଇ ଆସିବ ।

—ସୁକାନ୍ତ ଯିବ ତୁମ ସଙ୍ଗରେ—ମୁଁ ତାକୁ କହୁଛି ।

— ନାହିଁ ବାପା ! ତୁମ ପାଖରେ ମୋର ଗୋଟିଏ କଥା କହିବାର ଅଛି । ଏଠି କହିବ ନାହିଁ, ଷ୍ଟେସନରେ କହିବ । କିଛି ମନ୍ଦ ନୁହେଁ ତୁମର ମଙ୍ଗଳପାଇଁ କହିବ ।

— ହଉ, ମୁଁ ନଦୀରୁ ଗାଧୋଇ ଆସେ । ତୁମେ ଜଳଖିଆ ଖାଇ ବାହାରି ପଡ଼ ।

ଶ୍ରୀକାନ୍ତ ଚାଲିଗଲା । ମହାନ୍ତି ଚାହିଁଲା ଏଣିକି ତେଣିକି, ତଳକୁ ଉପରକୁ ଭାବିଲା—କ'ଣ ମୁଁ କରିବାକୁ ଯାଉଛି । କଥା ପଦକରେ ଗୋଟାଏ ସୁନାର ସଂସାରକୁ ନଷ୍ଟ କରିବାକୁ ଯାଉଛି । ସେମାନେ ତ ମୋର କିଛି ଦୋଷ କରି ନାହାଁନ୍ତି । ବରଂ ଆଦର ଅଭ୍ୟର୍ଥନା କରିଛନ୍ତି । କଥାଟା ଜଣା ପଡ଼ିଲେ ଶ୍ରୀକାନ୍ତ କ'ଣ ଭାବିବ ? କିନ୍ତୁ ନରହରି ବାବୁଙ୍କର ତ ଲୁଣ ଖାଇ ଆଜୀବନ ବଞ୍ଚି ଆସିଛି । ତାଙ୍କୁ ଏତେବେଳେ ସାହାଯ୍ୟ କରିବା ମୋର କର୍ତ୍ତବ୍ୟ । ଶ୍ରୀକାନ୍ତ ଜାଣିବ କିପରି, ନରମାୟା ତ ନାରାୟଣଙ୍କୁ ଅଗୋଚର ।

ତୁଳସୀ ଜଳଖିଆ ଆଣି ଥୋଇଲା । ଚାହୁଁ ଚାହୁଁ ମହାନ୍ତିର ଛାତି ସରଗ ଉଠିଲା । ତୁଳସୀ ପାଣି ଦେଉଁ ଦେଉଁ ଅସମ୍ଭାଳ । ଅଧୁଆ ହାତରେ ଖାଇବା ଆରମ୍ଭ କରିଦେଲା ।

ଗ୍ଲାସ୍ ଟିଏ, ପାଣି ଢାଳେ ମହାନ୍ତି ପାଖରେ ଥୋଇ ଦେଇ ତୁଳସୀ ଚାଲି ସୁକାନ୍ତ ପାଇଁ ସାଗୁ ରାନ୍ଧିବାକୁ । ସୁକାନ୍ତକୁ ଜର । କାଲିଠୁ କିଛି ଖାଇ ନାହିଁ । ଏପର୍ଯ୍ୟନ୍ତ ବି ବିଛଣାରୁ ଉଠି ନାହିଁ ।

ଗିରି ମହାନ୍ତି ଖାଇ ସାରି ହାତ ଧୋଇ ହେଉଛି ଶ୍ରୀକାନ୍ତ ଆସି ପହଞ୍ଚିଲା । ତରତରରେ ଦି'ଟା ଜଳଖିଆ ଖାଇଦେଲା ଶ୍ରୀକାନ୍ତ । ଦୁହେଁ ବାହାରିଗଲେ ଷ୍ଟେସନକୁ । ସେତେବେଳକୁ ଗାଡି ଟାଇମ୍ ହୋଇଗଲାଣି ।

ଷ୍ଟେସନ୍‌ରେ ପହଞ୍ଚିବା ପୂର୍ବରୁ ଗାଡ଼ି ଆସି ଯାଇଥିଲା । ଶ୍ରୀକାନ୍ତ ଟିକେଟ ଖଣ୍ଡେ କାଟିଆଣି ମହାନ୍ତଙ୍କୁ ଦେଇ ଗାଡ଼ିକୁ ଉଠି ଯିବାକୁ କହିଲେ । ମହାନ୍ତ କହିଲା, "ବାପା ମୁଁ ତୋର ସବୁ ଭଲ ଦେଖିଲି; କିନ୍ତୁ ତୁ ଯେଉଁମାନଙ୍କୁ ବିଶ୍ୱାସ କରୁଛୁ ସେମାନେ ତୋତେ ବିଷ ଦେଉଛନ୍ତି । ଶ୍ରୀକାନ୍ତ ମୁଖମଣ୍ଡଳକୁ ସନ୍ଦେହର ବାଦଲ ଘେରିଗଲା । ସେ ପଚାରିଲା, "ଏହାର ଅର୍ଥ କ'ଣ 'ମଉସା ?" ମହାନ୍ତ ଟିକିଏ ଆଣିଲା ଶ୍ରୀକାନ୍ତକୁ ଗାଡ଼ି ପାଖରୁ କିଛି ଦୂରକୁ । କହିଲା—ମୋତେ ତ ବିଶ୍ୱାସ କରିବୁ ବାପା ?

—ନିଶ୍ଚୟ

ତୁଳସୀଟା ଭଲଲୋକ ନୁହେଁ । ଚରିତ୍ରହୀନା । ତୁ କ'ଣ ଜାଣିବୁ ? ନର କଥା ନାରାୟଣଙ୍କୁ ଅଗୋଚର ।

—କ'ଣ କହୁଛ ମଉସା ?

—ହଁ ବାପା, ମୁଁ ନିଜେ ସ୍ୱଚକ୍ଷୁରେ ଦେଖିଛି—ସୁକାନ୍ତର ତାର—

ଗର୍ଜି ଉଠିଲା ଶ୍ରୀକାନ୍ତ, ଧରିନେଲା ଦୁଇହାତରେ ଗିରି ମହାନ୍ତ ବେକକୁ । କାନ୍ଦି ଉଠିଲା ରାଗରେ—ମୁଁ ତୁମକୁ ମଉସା ବୋଲି ସମ୍ବୋଧନ କରୁଛି ମହାନ୍ତ, ତୁମେ କ'ଣ ମୋତେ କହୁଛ ? ସତ କହିବ ତ କୁହ ? ନଇଲେ ତୁମର ଜୀବନ ଶେଷ କରି ଦେବି । ମିଥ୍ୟାବାଦୀ । ସୁବର୍ଣ୍ଣ ଦେହରେ କଳଙ୍କ କାଳିମା ବୋଳୁଛ ।

ମହାନ୍ତ ଆଖିକାଢ଼ି ଗଁ ଗଁ ହୋଇ କହିଲା—ବାପ ! ତୁମେ ତ ବିଶ୍ୱାସ କରିବ ନାହିଁ, ସେଇଥି ପାଇଁ ପରା କହୁ ନ ଥିଲି । ସୁକାନ୍ତକୁ କି ଜର ହୋଇଛି ଜାଣ ? ଚିନ୍ତା କର । ଦେଖି ଦେଇଛି —କାଲେ ତୁମ ଆଗରେ କହି ଦେବି । ବାରଆଡ଼େ ସରକାର

କାମରେ ଯାଉଛ ବାପ ! —ଏମିତିକା ଲୋକଙ୍କୁ ଘରେ ରଖିବା ଉଚିତ ନୁହେଁ ।

ଶ୍ରୀକାନ୍ତର ଅଙ୍ଗ ପ୍ରତ୍ୟଙ୍ଗ ଅବଶ ହୋଇଗଲା । ଆପେ ଆପେ ଖସି ଆସିଲା ହାତ ଦୁଇଟି ତାର ମହାନ୍ତଙ୍କ ବେକମୂଳରୁ । କେତେଲୋକ ରୁଣ୍ଡ ହୋଇପଡ଼ିଲେ । ଦ୍ରୁତପଦକ୍ଷେପରେ ସମସ୍ତଙ୍କୁ କଟାଇ ପ୍ଲାଟଫର୍ମରୁ ବାହାରି ଆସିଲା ଶ୍ରୀକାନ୍ତ । ମହାନ୍ତ ମୁହଁରେ ହାସ୍ୟରେଖା ଫୁଟି ଉଠିଲା ।

ଅଣବାହୁଡ଼ା ଶର—ନିଶ୍ଚୟ କାମ ଦେବ ।

---

—୨୭—

—"ଦେହ କପରି ଲାଗୁଛି ସୁକାନ୍ତ ?"

—"ଅତି ଦୁର୍ବଳ । ଜ୍ୱର ରାତି ଚାରିଟାରୁ ଛାଡି ଯାଇ ଥିଲେ ମଧ୍ୟ ମୁଣ୍ଡ ଅଦ୍ୟାପି ବଥାଉଛି ।"

—"ହଉ ଛାଡ଼ି ଯିବ ଯେ । ମେଘୁଆ ପାଗ ଯୋଗୁ ଥଣ୍ଡାଟା ଧରି ନେଲା ।"

ଉକ୍‌ସ୍ ଆଣି ତୁଳସୀ ସୁକାନ୍ତର ଗୋଡରେ ମୁଣ୍ଡରେ ମାଲିସ୍ କରୁଛି । ଶ୍ରୀକାନ୍ତ ସେଇ ବାଟେ ଦେଇ ଚାଲିଗଲା ତାଙ୍କ ଶୋଇବା ଘରକୁ । ଆଖି ପଡ଼ିଲା ତାର ତୁଳସୀ ଓ ସୁକାନ୍ତ ଉପରେ । କେବେ ତ ଏପରି ତୁଳସୀ ତାର ସେବା କରିନାହିଁ । ମହାନ୍ତ ଯାହା କହିଲା—ତାହା ଅକ୍ଷରେ ଅକ୍ଷରେ ସତ୍ୟ ଏହି ତାର ପ୍ରତ୍ୟକ୍ଷ ପ୍ରମାଣ ।

ଟେବୁଲ୍ ଉପରେ ମୁଣ୍ଡ ଭରା ଦେଇ ବସିଛି ଶ୍ରୀକାନ୍ତ । ତୁଳସୀ ଯାଇ ପଚାରିଲା –କ'ଣ ହେଲା କି ତୁମର ? ହର୍ଷ ନାହିଁ କି ଧର୍ଷ ନାହିଁ ? ଆସିଲ କି ନ ଆସିଲ ମୁଣ୍ଡଭରା ଦେଇ ବସିଛ— କ'ଣ କୁହ ? ଶ୍ରୀକାନ୍ତ କେତେବେଳରେ ଚେୟାର୍‌ରୁ ଉଠୁ ଉଠୁ କହିଲା—ନାହିଁ, କିଛି ନା, ତୁମେ ସୁକାନ୍ତକୁ କହି ଦିଅ—ସେ ହଷ୍ଟେଲରେ ଯାଇ ରହୁ ।

—କାହିଁକି ? କ'ଣ ତାର ଦୋଷ ?

—ସେ କୈଫିୟତ୍ ଦେବାକୁ ମୁଁ ବର୍ତ୍ତମାନ ପ୍ରସ୍ତୁତ ନୁହେଁ । ସେ ଘଣ୍ଟାକ ଭିତରେ ଏ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ରହୁ ।

—ଅର୍ଥାଭାବରୁ ଅନ୍ୟ ସ୍ଥାନରେ ରହିପାରିବନି ବୋଲି ତ ସେ ଆମ ପାଖରେ ଅଛି ।

—ଅର୍ଥାଭାବ ହେଲେ ନ ପଢ଼ୁ । ଚୁଲି ଯାଉ—ଗାଁରେ ମୂଲ ଲାଗୁ । ଯେ ଚରିତ୍ରହୀନ, କୃତଘ୍ନ । ତାର ଏ ଘରେ ସ୍ଥାନ ନାହିଁ ।

—କ'ଣ ତୁମେ କହୁଛ ? ମୁଁ ତ କିଛି ବୁଝିପାରୁନାହିଁ ।

—ନିଜକୁ ଏତେ ବୁଦ୍ଧିମତୀ ମନେକରନା ତୁଳସୀ; ଅନ୍ତରରେ କାଳକୂଟ ଭରି ମୁଖରେ ତୁମେ ଖୁବ୍ ମଧୁର କଥା କହି ଜାଣ ।

—କ'ଣ କହୁଛ ତୁମେ ? ଆଜି ଏକି ଅଦ୍ଭୁତ ପରିବର୍ତ୍ତନ ତୁମର । ତୁମେ କ'ଣ ସେ ମଣିଷ ନୁହଁ ?

ତୁଳସୀ ପ୍ରଶ୍ନର ଜବାବ କିଛି ନ ଦେଇ ଶ୍ରୀକାନ୍ତ ପୋଷାକ ପିନ୍ଧିଲା । ସେପଟରେ ଥାଇ ସୁକାନ୍ତ ଏ ସବୁ ଶୁଣି ଅତି ଆଶ୍ଚର୍ଯ୍ୟ ହୋଇ ଯାଉଥାଏ । ଭାବୁଥାଏ—କେବେ କେଉଁଠି ମୁଁ ତ କିଛି

ସ୍ତୁତି କରନାହିଁ । ଭାଇ ଆଜ କାହା ପାଖରେ ମୋର କ'ଣ ଦୋଷ ଶୁଣିଲେ ? କେବେ ତ ଏମନ ବିରକ୍ତ ହୁଅନ୍ତି ନା । ସୁକାନ୍ତ ଖାଲି ଆକାଶ ପାତାଳ ଭାବି ଚାଲିଛି । ଭାଇଙ୍କୁ ତା'ର ଦୋଷ କ'ଣ ପଚାରିବୁଝିବାକୁ ମନ କରୁଛି କିନ୍ତୁ ସେ ତ ତାଙ୍କ ଆଗରେ କେବେ ମୁହଁଟେକି କଥା କହି ନାହିଁ । ହଉ ସେ ଶାନ୍ତ ହୋଇଯା'ନ୍ତୁ ।

ତୁଳସୀ ଜୋତା ପାଲିସ୍ କରୁ କରୁ ଶ୍ରୀକାନ୍ତ ତର ତରରେ ପେଣ୍ଟ ସାର୍ଟ ହ'ଖଣ୍ଡ ଗଳାଇ ଦେଇ ଚପଲ ମାଡ଼ି ଘରୁ ବାହାରି ଆସିଲା । ତୁଳସୀ ଡାକିଲା—କୁଆଡ଼େ ଯାଉଛ ? ଜଳଖିଆ ଖାଇ ଯାଅ । କିଛି ଉତ୍ତର ଦେଲାନି—ଶ୍ରୀକାନ୍ତ । ସୁକାନ୍ତର କୋଠରୀ ଦ୍ୱାରରେ ଠିଆହୋଇ କହିଲା—ତୁ ଆଜି ଘରକୁ ଚାଲିଯା ସୁକାନ୍ତ; ଘରୁ କିଛି ବ୍ୟବସ୍ଥା କରି ହଷ୍ଟେଲରେ ରହ । ଛ' ମାସ ଚଳାଇଲି ଆଉ ପାରିବି ନାହିଁ । ତୁ ବର୍ତ୍ତମାନ ଚାଲି ଯା' ।

ସୁକାନ୍ତ ଖାଲି ଶ୍ରୀକାନ୍ତ ମୁହଁକୁ ବଲ ବଲ କରି ଚାହିଁଥାଏ । ଦୋଷ କ'ଣ ପଚାରିବାକୁ ପାଟିରୁ ଭାଷା ଆସୁ ନାହିଁ । ତୁଳସୀକୁ ପଛରେ ଦେଖି ଶ୍ରୀକାନ୍ତ ଘରୁ ବାହାରିଗଲା । ଭାଉଜ ଦିଅର ଦୁହେଁ ଚାହିଁଥାନ୍ତି -ଶ୍ରୀକାନ୍ତ ଗେଟ୍ ପାର ହୋଇ ରିକ୍ସାରେ ବସିଲା ।

ସୁକାନ୍ତ ପଚାରିଲା– ନୂଆ'ଉ ଘଟଣା କ'ଣ ? ଭାଇ ମୋ ଉପରେ ଏତେ ବିରକ୍ତ ହେଉଛନ୍ତି କାହିଁକି ?

—ସେ ବୋଧେ ତମ ନାମରେ କେଉଁଠି କ'ଣ ଶୁଣିଛନ୍ତି । ତମକୁ ମୋରାଣ, କହିଲ କେଉଁଠି କ'ଣ ଜଣା କିମ୍ବା ଅଜଣାରେ ଭୁଲ କରିଛ ? ସେ ଆସିଲେ ମୁଁ ତାଙ୍କୁ ବୁଝାଇ ଦେବି ।

—ତୁମ ପାଦଛୁଇଁ କହୁଛି ନୂଆ'ଉ, କେଉଁଠି ମୁଁ କିଛି ଅପରାଧ କରି ନାହିଁ ।

ଆଉ—କାହିଁକି ସେ ଏପରି ହେଉଛନ୍ତି ? ଆଛା ହେଉ ତୁମେ ଆଉ ଶୁଅ ନାହିଁ । ଦେହ ବେଶି ଖରାପ ହେବ । ଦାନ୍ତଘସି ଜଳଖିଆ ଖାଅ—ବହିପତ୍ର ଦେଖା ଦେଖି କର । ସେ ଆସନ୍ତୁ କାହାଠୁଁ କ'ଣ ଶୁଣି ଆମ ଉପରେ ଏପରି ବିରକ୍ତ ହେଉଛନ୍ତି ମୁଁ ପଚାରିବି ।

ତୁଳସୀର ସାନ୍ତ୍ୱନା ବାଣୀ ଶୁଣି ସୁକାନ୍ତ ବିଛଣାରୁ ଉଠି ଦାନ୍ତ ଘସିଲା । ଜଳଖିଆ ଖାଇସାରି ପଢ଼ି ବସିଲା । କେତେ ଆଉ କେତେ କଥା ତା'ର ମନେ ପଡ଼ିଲା । ଅନାଥ ସେ । ଖରାରେ ଠିଆ ହୋଇଥିଲେ ଛାଇକୁ ଡାକିବାକୁ କେହି ତାର ନାହାନ୍ତି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ଥିଲା । ଏ ବର୍ଷାରେ ସେ ଭାଙ୍ଗି ପଡ଼ିବଣି । ଯାହାକୁ ବାପ ମା' କରି ପଡ଼ି ରହିଥିଲା—ସେ ଆଜି ନିଷ୍ଠୁର, କାହିଁକି ଆଜି ରାମ ପରି ଭାଇଙ୍କର ଏ ଅଭୂତ ପରିବର୍ତ୍ତନ ? ଭଗବାନ ତୁମରି ଏ କି କୁଟ ଚକ୍ରାନ୍ତ । ଚତୁର୍ଦ୍ଦିଗରୁ ମୋତେ ନିରାଶ କରୁଛ ?

ସୁକାନ୍ତର ଆଖିକୋଣରେ ଲୁହ ଜକାଇ ଆସିଲା । ଶତଚିନ୍ତା, ବୃଶ୍ଚିକର ଦଂଶନରେ ମସ୍ତିଷ୍କ ତାର ବିବ୍ରତ ହୋଇଉଠିଲା । ଦୁଃଖ ଗହନ ଜୀବନରେ ଚିର ଶାନ୍ତିର ଆସ୍ପଦ ସେଇ ହୃଦୟହୀନ କାଷ୍ଠ ତଲ୍ପ କୋଳରେ ସେ ଢଳି ପଡ଼ିଲା । ପାଠ୍ୟପୁସ୍ତକଟି ତାର ମୁହଁ ମାଡ଼ି ପଡ଼ିଥାଏ ଟେବୁଲ ଉପରେ ।

ଏଗାରଟା ବାଜିଲା । ଶ୍ରୀକାନ୍ତର ଦେଖା ନାହିଁ । ତୁଳସୀ ଝୁରିଁ ଝୁରିଁ ଜଳଖିଆକୁ ସାଇତି ଦେଲା । ଏତେବେଳେ ଆସିଲେ ସେ ଆଉ ଜଳଖିଆ ଖାଇବେ ନାହିଁ—ଭାତ ଖୋଜିବେ, ଘର ଭିତରେ ରୋଷେଇ ବସାଇଲା ସେ ।

ଦୁଇଟା ବାଜିଲା । ତୁଳସୀ ରୋଷେଇ ସାରି ଝୁରୁଛି ଶ୍ରୀକାନ୍ତକୁ । ବାହାରେ ରିକ୍ସା ଘଣ୍ଟି ବାଜିଲେ, ମଟରହର୍ଣ୍ଣ

ଶୁଣିଲେ ସ୍ୱର୍ଗର ଝରକା ଫାଙ୍କରେ; କିନ୍ତୁ ଶ୍ରୀକାନ୍ତର ଦେଖା ପାଉ ନାହିଁ । ନିରାଶ ହୋଇ ଡାକିଲା ସେ ସୁକାନ୍ତକୁ । ପିଲାଟିଏକ କେତେବେଳେ କ'ଣ ଦି'ଟା ଜଳଖିଆ ଖାଇଥିଲା କି ନିଜେ ସାତ୍ୱିକ ଉପବାସ ରହିବ ଆମ ପାଇଁ ?

ଅତି ବାଧ କଲାରୁ ସୁକାନ୍ତ ସମସ୍ତ ଦୁଃଖ ଯାତନା ଛାଡ଼ି ଦେଇ ଭାତ ଥାଳି ପାଖରେ ବସିଲା । ଡାକିଲା—"ନୂଆ ବୋଉ' ଆସ ସାଥି ହୋଇ ଖାଇବା" । ତୁଳସୀ କହିଲା—ତୁମେ ଖାଅ; ତୁମ ଭାଇ ଆସନ୍ତୁ, ତାଙ୍କୁ ଦେଇ ମୁଁ ଖାଇବି । ସ୍ୱାମୀଙ୍କୁ ନ ଦେଇ ସ୍ତ୍ରୀ ଭୋଜନ କରିବା ହିନ୍ଦୁନାରୀର ଧର୍ମ ନୁହେଁ । ତୁମେ ପିଲା ଲୋକ—ତୁମର କ'ଣ ଅଛି, ତୁମେ ଖାଅ ।

ସୁକାନ୍ତ ଖାଇ ବସିଛି । ଶ୍ରୀକାନ୍ତ ପ୍ରବେଶ କରିଲା—ତୁ ଏ ପର୍ଯ୍ୟନ୍ତ ଯାଇ ନାହୁଁ ସୁକାନ୍ତ ? ଏତେ ଅବାଧ୍ୟ କୁଳାଙ୍ଗାର ତୁ ? ବାରମ୍ବାର କହିବା ସତ୍ତ୍ୱେ ତୁ, ମୋ କଥାକୁ କର୍ଣ୍ଣପାତ କରୁ ନାହୁଁ । ବର୍ତ୍ତମାନ ବି ଗାଡ଼ି ସମୟ ଅଛି । ଖାଇସାରି ଚାଲିଯା । ତୋର ଯାହାଅଛି ବନ୍ଧା ବନ୍ଧି କର—ମୁଁ ଡାକି ଦେଉଛି ଗୋଟାଏ ରିକ୍ସା ।

ଶ୍ରୀକାନ୍ତ ଘରୁ ବାହାରି ଗଲା । ଭାତ ଥାଳିଟା ଥୁଆ ହୋଇଛି । ସୁକାନ୍ତ ଆଖିରୁ ଲୁହ ପୋଛି ପୋଛି ଉଠି ଆସିଲା - ହାତ ଧୋଇ ହେବାକୁ । ଏସବୁ ଦେଖି ତୁଳସୀ କରଡ଼ାପଟ ଉଭା ରହିଛି— କାହାକୁ କିଛି କହିବାକୁ ମୁହଁରୁ ଭାଷା ବାହାରୁ ନାହିଁ । ସେ ଖାଲି ନିର୍ଜୀବ ମୂର୍ତ୍ତି ପରି ଠିଆ ହୋଇଛି କବାଟକୁ ଆଉଜି ।

ସୁକାନ୍ତର ନଜର ବୋଲା କଣ୍ଟ ସେପରି ଜଣାଯାଉ ନାହିଁ । ବହୁପଦଗୁଡ଼ାକ ଶ୍ରୀକାନ୍ତ କଣି ଦେଇଥିଲା । ପୋଷାକ ପତ୍ର ତୁଳସୀ ହାତରେ ସିଲେଇ କରି ପିନ୍ଧିବାକୁ ଦେଉଥିଲା । ସେଗୁଡ଼ା ସେ ନେବ କାହିଁକି ? ନଜର ବୋଲା ଚିରା ଧୋତି ଖଣ୍ଡିଏ ପୁରୁଣା କାମିଜ ଖଣ୍ଡେ, ସେତକ ସେ ପିନ୍ଧିଲା । ବେଗ୍ ଖଣ୍ଡିକରେ ପୁରୁଣା ବହି କେତେ ଖଣ୍ଡ ପୂରାଇ ବାହାରି ପଡ଼ିଲା ।

ବାହାରେ ରିକ୍‌ସାଟିଏ ଠିଆ ହୋଇଛି—ଶ୍ରୀକାନ୍ତର ଦେଖା ନାହିଁ । ସୁକାନ୍ତ ତୁଳସୀ ପାଖକୁ ଯାଇ ତାର ପାଦଧୂଳି ନେଇ ମୁଣ୍ଡରେ ମାରିଲା । ବାଷ୍ପାକୁଳ କଣ୍ଠରେ କହିଲା,—"ନୂଆ'ଉ ମୁଁ ଯାଉଛି ।"

ତୁଳସୀ ମୁଣ୍ଡରେ ସତେ ଯେପରି ମେଘାସନ ପର୍ବତ ଭାଙ୍ଗି ପଡ଼ିଲା । ତା'ର ମୁଣ୍ଡଟା ଆପଣାଛୁଏଁ ବାଡ଼େଇ ହୋଇ ଗଲା କବାଟ ବନ୍ଧରେ ।

ସୁକାନ୍ତ କାନ୍ଦ କାନ୍ଦ ଘରୁ ବାହାରି ଆସିଲା । ରିକ୍‌ସାରେ ନ ବସି ସିଧା ଚାଲିଲା ଷ୍ଟେସନ ଆଡ଼କୁ ! ପଇସା ତ ନାହିଁ । ରିକ୍‌ସାବାଲାକୁ ଦେବାକୁ । ଷ୍ଟେସନରେ ଅପଦସ୍ତ ହେବ କାହିଁକି ? ତୁଳସୀ ପାଟକ ପାଖକୁ ଦୌଡ଼ିଆସି ଡାକିଲା—ସୁକାନ୍ତ ! ପଇସା ନେଇ ଯାଅ—ଗାଡ଼ି ଭଡ଼ା···ଦୂରରୁ ହାତ ହଲାଇଲା ସୁକାନ୍ତ । ରାସ୍ତାର ମୋଡ଼ବୁଲି ଅଦୃଶ୍ୟ ହୋଇଗଲା ସେ । ତୁଳସୀ ଆଖିରୁ ଲୁହପୋଛି ଘରକୁ ଫେରିଲା ।

ବୁଝିଁ ଦେଲା—ସୁକାନ୍ତର ରୁମ୍‌ଟି ଶ୍ମଶାନ ପରି ଦିଶୁଛି । ବହିପତ୍ର ଗୁଡ଼ା ଏଣେ ତେଣେ ଥୁଆ ହୋଇଛି । ପ୍ରାଣ କାନ୍ଦି ଉଠିଲା ତାର । ବିଷାଦର ଦୀର୍ଘନିଶ୍ୱାସ ସହିତ ପାଟିରୁ ବାହାରି ପଡ଼ିଲା— ଏ ସୁନାର ସଂସାର କାହିଁକି ଚୂନା କଲ ପ୍ରଭୁ !

ତୁଳସୀକୁ ଖେଳ ପୋଷ ଆଉ ନାହିଁ । ସ୍ୱାମୀଙ୍କର ମନର ଅପୂର୍ବ ପରିବର୍ତ୍ତନ ଲକ୍ଷ୍ୟ କରୁକରୁ ସେ ବିସ୍ମୟାଭିଭୂତ ହୋଇ ପଡ଼ୁଛି । ଏପରି ହେଲେ ସେମାନେ କପରି ସୁଖର ସଂସାର ଗଢ଼ିବେ ? ମନରେ କେତେ ପ୍ରଶ୍ନ ଜାଗି ଉଠିଲା—କିଏ ଆଉ କ'ଣ ତାଙ୍କୁ ଲଗାଇ—ପୋଡ଼ାଇ କହିଲା ? ତାଙ୍କର କପରି ଏ ମନପରିବର୍ତ୍ତନ ହେଲା ? ଗିରି ମହାନ୍ତ କ'ଣ କହିଲା କି ଆଉ ? ନାହିଁ ତ, ଆମେ ତାଙ୍କର ସେବାରେ କିଛି ତ୍ରୁଟି କରି ନାହୁଁ, କାରଣ କିଛି ନ କହି ସେ ବିରକ୍ତ ହେଉଛନ୍ତି କାହିଁକି ?

କୌଣସି ପ୍ରଶ୍ନର ଉତ୍ତର ତୁଳସୀ ପାଇ ପାରିଲା ନାହିଁ । ଶ୍ରୀକାନ୍ତକୁ ଅପେକ୍ଷା କରି କରି ପଲଙ୍କ ଉପରେ ଶୋଇ ପଡ଼ିଲା ।

ସୁକାନ୍ତ ଷ୍ଟେସନରେ ପତ୍ରଟି ଦେଖିଲା—ଟି. ଟି. ଆଇ ପାଇଁ ରେଲ୍‌ବାଇର ଉପରିସ୍ଥ କର୍ମଚାରୀ ଦରଖାସ୍ତ ନେଉଛନ୍ତି । କାଳ ବିଳମ୍ବ ନ କରି ସେ ନିଜର ସୁପାରିଶ ପତ୍ର ଆଦି ଦାଖଲ କରିଦେଲା । ଠିକ୍ ଘଣ୍ଟା ବେଳକୁ ଇଣ୍ଟରଭ୍ୟୁକୁ ତାକୁ ଡକା ହୋଇଗଲା । ଉପରିସ୍ଥ ଅଫିସର ମାନେ ତାର ଉତ୍ତରରେ ସନ୍ତୁଷ୍ଟ ହୋଇ ତାକୁ ଇମିଡ଼ିଏଟ୍ ଟ୍ରେନିଂକୁ ପଠାଇ ଦେଲେ । ଟ୍ରେନିଂକୁ ନ ଯାଇଁ ସୁକାନ୍ତର ଆଉ ଉପାୟ ନାହିଁ । ଭାଗ୍ୟରେ ଯେତିକ ଥିଲା ପଡ଼ିବାକୁ ସେତିକ ହେଲା । ଅମ୍ମାକୁ କଷ୍ଟ ଦେଇ ଆଉ ଅଧିକ ଚେଷ୍ଟା କରି ହେବ ନାହିଁ ।

ସାତ ଦଶଟାରେ ସୁକାନ୍ତ ଓ ଆଉ କେତେ ଜଣ ଗ୍ରୁପ୍ ଟ୍ରେନିଂ ପାଇଁ କଲିକତା ଯାତ୍ରା କଲେ ।

—*—

ବ୍ରଜ ବାବୁ—ଆସିଷ୍ଟାଣ୍ଟ ଇଂଜିନିୟରର ଗୋଡ ଏବଂ ବଲ୍ ଡାଂ କହିଲେ—ଶ୍ରୀକାନ୍ତ ତୋର ଏପରି ପାଗଳାମି କେବେଠୁଁ ବାହାରିଲାଣି ? ଆରେ କଥାରେ ଅଛି—ସଂସାର ମଧ୍ୟରେ ଘର କରିଥିଲେ ପଥର ପଡ଼ିଲେ ସହି । ତୁ ବୁଝିବା ଲୋକ ହୋଇ ଅବୁଝା ହେଉଛୁ । ଏକଥା ଜାଣିଥିଲେ କାଲି ତୋତେ ମୋ ଘରେ ରହିବାକୁ ସ୍ଥାନ ଦେଇ ନ ଥାନ୍ତି । ମୁଁ ଭାବଥିଲି ଖୁସିରେ ତୁ ଆମ ଘରକୁ ବୁଲି ଆସିଛୁ । ଦୁଇ ଦିନ ହେଲା—ତୁ ଏଣେ ବୁଲୁଛୁ—ଭାବିଲୁ ତୁଳସୀର ଅବସ୍ଥା କ'ଣ ହେବଣି ? ପେଟରେ ପୁଣି ତାର ପିଲା । ମୁଁ ଜାଣେ— ସେ ମାନବୀ ନୁହେଁ—ଦେବୀ । ଏପରି ନାରୀରତ୍ନକୁ ପାଇ ତୁ ଘର ଚଳାଇ ପାରୁନାହୁଁ ? ମୋ ପରି ଯନ୍ଧ ରାକ୍ଷସଗଣର ସ୍ତ୍ରୀଟିଏ ପାଇଥାନ୍ତୁ, ତୁ ତ କେବେଠୁ କାଳିଆବୋଦା ମଠରେ ମାଳା ଗଡ଼ାନ୍ତୁଣି, ଦେଖୁଛୁ । ଯା, ବର୍ତ୍ତମାନ ବସାକୁ । ବିଚାରୀ ଦୁଇଦିନ ହେଲା ଉପବାସରେ ବସିଥିବ ।

ଶ୍ରୀକାନ୍ତ କହିଲା—ତୁ ବୁଝିନାହୁ ବ୍ରଜ ! ସେ ମୋତେ ଭଲ ପାଏନା । ତାର ଉଦ୍ଦେଶ୍ୟ ଭିନ୍ନ । ତାର ମୃତ୍ୟୁ ମୁଁ ଚାହେଁ । କଥା ଛଡ଼ାଇ ନେଇ ବ୍ରଜବାବୁ କହିଲେ—ଦୁଇ ଦିନ ହେଲା ଆସିଲୁଣି ତ ସେ ତୋତେ ଚାହିଁ ଚାହିଁ ଉପାସରେ ମରିବଣି । ଯା' ଶବଟାକୁ ଉଠାଇ ଦେବୁ, ଲୋକ ହସା କଥା କରନା—ଶ୍ରୀକାନ୍ତ, ଶୁଣିଲେ ଲୋକମାନେ ଛି'ଛି କହିବେ । ତୁଳସୀକୁ ତୁ ଭୁଲବୁଝିଛୁ—ସେ ମାନବୀ ନୁହେଁ—ଦେବୀ । କଥାପଦକରୁ ମୁଁ ତା'ର ଅନ୍ତର ବୁଝିଛି । ଉଠିଲୁ ଯିବା ଦେଖିବା ତୁଳସୀ କଣ କରୁଛି

କ ନାହିଁ । ଭୁଟା ଏପରି ମିଷ୍ଟ୍ରି... । ବ୍ରଜବାବୁ ଶ୍ରୀକାନ୍ତକୁ ଟାଣି ଟାଣି ନେଇ ରିକ୍ସାରେ ବସିଲେ ।

ପୂର୍ବ ଦିନ ଦୁଇଟା ବେଳୁ ସୁକାନ୍ତ ପାଇଁ ରିକ୍ସାଟେ ଡାକ ଦେଇ ଶ୍ରୀକାନ୍ତ ଯାଇଛି ଯେ ପୁଣି ରାତି ପାହି ଦିନ ବାରଟା ବାଜିଲାଣି ଆଉ ଦେଖା ନାହିଁ । ଉପାସରେ ତୁଳସୀ ଛଟପଟ ହେଉଛି । ଭାବୁଛି—"ଏତକ ମିଷ୍ଟ୍ରି ତୁମେ କେଉଁଠି ଖାଇପିଇ ଦିନ କଟାଉଛ; କିନ୍ତୁ ମୁଁ ଏଠି ସନ୍ତୁଳ ହେଉଛି ।" ଘରୁ ବାହାରକୁ ଯା' ଆସି କରି ତା'ର ପାଦ ଥକିଗଲାଣି । ରାତି ସାରା ଉଜାଗର ପୁଣି ଉପବାସ ଆଉ ଚାଲିବାକୁ ଶକ୍ତି ନାହିଁ । ଖାଲି ପଲଙ୍କ ଉପରେ ପଡ଼ି ଅପେକ୍ଷା କରିଛି—ଶ୍ରୀକାନ୍ତର ଆଗମନକୁ ।

ରିକ୍ସା ଆସି ଲାଗିଲା ଫାଟକ ପାଖରେ । ଶ୍ରୀକାନ୍ତ ଓ ବ୍ରଜବାବୁ ପଶି ଆସିଲେ ହତା ଭିତରକୁ । ବ୍ରଜବାବୁ ଝାଙ୍କୁ କବାଟରେ ହାତ ମାରିଲେ । ତୁଳସୀ ଘଟରେ ପ୍ରାଣ ପଶିଲା । 'ଆସିଲେଣି—କହି ଉଠି ଗଲା ସେ । ଖୋଲି ଦେଲା ଭିତରୁ କବାଟ, ନମସ୍କାର କଲା ବ୍ରଜ ବାବୁଙ୍କୁ । ବ୍ରଜବାବୁ ପ୍ରତି ନମସ୍କାର ଜଣାଇ କହିଲେ—ଆପଣମାନେ ଏମିତି ହେଉଛନ୍ତି କାହିଁକି ? ନିଜ ଘର କଥା ବୁଝି ପାରୁ ନାହିଁ—ହାକିମ ହୋଇ ପର ଘର କଥା ବୁଝିବ କିପରି ? ତୁଳସୀ କହିଲା ଆଜ୍ଞା—କଥା ନାହିଁ ବାର୍ତ୍ତା ନାହିଁ, ଖାଲିଟାରେ ସେ କାଲି ସକାଳଠାରୁ ବାହାରି ହେଉଛନ୍ତି, ଖାଇ ନାହାନ୍ତି, କୁଆଡ଼େ ବୁଲୁଛନ୍ତି ଏ ପର୍ଯ୍ୟନ୍ତ । ମୁଁ ଆଜି କୁଆଡ଼େ ଯା'ନ୍ତି ତାଙ୍କୁ ଖୋଜିବାକୁ ।

ବ୍ରଜବାବୁ କହିଲେ—କରେ ଶ୍ରୀକାନ୍ତ, କହୁ କାରଣ ନାହିଁ ତୋର ପାଗଳାମୀ ବାହାରୁଛି କାହିଁକି ? କଏ ତୋତେ ଗଢ

ଶୁଣାଇ ଦେଉଛୁ କିରେ ? ଭଲ ମନ୍ଦ ନ ବୁଝି ନ ଶୁଣି ବରକ୍ତ ହେବା, ଘରଗୁଡ଼ ପକାଇ ଯିବା—ଜଣେ ଅଫିସର ପକ୍ଷରେ ସମ୍ମାନ ନୁହେଁ । ଯା' ଘରକୁ ମୁଁ ଯାଉଛି ।

ତୁଳସୀ ଡାକିଲା । ଆପଣ ଆସନ୍ତୁ ଘରକୁ ଗ୍ଲ' ଖାଇଯିବେ ।

—ନାହିଁ ଆଜ୍ଞା, ମୁଁ ଗ୍ଲ' ବର୍ତ୍ତମାନ ଖାଇ ଆସିଲି । ସମ୍ପ୍ରତି ସେଣେ ମୋର ବହୁତ କାମ । କରେ ଶ୍ରୀକାନ୍ତ ଘରକୁ ଯାଉନାହୁଁ କାହିଁକି ? ବାବୁଆଣୀ ! ତୁମେ ଆସି ବାବୁଙ୍କର ହାତ ଧରି ଟାଣି ନେଇଗଲ ।

ଶ୍ରୀକାନ୍ତ ଘରକୁ ଗଲେ । ବ୍ରଜବାବୁଙ୍କୁ ଶୁଭ ସନ୍ଧ୍ୟା ଜଣାଇ ତୁଳସୀ ଭିତରୁ କିଳଣି ଦେଲା ।

—୦—

( ୨୯ )

ରାତି ଆଠଟା ହେଲାଣି । ଶ୍ରୀକାନ୍ତ ଆରାମ୍ ଚେୟାର୍ ଉପରେ ମୁହଁ ମାଡି ଶୋଇଛି । ତୁଳସୀ ଭାତ ବାଢି ଦେଇ ତାର ଗୋଡ଼ ପାଖରେ ବସି କାନ୍ଦୁଛି । ଶ୍ରୀକାନ୍ତ କହିଲା—ମୁଁ ଖାଇବାକୁ କହୁଛି, ଭାତ ବାଢି ଥୋଉଛ କାହିଁକି ? ଆର ସବୁ ନିଜେ ଖାଇ ଯା' ।

—ମୁଁ ଖାଇଥିଲେ ବାଲଠୁ ଉପାସରେ ବସିଥାନ୍ତି କାହିଁକି ?

—ତମ ପାପ କର୍ମର ଫଳ ତୁମେ ଭୁଞ୍ଜିବ ନାହିଁ ତ ଆଉ କିଏ ଭୁଞ୍ଜିବ ?

—କ'ଣ କହୁଛ ତୁମେ ? କି ପାପ କରିଛି ମୁଁ ? ମୋତେ ଜଳାଇ ପୋଡ଼ାଇ ମାରୁଛ କାହିଁକି ?

ଧରି ପକାଇଲା ତୁଳସୀ ଶ୍ରୀକାନ୍ତର ପାଦ ଯୋଡ଼ିକୁ । ଠେଲିଦେଇ ଶ୍ରୀକାନ୍ତ କହିଲା—ତୁମେ ଭ୍ରଷ୍ଟା, ପତିତା, ମୋତେ ଛୁଇଁ ପବିତ୍ର ଶରୀରକୁ ମୋର କଳଙ୍କିତ କରନା । ବିଶ୍ୱାସରେ ତୁମେ ବିଷ ଭରିଛ । ମୋ ମୁହଁକୁ ଟିକେ ତ ଚାହିଁଲ ନାହିଁ— ସୁକାନ୍ତ ସଙ୍ଗେ ପାପ ପ୍ରଣୟରେ ଲିପ୍ତ ହେବା ପୂର୍ବରୁ ।

ତୁଳସୀ ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା । ପୁନଶ୍ଚ ଦୌଡ଼ି ଯାଇ ସେ ଶ୍ରୀକାନ୍ତର ପାଦତଳେ ପଡ଼ିଲା । କହିଲା —କ'ଣ କହୁଛ ତୁମେ ? ପାପ କଥାଗୁଡ଼ା ମୁହଁରେ ଧରୁଛ କିପରି ? କିଏ ତୁମକୁ ଏ ମିଥ୍ୟା ବାରତା ଦେଲା ? ସୁକାନ୍ତ ଯେ ମୋର ଦେବର ନୁହେଁ, ଠିକ୍ ପୁତ୍ର ପରି ।

"ସ୍ୱଚକ୍ଷୁରେ ଗିରି ମହାନ୍ତି ଦେଖିଛନ୍ତି । ଭୁଲାଇ ପାରିବ ନାହିଁ ତୁମେ ମୋତେ ।"

"ହେ ଭଗବାନ ! କ'ଣ ଶୁଣାଉଛ ତୁମେ ।"

ବାଡ଼େଇ ଦେଲା ତୁଳସୀ ତାର ମୁଣ୍ଡକୁ ପଥର ଉପରେ । ମଥା ଫାଟି ଧାର ଧାର ରକ୍ତ ବହିବାକୁ ଲାଗିଲା । ତୁଳସୀ ଅଚେତ ।

ଶ୍ରୀକାନ୍ତ ଚାହିଁଛି ତୁଳସୀକୁ । ବାହାରୁ ଡାକବାଲା ଡାକିଲା-- ବାବୁ ଚିଠି । ଚିଠିଟି ଆଣି ପଢ଼ିଲା ସେ । ବାପା ରୋଗଶଯ୍ୟାରେ ତାକୁ ଦେଖିବାକୁ ଚାହାଁନ୍ତି । ମୁଣ୍ଡ ଘୂରିଗଲା ତାର । ମନସ୍ଥ କଲା ନିଶ୍ଚୟ ସେ ଗାଁକୁ ଯାଇ ତା ବାପାଙ୍କୁ ଦେଖିବ । କଳଙ୍କିନୀ ତୁଳସୀଟା ମଲେ, କାଲି ପରି ଆଉ ଗୋଟେ ବିଭା ହେବ; କିନ୍ତୁ ବାପା ମରିଗଲେ ଆଉ ତ ବାପ ମିଳିବ ନାହିଁ । କୁଳଘ୍ନ ବିଷସୀଠାରୁ ଦୂରେଇ ଯିବା ସହସ୍ର ଗୁଣରେ ଭଲ । ନଇଲେ ପାପର ଜ୍ୱାଳାରେ ନର୍କ ଭୋଗିବାକୁ ପଡ଼ିବ ।

ତୁଳସୀ ଅଚେତ ହୋଇ ପଡ଼ିଛି । ଶ୍ରୀକାନ୍ତ ଛୁଟି ଦରଖାସ୍ତ ଖଣ୍ଡେ ଲେଖି ଲେଟର ବାକ୍ସରେ ପକାଇ ଦେଲା । କେତେ ଖଣ୍ଡ ପୋଷାକ ଓ ବହିପତ୍ର ବ୍ୟାଗରେ ଭର୍ତ୍ତି କରି ସେ ଛୁଟିଲା ଷ୍ଟେସନକୁ । ଘରଦ୍ୱାର ସବୁ ମେଲା ପଡ଼ିଛି । ଦାଣ୍ଡଦ୍ୱାରେ କୁକୁର ଛୁଆଟି ଶୋକରେ କାଉଁ କାଉଁ ହେଉଛି ତା' କଥା ଶୁଣୁଛି କିଏ ।

—୦—

( ୩୦ )

କୃଷ୍ଣ ପକ୍ଷର ଅଷ୍ଟମୀ ଚନ୍ଦ୍ର ଉଇଁ ଆସିଲାଣି । ଅସରାଏ ବର୍ଷା ହୋଇ ଛାଡ଼ିଗଲା ପରେ ଗବାକ୍ଷ ଦେଇ ଶୀତୁଆ ବାଆ ପଶି ଆସୁଛି ଘର ଭିତରକୁ । ତୁଳସୀ ଚେତନା ପାଇ ଉଠି ବସିଲା । ମଥାରେ ତାର ରକ୍ତ ଧାର ଜମାଟ ବାନ୍ଧି ଯାଇଥାଏ ।

ଘରଟି ସାରା କଟିମିଟିଆ ଅନ୍ଧାର । ବଡ଼ ଭୟ ଲାଗିଲା ତାକୁ । ଲାଇଟ ସୁଇଚ୍ ଟିପି ଆଲୋକିତ କଲା କୋଠରୀଟିକୁ । ଦେଖିଲା ଶ୍ରୀକାନ୍ତ ନାହାଁନ୍ତି । ଲୁଗାପଟା, ବହିପତ୍ର ଅଣବଣ ହୋଇ-ପଡ଼ିଛି । ମୁହୂର୍ତ୍ତକ ମଧ୍ୟରେ ସବୁ କୋଠରୀରେ ଆଲୋକ ଜାଳି ଖୋଜ ପକାଇଲା; କିନ୍ତୁ କେଉଁଠି ଶ୍ରୀକାନ୍ତକୁ ପାଇଲା ନାହିଁ ।

ଭୟରେ ଛାତି ତାର ପଡ଼ିଲା ଉଠିଲା । କ'ଣ କରିବ କୁଆଡ଼କୁ ଯାଇ ଆଉ ଏତେ ରାତିରେ ଖୋଜିବ ? ହତାଶ ହୋଇ ବସି ପଡ଼ିଲା ତୁଳସୀ । କେତେ କ'ଣ କଥା ତା ମୁଣ୍ଡରେ ପଶିଲା । ଭାବିଲା– କାହାପାଇଁ ଆଉ ଏ ଜୀବନ ରଖିବ ? ଯାହାର ସେବାରେ ମନପ୍ରାଣ ଢାଳି ଦୁଃଖକୁ ସୁଖ ମଣି ଦିନ ବଞ୍ଚୁଥିଲା,

ସେ ତ ମିଥ୍ୟା ଅପବାଦକୁ ସତ୍ୟମଣି ପାଦରେ ଠେଲି ଦେଲେ । କେଉଁଠିକି ଆଉ ଏ ପୋଡ଼ା କରମକୁ ନେଇଯିବ ? କିଏ ଆଉ ମୋର ଅଛି ? ଆଶ୍ରମରୁ ଥରେ ଗୋଡ଼ କାଢ଼ି ଆସିଛି—ପୁଣି କେଉଁ ମୁହଁରେ ଫେରିଯିବ । କ'ଣ ଭାବିବେ ସେମାନେ ? ଭଗବାନ ! କି ଦୋଷ କରିଥିଲି ମୁଁ ତୁମର ? ଜୀବନସାରା ମୋତେ ଦୁଃଖ ଦେଇ ତଥାପି ତୁମର ମନ ଶାନ୍ତ ହେଲା ନାହିଁ ?

ଗର୍ଭକୁ ତାର ଚାହିଁଲା ତୁଳସୀ । ପାଞ୍ଚ ମାସର ଶିଶୁ ହଲଚଲ ହେଉଛି । ପୁଅ କି ଝିଅ ଜଣା ନାହିଁ । ତାରି ପାଇଁ କ'ଣ ସେ ବଞ୍ଚି ରହିବ ? କିଏ ତାକୁ ଆଶ୍ରା ଦେବ । ନା—ଶେଷ ଉପାୟ ତାର ମୃତ୍ୟୁ । ସ୍ୱାମୀ ଯଦି ତ୍ୟାଗ କଲେ—ଜଗତରେ ବଞ୍ଚିରହି ଲାଭ କ'ଣ ?

ଉଠିଗଲା ତୁଳସୀ କାନ୍ଥରେ ଟଙ୍ଗା ହୋଇଥିବା ଶ୍ରୀକାନ୍ତର ଫଟୋଟି ପାଖକୁ । ହାତଯୋଡ଼ି ପଚାରିଲା—ସ୍ୱାମୀ ! ତୁମେ ମିଥ୍ୟା ଅପବାଦ ଶୁଣି ମୋତେ ତ୍ୟାଗ କଲ ? ଆଜି ପର୍ଯ୍ୟନ୍ତ ତୁମର ଦାସୀକୁ ଚିହ୍ନି ପାରିଲ ନାହିଁ । ହଉ ତୁମେ ସୁଖରେ ସଂସାର କର ମୁଁ ଯାଉଛି । ଚିରଦିନ ପାଇଁ ତୁମଠାରୁ ବିଦାୟ ନେଉଛି । ତୁମେ ଶାନ୍ତିରେ ରୁହ—ଏତିକି ମୋର କାମନା ।

ତୁଳସୀର ଅନ୍ତର ତଳୁ ଘନ ଘନ କୋହ ଉଠିଲା । ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ତାର ପ୍ରବଳ ପ୍ରଭଞ୍ଜନରେ ବରଡ଼ା ପତ୍ର ପରି ଥରିବାକୁ ଲାଗିଲା । ମସ୍ତକରେ ଅନୁଭବ କଲା ସେ ଶତବୃଶ୍ଚିକର ଦଂଶନ । କଣ ସେ ଭାବୁଛି ? ଆତ୍ମହତ୍ୟା ଯେ ମହାପାପ; କିନ୍ତୁ ସେ ଯେ ନିରୁପାୟ ।

ପାଗଳୀଙ୍କ ଘର ଦୌଡ଼ି ଆସିଲା ତୁଳସୀ ଗେଟ୍ ପାଖକୁ । ଷ୍ଟେସନରୁ ଦିଶୁଛି ଯାତ୍ରୀଗାଡ଼ିର ସାମନା ଆଲୁଅଟି ଏଇକ୍ଷଣି ଷ୍ଟେସନରୁ ବାହାରି ଆସିବ ଶତ ଶତ ଯାତ୍ରୀଙ୍କୁ ଗର୍ଭରେ ଧାରଣ କରି । ଏଣିକି ତେଣିକି ଚାହିଁଲା ସେ । ପାଖ ପଡ଼ୋଶୀମାନେ ନିଘୋଡ଼ ନିଦ୍ରାରେ ଶୋଇଲେଣି । କୁଆ କୋଇଲି ଶବ୍ଦ ନାହିଁ । ବରଷା ରାତି । କୁକୁର ଛୁଆଟି ତାକୁ ଦେଖି ଖାଲି କାଉଁ କାଉଁ ହେଉଛି ଭୋକରେ । ଠିକ୍ ସମୟ ।

ତୁଳସୀ ଛୁଟିଲା ଆଟକୁ । ଭୋକ ଉପାସରେ ଗୋଡ଼କୁ ଗୋଡ଼ ତାର ବାଡ଼େଇ ହେଉଥାଏ । ଡ଼ାକେ ବାଟ ଗଲେ ରେଲ୍ ଲାଇନ । —ଘୋଷ ପାର୍କ ସେ ପଟେ । ଯାତ୍ରୀ ବାହି ଗାଡ଼ିଟି ଭୀଷଣ ଗର୍ଜନ କରି ମାଡି ଆସୁଛି । ଦୌଡ଼ି ଦୌଡି ଯାଇ ସେ ଠିଆ ହୋଇଗଲା ରେଲ ଲାଇନ୍ ଉପରେ । ଗାଡ଼ିଟି ତା' ପାଖରେ ପହଞ୍ଚିବାକୁ ଆଉ ପ୍ରାୟ ଦୁଇଶହ ଗଜ ବାକି । ଲୌହ ବର୍ତ୍ତ୍ମ ଗୁଡ଼ିକ କମ୍ପି ଉଠିଲାଣି । ଏହିକ୍ଷଣି ତୁଳସୀର ପ୍ରାଣବାୟୁ ଚିରଦିନ ପାଇଁ ମିଶି ଯିବ ଅନନ୍ତ ଗଗନ ସାଥିରେ । ଲୌହବର୍ତ୍ତ୍ମ ଉପରେ ପଡ଼ି ରହିବ ଖାଲି ତାର କ୍ଷତ ବିକ୍ଷତ ମାଟି ପିଣ୍ଡ ।

ହଠାତ୍ କାନ ପାଖରେ ତାର କିଏ କହିଲା—"ଦୁର୍ଲ୍ଲଭ ମାନବ ଜନ୍ମ ।" ଠିକ୍ ଯେପରି କାଠଯୋଡ଼ି କୂଳରେ କହିଥିଲା ଶ୍ରୀକାନ୍ତ ସେ ନିଶା ଗର୍ଭରେ ଝାସ ଦେଉଥିଲା ବେଳେ । ଫେରି ପଡ଼ି ଚାହିଁଲା ପଛକୁ । କେହି କୁଆଡ଼େ ନାହିଁ । କିଛି ଦୂରରେ ଗୋଟିଏ ବୁଢ଼ୀ ପାଛୁଆଟିଏ ଧରି ସେ ଆଡ଼କୁ ଆସୁଥିବାର ଦେଖାଯାଉଛି । ମୁହଁ ଫେରାଇ ତୁଳସୀ ସ୍ୱାମୀର ଉଦ୍ଦେଶ୍ୟରେ ଶେଷ ପ୍ରଣତି ଜଣାଇଲା । ଗର୍ଜି ଉଠିଲା ଯାତ୍ରୀ ବାହି ଗାଡ଼ିଟା ଆଉ ପ୍ରାୟ ମିନିଟିଏ ।

ବିଜୁଳି ବେଗରେ ଦୌଡ଼ି ଆସିଲା ବୁଡ଼ୀଟି, ଶତ ସିଂହର ବଳ ତାର କମରକୁ ଆସିଲା । ପାଞ୍ଚୁଆଟିକୁ ଥୋଇ ଦେଇ କାଳ ବିଳମ୍ବ ନ କରି ସେ ତୁଳସୀକୁ ଟେକି ଆଣିଲା ଲାଇନ୍ ଉପରୁ । ଗାଡ଼ିଟି ବାହାରି ଗଲା ।

ବୁଡ଼ୀ କଅଁଳେଇ ପଚାରିଲା— କାହିଁକି ଆତ୍ମହତ୍ୟା କରୁଥିଲୁ ଝିଅ ? ଆତ୍ମହତ୍ୟା ମହାପାପ—ଏତିକି ତୁ ଜାଣି ନାହୁଁ । ତୁଳସୀ ଥରି ଥରି କହିଲା—ମା' ସ୍ୱାମୀ ଯଦି ତ୍ୟଜ୍ୟା କଲେ—ଏ ସଂସାରରେ ବଞ୍ଚି ରହି ଲାଭ କ'ଣ ?

କ'ଣ କହୁଛୁ ତୁ ଝିଅ ? ମୁଁ ତ କିଛି ବୁଝିପାରୁ ନାହିଁ ।

ଗୋଟି ଗୋଟି କରି ତୁଳସୀ ବୁଡ଼ୀକୁ ନିଜର ଦୁଃଖ ଜଣାଇଲା । ବୁଡ଼ୀ ଦୀର୍ଘନିଶ୍ୱାସ ମାରି କହିଲା—ହଉ, ଚାଲ ମା' ମୋ ଘରେ ରହିବୁ । ମୋର କେହି ନାହିଁ, ମୁଁ ରାଣ୍ଡି ଆଣ୍ଠୁକୁଡ଼ି ମଣିଷ । କାଠ ବିକି ଚଳୁଛି ମା', ତୁ ମୋର ଝିଅ । ମୁଁ ଦୁଃଖ କରିବି, ତୁ ଫୁଟାଇ ମୋତେ ମନ୍ଦେ ଦେବୁ । ଏଇ ସହର ତଳକୁ କୋଣେ କାଠରେ ମୋ ଘର । ତୁ ତ କହୁଛୁ, ତୁ ଗରିବ ଘର ଝିଅ । ଦୁଃଖ କଷ୍ଟ ସହିଛୁ । ଭୋକଉପାସ ଭୋଗିଛୁ । ଭାଗ୍ୟରେ ଥିଲା ଅଢ଼େଇ ଦିନକୁ ବଡ଼ ଘର ବୋହୂ ହୋଇଥିଲୁ । ପୁଣି କର୍ମ ଅଦୃଷ୍ଟରୁ ଯୋଉ କୂଳରୁ ଯାଇଥିଲୁ ସେଇ କୂଳରେ ପହଞ୍ଚିଲୁ । ଦୁଃଖ ତ ଆମର ନିତି ଦିନିଆ ସାଥି । ଆଉ ଭୟ କ'ଣ ? ଯେ କଷ୍ଟ ସହି ନ ଥିବ ସେ ଦୁଃଖରେ ଝୁଣ୍ଟି ଯିବ । ଆମର କ'ଣ ? ହାଡ଼ ଭାଙ୍ଗିବା ଖାଇବା । ଚୋରି, ଡକାୟତି କଲେ ସିନା ଲାଜ ମାଡ଼ିବ । ଚାଲ୍ ମା' ମୋ ସାଙ୍ଗରେ ଚାଲ୍ । ସେ ଯୋଗିମାଗିଆ ଅନ୍ୟ ଭରସା କରୁ । ତୁଳସୀ ଚମକି ପଡି

କହିଲା— ମାଉସୀ ଗାଳିଦଉ ନାହିଁ । ବୁଢ଼ୀ ହସିଲା ତୁଳସୀର ସ୍ୱାମୀ ଭକ୍ତି ଲକ୍ଷ୍ୟ କରି ।

ଦୁହେଁ ଖସିଲେ ରାସ୍ତାଡକକୁ । ଦୂରରୁ ଶୁଭୁଥାଏ ରେକର୍ଡ଼ ସଙ୍ଗୀତ—କିତନେ ବଦଲ ଗୟେ ଇନ୍‌ସାନ......

—*—

( ୩୧ )

ଆଜି ଚଉଠି ରାତି । ଶ୍ରୀକାନ୍ତ ଘରେ ପହଞ୍ଚିଲା ମାତ୍ରେ ଗିରି-ମହାନ୍ତି ଓ ନରହରିବାବୁ ତାକୁ ଦ୍ୱିତୀୟଥର ବିବାହ କରିବାକୁ ରାଜି କରାଇ ଦେଲେ । ମହାନ୍ତି ଗୋଟାଏ ଗୁଣିଆ ପାଖରୁ ବ୍ରହ୍ମ କବଚ ଆଣି ଶ୍ରୀକାନ୍ତ ହାତରେ ବାନ୍ଧି ଦେଲା । ଶ୍ରୀକାନ୍ତର ତୁଳସୀ କଥା ଆଉ ମନେ ପଡ଼ିଲା ନାହିଁ । ଯନ୍ତ୍ରବତ୍ ସେ ତାକୁ ଯେଉଁ ଆଡ଼େ ଚଳାଇଲା ସେ ସିଆଡ଼େ ଚାଲିଲା । ବିଭାଘରଟା ହେଉଛି ଏହିପରି ଶ୍ରୀକାନ୍ତର ପଦ୍ମାସାଥିରେ ।

ରାତି ଗୋଟାଏ । ନୀଳ ଆକାଶ ତଳେ ଅଗଣିତ କ୍ଷୁଦ୍ର ଘନକୃଷ୍ଣ ମେଘମାଳା ସଙ୍ଗେ ଲୁଚକାଳି ଖେଳୁଛି । ନୀରବ ନିଦ୍ରାହୀନ ରଜନୀର ଘନତ୍ୱ ଭରି ଦେଉଛି ସାଥିହରା ପ୍ରାଣେ ଅସୀମ ବ୍ୟାକୁଳତା । ଥରି ଉଠୁଛି ବିରହିଣୀର ବେଦନା ଭରା ଗୀତ । କାହିଁ ଏକ ସୁଖ ସ୍ୱପ୍ନପୁରରେ ଜୀବନର ଶତ ଦୁଃଖ ଦୈନ୍ୟକୁ ଦୂରକୁ ଠେଲି ଦେଇ ଆଉ କିଏ ଉପଭୋଗ କରୁଛି ଦାମ୍ପତ୍ୟ ଜୀବନର ମଧୁରତା । କୁ ମତି, କିଏବା ଲୁଚି ବୁଲୁଛି ଗଳି କି ଗଳି ନିଜର ଅଭିଷ୍ଟ ସାଧନ ଉଦ୍ଦେଶ୍ୟରେ । ଧନ୍ୟରେ ସ୍ରଷ୍ଟା, ଧନ୍ୟ ତୋର ବିଶ୍ୱ ନିୟନ୍ତ୍ରଣ ।

କୁଳଦୀପଟି ଜଳୁଛି ଚଉଠି ଘରେ । ଶ୍ରୀକାନ୍ତ ମୁହଁ ମାଡ଼ି ଶୋଇଯାଇଛି ପଲଙ୍କ ଉପରେ । ଆଖିରୁ ତାର ଲୁହ ଝରି ଭେଦି ଯାଇଛି ତକିଆରୁ ମଳେ । ଦେହରୁ ତାର ସରମ ଝାଳ ବହି ଯାଉଛି । ନାନା ଜାତି ଫୁଲ, ସୁବାସିତ ଅତର ବାସନାରେ କୋଠରୀଟି ମହକ ଉଠୁଛି ।

ଗିରି ମା' ପଦ୍ମାକୁ ଟାଣି ଟାଣି ନେଇ କୋଠରୀ ଭିତରକୁ ପେଲି ଦେଲା । ବାହାର ପଟୁ କବାଟ ବନ୍ଦ କରି କହିଲା ମୁଁ ଯାଉଛି ବାବୁ'ଣି । ରାତି ପାହିଲେ ପୁରସ୍କାର ପାଇଁ ଆସିବ ।

ପ୍ରଣାମ କଲା ପଦ୍ମା କୁଳଦୀପକୁ । ଧୀରେ ଧୀରେ ଯାଇଁ ଶ୍ରୀକାନ୍ତର ପଦଧୂଳି ନେଇ ମୁଣ୍ଡରେ ମାରିଲା । ଉତ୍ଫୁଲ୍ଲ ହୃଦୟରେ ନିରୀକ୍ଷଣ କଲା—କି ସୌମ୍ୟ କାନ୍ତି । ବଳିଲା ବଳିଲା ବାହୁ—ସତେ ଅବା କନ୍ଦର୍ପ ପୁରୁଷ । ଆଖି ଫେରାଇ ଚାହିଁଲା ପୁଣି ନିଜକୁ । ଜହ୍ନି ମଞ୍ଜି ଠାରୁ ଡୋଫା ଦେହଟା ସାରା ବସନ୍ତ ଚିହ୍ନ—ଆଖିରେ ବସନ୍ତ ଫୁଲ—କେଡ଼େ କୁତ୍ସିତା । ସେଥିପାଇଁ ବୋଧହୁଏ ଆଜିଯାଏ ବାଡ଼ୁଅ ହୋଇଥିଲା ଯାଜପୁର ଜମିଦାର ଘରେ । ଲକ୍ଷେ ଟଙ୍କାର ସମ୍ପତ୍ତି ଆଣିଲେ କ'ଣ ହେବ, ଏପରି ସୁନ୍ଦର ପୁରୁଷ ପୁଣି ବଡ଼ ହାକିମ—କ'ଣ ସତେ ମୋତେ ଗ୍ରହଣ କରିବେ ? ହସି ପଦେ କଥା କହିବେ ? ସେ କ'ଣ ଜାଣିବେ ଅନ୍ତର ମୋର ପବିତ୍ର । ହଉ ଭଗବାନ୍ ଅଛନ୍ତି !

ଶ୍ରୀକାନ୍ତ କଡ଼ ଲେଉଟାଇଲା । ପଦ୍ମାର ଆଖି ପଡ଼ିଲା ତାର ଦକ୍ଷିଣ ବାହୁରେ ବନ୍ଧା ହୋଇଥିବା ତେଉଁରିଆଟି ଉପରେ । ବାହୁରେ ତେଉଁରିଆର ଫିତାଟି ଛପିହୋଇ ଦାଗ କରି ସାରିଲାଣି । ପଦ୍ମା ଭାବିଲା—କ'ଣ ଇଂରେଜି ଶିକ୍ଷିତ ଯୁବକ ପୁରୁଣା ପ୍ରଥାକୁ

ଘୁଞ୍ଚ ନାହାଁନ୍ତି । ବର୍ତ୍ତୁଳକବାଟ୍ସରେ ଡେଉଁରିଆଟେ ପିନ୍ଧ କେତେ ଅସୁନ୍ଦର ଦିଶୁଛନ୍ତି । ଫିଟାଇ ଦେଲା ଡେଉଁରିଆଟିକୁ ଶ୍ରୀକାନ୍ତ କାହ୍ନରୁ ଅତି ସତର୍କରେ—କାଳେ ନିଦ୍ରାଭଗ୍ନ ହେବ ।

ସ୍ୱାମୀଙ୍କୁ ଅସୁନ୍ଦର କରି ଦେଇଥିବା ଡେଉଁରିଆଟି ଉପରେ ତାର ଭାରି ରାଗ ହେଲା । ସେ ତାକୁ ପଲଙ୍କ ତଳକୁ ଫିଙ୍ଗି ଦେଇ ପଲଙ୍କ ବାଡ଼କୁ ଆଉଜା ବସିଲା । ଆଖିକୁ ତାର ତନ୍ଦ୍ରା ଆସିଗଲା ।

ଶ୍ରୀକାନ୍ତ ନିଦ୍ରିତ । ଅତୀତର ଦବିଭୁଲା ସ୍ମୃତି ତାର ମାନସ ପଟରେ ଜାଗ୍ରତ ହୋଇଉଠିଛି । ସଞ୍ଜବେଳ । ସେ ସାଇକେଲ ଚଢ଼ି ଆସୁଛି—ମନ ଉଲ୍ଲାସରେ ଶାଳଆନନ୍ଦ କୂଳର ବନ୍ଧ ଉପରେ ସମ୍ମୁଖକୁ ତାର ନଜର ନାହିଁ । ଉପରକୁ ଚାହିଁ ପ୍ରକୃତିର ଶୋଭାଦର୍ଶନରେ ସେ ବିଭୋର । ତୁଳସୀ ପାଣି ମାଠିଆଟି ଧରି ମନଦୁଃଖରେ ବନ୍ଧ କଡ଼େ କଡ଼େ ଫେରୁଛି ଘରକୁ । ହଠାତ୍ ଶ୍ରୀକାନ୍ତର ସାଇକେଲଟି ଧକ୍କା ହେଲା ତୁଳସୀ ଉପରେ । ପାଣି କଳସୀଟି ପଡ଼ି ଭାଙ୍ଗିଗଲା । ତୁଳସୀ ଚମକି ପଡ଼ି ଚାହିଁଲା ଶ୍ରୀକାନ୍ତକୁ । ଲଜ୍ଜିତ ହୋଇ ଠିଆହେଲା ସେ । ଶ୍ରୀକାନ୍ତ ଉଠି ଝାଡ଼ି ଝୁଡ଼ି ହୋଇ କହିଲା—ତୁଳସୀ ତୁମର ଭୁଲ ନୁହେଁ—ମୋର । ମାଠିଆଟି ଭାଙ୍ଗିଗଲା, ଏଇ ପଇସା ନିଅ କିଣିବ, 'ନା' ବୋଲି ଗାଳିଦେବ' କହି ତୁଳସୀ ଚାଲିଲା ଆଗକୁ । ଶ୍ରୀକାନ୍ତ ଚିତ୍କାର କରୁଛି—ତୁଳସୀ ତୁଳସୀ···ତୁଳସୀ··· ।

ଶ୍ରୀକାନ୍ତର ବାଉଳା ଶୁଣି ପଦ୍ମାର ତନ୍ଦ୍ରା ଭାଙ୍ଗିଗଲା । ସେ ହାତ ମାରିଦେଲା—ଶ୍ରୀକାନ୍ତ ଉପରେ । ସ୍ୱପ୍ନ ଭାଙ୍ଗିଗଲା ତାର ।

—କ'ଣ କରୁଛ ତୁଳସୀ ?

ପଦ୍ମା ମୁହଁ ବୁଲାଇ ଠିଆ ହେଲା ।

ତୁଳସୀ, ଆଜ ଏ'କ ଢଙ୍ଗ ତୁମର ?

"ମୁଁ ପଦ୍ମା ।"

"ପଦ୍ମା"

"ହଁ ଆପଣଙ୍କ ପଦସେବିକା ପଦ୍ମା ! ଆଜ ପର୍ବ'ଚଉଠି ରାତି ।"

"ଚଉଠି ରାତି ? ତୁଳସୀ କାହିଁ ?"

ଉଠି ବସିଲା ଶ୍ରୀକାନ୍ତ । ପଦ୍ମା ତାର ବାହୁଦ୍ୱୟ ଧରି କହିଲା—ତୁଆପିଲାଙ୍କ ପରି ଶିକ୍ଷିତ ଲୋକ ବାଉଳା ହୁଅନ୍ତି ? ଶୋଇପଡ଼ ଉଠ ନାହିଁ । ଦେହ କପରି ଲାଗୁଛି ? ଶ୍ରୀକାନ୍ତ ନିଜକୁ ବୁଝିଲା—ଶରୀରଟା ତାର ରୁକ୍ଷ ଶ୍ରୀହୀନ ଦେଖାଯାଉଛି । କ୍ଳାନ୍ତି ଆଉ ଦୁର୍ବଳ ସତେ ଯେପରି ତାର ଅଙ୍ଗ ପ୍ରତ୍ୟଙ୍ଗରେ ବସା ବାନ୍ଧି ରହିଛନ୍ତି । ଭାବିଲା - ଏକ ମାୟା ? ଦୃଢ଼ସଙ୍କଳ୍ପ କରିଥିଲି ଯେ —ଦ୍ୱିତୀୟ ଦାର ଗ୍ରହଣ କରିବି ନାହିଁ । ତାହା ପୁଣି ସମ୍ଭବ ହେଲା କପରି ? ସବୁ ଚକ୍ରୀର ଚକ୍ରାନ୍ତ.........ତେବେ ମୋର ତୁଳସୀ ସତୀ ସାବିତ୍ରୀ......ମୁଁ ଭୁଲ ବୁଝିଲି ତାକୁ । ମୁଁ ଭୁଲ ବୁଝିଲି । ଜାଣିପାରିଲି ନାହିଁ ଗିରି ମହାନ୍ତର କୁଟୀଳ ଚକ୍ରାନ୍ତ, ତୁଳସୀ ଆଉ କ'ଣ ଜୀବନରେ ଥିବ ? ତୁଳସୀ...ତୁଳସୀ......

ଶ୍ରୀକାନ୍ତ ବାହାରି ଆସିଲା ସେ ଘରୁ । ପଦ୍ମା "ସ୍ୱାମୀ... ସ୍ୱାମୀ......" ଚିତ୍କାର କରି ବିଚଳିତ ହୋଇ କଚ୍ଛିଡ ପଡ଼ିଲା ଚଟାଣ ଉପରେ । ବାହାରେ ଥୁଆ ହୋଇଥିଲା ଯୌତୁକ ପାଇଥିବା ଆମ୍ବାସଡ଼ାର୍ କାର୍, ଉଠିଗଲା କାର୍ ଭିତରକୁ ।

କାର୍ ଛୁଟିଲା ଉଲ୍‌କା ଗତିରେ ।

—*—

ପୂର୍ବ ଦିଗ୍‌ବଳୟ ତଳେ ସିନ୍ଦୂର ଫାଟିଲାଣି । ଶ୍ରୀକାନ୍ତ ପହଞ୍ଚିଲା ବାଲେଶ୍ୱରରେ । କା'ର୍‌ଟି ବୈଠକଖାନା ସମ୍ମୁଖରେ ଠିଆ କରାଇ ଦେଇ ଭିତରକୁ ପଶିଗଲା । କବାଟ ଖୋଲି ପ୍ରତ୍ୟେକ କୋଠରୀରେ ସବୁ ବିଜୁଳିବତୀ ଜଳାଇ ଦେଖିଲା, ଜିନିଷ ପତ୍ର ସବୁ ଅନାବନା ହୋଇପଡ଼ିଛି । ଘରେ ଘରଚଟିଆ, ଘର ପାରା ବସା କଲେଣି । ନାନା କାଠି କୁଟା, ଗୁଣ୍ଡିକନା, ପର ଆଦି ପକାଇ କୋଠରୀଗୁଡ଼ିକୁ ଗୋଦଶା କରି ମାରିଲେଣି । ର୍‍ୟାକେଟ ଓ ଷ୍ଟାଣ୍ଡ୍‌ରେ ରଖାଯାଇଥିବା ମେଣ୍ଟ୍ କାମିଜ ଶାଢ଼ି ଉପରେ ପାରା ହଗି ମଇଳା କରି ସାରିଲେଣି । କେତେ କେତେ ଦାମିକା ପୋଷାକ ଗୁଡ଼ାକୁ ମୂଷା କାଟି ନଷ୍ଟ କରି ଦେଇଛନ୍ତି । ହାଣ୍ଡିରେ ଘିଅ ଗୁଡ଼ାକ ନେସଳ ପରି ଥୁଆ ହୋଇଛି । ଡାଲି ଡେକ୍‌ଚିଟା ମୁହଁ ମାଡ଼ି ପଡ଼ିଛି, ତରକାରୀ କେଉଁଦିନରେ ଛତୁ ମାରି ଫେଣ ଉଠିଲାଣି ।

ଦୀର୍ଘନିଶ୍ୱାସ ଛାଡ଼ିଲା ଶ୍ରୀକାନ୍ତ । ଛାତି ଭିତରେ ତା'ର ଘନ ଘନ କୋହ ଉଠିଲା । ଦୌଡ଼ି ଆସି ସେ ମୁହଁ ମାଡ଼ି ପଡ଼ିଗଲା—ଅଝଡ଼ା ମଇଳା ପଲଙ୍କ ଉପରେ । ଛୁଆପିଲାଙ୍କ ପରି କେତେ କହିଁ କହିଁ ହୋଇ କାନ୍ଦିଲା । ଲକ୍ଷ୍ମୀ ନାହିଁ, ଅଛି ତା'ର ସ୍ମୃତି । ମନେପଡ଼ୁଛି ତା'ର ପତି ଭକ୍ତି । ଦିଶିଯାଉଛି ତା'ର ଚମ୍ପା ବଦନ—ବାଜିଯାଉଛି କାନରେ ତାର ଗୁଲୁ ଗୁଲୁ କଥା—କୁଆଡ଼େ ଆଜି ଗଲା ?

ଉଠିଗଲା ଶ୍ରୀକାନ୍ତ । ଷ୍ଟାଣ୍ଡ୍‌ରୁ ଶାଢ଼ି ଖଣ୍ଡିଏ ଆଣି ତନ୍ନ ତନ୍ନ କରି ଦେଖିଲା । ନୟନରୁ ତାର ପୁଣି ଝରିଲା ଲୋତକ ।

ଚାପି ଧରିଲା ଶାଢ଼ି ଖଣ୍ଡିକ ନିଜର ପ୍ରଜ୍ୱଳିତ ବକ୍ଷ ଉପରେ । କ୍ଷଣକୁ କ୍ଷଣ ବ୍ୟାକୁଳତା ବଢ଼ିବାକୁ ଲାଗିଲା । ପୁନଶ୍ଚ ସେ ଢଳି ପଡ଼ିଲା ଅସନା ପଲଙ୍କ ଉପରେ ।

ସୂର୍ଯ୍ୟ ଉଦୟ ହେଲେ ନିରବ ନିଶବ୍ଦ ବାଲେଶ୍ୱର ସହର ପୁଣି ଜନକୋଳାହଳରେ ମୁଖରିତ ହୋଇଉଠିଲା । ଶ୍ରୀକାନ୍ତ ନିଜର ଅସ୍ଥିରତା ଭଗ୍ନକରି ପାଖ ପଡ଼ୋଶୀମାନଙ୍କୁ ତୁଳସୀ ଖବର ପଚାରିଲା; କିନ୍ତୁ କେହି ସଠିକ୍ ଖବର ଦେଇପାରିଲେ ନାହିଁ । ମଟର ଛୁଟାଇ ଦେଲା ସେ ବ୍ରଜ ବାବୁ ଇଂଜିନିୟରଙ୍କ ବସାଭିମୁଖରେ ।

କାର୍‌ଟିକୁ ଦୁଆରେ ଠିଆ କରାଇ ଦେଇ ପଶିଗଲା ଘର ଭିତରକୁ । ଚା’ ପାନ କରୁଥିଲେ ବ୍ରଜ ବାବୁ । କପ୍ ଥୋଇ ଦେଇ ଆଲିଙ୍ଗନ କଲେ ପ୍ରିୟ ବନ୍ଧୁ ଶ୍ରୀକାନ୍ତକୁ । ଶ୍ରୀକାନ୍ତ ଆଖିରୁ ଲୁହ ଝରି ପଡ଼ିଲା । ମୁଖମଣ୍ଡଳରେ ତାର ଆନନ୍ଦ ପରିବର୍ତ୍ତେ ବିଷାଦର ରେଖା ଖେଳିଗଲା । ଅବାକ୍ ହେଲେ ଇଂଜିନିୟର ବ୍ରଜବାବୁ ବନ୍ଧୁଙ୍କର ଏପରି ଅବସ୍ଥା ଲକ୍ଷ୍ୟ କରି ପଚାରିଲେ— କ’ଣ ହୋଇଛି ତୋର ଶ୍ରୀକାନ୍ତ ? ଆଖିରୁ ଲୁହ ପୋଛି ଦେଇ ଶ୍ରୀକାନ୍ତ କହିଲା—ତୁଳସୀ ଆଉ ନାହିଁ—

—ଆରେ ତୁଳସୀ ଆଉ ନାହିଁ—ମାନେ କ’ଣ ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ ବ୍ରଜବାବୁ ।

ସମସ୍ତ ବୃତ୍ତାନ୍ତ ସେ ଶୁଣିଲେ ଶ୍ରୀକାନ୍ତଠାରୁ । ବଡ଼ ବିରକ୍ତ ହୋଇ କହିଲେ— ଜୀବନ୍ତ ପ୍ରତିମାକୁ ତ କଲବଲ କରି ମାରିଲୁ— ଏବେ ଫଟୋ ପୂଜା କର । ଆଠ ଦିନ ହେଲା ଯଦି ସେ ଲୁଆଡ଼େ ଗଲାଣି ଆଜି କ’ଣ ସେ ବଞ୍ଚିଥିବ ତୁ ଭାବୁଛୁ । ଚବୁର୍ଦ୍ଦିଗରୁ

ନିଘଣ ହୋଇ ସେ ପ୍ରାଣ ହରାଇ ଥିବ । ଶ୍ରୀକାନ୍ତ ଖାଲି ନିର୍ବୋଧ ପରି ଚାହିଁଥାଏ ବ୍ରଜବାବୁଙ୍କ ମୁହଁକୁ । ଆଠ ଦିନ ତଳର ଖଣ୍ଡିଏ ପୁରୁଣା କାଗଜ ଟେବୁଲ ଉପରୁ ଟାଣି ଆଣି ଦେଖାଇଲେ ବ୍ରଜବାବୁ । ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଲେଖାଅଛି— "ଟ୍ରେନ ତଳେ ଯୁବତୀର ଆତ୍ମହତ୍ୟା । ନିରୀକ୍ଷଣ କରି ଦେଖିଲା ଶ୍ରୀକାନ୍ତ । କ୍ଷତ ବିକ୍ଷତ ଶରୀର । ମୁଣ୍ଡଟି କଟି ଯାଇ ରେଲ ଚକ ତଳେ ଧୂଳି ହୋଇଯାଇଛି । ଯୁବତୀଟିକୁ ଚିହ୍ନିବା କଷ୍ଟକର । ଶ୍ରୀକାନ୍ତ ମନକୁ ପାପ ଛୁଇଁଲା । ଏ ନିଶ୍ଚୟ ତୁଳସୀ ବ୍ୟତୀତ ଆଉ କେହି ନୁହେଁ । ଗ୍ରାମକୁ ଯିବାର ଠିକ୍ ଗୋଟାଏ ଦିନ ପରେ ଏ ଦୁର୍ଘଟଣା । ଚିରଦିନ ପାଇଁ ତୁଳସୀର ନାମ ଲୁଚିଗଲା । ବାଷ୍ପୀୟ ଶକଟ ଚକ ତଳେ ଚିତ୍କାର କଲା । ଶ୍ରୀକାନ୍ତ—ତୁଳସୀ ଆଉ ନାହିଁ । ଭୁଜ ଭାଙ୍ଗିଲା ମୋର ସୁନାର ସଂସାର । କ'ଣ କରିବି ମୁଁ ଭୁଜ ?

ବିଚଳିତ ହୋଇ ଶ୍ରୀକାନ୍ତ ବାହାରି ଆସିଲା ଘରୁ । ବ୍ରଜବାବୁ ଦୌଡ଼ି ଦୌଡ଼ି ତା' ପଛରେ ଡାକ ଛାଡ଼ୁଥାନ୍ତି; କିନ୍ତୁ ସେ କର୍ଣ୍ଣପାତ ନ କରି କାର୍‌ରେ ଷ୍ଟାର୍ଟ୍ ଦେଲା । କାର୍ ଛୁଟିଲା ପବନ ବେଗରେ । ବ୍ରଜବାବୁ ରିକ୍‌ସାଟେ ଡାକି ନେଇଁ ଯାଉଁ କାର୍‌ଟି ରାସ୍ତାର ମୋଡ଼ ବୁଲି, ଅଦୃଶ୍ୟ ହୋଇଗଲା । ତଥାପି ସେ ଚାଲିଲେ କାର୍ ପଛେ ପଛେ ଶ୍ରୀକାନ୍ତର ବସାଆଡ଼କୁ । ବିଚରାକୁ ବୁଝାଇ ସୁଝାଇ ନ ଆସିଲେ ଯେପରି ହେଉଛି ପାଗଳ ହୋଇଯିବ । ଶ୍ରୀକାନ୍ତ ଅଧୈର୍ଯ୍ୟ ହୋଇ କାର୍ ଛୁଟାଇ ଦେଲା ବସା ଆଡ଼କୁ । ବାଟରେ କାର୍‌ଟି ଧକ୍କା କରି ଦେଲା ଗୋଟିଏ ଟ୍ରକ ସାଥିରେ । ନିଜେ କାର୍‌ରୁ ଖସି ପଡି ଅଚେତ ହୋଇପଡ଼ିଲା ରାସ୍ତା ଉପରେ । ଦୁର୍ଘଟଣା ସ୍ଥଳରେ ଅନେକ ଲୋକ ରୁଣ୍ଡ ହୋଇଥାନ୍ତି । ବ୍ରଜବାବୁଙ୍କର ରିକ୍‌ସା ଆସି ଲାଗିଲା ସେଇଠି ।

ଏତିକବେଳେ ଗାଁରୁ ଆସି ପହଞ୍ଚିଲେ ନରହରିବାବୁ । ଶ୍ରୀକାନ୍ତକୁ ଅଚେତ ଦେଖି ନରହରିବାବୁ ବେହୋଶ ହୋଇପଡ଼ିଲେ ରାସ୍ତା ଉପରେ । ବ୍ରଜବାବୁ ବୁଢ଼ାଙ୍କୁ ସାନ୍ତ୍ୱନା ଦେଇ ଶାନ୍ତ କରାଇଲେ । କାର୍‌ଟିର କିଛି ବିଶେଷ କ୍ଷତି ହୋଇ ନ ଥିଲା । ଶ୍ରୀକାନ୍ତକୁ ସଙ୍ଗେ ସଙ୍ଗେ ରାସ୍ତା ଉପରୁ ଉଠାଇ କାର୍‌ରେ ନରହରିବାବୁ କୋଳରେ ଧରି ବସିଲେ । କାର୍ ଚଳାଇଲେ ବ୍ରଜବାବୁ ଡାକ୍ତରଖାନା ଆଡ଼କୁ ।

ବାଲେଶ୍ୱର ଡାକ୍ତରଖାନାରେ କିଛି ପ୍ରାରମ୍ଭିକ ଚିକିତ୍ସା କରାଇ ସମସ୍ତେ ଫେରିଲେ କଟକ ବଡ ଡାକ୍ତରଖାନାକୁ । ମାସକ ପରେ ଶ୍ରୀକାନ୍ତ ଦେହ ମୁଣ୍ଡର କ୍ଷତ ଘା, ଶୁଖିଲା; କିନ୍ତୁ ତାର ମାନସିକ ରୋଗ ଭଲ ହୋଇପାରିଲା ନାହିଁ । ଦିନକୁ ଦିନ ବଢ଼ିବାକୁ ଲାଗିଲା । ଡାକ୍ତରମାନେ ପରୀକ୍ଷା କରି କହିଲେ କାର୍‌ରୁ ଦଡ଼ିଗଲା ପରେ ତାର ମସ୍ତିଷ୍କର କିଛି ଅଂଶ ଓଲଟି ପଡ଼ିଛି । ଅପରେସନ୍ ଏ ସ୍ଥାନରେ ଭଲ ହେବା ସମ୍ଭବ ନୁହେଁ । ତୁମେ ରୋଗୀକୁ ରାଞ୍ଚିକୁ ନେଇ ଯାଅ ।

ଡାକ୍ତରମାନଙ୍କ ଉପଦେଶ ଅନୁସାରେ ନରହରିବାବୁ ଶ୍ରୀକାନ୍ତକୁ ରାଞ୍ଚି ପାଗଳଖାନାକୁ ନେଇଗଲେ । ଏଣେ ହାକିମ ବରଖାସ୍ତ କଲେ । ଶ୍ରୀକାନ୍ତ ନିଜର ଧନ ସମ୍ପତ୍ତି, ସତୀ ସାଧ୍ୱୀ ସ୍ତ୍ରୀ, ମାନ ସମ୍ମାନ ଓ ପ୍ରତିଷ୍ଠା ହରାଇ ଦୁର୍ଣ୍ଣ୍ୟ ଅବହେଳିତ ପାଗଳ ଜୀବନକୁ ନେଇ ରହିଲା ରାଞ୍ଚି ହସ୍‌ପିଟାଲରେ ।

ଶ୍ରୀକାନ୍ତର ଚିନ୍ତାରେ ହରା ଦେଈ ବୟସ ଆଉରି ୨୦ ବର୍ଷ ତଳକୁ ଖସିଗଲାଣି—ଦିନ କେଇଟା ଭିତରେ । ସ୍ୱାମୀର ଅଧୋଗତିରେ ପଡ଼ିଲା ଶୁଣିଲା ପଦ୍ମାର ଆଖିରୁ ଅନବରତ ଲୁହ ଝରୁଛି । ପେଟରେ ଭୋକ ନାହିଁ କି ? ଆଖିକୁ ନିଦ ନାହିଁ ।

ବଞ୍ଚିବାର ଆଶା ଦେଇ ସେ ଖାଲି ଗୁଣ୍ଡେ ଖାଇ ମନେ ପିଇ ଦିନ କାଟୁଛି । ଗିରି ମହାନ୍ତର ଚେଟମଗ ରୋଗ ଦିନକୁ ଦିନ ବଢ଼ି ଚାଲିଛି । ଦୁନିଆଁ ଯାକ ଔଷଧ ଖାଇଲାଣି— ବେମାର ଅଧଲାଟିକର ବି କମୁ ନାହିଁ । ନିଜର ପାପ କର୍ମଗୁଡ଼ାକୁ ଭାବ ଭାବ ପାଗଳ ହୋଇଯାଇଛି । ଯାହାକୁ ଦେଖୁଛି- ସେ କହୁଛି କପଟର ଶ୍ରୀକାନ୍ତ ଓ ତୁଳସୀକୁ ଅଲଗା କଲା । ମା’ ବୁଢ଼ୀଟା ତା’ର ଅନବରତ ତା’ପାଖରେ ବସି କାନ୍ଦୁଛି । ମହାନ୍ତ ଅପେକ୍ଷା କରୁଛି—ତାର ପାପର ପ୍ରାୟଶ୍ଚିତ—ମୃତ୍ୟୁ—କେବେ ଆସିବ ।

( ୩୩ )

ବାଲେଶ୍ୱର ଠାରୁ ତିନିମାଇଲ୍ ଦୂରରେ ହରିପୁର ଗ୍ରାମ । ପଚରବକ ନାଣ୍ଡି ବୁଢ଼ୀର ଘର ସେଇ ଗ୍ରାମରେ । କାଠ ପଥର ବିକି ଦୁଃଖେ ସୁଖେ ଚଳେ । କାହାର ଲୁଣ ଚମୁଟାଏ ସେ ଧାରେ ନାହିଁ ? ପୁଅ ଗୋସିଆଁ ମଲା ଦିନରୁ ଅଣ୍ଟାରେ ଲୁଗା ଭିଡ଼ି ହାଡ଼ ଭାଙ୍ଗୁଛି । ଖୁବ୍ ସକାଳୁ ବଣକୁ ଯାଏ ଯେ ବେଳ ଲେଉଟକୁ ଫେରେ । କେବେଇ ଦି’ଟା କରି ଗଣ୍ଡିଏ ଖାଇଦେଇ କାଠ ବୋଝାଏ ପଥର ବଡ଼ାଏ ଧରି ବାଲେଶ୍ୱରରେ ପହଞ୍ଚେ । ଜାଗୁଆ ଦେଇସାରି ଫେରିଲାବେଳକୁ ରାତି ଦଶ । ତୁଳସୀ ଆସିଲା ଦିନରୁ ଶୋଇ ଘରକୁ ସେ ଆଉ ଯାଉ ନାହିଁ । ଯୁ’ଆଡ଼ୁ ଯାହା ଆଣୁଛି ତାଙ୍କ ପାଖରେ ପକାଇ ଦେଉଛି । ସେ ରାନ୍ଧି ବାଢ଼ି ବୁଢ଼ୀକୁ ଆଗ ସନ୍ତୁଷ୍ଟ କରି ନିଜେ ପଛେ ଦି’ଟା ଖାଉଛି । ନାଣ୍ଡି ବୁଢ଼ୀ ଭୁଲିଯାଉଛି ଦିନକୁ ଦିନ ନିଃସନ୍ତାନ ଦୁଃଖ ।

ପ୍ରଭାତରୁ ଉଠି ତୁଳସୀ ଘର କାମରେ ଲାଗିଯାଏ । ନାଣ୍ଡି ବୁଢ଼ୀ ବଣରୁ ଫେରି ନାଗୁଆ ଦେବାକୁ ଗଲେ ବେଳବୁଡ଼ନ୍ତକୁ ତା’ ହାତରୁ ପାଇଛି ସରେ । ରବି ମା’ କୋଳରେ ଲୁଚଯା’ନ୍ତି । ପୂର୍ବଦଗରୁ ଅନ୍ଧାର ମାଡ଼ିଆସେ ଦୁଃଖ ପଶରା ନେଇ । ତୁଳସୀ ଚଉଁରା ମୂଳେ ସଳିତା ଜାଳି ସେ ନିଜର ଅଭିଷ୍ଟ ମନାସେ—“ସେ ପଛେ ମୋତେ ଅନ୍ତର କରନ୍ତୁ ପ୍ରଭୁ ! ତୁମେ ତାଙ୍କର ମଙ୍ଗଳ କର । ମୋ ହାତର ଚୁଡ଼ି ସିନ୍ଦୂର ଲାଗି ଜଳ ଉଠୁଥାଉ ।” ତୁଳସୀର ଆଖିରୁ ଲୁହ ଝରେ । ଏତେ କଷ୍ଟ ସହି ମଧ୍ୟ ତାର ଦୁଃଖ ଗଲାନାହିଁ । ମନର ବେଦନା ମନରେ ମାରି ତୁଳସୀ ଫେରେ ଘରକୁ ।

ଶୋଇଲା ବିଛଣାରେ କେତେ ଆଉ କେତେ କଥା ମନେ ପଡ଼େ । ବାପା ମା’ଙ୍କ ସ୍ନେହ; ଜୀବନର କେତେ ଉତ୍ଥାନ ପତନ । ହସ କାନ୍ଦ ଗୋଟିକ ପରେ ଗୋଟିଏ ନାଚି ଉଠେ ଆଖି ଆଗରେ ତାର । ଧୂଆଁ ଳିଆ ଅତୀତ ତଳୁ କେତେ ସ୍ମୃତି ଜାଗି ଉଠେ । ସବୁ କ୍ଷଣିକ ସବୁ ମାୟା ଜୀବନର ମାୟା ତୁଟିଯାଏ । କୋଟି ଦୁଃଖର ଢେଉ ଉଠେ ପ୍ରାଣରେ । ସେତିକବେଳେ ଗର୍ଭସ୍ଥ ଶିଶୁର ସ୍ପନ୍ଦନ ଅନୁଭବ କରି ତୁଳସୀର ପ୍ରାଣ ପୁଲକିତ ହୋଇଉଠେ । ଅନାଗତ ସୁଖର ଆଶାରେ ସେ ସବୁ ଦୁଖ, ଯାତନାକୁ ଦୂରକୁ ଫୋପାଡ଼ିଏ ।

କାଳ ପରି ଘୁରିଗଲା ମାସ ବିତିଗଲା । ଜନ୍ମ ହେଲା ତୁଳସୀ ଗର୍ଭରୁ ଅତି ସୁନ୍ଦର ପୁଅ । ନାଣ୍ଡି ବୁଢ଼ୀର ପାଦ ଆଉ ତଳେ ନ ଲାଗେ । ପୁଅର ଏକୋଇଶାକୁ ଯେଉଁଠି ଯାହା ରଖିଥିଲା; ସବୁ ଭଙ୍ଗି କରି ପୁଅ ପାଇଁ ବଳା କଲା । ସାଇପଡ଼ିଶାକୁ

ପେଟ ପୂରାଇ ଖାଇବାକୁ ଦେଲା, ପାଳି କରାଇଲା । ମା'ତାର ଅତି ଦୁଃଖ ପାଇଥିବାରୁ ନାଣ୍ଡି ବୁଢ଼ୀ ପୁଅଟି ନା ରଖିଲା—"ଦୁଖି"। ତୁଳସୀର ଦୁଃଖର ଗନ୍ଧ ପାଇଥିଲେ ମଧ୍ୟ ଏତେ ବଡ଼ ଦିନରେ ସେ ସୁଖି ହୋଇପାରିଲା ନାହିଁ । ମନେ ପଡ଼ିଲା ତା'ର ସ୍ୱାମୀଙ୍କ କଥା । ପାଖରେ ଥିଲେ ସେ କେତେ ଖୁସି ହେଉ ନ ଥାନ୍ତେ ? ମୁହଁ ଫିଟାଇ ନାଣ୍ଡି ବୁଢ଼ୀକୁ କହିଲା—ମା' ବାବୁଙ୍କ ପାଖକୁ ଖଣ୍ଡେ ଚିଠି ଦେ' ବୁଢ଼ୀ ଗର୍ଜି ଉଠିଲା—ମା'ଲେ ମୋର ଏତେ ଲୋଭ । "ମୁଁ ଝୁରୁଥାଏଁ ତୋର ପାଇଁ ମୋ'ଠାରେ ଦୟା ତୋହର ଟିକଏ ନାହିଁ ।" ଛଟାଟିଏ ମେଲଦେଇ ବୁଢ଼ୀ ଚାଲିଗଲା ନିଜ କାମରେ । ତୁଳସୀର ମନ ଭାଙ୍ଗିଗଲା । ତୁଳସୀ ଭାବିଲା—ସତ କଥା ମିଥ୍ୟା ଅପବାଦ ଶୁଣି ସେ ତ ମୋତେ ତ୍ୟାଗ କରିଚନ୍ତି । ପୁନଶ୍ଚ ଏ ବାରତା ଶୁଣିଲେ ଅଧିକ ସେ ଘୃଣା କରିବେ । ଦୁଖିକୁ ନିଜ ପୁଅ ବୋଲି ଗ୍ରହଣ ନ କରି ସେ କହିବେ ଜାରଜ, ନା ତାଙ୍କୁ ନ ଜଣାଇବା ଶତ ଗୁଣେ ଭଲ ।

ନାଣ୍ଡି ବୁଢ଼ୀ ଓ ତୁଳସୀର ଯତ୍ନରେ ଦୁଖି ଚନ୍ଦ୍ର ପରି ଆଜି ବଢ଼ିଲେ କାଲି ବଢ଼ିଲା । ବୁଢ଼ୀ ନାତି ପାଇଁ କେତେ ରକମର ଲୁଣ୍ଡେଇ ଖେଲୁନା ବଜାରରୁ କିଣି ଆଣି ଗଦା କଲା ! ନିକମା ବେଳରେ ବୁଢ଼ୀର କାମ ନାତିକୁ ଧରି ଗେଲ କରିବା—"ମୋ ନାତି ବଡ଼ ହୋଇବ, ପାଠ ପଢ଼ିବ, ମନ୍ତ୍ରୀ ହେବ, ଦେଶ ଜାତି ପାଇଁ ଗାନ୍ଧିଙ୍କ ପାଇଁ ଜୀବନ ଦେବ······, ବାପ ଗୋସାଇଁର ନାଁ ରଖିବ । ସେ ପାଖରୁ ନାଣ୍ଡୀ ବୁଢ଼ୀର ବଡ଼ ଜା, ଡାକେ— ହଁଲେ ହଁ, ଦୁଖିଆ ତ ମନ୍ତ୍ରୀ ହେବ—ଛେଳି ଗୋରୁ ଜଗିବ ଏ ? ବୁଢ଼ୀ କହେ—ଦେଖିବୁ ଲୋ, ରହ । ସେ ମନ୍ତ୍ରୀ ହେଲେ ତୋତେ ଉଡ଼ାଜାହାଜରେ ବସାଇ ତିରଥ କରାଇ ଆଣିବ । ସେ

ପାଖରୁ ଉତ୍ତର ଆସେ, ମୁଁ ଆଉ ବଞ୍ଚିଥିବ କେ, ସେତେବେଳକୁ ।
"ତୁ ନ ବଞ୍ଚିବୁ ବୋଲି କଣ ମୋ ନାତି ସେ ପାଇଁ ଦାୟୀ ?" ବୁଢ଼ୀ ପ୍ରତିଉତ୍ତର ଦିଏ ।

ଯେଉଁଦିନ ଦୁଖି ମା' ବୋଲି ବୁଢ଼ୀକୁ ଡାକିଲା, ସେ ଦିନ ବୁଢ଼ୀର ଆନନ୍ଦ କହିଲେ ନ ସରେ । କେତେ ତାକୁ ଗେଲକରି ବୁଢ଼ୀ ବଣକୁ ଗଲା କାଠ ପାଇଁ; କାଠ ବିକି ଦୁଖି ପାଇଁ ଅସ୍ତମୀକୁ ନୂଆ ହେଣ୍ଟ୍ ଜାମା କିଣିବ । ବଣରୁ ଫେରୁଛି, କାଠ ପତର ନେଇ—ବାଟରୁ ଜର ଆସିଲା । ଅତି କଷ୍ଟରେ ଘରେ ପହଞ୍ଚି ଅଚେତା ହୋଇପଡ଼ିଲା । ଖିଆ ନାହିଁ ପିଆ ନାହିଁ । ବୁଢ଼ୀର ଗାଁରେ ହରି ପଧାନ ଗୁଣିଆ ଘର । ପିଶାଚୁଣୀରେ ଲାଗିଛି ବୋଲି କହି ବହେ ଖଣ୍ଡେ ଝାଡ଼ଫୁଙ୍କି ଗଲା । ଜର ନ କମିବାରୁ ଗାଁ କବିରାଜ ବରଜୁ ମିଶ୍ରେ ଡକା ହୋଇ ଆସିଲେ । ତାଙ୍କର ଚିକିତ୍ସାରେ ବୁଢ଼ୀ ରହିଲା । ସପ୍ତାହେ ଦିନ ଯାଇଚି, ପାଞ୍ଚଦିନ ଗତି ପାହିଲା ବେଳକୁ ବୁଢ଼ୀ ଭାଲ ହେଲା । ଜର ଉତ୍ତାପ କମା କମୁ ନାହିଁ, ଦେହରେ ଖଇ ଫୁଟିପିବ । ତୁଳସୀର ମୁହଁକୁ ଅନାଇ ଦେଇ ବୁଢ଼ୀ ଆଖି ବୁଜିଲା । ତୁଳସୀ ମା' ବୋଲି ଏକ ରଡ଼ି ଦେଇ ତଳି ପଡ଼ିଲା ନାଣ୍ଡି ବୁଢ଼ୀର ଛାତି ଉପରେ ।

ଆଉ ବା ଥାଏ କ'ଣ ?

—*—

( ୩୪ )

ନାଣ୍ଡି ବୁଢ଼ୀ ମଲାଦିନରୁ ତୁଳସୀର ଅବସ୍ଥା କହିଲେ ନ ସରେ । ଘରେ ଖାଇବାକୁ ଦାନା ପିନ୍ଧିବାକୁ କନା ନାହିଁ । କାଳ ମହରଣ ତ ପଡ଼ିଛି ଯେ ବାପ ବୁହିଁଛି ପୁଅ ଖାଉଛି । ଶୁଖିଲା–

ଠାରେ ତାକୁ କିଏ ବସେଇ ଖୋଇବ । ଆଉରି ପୁଣି ଗୋଟାଏ ଅଣ୍ଡୁଆ—କୋଳରେ ଦେଢ଼ ବରଷର ପୁଅ—"ଦୁଃଖିଶ୍ୟାମ" । ବୁଢ଼ୀ ଥିଲାବେଳେ ଉପବାସ କ'ଣ ଜାଣି ନ ଥିଲା । ଭଲ ମନ୍ଦ ଖୋଇ ବୁଢ଼ୀ ତାକୁ ଅତି ଆଦରରେ ନୟନ ପିତୁଳା ପରି ରଖିଥିଲା । ବର୍ତ୍ତମାନ ଉପାସ ଭୋକ ସନ୍ତୁଷ୍ଟ କୋଉଠି ? ତା ପାଇଁ ଆଉ କେତେ ତୁଳସୀ ବାଉଲୋକଙ୍କୁ ମୁହଁ ଦେଖେଇବ ? ଥରେ ସିନା କିଏ ମନ୍ଦେ ଦେବ ? ସବୁ ଦିନେ କ'ଣ ଦେବେ ?

ତୁଳସୀ ଭାବିଲା—ମହଉଲ୍କୁ ରୂଆଁ ରହିଲେ ପେଟ ଭୋକିଲା ରହିବ; କିନ୍ତୁ କୋଉଠି ପିଲାଟିକୁ ବସାଇ ଦେଇ ଦୁଖକୁ ଯିବ ?

—ଦରଜୀ କାମ, ବୁଣାବୁଣି କାମ ବହୁତ ଜାଣିଲେ କ'ଣ ହେବ, କଞ୍ଚାମାଲ୍ କେଉଁଠୁ ଆସିବ ? ଘରେ ବସି ଦୁଇ ପଇସା ଅର୍ଜ୍ଜନ କରି ହୁଅନ୍ତା । ନା' ସେ ବାବୁଆଣି ଗିରି ଚଳିବ ନାହିଁ । ଦୁଃଖିଶ୍ୟାମକୁ ବଞ୍ଚାଇ ମଣିଷ କରିବାକୁ ପଡ଼ିବ······ଅନ୍ୟଠାରୁ ଗାଳି ମାଡ଼ ଖାଇବାକୁ ପଡ଼ିବ । ଦୁଖ ଧନ୍ଦା କରିବା ତ, ଭୋଷି ଉକାଯୁଡ ନୁହେଁ ? ଆଉ ଲଜ କ'ଣ ? ଖଟି ଖାଇବ—ଆଉ ତ କଷ୍ଟ ନୁହେଁ ? ଯେ କହିବ ସେ କ'ଣ ଦେବକ ପେରେ ପାଏ ମୋତେ ?

ତୁଳସୀ ଅଣ୍ଟାରେ ଲୁଗାଭିଡ଼ି ଠିଆ ହେଲା ।

ସେଇଦିନଠୁ ସେ ବାହାର ଲୋକଙ୍କ ନିନ୍ଦା ଅପବାଦକୁ ଭ୍ରୂକ୍ଷେପ ନ କରି ଦୁଃଖିକୁ କାଖରେ ବସାଇ ନିତି ଯାଏ ଦୁଖକୁ । ବଣରୁ କାଠପତର ଆଣି ସେଇ ଗାଁ'ରେ ବିକେ । ମହାଜନ ଘର ଚୁହାଳ ପୋଛେ । ଧାନ କୁଟେ । ପଧାନ ଘର ବେଳାଏ ବାସନ ମାଜେ । ଯୋଉଠୁ ଯାହା ପାଏ, ପେଜ ପଖାଳ କରି ଚଳେ ।

ତୁଳସୀ ନିଜ ହାତରେ ଶ୍ରୀକାନ୍ତର ମୂର୍ତ୍ତି ଗଢ଼ି କାନ୍ଥରେ ଗୋଟିଏ ବୈଠିଣିରେ ରଖି ପୂଜା କରୁଥାଏ । ନିତି ପ୍ରତି କାମରୁ ଫେରି ସେ ମୂର୍ତ୍ତିଟି ତଳେ ମୁଣ୍ଡ ନୁଆଁଏ । କହେ—ମୋ କଥା ତୁମର କ'ଣ ମନେପଡ଼େ ନାହିଁ ପ୍ରଭୁ ? ସାରା ଜୀବନର ସୁଖ ସବୁ ଅଜାଡ଼ି ଦେଲି ତୁମର ଚରଣ ତଳେ; ତଥାପି ତୁମେ ମୋତେ ଭୁଲ ବୁଝିଲ । ତୁମେ ହାକମ ଆଉ ମୁଁ··· । ଏଇଟା ତୁମକୁ ସୁନ୍ଦର ଦିଶୁଛି ପ୍ରଭୁ ? ତୁଳସୀର ଗ୍ରୀବ ଭିତରୁ କୋହ ଉଠେ । ମନେ ମନେ ଭାବେ—ଜୀବନ୍ତ ମୂର୍ତ୍ତି ତ ମନ ଜାଣିଲେ ନାହିଁ, ମାଟିର ପ୍ରତିମା କ'ଣ ଅନ୍ତର କଥା ବୁଝିବ ? ପରୋକ୍ଷ ଭକ୍ତିରେ ଲାଭ କ'ଣ ? ମନ ଭିତରଟା ତା'ର ଅବ୍ୟକ୍ତ ତିକ୍ତତାରେ ଘୁମୁରି ଉଠେ । ସେ ମାଟିଶ୍ରୀକାନ୍ତର ପାଦୁକା ପାଇ ଚାଲିଯାଏ ନିଜ କାମରେ ।

ଦୁଖ କଷ୍ଟେ ଚାରିଟା ବର୍ଷ ପାଣି ପରି ବହିଗଲା । ସେଦିନ ଘରେ ଭାତ ନ ଥାଏ । ଦୁଃଖିଶ୍ୟାମ ତୁଳସୀ କାଖରୁ ଓହ୍ଲାଉ ନାହିଁ । ଗୌରି ମା' ଡାକିଲେ—ଝିଅ, ଭାତ ନାହିଁ ବୋଲି କହୁଥିଲୁ—କାମକୁ ଯିବୁ ? ତୁଳସୀ ଉତ୍ତର ଦେଲା—କେଉଁଠିକୁ ମାଉସୀ ?

—ଏଇ ସେ ବଣା । ଗୋଟେ କ'ଣ ଅଫିସକୋଠା ତିଆରି ହେଉଛି । ସେଇଠି ମିସ୍ତ୍ରୀର ପାଖକୁ ଇଟା ସିମେଣ୍ଟ ବୋହିବା । ଦିନକୁ ଟଙ୍କାଏ ମଜୁରି ।

—ଯାଆନ୍ତୁ ମାଉସୀ; କାଲୁ କାଲିଠୁଁ ଯିଏଲୁ ଜର !

ତୁଳସୀ କରୁଆ ପିଲାଟାକୁ ନେଇ ଗୌରି ମା' ସାଥିରେ ଗଲା । ବସାଇଦେଲା ସେ ଦୁଃଖିଶ୍ୟାମକୁ ଆମ୍ବଗଛ ମୂଳେ । ଜ୍ୱରରେ କାନ୍ଦୁଥାଏ ସେ । ତୁଳସୀ ଯାଇ ସିମେଣ୍ଟ କରେଇ

ମୁଣ୍ଡରେ ବସାଇଲା । କଣ୍ଟ୍ରାକ୍ଟର ବାବୁଙ୍କର ଆଖି ତା’ ଉପରେ ଖାଲି ପଡ଼ୁଥାଏ । ଏମିତିକା ଝିଅଟେ ମୂଲିଆ କୂଳରେ ଜନ୍ମହେଲା କିପରି ? ଗୌରୀ ମା’କୁ ଡାକି ତୁଳସୀର ପରିଚୟ ପାଇଲାବେଳୁ କଣ୍ଟ୍ରାକ୍ଟର ବାବୁଙ୍କର ମନଟା କାହିଁକି ଚେଙ୍ଗେଇ ଉଠିଲା । କାମରେ ଆଜ ତାଙ୍କର ମନ ଲାଗିଲା ନାହିଁ । କାମ ବଢ଼ାଇବା ଛଳରେ ସେ ଖାଲି ତୁଳସୀ ପଛେ ପଛେ ଗୋଡ଼ାଇବାକୁ ଲାଗିଲେ ।

କାମ ଚାଲିଥାଏ । ବାଲେଶ୍ୱରରୁ ବ୍ରଜବାବୁ ଟ୍ରେନ୍‌ରେ ଆସିଲେ କୋଠା ମାପ କରିବାକୁ । ତୁଳସୀ ଉପରେ ତାଙ୍କର ନଜର ପଡ଼ିଲା । ଉଁ! ଦୋ ଶବ୍ଦା ହେଲେ ସେ । ପୁଣି ଭାବିଲେ ଟ୍ରେନ୍ ଚଢ଼ି ଆସିଛି ତୁଳସୀ ପ୍ରାଣ ହରାଇଛି । ଏ ତେବେ ଆଉ କିଏ ଜଣେ । କେତେ ଚଳାକରି ସେ ତା’ ପାଖକୁ ଯାଇ ତା’ର ଠିକଣା ପଚାରିଲେ । ତୁଳସୀ ମୁହଁ ଉପରକୁ ମୁଣ୍ଡ ଲୁଗାଟି ଟାଣିଦେଇ ତଳକୁ ଅନାଇ କହିଲା, ବାବୁ ! ଏଇ ହରିପୁର ମୋ ଘର । ମୋ ନା’ ବାଇଆଣି । ଅପ୍ରସ୍ତୁତ ହେଲେ ବ୍ରଜବାବୁ । ମିଛେ ମିଛେ ତା ନା’ଟି ମୂଲିଆଣୀମାନଙ୍କ ନାମ ତାଲିକାରେ ଚଢ଼ାଇବା ଛଳରେ ସେ ସେଠାରୁ ଖସିଗଲା । କୋଠା ମାପିସାରି ଜିପ୍‌ରେ ବସିଲେ, ବ୍ରଜବାବୁ ।

ସନ୍ଧ୍ୟା ହେଲା । ଗୁଡ଼ାଏ ବାଲି ସିମେଣ୍ଟ ଗୋଳାହୋଇ ଥୁଆ ହୋଇଛି । କଣ୍ଟ୍ରାକ୍ଟର ବାବୁ ମିସ୍ତ୍ରୀମାନଙ୍କୁ ଡାକି କହିଲେ— ମୁଁ ଘରକୁ ଯାଉଛି । ଗୋଳା ସିମେଣ୍ଟ ବାଲି କାଲିକୁ ରହିଲେ ନଷ୍ଟ ହୋଇଯିବ । ଆଜି ସବୁ ଶେଷ କରି ଘରକୁ ଯାଇ ମଜୁରି ନେଇ ଆସିବ । କଣ୍ଟ୍ରାକ୍ଟର ଚାଲିଗଲେ । ମିସ୍ତ୍ରୀମାନେ ସଞ୍ଜ ହେଲେ ମଧ୍ୟ ଆଉ ମୂଲିଆ, ମୂଲିଆଣୀମାନଙ୍କୁ କାମରୁ ଛୁଟି ଦେଲେ ନାହିଁ ।

କାମ ସରିଲାବେଳକୁ ରାତି ଆଠ । ସମସ୍ତେ ଧୋଇଧାଇ ହୋଇ ଚାଲିଗଲେ କଣ୍ଟ୍ରାକ୍ଟର ବାବୁଙ୍କ ଘରକୁ । ମଜୁରି ନ ନେଲେ ଖାଇବେ କ'ଣ । ତୁଳସୀ ଦୁଃଖିକୁ କାଖେଇ ଚାଲିଲା ତାଙ୍କ ପଛରେ ।

କଣ୍ଟ୍ରାକ୍ଟର ବାବୁ ସବୁ ମିସ୍ତ୍ରୀ ମୂଲିଆ, ମୂଲିଆଣୀଙ୍କୁ ଜଣକ ପରେ ଜଣେ ମଜୁରି ଦେଇ ଦେଉଛନ୍ତି । ଜାଣି ଶୁଣି ତୁଳସୀକୁ ପଛକୁ ରଖାଇଛନ୍ତି । ସମସ୍ତେ ନିଜ ନିଜର ମଜୁରି ପାଇ ଚାଲିଗଲେ । ତୁଳସୀ ବେଳକୁ କହିଲେ—ତୁମେ ଟିକେ ବସ; ପଇସା ସରିଗଲା । ଚାକରକୁ ପଠାଇଛି ଟଙ୍କା ଭଙ୍ଗାଇବାକୁ, ସେ ଏଇକ୍ଷଣି ଆସି ପହଞ୍ଚିବ । ତୁମେ ବାହାରେ ଠିଆ ନ ହୋଇ ଦାଣ୍ଡଘରକୁ ଆସି ବସ । ଏତିକ କହି କଣ୍ଟ୍ରାକ୍ଟର ବାବୁ ଭିତରକୁ ଚାଲିଗଲେ ।

ନିଷ୍କପଟ ମନକୁ କପଟ ବା ସ୍ପର୍ଶ କରିବ କାହିଁକି ? ତୁଳସୀ କଣ୍ଟ୍ରାକ୍ଟର ବାବୁଙ୍କ ବୈଠକଖାନାରେ ଯାଇ ବସିଲା । ବିଜୁଳିବତି ଜଳୁଛି । ଘରଟି ନାନା ଚିତ୍ରରେ ଚିତ୍ରିତ । ମହାତ୍ମାଗାନ୍ଧି, ପଣ୍ଡିତ ନେହରୁଙ୍କ ଆଦି ବଡ଼ ବଡ଼ ମଣିଷଙ୍କ ବନ୍ଧେଇ ଫଟୋ କାନ୍ଥ ଦେହରେ ଝୁଲୁଯାଇଛି । କୋଠରୀଟି ସାରା ଗାଲିଚା ପଡ଼ିଛି । ଗାଲିଚା ଉପରେ ସୁନ୍ଦର ସୁନ୍ଦର ଚେୟାର ଟେବୁଲ୍ ସଜା ଯାଇଛି । ଟେବୁଲ୍ ଉପରେ ଟେବୁଲ୍ କ୍ଲଥ୍, ତା'ପରେ ଫୁଲ୍‌ଦାନୀ । ବଡ଼ ସୁନ୍ଦର ଦିଶୁଛି କୋଠରୀଟି । ବଡ଼ ବଡ଼ ଅମଲାମାନେ ଆସିଲେ କଣ୍ଟ୍ରାକ୍ଟର ବାବୁ ତାଙ୍କୁ ଏ କୋଠରୀ ଭିତରେ ପୂରାଇ ସୁମିଷ୍ଟ ଜଳ ପାନ ଦ୍ୱାରା ଆପ୍ୟାୟିତ କରନ୍ତି । ତା'ପରେ ଚାଲେ କଳାବଜାର କଳାପୋଟେଇ କାରବାର ।

ତୁଳସୀର ମନକୁ ଏ ସଜାସଜ ଭଲ ଲାଗୁ ନ ଥାଏ । ତାର ମନେ ପଡ଼ୁଥାଏ ବାଲେଶ୍ୱରରେ ଥିବାବେଳେ ତାଙ୍କର ବୈଠକଖାନାକୁ ସେ କି ସୁନ୍ଦର ଭାବରେ ସଜାଇଥିଲା । ଏଇ ଘରେ ସେ ଶିଳ୍ପୀର ହାତ ବାଜିଲେ ହସିଉଠନ୍ତା ଯେ କିନ୍ତୁ—କାହିଁକି ସେ ତାହା କରିବ ? ବାବୁଙ୍କ ପିଲାଛୁଆ କ'ଣ ଏଠି କେହି ନାହାନ୍ତି ? କାହିଁ, କାହାର ତ ପାଟି ଶୁଭୁନାହିଁ ।

ଦୁଃଖିକୁ ବେଞ୍ଚ ଉପରେ ବସାଇ ଦେଇ ତୁଳସୀ ଚାହିଁଲା କବାଟ ଫାଙ୍କରେ । କଣ୍ଟ୍ରାକ୍ଟର ବାବୁ ଲୁଙ୍ଗି ଟେ ପିନ୍ଧି ନାଲି ବୋତଲଟାକୁ ମୁହଁରେ ଲଗାଇ ଢକ ଢକ କରି ନାଲି ପାଣିଗୁଡ଼ା ପିଇ ଯାଉଛନ୍ତି । ଡାକିଲା—ବାବୁ ମୋତେ ମଜୁରି ଦିଅ । ବହୁତ ରାତି ହୋଇଗଲାଣି । ମୁଁ ଚାଲିଯିବି ।

ବୋତଲଟାକୁ ଥୋଇଦେଇ ଦୌଡ଼ି ଆସିଲେ କଣ୍ଟ୍ରାକ୍ଟର ବାବୁ । ତୁଳସୀର ହାତ ଦୁଇଟାକୁ ଧରିପକାଇ କହିଲେ—ତୁମେ ଯିବ କୁଆଡ଼େ ? ଏଇ ରାତିଟା ତୁମକୁ ଏଠାରେ ରହିବାକୁ ପଡ଼ିବ । କାଲି ସକାଳୁ ଦଶଟି ଟଙ୍କା ଧରି ଘରକୁ ଯିବ । ଆସ, ଭିତରକୁ ଆସ । ସକାଳୁ ତୁମକୁ ଦେଖିଲାବେଳୁଁ କୌଣସି କାମରେ ମୋର ମନ ଲାଗୁ ନାହିଁ । ପ୍ରକୃତରେ ଏ ରୂପଯୌବନ କେବଳ ତୁମର ଆମ୍ଭମାନଙ୍କର ଉପଭୋଗ୍ୟ ପାଇଁ ।

କଣ୍ଟ୍ରାକ୍ଟର ବାବୁ ତାକୁ ଭିତର କୋଠରୀକୁ ଟାଣି ନେବାପାଇଁ ବଳ ପ୍ରୟୋଗ କଲେ । ତୁଳସୀ ନିରୁପାୟ । ଭୟରେ ଚିତ୍କାର କଲା—ମୋତେ ଛାଡ଼ ପିଶାଚ । ତୋର ଉଦ୍ଦେଶ୍ୟ ମୁଁ କେଣ୍ ବୁଝିପାରିଲି । ସେଥିପାଇଁ ତୁ ମୋତେ ଏ ପର୍ଯ୍ୟନ୍ତ ରଖାଇଥିଲୁ । ମୁଁ ପର ସ୍ତ୍ରୀ, ତୋର ମା' ପରି ଭାବ···ମୋତେ ଛାଡ଼ି ଦେ···ମୁଁ

ଗ୍ଭଲଯାଏ । ଟଙ୍କା ମୋର ଦରକାର ନାହିଁ । କାନ୍ଦ ଉଠିଲା ତୁଳସୀ । ତଥାପି ସେ ମଦ୍ୟପ ତାକୁ ଟାଣିନେବାକୁ ବଳ ପ୍ରୟୋଗ କଲା । ଉପାୟ ନ ପାଇ ତୁଳସୀ ତା' ହାତକୁ କାମୁଡ଼ି ଦେଇ ଖସି ଆସିଲା । ଦୁଃଖିକୁ କାଖେଇ ପବନ ବେଗରେ ରାସ୍ତା ଉପରକୁ ବାହାରି ଆସିଲା । କଣ୍ଟ୍ରାକ୍ଟର ବାବୁ ରୁମାଲରେ ହାତରୁ ରକ୍ତ ପୋଛୁଥାନ୍ତି ।

ତୁଳସୀ ଦୁଃଖିକୁ କାଖେଇ ଆଖିରୁ ଲୁହ ଝରାଇ ଘରକୁ ଫେରୁଛି । ଏଇଥିପାଇଁ ଜରୁଆ ପିଲାଟିକୁ ଶୋଇ ଦେଇ ଧନସାରା ଖଟି ଥିଲା ? କାହା ଆଗରେ ଏ ଲଜ୍ୟାର କଥା କହିବ ? କିଏ ଆପଣାର ବୋଲି ଅଛି ତା' ପାଖରେ, ଗୁହାରି କରିବ ? ନିଃସହାୟର ସାହା ଏକା ସେହି ଭଗବାନ । ମନକୁ ସାନ୍ତ୍ୱନା ଦେଇ ଆଖିରୁ ଲୁହ ପୋଛିଲା ତୁଳସୀ ।

ଗ୍ଭଲିଛି ସେ । ବାମପଟରେ ରେବଣା ହାଇସ୍କୁଲ ପଡ଼ିଲା । ରାସ୍ତାକୁ ଲାଗି ସ୍କୁଲ ହତା । ହତାଭିତରେ ଏକ ଗୁନ୍ଦମା । ମହାତ୍ମା ଗାନ୍ଧୀଙ୍କର ପ୍ରସ୍ତର ମୂର୍ତ୍ତିଟିଏ ଗଢ଼ି ବଅାଯାଇଛି ତାରି ଉପରେ । ମୂର୍ତ୍ତିର ଉପରେ ଉଡ଼ୁଛି ଜାତୀୟ ପତାକା । ତୁଳସୀ ଗ୍ଭହିଁଦେଲା ସେ ମୂର୍ତ୍ତିକୁ । ହରିଜନ ବନ୍ଧୁ ମହାତ୍ମାଗାନ୍ଧୀ ଜନ୍ମ ଭୂଇଁରେ ପୁଣି କଣ୍ଟ୍ରାକ୍ଟର ପରି ପିଶାଚ ଜନ୍ମ ହୋଇଛନ୍ତି । ଆଶ୍ଚର୍ଯ୍ୟାନ୍ୱିତ ହେଲା ତୁଳସୀ । ଭକ୍ତିରେ ମୁଣ୍ଡ ତାର ନଇଁଗଲା । ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଫାଟକ ଦୁଆରମୁହଁରୁ ଫୁଲଟିଏ ଛିଣ୍ଡାଉଛି, ମାଳି ଦୌଡ଼ି ଆସିଲା—କିଏ ଲେ ତୁ ? ବାହାର ହତାଭିତରୁ । ହଁ ବାବୁ ଯାଉଛି କହି—ତୁଳସୀ ବାହାରି ଆସିଲା ହତା ଭିତରୁ ।

ବୁଲିଲ୍ ସେ ନିଜ ବାଟରେ । ଭାବିଲା—ଗରିବଙ୍କ ଉପରେ ସମସ୍ତଙ୍କର ଚଢ଼ାଉ । ଗରିବଙ୍କ ପାଇଁ ଆଇନ୍ କାନୁନ । ଯେଉଁ ମନ୍ତ୍ରୀମାନେ ରକ୍ତ ଶୋଷି ଚୌକିଦାରଠାରୁ ବଡ଼ ଅମଲା ପର୍ଯ୍ୟନ୍ତ ହାଣ୍ଡି ପରି ପେଟ କାଢ଼ି ବୁଲୁଛନ୍ତି, ସେଇ ମନ୍ତ୍ରୀମାନଙ୍କ ଆଗରେ ସେମାନେ ଦେଖାଉଛନ୍ତି ସେମାନଙ୍କର କର୍ତ୍ତବ୍ୟ ପରାୟଣତା—ଅଧିକା ମାତ୍ରାରେ । ନିଜର ବଡ଼ିମା ଦିନା ସ୍ଥାନ କାଳ ପାତ୍ର ନିର୍ବିଶେଷରେ ଦେଖାଇଲେ ଗାନ୍ଧୀ ଦେଶର ମହତ୍ତ୍ୱ ରହନ୍ତା । ଆଜ ମାଳ ମୋତେ ଗରିବ ସ୍ତ୍ରୀ ଲୋକଟିଏ ଦେଖି ଫୁଲ ଛିଣ୍ଡାଇବାକୁ ନ ଦେଇ ହତାରୁ ବାହାର କରିଦେଲ । କିନ୍ତୁ ଯଦି ଜଣେ ହାକିମ କିମ୍ବା ଜମିଦାର ଫୁଲଟିଏ ଛିଣ୍ଡାଇଥାନ୍ତେ ସେ ତାଙ୍କୁ ଛିଣ୍ଡାଇବାରେ ବରଂ ସାହାଯ୍ୟ କରିଥାନ୍ତା । ସେ ବରଂ ଗୁଡ଼ ପକେଟରେ ଗୁଞ୍ଜିନ୍ତୁ, ତାଙ୍କୁ ସମ୍ମାନ ସହକାରେ ଗୋଟିଏ ଗୁଡ଼ ଦୁଇଟି ଦେଇଥାନ୍ତା । କିନ୍ତୁ ମୁଁ ଯେ ମହାମାନବଙ୍କୁ ଭକ୍ତିର ଅର୍ଘ୍ୟ ସ୍ୱରୂପ ଟେକି ଦେଇଥାନ୍ତି—ସେତିକ ତ ସେ ବୁଝିଲା ନାହିଁ । ଏଇ ତ ନ୍ୟାୟ... ଏଇ ତ ଦୁନିଆ ।

କ୍ଷୁଦ୍ର ମସ୍ତିଷ୍କରେ କେତେ ବଡ଼ ବଡ଼ କଥା ଭାବୁ ଭାବୁ ତୁଳସୀ ପହଞ୍ଚିଗଲା ହରିପୁର ଗାଁ ମୁଣ୍ଡରେ ।

—*—

( ତୀନ )

ସାରା ରାତ ଉଚ୍ଛଳ ବକଳ । ଜହ୍ନଆ ଛୁଆଟା ଭୋକରେ ଆଉ ଟିପାଉଛି, ହେଉଛି । ହାଣ୍ଡିରେ ଅମ୍ବିଲା ତୋରାଣୀ ମଦେ ବି ନାହିଁ । ଏତେ ରାତିରେ କାହା ଘରକୁ ଆଉ ଭାତ ମାଗିବାକୁ

ଯିବ ? ଧନ ସାରା ଖଟିଥିଲ ତ ମୂଲ ପାଇଲନାହିଁ । ମାଗଣା କଏ ମୁଠେ ଦେବ ?

ବୁଝାଇ ସୁଝାଇ ତୁଳସୀ ଶୁଆଇ ପକାଇଲା ଦୁଃଖିଆକୁ । ଦୁଖରେ ତାର ପେଟ ପୂରିଉଠୁଛି, ତାକୁ ଭୋକ ଶୋଷ ନାହିଁ । ଖାଲି ସେ ଝୁରୁଁଛି—ଏ ସ୍ଥାନ ଗୁଡ଼ା ଉପରେ ସେ କୁଆଡ଼େ ପଳାଇ-ଯିବ । କଣ୍ଟ୍ରାକ୍ଟରର ହାତକୁ ଆଘାତ କରିଛି—ରାତି ପାହିଲେ ସେ ଆସି ପହଞ୍ଚିବ । କେହି ତ ତା' ଦୋଷ ଧରିବେ ନାହିଁ—ସମସ୍ତେ କହିବେ ଏହାର ଭୁଲ । ଫଳରେ ମୁଁ ନିର୍ଦ୍ଦୋଷ ହୋଇ ବି ଦଣ୍ଡ ପାଇବି । ପୁନଶ୍ଚ କଣ୍ଟ୍ରାକ୍ଟରଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିବ । ନଇଲେ ନିରୁପାୟ···

ମିଞ୍ଜି ମିଞ୍ଜି ଚୁଙ୍ଗି ଆଲୁଅରେ ତୁଳସୀ ଝୁରିଁଲା --ବୈଠିଣୀରେ ବସିଥିବା ଶ୍ରୀକାନ୍ତର ମାଟି ମୂର୍ତ୍ତିଟିକୁ । ପେଟ ଭିତରଟା ତା'ର ମନ୍ଥି ହୋଇଗଲା । ଗୁଣ୍ଡ ଭିତରୁ ଉଠିଲା—କୋହ । ଅଭିମାନ-ଭରା ସଜଳ ନୟନରେ ସେ କହିଲା —ତୁମେ ନଟିଆ ବସି ମୋର ନାଟ ଦେଖୁଛ । ମୋର ଜୀବନକୁ ତିଳ ତିଳ କରି ଶୋଷି ଆଶା ମେଣ୍ଟାଇଲ । ମିଠା ବୁଝି ସାରି ସିଠା ଫିଙ୍ଗି ଦେଲ— ଟିକେ ମୋତେ ଅନାଇଲ ନାହିଁ ? କାହା ପାଇଁ ମୁଁ ଏ ଦୁଃଖ ଯାତନା ସହୁଛି ? ତୁମ ହାକମଗିରି ପୋଡ଼ି ଯାଉ । ତୁଳସୀ ଜିଭ କାମୁଡ଼ି ପକାଇଲା—ପ୍ରଭୁ ! ମୋତେ କ୍ଷମା ଦିଅ । ମୋର ମନ କରୁଛି କହୁନାହିଁ ତୁମକୁ —ମୋର ଅବସ୍ଥା କହୁଛି । ହଉ ତୁମେ ହାକମ ହୋଇ ସୁଖରେ ରହ—ଶଙ୍ଖା ସିନ୍ଦୁର ନେଇ ଏ ଜୀବନ ଯାଉ ।

ବହୁତ ରାତି ହେଲାଣି । ତୁଳସୀ କାନି ପାରିଦେଇ ଦୁଃଖିଆ ପାଖରେ ଶୋଇପଡ଼ିଲା ।

ନିଦ ଆସୁ ନାହିଁ ଆଖିକୁ ଭାବୁଛି—କେଉଁଆଡ଼େ ଯିବ ସେ ? କଟକ ଯା'ନ୍ତା, ଆଶ୍ରମରୁ ଗୋଡ଼ କାଢ଼ି ଆସିଛି । ପୁଣି କେଉଁ ମୁହଁରେ ଯିବ ? ସେମାନେ କ'ଣ ଆଉ ତାକୁ ରଖାଇବେ ? ଜନମ ମାଟିରେ ତ ନିଜର ବୋଲି କେହି ନାହିଁ । ସରପଞ୍ଚ ବାବୁ ଜାଣିଲେ ବାସ ରଖିବେ ଆଉ କୁଆଡ଼େ ଯିବ ? ସ୍ଥିରକଲା ଆଗ ଆଶ୍ରମରେ ପହଞ୍ଚିବ । ତାକୁ ଯଦି ନ ରଖିବେ—ଦୁଃଖିକୁ ତ ରଖିବେ । ତେଣିକି ସେ ଅଚିନ୍ତା ହେବ । କେଉଁଠି ସାହା ନ ମିଳିଲେ ତ କାଠଯୋଡ଼ି ନଦୀ ଅଛି ।

ପୂର୍ବାକାଶରେ ସିନ୍ଦୁର ଫାଟିଲା । ପ୍ରଭାତ ଉଦୟ ହେବବେଳେ, ତୁଳସୀ ଚାହିଁଲା କାନ୍ଥ ଉପରକୁ । ସମୟକୁ ଜାଣି ପାରି ନାହିଁ । ସେଇବାଟରେ ବାହାରର ଆଲୋକ ପଶି ଆସୁଛି । ଅନ୍ଧାର ଘର କ୍ରମେ ଫରଚ୍ଛ ଦିଶିଲାଣି । କାଳବିଳମ୍ବ ନ କରି ସେ ଉଠି ବସିଲା । ପାଲଟା ଲୁଗା ଦି'ଖଣ୍ଡ, ସିଲଭର ବାସନ ଦି'ଖଣ୍ଡ ଏକାଠି ବାନ୍ଧି ଗଣ୍ଠିଲି କଲା । ସେତିକି ତା'ର ଧନ । ଆଉ ଭାତ ହାଣ୍ଡିଟା ସେଠାକୁ ନେବ କ'ଣ ? କେହି ଉଠି ନ ଥା'ନ୍ତି, ଦୁଃଖିଆକୁ କାଖେଇ ସେ ଚାଲିଲା ଷ୍ଟେସନକୁ ।

ସୂର୍ଯ୍ୟ ଉଇଁଲେ । ତୁଳସୀ ଷ୍ଟେସନରେ ପହଞ୍ଚିଲା । ଦୁଇଟି ଯାତ୍ରୀ ଗାଡ଼ି ଦୁଇ ଲାଇନରେ ଠିଆ ହୋଇଛନ୍ତି । ଗାଡ଼ି ଗାର୍ଡବାବୁ ଘଣ୍ଟି ଦେଲାଣି । ତର ତରରେ ସେ ଚଢ଼ିଗଲା ଦୁଃଖିଆକୁ ଧରି—ସେ ଗାଡ଼ିଟିକୁ କଟକ ଗାଡ଼ି ଭାବି ।

ଗାଡ଼ି ଛୁଟିଛି ସର୍ପପରି । ଟି: ଟି: ଆଇ ବାବୁ ଟିକେଟ ଚେକ୍ କରି କରି ତୁଳସୀ ପାଖରେ ପହଞ୍ଚିଲେ । ଟିକେଟ୍ ମାଗିଲେ ସେ ମୁଣ୍ଡ ଉପରୁ ମୁହଁ ତଳକୁ ଲୁଗାଟି ଟାଣି ଦେଇ କହିଲା—

—ବାବୁ ! ଟିକେଟ କରି ନାହିଁ । ଗରିବ ଲୋକ, ଟିକେଟ୍ କରିବାକୁ ପଇସା ପାଇବି କେଉଁଠୁ ।

— କେତେ ଦୂର ଯିବ ।

—କଟକ ।

—ଏଟା ତ କଟକ ଗାଡ଼ି ନୁହେଁ । ଏ ଗାଡ଼ି ଯିବ କଲିକତା ।

—କଲିକତା…ବଡ଼ ଭୁଲ୍ ହୋଇଗଲା ବାବୁ !

—ହଉ ବ୍ୟସ୍ତ ହୁଅ ନାହିଁ । ଆଗ ଷ୍ଟେସନରେ ଓହ୍ଲାଇଯିବ । ଏଗାରଟାବେଳେ କଟକ ଗାଡ଼ି ଆସିବ । ଗାର୍ଡ଼ ସାହେବଙ୍କୁ କହି ଚାଲିଯିବ—ନଇଲେ ଧରିବେ ଯଦି ହଇରାଣ କରିବେ । ଆଚ୍ଛା କଟକର କେଉଁ ଜାଗାକୁ ତମେ ଯିବ ?

—ଅନାଥ ଆଶ୍ରମକୁ ଯିବି ବାବୁ ! ଏଇ ପିଲାଟିକୁ ସେଇଠି ଛାଡ଼ିବି—କାଲ ମହରଗରେ ପିଲାଟାକୁ ଖାଇବାକୁ ଗଣ୍ଡେ ଦେଇ ପାରୁ ନାହିଁ ।

ଟି: ଟି: ଆଇ ମର୍ମାହତ ହେଲେ ତୁଳସୀର ଦୁଃଖ କଥା ଶୁଣି । କିଛି ସମୟ ନିରବ ରହି କହିଲେ—ଗୋଟାଏ କାମ କରି ପାରିବ ଭଉଣୀ ? କଟକ ନ ଯାଇ ତୁମେ ପିଲାଟିକୁ ନେଇ ବମ୍ବେ ଚାଲିଯାଅ । କାଲି ଖବର କାଗଜରେ ବାହାରିଥିଲା - ସେଠାରେ ଗୋଟାଏ ନୂଆ ଆଶ୍ରମ ଖୋଲିଛି । ସେଠାକୁ ପିଲାଟିକୁ ନେଇଗଲେ ସୁଖରେ ରହିବ । ଅନାଥ ପିଲାଙ୍କର ରହିବା, ଖାଇବା, ପାଠ-ପଢ଼ିବା ଆଦି ସମସ୍ତ ବ୍ୟବସ୍ଥା ହୋଇଛି । ତୁମେ ବି ଆଶ୍ରମ କାମ କରି ରହିପାରିବ ।

ତୁଳସୀ କହିଲା ଯା'ନ୍ତି ବାବୁ; କିନ୍ତୁ ବିନାଟିକେଟ୍‌ରେ ଏତେ ଗୁଡ଼ାଏ ବାଟଯିବି କପରି ? ହାତରେ ପାହୁଲାଟାଏ ବି ନାହିଁ । ଟି:ଟି:ଆଇ ବାବୁ କହିଲେ—"ଯେ ତୁମକୁ ଧରିବ, ତୁମେ

ତାକୁ ନିଜର ଦୁଖ ଜଣାଇବ । ସେ ଛାଡ଼ ଦେବ । ବୁଝଗଲ କାଲି ବୋଲି କ'ଣ ଆମେ ମନୁଷ୍ୟତ୍ୱକୁ ହରାଇ ଦେଇଛୁ ? ଏଇ ଗାଡ଼ି ହାବଡ଼ାରେ ଲାଗିଲେ ତୁମେ ଓହ୍ଲାଇ ପଡ଼ି ପଶ୍ଚିମ ଲାଇନ୍ ଗାଡ଼ିରେ ବସିଯିବ । ସେଇଟା ସିଧା ଯିବ ବମ୍ବେ । ବମ୍ବେରେ ପହଞ୍ଚି ପଚାରି ପଚାରି ଆଶ୍ରମକୁ ଚାଲିଯିବ ।"

ଗାଡ଼ିଆସି ଷ୍ଟେସନରେ ଲାଗିଲା । ଟି: ଟି.ଆଇ ବାବୁ ତଳକୁ ଓହ୍ଲାଇ ଗଲେ । ମନଟା ତାଙ୍କର କାହିଁକି ଗୋଳେଇ ଘାଣ୍ଟି ହେଲା ସ୍ତ୍ରୀ ଲୋକଟିର ସ୍ୱର ଠିକ୍ ତୁଳସୀ ନୂଆ'ଉଙ୍କ ସ୍ୱର ପରି ତ । "ସୁକାନ୍ତ" ବୋଲି ଡାକିଲା ବେଳେ—ତାଙ୍କର ସ୍ୱର ଠିକ୍ ଏହିପରି ଶୁଭେ । ତେବେ ସେ ସ୍ତ୍ରୀ ଲୋକଟି କ'ଣ ମୋର ପୂଜ୍ୟା ନୂଆ'ଉ ? ପୁଣି ଭାବେ ସୁକାନ୍ତ—ନା' ନା' ମୋର ବୁଝିବା ଭ୍ରମ । ସେ ତ ବଡ଼ ହାକିମର ସ୍ତ୍ରୀ; ସେ'ବା କାହିଁକି ଧୂଳି ଧୂସରିଆ ହୋଇ ବିନାଟିକଟରେ ଗାଡ଼ିରେ ଚଢ଼ିବେ ।

ଗାଡ଼ି ଛାଡ଼ିଲା । ଟି: ଟି: ଆଇ ସୁକାନ୍ତବାବୁ ଭାବନା ରାଜ୍ୟରୁ ଫେରି ଏକ ଡବାକୁ ଉଠିଗଲେ ।

ଟ୍ରେନ୍‌ଟି କଲିକତାରେ ପହଞ୍ଚିଲା । ବମ୍ବେ ଯାତ୍ରୀମାନେ ପଶ୍ଚିମ ଲାଇନ୍ ଗାଡ଼ିରେ ବସିଲେ । ତୁଳସୀ ମଧ୍ୟ ଦୁଃଖିଆକୁ ଧରି ପଚାରି ପଚାରି ସେ ଗାଡ଼ିକୁ ଉଠିଲା । ଗାଡ଼ି ଛାଡ଼ିବାବେଳ ହେଲାଣି —ଜଣେ ଟିକେଟ୍‌ଚେକର୍ ସେ କୋଠରୀକୁ ପଶି ଆସି ଆଗ ତୁଳସୀକୁ ଟିକେଟ୍ ମାଗିଲେ । ଆଖି ଦୁଇଟା ତାଙ୍କର ଲାଲ ଦେଖା ଯାଉଥାଏ । ମୁହଁରୁ ବକଟାଳ ମଦ ଗନ୍ଧ ବାହାରୁଥାଏ । ତୁଳସୀ —ଟିକେଟ କରି ନାହିଁ ବୋଲି କହି ତାର ଦୁଃଖ ଜଣାଇବାକୁ ଯାଉଛି, ଚେକର୍‌ଙ୍କ ମୁଥାଘାତରେ ବେଞ୍ଚ ତଳେ ପଡ଼ିଗଲା । ଅଚେତ ।

ସଙ୍ଗେ ସଙ୍ଗେ ତାକୁ ନେଇଗଲେ ରେଲୱେ ହସ୍‌ପିଟାଲକୁ । ସମସ୍ତେ କହୁଥଲେ ବେମାରିଆ ଲୋକଟା ବସିଥିଲା ଗଡ଼ି ପଡ଼ିଲା । ଦୁଃଖି ରଡ ଛାଡ଼ି କାନ୍ଦୁଥାଏ । ତୁଳସୀ ଓ ଦୁଃଖିକୁ ଆମ୍ବୁଲାନସରେ ବସାଇ ହସ୍‌ପିଟାଲକୁ ନେଇଗଲେ ।

---

( ୩୭ )

ନିୟତିର ରଥ ଚକ ଚଢ଼ି ଗ୍ଲୁଲିଛି—ଅବିଶ୍ରାନ୍ତ ଗତିରେ, କେତେ ଶିଳାବନ୍ଧୁର ପଥ ଅତିକ୍ରମ କରି । ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିଯାଉଛି । ପୃଥିବୀର ଆବର୍ତ୍ତନ ଓ ବିବର୍ତ୍ତନ ଗତି ଦ୍ୱାରା ମାଟିର ପ୍ରକୃତି ପରିବର୍ତ୍ତିତ ହେଉଛି । ଅନ୍ଧାର ଯାଉଛି—ଆଲୋକ ଆସୁଛି । ଯୁଗ ବଦଳୁଛି । ମାନବ ସଭ୍ୟତାର ନୂତନ ଆଲୋକଶିଖା ଟେକି ଉଠୁଛି । ସମାଜର କୁ ସଂସ୍କାରକୁ ପଦଦଳିତ କରି ସେ ଗଢ଼ୁଛି ନୂତନ ଧର୍ମ । ସେ ହେଉଛି ଜଗତର ଚଞ୍ଚଳଶୀଳ । ମଥାପାତି ସହୁଛି ସେ ପାଶବିକ ଅତ୍ୟାଚାର, ଯୁଗବ୍ୟାପି ଏଇ ଲୀଳା ଲାଗିଛି; ଏ ମରତ ଭୂଇଁରେ । ଶ୍ରୀକାନ୍ତ ଅବା ସେଥିରୁ ବଞ୍ଚିତ ହେବ କପରି ? ଫଳରେ ସେ ହୋଇଛି ପାଗଳ । ଦୀର୍ଘ ଗ୍ଲରିବର୍ଷ ହେଲା ପାଗଳଖାନାରେ ରହି ସେ ଭୋଗିଛି ନର୍କ ଯନ୍ତ୍ରଣା ।

ରାତ୍ରୀ ଦ୍ୱିତୀୟ ପ୍ରହର । ଶାନ୍ତରେ ଟିକେ ଶୋଇପାଇଛି ଶ୍ରୀକାନ୍ତ । ଆତ୍ମା ତାର କାହିଁ ଏକ ନନ୍ଦନ ବନରେ ବିଚରଣ କରୁଛି । ସେ ବନ ମଧ୍ୟରେ କୁହୁକୁହୁ ନାଦରେ ବହିଯାଉଛି

ପ୍ରେମ ନଦୀ ଉତ୍ତରରୁ ଦକ୍ଷିଣକୁ । ତାର ପୂର୍ବ ପଟ କୂଳସ୍ଥ ବନାନୀ ମଧ୍ୟରେ ଗତିଶୀଳ ସର୍ପ ପରି ବାଲୁକା ପଥଟିଏ ଲମ୍ବି ଯାଇଛି ଦିଗନ୍ତବ୍ୟାପି । ସେଇ ପଥରେ ପଥିକ ଶ୍ରୀକାନ୍ତ । ବସନ୍ତ ଆସିଛି । ଶିରଶିର ବାଆ ବହୁ ଆଣୁଛି ବଣମଲ୍ଲୀର ସୌରଭ । ପିକ ଗାଉଛି ପଞ୍ଚମ ତାନରେ—ବସନ୍ତର ଆଗମନ, ହରଣ-ହରିଣୀ ଲୁଚକାଳି ଖେଳୁଛନ୍ତି ପ୍ରମୋଦରେ ବନବୁଦା ଅନ୍ତରାଳରେ ଦୌଡ଼ି ବୁଲି । ମୟୂର ମୟୂରୀ ପଙ୍ଖା ଟେକି ବସିଛନ୍ତି ଶିଳାଖଣ୍ଡ ଉପରେ । ଚାହିଁଛନ୍ତି ପୂରବ ଉଠାଣି କଳାମେଘ ଖଣ୍ଡକୁ । ଶ୍ରୀକାନ୍ତ—ତୁଳସୀର ଚିନ୍ତାରେ ଉପଭୋଗ କରିପାରୁନି ପ୍ରକୃତିକୁ, ଯେଣେ ଚାହୁଁଛି ତେଣେ ଖାଲି ଉତ୍କଟ ପ୍ରେମର ଆଭାସ ପାଉଛି । ବିବ୍ରତ ହୋଇପଡ଼ୁଛି ସେ । କେଣିକି ନ ଚାହିଁ ଛୁଟିଛି ସେ ଆଗକୁ । ବନଟା କପରି ପାର ହେବ, ଏଇ ଚିନ୍ତା ତାର ।

ଅନତି ଦୂରରେ ଶୁଣିବାକୁ ପାଇଲା—ଏକ ରମଣୀର କ୍ରନ୍ଦନ ଧ୍ୱନି । ସେ ସ୍ୱର ଆହୁରି ସ୍ପଷ୍ଟରୁ ସ୍ପଷ୍ଟତର ଶୁଣାଗଲା । ନିଃରଖି ଚାହିଁଲା ଶ୍ରୀକାନ୍ତ—ତୁଳସୀ ପାଗଳଙ୍କ ପରି ଏ ଗଛ ମୂଳରୁ ସେ ଗଛ ମୂଳ ବୁଲି କାନ୍ଦୁଛି । ଶ୍ରୀକାନ୍ତ ଦୌଡ଼ିଗଲା ଧରିବାକୁ ତାକୁ । କିନ୍ତୁ ଶତଚେଷ୍ଟା କରିସୁଦ୍ଧା ପାରିଲା ନାହିଁ । ତୁଳସୀ ନଦୀ ଜଳକୁ ଲମ୍ଫ ଦେଇ କୁଆଡ଼େ ଉଭେଇଲା । "ତୁଳସୀ, ତୁଳସୀ" —ଚିତ୍କାର କରି ନଦୀ ମଧ୍ୟକୁ ଖସିପଡ଼ୁଥିଲା ଶ୍ରୀକାନ୍ତ, ପଛରୁ ଡାକ ଶୁଭିଲା—ବତ୍ସ ।" ଚମକି ପଡ଼ି ଫେରିଚାହିଁଲା— ସ୍ୱୟଂ ଭରତ ଜନକ ଠିଆ ହୋଇଛନ୍ତି କୂଳରେ, ବିସ୍ମିତ ହୋଇ ସେ ଜଳରୁ ଉଠି ଆସି ପ୍ରଣତି ଜଣାଇଲା ବାପୁଙ୍କୁ ହାତ ଟେକି । ବାପୁଜୀ ଆଶିର୍ବାଦ କଲେ- ଯଶସ୍ୱୀ ହୁଅ ବତ୍ସ । ବୃଥାରେ ଆଉ ମାୟା ମରୀଚିକାର ପଶ୍ଚାତ୍-ଧାବମାନ କର ନାହିଁ । ଯେଉଁ ନରକଙ୍କାଳକୁ ଦେଖି ତୁମେ

ଉପୂଖ୍ୟାତ ହୁଅ, ତାର ଉପରେ ଆଚ୍ଛାଦିତ ଏ ମାଂସର ଆକର୍ଷଣ କ୍ଷଣିକ, ଭୂତର ଅନୁସରଣ ମୂର୍ଖତା ମାତ୍ର । ଜଗତର ମଙ୍ଗଳ ପାଇଁ ନିଜକୁ ନିୟୋଜିତ କର । ଦରିଦ୍ରନାରାୟଣର ସେବା କର । ଏତିକ ମୋର କହିବାର ଥିଲା ।

ଅନ୍ତର୍ଦ୍ଧାନ ହୋଇଗଲେ ଜାତିର ପିତା, ହାତଯୋଡ଼ି ମୁଣ୍ଡ ନୁଆଇଁ ଦେଉଛନ୍ତି ଶ୍ରୀକାନ୍ତ—ହଠାତ୍ ବେଡ୍‌ର ତଳକୁ ଖସି ପଡ଼ି ତାର ନିଦ ଭାଙ୍ଗିଗଲା । ଚେତନା ଫେରିଆସିଲା ତାର । ବିଜୁଳି ଆଲୋକରେ ପ୍ରତି ବେଡ୍‌ରେ ଜଣେ ଜଣେ ପାଗଳ ପଡ଼ିଥିବାର ଦେଖି ଆଶ୍ଚର୍ଯ୍ୟ ହେଲା ସେ — ଏ ପୁଣି କେଉଁ ସ୍ଥାନ ? ବାଲେଶ୍ୱର ତ ନୁହେଁ ? ବିଛଣାରୁ ଉଠି ବସିଲା ଶ୍ରୀକାନ୍ତ ? କିଛି ସମୟ ଏଣିକି ତେଣିକି ଚାହିଁଲା—କିଛି ବୁଝିପାରିଲା ନାହିଁ, ବାହାରକୁ ଯାଇ ଚୌକିଦାରକୁ ପଚାରିଲା—ଏଇଟା କେଉଁ ସ୍ଥାନ ? ସେ ଉତ୍ତର ଦେଲା ଏଇଟା ରାଞ୍ଚି ପାଗଳଖାନା ବାବୁ । ଫେରିଆସିଲା ସେ ମୁରୁକି ହସା ଦେଇ । ବାପୁଜୀ ତେବେ ଦରିଦ୍ରନାରାୟଣଙ୍କ ସେବା ନିମିତ୍ତ ମୋତେ ମୁକ୍ତ କରି ଦେଲେ ? ଆଉ ଶୋଇଲା ନାହିଁ ସେ । ବସି କେତେ ଚିନ୍ତା କରୁଛି ରାତି ପାହିଲା ।

ସୂର୍ଯ୍ୟ କିରଣ ଡିଗ୍ରୀ ଉପରକୁ ନ ଉଠୁଣୁ ଏ ବାରତା ହସ୍‌ପିଟାଲର ସୁଦକ୍ଷ ଚିକିତ୍ସକଙ୍କ ମଧ୍ୟରେ ପ୍ରଚରିତ ହୋଇଗଲା । ସମସ୍ତେ ପହଞ୍ଚିଲେ ଶ୍ରୀକାନ୍ତର ବେଡ୍ ପାଖରେ । ଶ୍ରୀକାନ୍ତ ସମସ୍ତଙ୍କୁ ନିଜର ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇଲା । ସର୍ବଶେଷରେ ସେ ଡିସ୍‌ଚାର୍ଜ ହେବାକୁ ଚାହିଁବାରୁ—ଚିକିତ୍ସକମାନେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି କହିଲେ—ଆପଣଙ୍କୁ ଆଉ କିଛି ଦିନ ରହିବାକୁ ହେବ । ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରିଆସିବା ଯାଏଁ ଆପଣ

ଏଇଠି ରହିବେ । ଆପଣଙ୍କ ପାଇଁ ସ୍ପେଶାଲ ବେଡ୍‌ର ବ୍ୟବସ୍ଥା କରାଯିବ । ଶ୍ରୀକାନ୍ତ ଚିକିତ୍ସକମାନଙ୍କ କଥା ମାନିଲା ।

ତାର ଆଜ କାମ କିଛି ନାହିଁ । ପ୍ରଭାତରୁ ସ୍ନାନ କରି ଜଳପାନ ଶେଷ ପରେ ଏଣୁ ସେଣୁ ପଢ଼ି ବସେ । ଠିକ୍ ସମୟରେ ମଧ୍ୟାହ୍ନ ଭୋଜନ ଶେଷ କରି ଟିକିଏ ବିଶ୍ରାମ ନିଏ । ଚାରି ଘଣ୍ଟା ବାଜିଲେ ଖେଳା ବୁଲା ଆରମ୍ଭ ହୁଏ । ରାତି ଭୋଜନ ଶେଷ ହେଲେ ପ୍ରଭାତ ପର୍ଯ୍ୟନ୍ତ ପୂର୍ଣ୍ଣ ବିଶ୍ରାମ । ଚିକିତ୍ସକମାନଙ୍କ ନିଜ ଦାୟିତ୍ୱରେ ରହି ଶ୍ରୀକାନ୍ତ କୌଣସି ଅସୁବିଧା ଉପଲବ୍‌ଧି କରିପାରୁ ନ ଥାଏ ।

ପ୍ରାୟ ମାସଟିଏ ବିତିଗଲାଣି । ଖବର କାଗଜ ପଢ଼ୁ ପଢ଼ୁ ଶ୍ରୀକାନ୍ତର ଗୋଟିଏ ବିଜ୍ଞାପନ ସ୍ତମ୍ଭ ଉପରେ ଆଖି ପଡ଼ିଗଲା । ବମ୍ବେ ଦରିଦ୍ରନାରାୟଣ ଆଶ୍ରମ ପାଇଁ ଜଣେ ଆବଶ୍ୟକ ମେନେଜର ଦରକାର । ଜଗତର ମଙ୍ଗଳକାଂକ୍ଷୀ କେହି ଶିକ୍ଷିତ ଯୁବକ ଚାହୁଁଥିଲେ—ଅତି ଶୀଘ୍ର ଆସି ସଭାପତିଙ୍କୁ ସାକ୍ଷାତ କରନ୍ତୁ । ତାଙ୍କର ରହିବା ଓ ଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ।

ଯାହା ସେ ଚାହୁଁଥିଲା ତାହା ପାଇଗଲା । ଚିକିତ୍ସକମାନଙ୍କଠାରୁ ଅନୁମତି ନେଇ ସେ ବାହାରିଗଲା ବମ୍ବେ । କେତେ ଦେଶର ଶିକ୍ଷିତ ଯୁବକ ଇଣ୍ଟରଭ୍ୟୁରେ ଯୋଗ ଦେଇଥିଲେ । ସଭାପତି ଗୋବର୍ଦ୍ଧନ ବାବୁ ସେମାନଙ୍କର ଉଦ୍ଦେଶ୍ୟ ବୁଝିପାରି ସେମାନଙ୍କୁ ସ-ସମ୍ମାନେ ବିଦାକରି ଦେଲେ । ମେନେଜର ହେଲା ଶ୍ରୀକାନ୍ତ । ନିଜ ନାମଟିକୁ ଲୁଚାଇ ଦୀନବନ୍ଧୁ ଦାସ ନାମରେ ପରିଚିତ ହେଲା ସେ ସମସ୍ତଙ୍କ ଆଗରେ । ବାପୁଜୀଙ୍କ ଚରଣ ତଳେ ପ୍ରଣତି ଜଣାଇ ଦୀନବନ୍ଧୁ ଦାସ ହେଲା ଦରିଦ୍ରନାରାୟଣ ସେବାଶ୍ରମର ପରିଚାଳନା ଭାର ।

---

**ଗୋବର୍ଦ୍ଧନ** ବାବୁଙ୍କ ଶୋଇବା ଘର । ଭଗବାନ ଯୀଶୁଙ୍କର ଗୋଟିଏ ବଡ଼ ବନ୍ଧେଇ ଫଟୋ ପଲଙ୍କ ମୁଣ୍ଡଉପରେ କାନ୍ଥ ଦେହରେ ଟଙ୍ଗା ଯାଇଛି । ବୁଦ୍ଧଦେବ, ଅଶୋକ, ମହାତ୍ମାଗାନ୍ଧି, ମହମ୍ମଦ ଆଦି ମହାପୁରୁଷମାନଙ୍କ ଫଟୋ ମଧ୍ୟ ପଲଙ୍କର ଚତୁର୍ଦ୍ଦିଗରେ କାନ୍ଥ ଦେହରେ ଝୁଲୁଛନ୍ତି । ପ୍ରତ୍ୟେକ ଫଟୋ ଉପରେ ଗଜରାମାଳ ଗୋଟିଏ ଲେଖାଏଁ ଲମ୍ବାଇ ଦେଇଛନ୍ତି । ବିଜୁଳି ଆଲୋକରେ କୋଠରୀଟି ମନୋହର ଦିଶୁଛି । ନିରବତା ଭଗ୍ନକରି ଛାତ ତଳେ ଘୂରୁଛି ବିଦ୍ୟୁତ୍ ବ୍ୟଜନ । କୋଟିପତି ଗୋବର୍ଦ୍ଧନ ବାବୁ ସନ୍ଧ୍ୟାର ଶାନ୍ତିରେ ଭଗ୍ନ ହୃଦୟରେ ମୁହଁମାଡ଼ି ଶୋଇଛନ୍ତି ପଲଙ୍କ ଉପରେ । ହେମନ୍ତ କୋଠରୀ ଭିତରକୁ ପ୍ରବେଶ କଲା ।

— ବାପା, ବାପା........ !

—ଉଁ

— କାହିଁକି ଡାକିଲେ ମୋତେ ?

—ହଁ ବସ !

ହେମନ୍ତ ବସିଲା ଚେୟାରଟିଏ ଟାଣି ଆଣି । ଗୋବର୍ଦ୍ଧନ ବାବୁ ଉଠି ବସିଲେ ।

—ଶ୍ରମିକମାନଙ୍କୁ ଦରମା ଦେଲ ?

—ହଁ ବାପା ?

—ଦୀନବନ୍ଧୁ ଦାସଙ୍କ ବ୍ୟବସ୍ଥା ?

—ସେ କହିଲେ ଆଶ୍ରମ ପିଲାମାନଙ୍କ ସେବେଇରେ ଚଳିବେ । ଅନ୍ୟ ବ୍ୟବସ୍ଥା ଦରକାର ନାହିଁ ।

—ବେଶ୍ ସୁନ୍ଦର ଲୋକ ଦୀନବନ୍ଧୁ ଦାସ । ତାଙ୍କ ପରି ଲୋକ ମୋର ଦରକାର ଥିଲା । ଦୀନବନ୍ଧୁ ନାମଟି ତାଙ୍କର ଯଥାର୍ଥ । ଆଉ ସଞ୍ଜୁ ?

—ସେ ଆଶ୍ରମକୁ ଯାଇଛି ।

—ହଉ, ମୁଁ ତୁମକୁ କଥାଏ ପଚାରିବି ବୋଲି ଡାକିଲି ବାପା । ଆଜକୁ ପାଞ୍ଚ ବର୍ଷ ହେଲା—ତୁମକୁ ପାଇ ମୁଁ ସବୁ କଷ୍ଟ ଭୁଲିଯାଇଛି । ତୁମେ ବି ସଦାସର୍ବଦା ମୋର ଆଦେଶକୁ ହାତପାତି ଆସିଛ, କେବେ ମୁଁ ତୁମର ପିତୃଭକ୍ତିରେ ତ୍ରୁଟି ଦେଖି ନାହିଁ । ମୁଁ ଚାହିଁଥିଲି ତୁମକୁ ମଣିଷ କରି ଗଢ଼ିବାକୁ । ପ୍ରଭୁ ଯୀଶୁଙ୍କ ଦୟାରୁ ଆଜ ତାହାହିଁ କରିପାରିଛି । ତମର ଏ ଶିଳ୍ପପୁରୀ, ତୁମର ଏ ଘରଦ୍ୱାର, ଏ ଉଚ୍ଚଭାବପୂର୍ଣ୍ଣ ସେବାଶ୍ରମ । ମୋର ଯାହା କିଛି ଅଛି ସବୁ ତୁମର । ମୁଁ ବୃଦ୍ଧ । ତୁମ ପରି ଗୁଣବନ୍ତ ପୁଅ ଥାଇଁ ଥାଇଁ ଆଉ ଏତେ ଦାୟିତ୍ୱ ବହନ କରି ପାରିବି ନାହିଁ । ମୁଁ ଚାହୁଁଛି ଶାନ୍ତି । ତୁମ ମା' ମଧ୍ୟ ତାହା ଚାହୁଁଛନ୍ତି । ସନ୍ଧ୍ୟାକୁ ତୁମେ ପାଠ ପଢ଼ାଇ ମଣିଷ କରିଛ—ସେ ତୁମକୁ ମୁହୂର୍ତ୍ତେ ନ ଦେଖିଲେ ପାଗଳୀ ହୋଇଯାଏ । ତୁମେ ତାଙ୍କୁ ଚୁଡ଼ି ପିନ୍ଧିବାକୁ ବାରମ୍ବାର କହିଛ; କିନ୍ତୁ ମୁଁ ମନା କରିଛି । ଆଜପର୍ଯ୍ୟନ୍ତ ସେ ମୋ ମନା ମାନି ଆସିଛି । ସେ ଜାଣି ନାହିଁ ଯେ—ସେ ବାଳୁତ ବିଧବା ।

କୋଟିପତି ଗୋବିନ୍ଦ ବାବୁଙ୍କ ଆଖିରୁ ଦୁଃଖରେ ଝରି ପଡ଼ିଲା ଦୁଇଟୋପା ତତଲା ଲୁହ । ସେ ଆଉ କିଛି କହିପାରିଲେ ନାହିଁ । ରୁମାଲରେ ଖାଲି ଲୁହ ପୋଛୁଥାନ୍ତି । ଏତେଦିନ ପରେ ଆଜ ବୃଦ୍ଧଙ୍କର ଚକ୍ଷୁରେ ଲୁହ ଦେଖି ହେମନ୍ତ ମର୍ମାହତ ହେଲା ।

ଦୀର୍ଘନିଶ୍ୱାସ ଛାଡ଼ି କହିଲା— ସନ୍ଧ୍ୟା ତେବେ ବିଧବା ? ଗୋପୀଚନ୍ଦ୍ର ବାବୁଙ୍କ ବକ୍ଷଭିତରୁ ବାହାରି ଆସିଲା—ହଁ, ସେ ବିଧବା । ତୁମେ ପୁଣି ତା' ହାତରେ ଚୁଡ଼ି ପିନ୍ଧାଇ ପାରିବ ନାହିଁ ହେମନ୍ତ ? ହେଇ ଦେଖ—ପ୍ରଭୁ ଯୀଶୁ, ପ୍ରଭୁ ବୁଦ୍ଧ, ମହମ୍ମଦ ଆଉ ପୂଜ୍ୟ ବାପୁଜୀ ଉପରୁ ଏ ପ୍ରସ୍ତାବ ଶୁଣି ହସି ଉଠୁଛନ୍ତି । ଅନ୍ତର ଖୋଲି ଥରେ ପଚାରି ତାଙ୍କୁ—ମୋର ପ୍ରସ୍ତାବ ଗ୍ରାହ୍ୟ କି ନୁହେଁ ? ତୁମର ଅନ୍ତର ଆତ୍ମାକୁ ପଚାରି ଏ ପ୍ରସ୍ତାବ ସଙ୍ଗତ କି ନୁହେଁ ? ହେମନ୍ତ କହିଲା—ବାପା ସନ୍ଧ୍ୟାକୁ ଯେ ମୁଁ ଭଗ୍ନୀ ଦୃଷ୍ଟିରେ ଦେଖି ଆସିଛି —ସବୁ ମୁଁ ଜାଣେ ହେମନ୍ତ, ମୋତେ ଆଉ ବୁଝାଇବାକୁ ପଡ଼ିବ ନାହିଁ । ତାର ଉପଯୁକ୍ତ ତୁମେ, ତୁମରି ପାଇଁ ସେ କେତେ ସାବେଲାରେ ଚିନ୍ତା କରୁଛି । ମୁଁ ସବୁ ଜାଣି ଅଜଣା ହୋଇ ରହିଛି; କିନ୍ତୁ ଆଜ ଆଉ ରହି ପାରୁନାହିଁ । କାରଣ ମୁଁ ବୃଦ୍ଧ, ମରଣର ସିଂହଦ୍ୱାରରେ ପହଞ୍ଚି ଗଲିଣି । ମୁଁ ଚାହେଁ ତୁମର ସୁଖ ଦେଖିବାକୁ । ତୁମେ କୁହ—ତା' ସୁନ୍ଥାରେ ସିନ୍ଦୂର ଆଉ ହାତରେ ଶଙ୍ଖା ପିନ୍ଧାଇ ଦେଇପାରିବ କି ନାହିଁ ।

ହେମନ୍ତ ନୀରବ ରହିଲା । ଗୋପୀଚନ୍ଦ୍ର ବାବୁ ପୁଣି କହିଲେ —ବିଧବା ବୋଲି ଘୃଣା କରୁଛ ହେମନ୍ତ ସଞ୍ଜୁକୁ । ମା' ମୋର ସ୍ୱାମୀର ମୁଖଦର୍ଶନ କରି ନାହିଁ । କି ଅଶୁଭ ମୁହୂର୍ତ୍ତ ସେ— କହିଲେ ହୃଦୟ ବିଦୀର୍ଣ୍ଣ ହୋଇଯାଉଛି । ଗୁଡ଼ ଅତୀତକୁ ଫେରି କିଛି ଲାଭ ନାହିଁ । ଯଦି ମୋର ପ୍ରସ୍ତାବକୁ ଅନ୍ୟାୟ ମନେ କରୁଛ —ପାରି ଯଦି ସଞ୍ଜୁକୁ ତୁମେ ଉପଯୁକ୍ତ ପାତ୍ର ହସ୍ତରେ ଅର୍ପଣ କର, ମୋର ଆପତ୍ତି ନାହିଁ । ମୁଁ ତୁମର ବିରୁଦ୍ଧାଚରଣ କରିବି ନାହିଁ ପୁତ୍ର—

ହେମନ୍ତ ଅଖି ବୁଜାଇ ଆଣିଲା କ୍ଷଣିକ ମଧ୍ୟରେ, ଦୁନିଆଁ ଉପରେ । କାହିଁ, କେହି ତ ହିତୁ ନାହାନ୍ତି । ସମସ୍ତେ ସ୍ୱାର୍ଥର ଦାସ । ବିଂଶ ଶତାବ୍ଦିର ନୂତନ ସଭ୍ୟତା ସୃଷ୍ଟ ଶିକ୍ଷିତ ରକ୍ଷଣଶୀଳ ଯୁବକ ସଙ୍ଘ ମଧ୍ୟରେ କିଏ ଆଉ ଶାନ୍ତ ଦୃଢ ନିଷ୍ଠୁର ସମାଜ ବନ୍ଧନ ଛିନ୍ନ କରି ଏକ ବିଧବା ବିଧର୍ମୀ କନ୍ୟାର ପାଣି ଗ୍ରହଣ କରିବ ? ଭେଦାଭେଦର ଉଚ୍ଚୁଙ୍ଗ ଶିଖର ଲଙ୍ଘି ହେବ ଜଣେ ସଂସ୍କାରକ ? ନା' ନା' ଜାଣି ଶୁଣି ବୃଥା ଚେଷ୍ଟା କରିବା ଉଚିତ ନୁହେଁ । ଅନ୍ୟକୁ ପ୍ରବର୍ତ୍ତାଇବା ପୂର୍ବରୁ ନିଜେ ଜଗତକୁ ଆଦର୍ଶ ଦେଖାଇବାକୁ ହେବ । ଆଉ ଅନ୍ୟ ଦିଗରେ ଉପକାରର ପ୍ରତ୍ୟୁପକାର କରିବାକୁ ହେବ । ପ୍ରକୃତରେ ଏ ପ୍ରସ୍ତାବ କିଛି ଅନ୍ୟାୟ ନୁହେଁ ।

—କଣ ଭାବୁଛ ହେମନ୍ତ ।

—ଆପଣଙ୍କ ଆଦେଶ ହିଁ ମୋର ଶିରୋଧାର୍ଯ୍ୟ ବାପା···।

—ବେଶ୍ ଆଜି ମୋର ଆନନ୍ଦର ଦିନ । ପ୍ରଭୁ ଯୀଶୁ, ବୁଦ୍ଧ, ମହମ୍ମଦ ତୁମେ ହିଁ ସହାୟ ହୁଅ ମୋର ଧନ ଜୀବନ ଦୁଇଟିକୁ ।

ଆଣ୍ଠୁମାଡ଼ି ବସି ହାତ ଯୋଡ଼ିଲେ ଗୋବର୍ଦ୍ଧନ ବାବୁ । ମିନିଟିକ ପରେ ଆଖି ଖୋଲିଲେ । ସନ୍ଧ୍ୟା ଆସି ଦୁଆର ମୁହଁରେ ଠିଆ ହୋଇଚି କ'ଣ କହିବ ବୋଲି । କହିଲେ—ମା'କୁ ଆସିଗଲୁଣି, ତୋତେ ମୋର ଦରକାର ଥିଲା । ସତ ପାହିଲେ ତୋର ବିଭାଘର ହେବ ମୋର ହେମନ୍ତ ସାଥିରେ । ତୋର କିଛି କହିବାର ଅଛି ?

ବିସ୍ମୟାଭିଭୂତ ହୋଇ ଚାହିଁଲା ସନ୍ଧ୍ୟା ଥରେ ବୃଦ୍ଧ ପିତାଙ୍କୁ ଆଉ ଥରେ ଭାବି ସ୍ୱାମୀ ହେମନ୍ତଙ୍କୁ । ହେମନ୍ତ ତାଁରେ ଆପତ୍ତି

କରିବାକୁ ଆସି ଶୁଣିଲା ପୁଣି ଏ'କ କଥା । ଉଦ୍ୟାନ ପଥ ବାହାର ଆସିଲା ସେ କୋଠରୀ ଭିତରୁ । ଉଠିଲା ଯାଇଁ ପାର୍କ ମଧ୍ୟରେ ।

ଆଜି ତା'ର ଗୌରବର ଦିନ । ଏତେ ଦିନର ସେବାର ଫଳ ସେ ପାଇଛି । ଆନନ୍ଦରେ ନାଚି ଉଠିଲା ତାର ପ୍ରାଣ । ଅନ୍ତର ବୀଣାର ମିଳନ ଝଙ୍କାର ତୋଳି ସେ ନାନାଜାତି ଫୁଲ ସଂଗ୍ରହ କରି ଗୁନ୍ଥି ବସିଲା—ପାର୍କର ଗୋଟିଏ ବେଞ୍ଚ ଉପରେ ଜୀବନବନ୍ଧୁଙ୍କୁ ପ୍ରୀତି ଉପହାର ଦେବ ବୋଲି । ମଧୁପ.ମିମା ହସି ଉଠୁଥାଏ । ସମ୍ମୁଖ ପୁଷ୍କରିଣୀରେ ଜ୍ୟୋସ୍ନା ପ୍ରିୟ ହଂସ—ହଂସୁଳୀ ଜଳ କ୍ରୀଡ଼ା କରୁଥାନ୍ତି ପଛରୁ ଡ଼ା'କ ଶୁଭିଲା—"ସଞ୍ଜୁ..." । ଚମକି ପଡ଼ିଲା ସନ୍ଧ୍ୟା । ଚିହ୍ନା'ର କଣ୍ଠ—ହେମନ୍ତ ଭାଇ । ଏଇଠି ମୁଁ—ଆସ— ।

ଆକାଶରୁ ଝଡ଼ି ପଡ଼ୁଥିଲା ମିଳନ ମଧୁର ଶିଶିର ବିନ୍ଦୁ ।

—o—

( ୩୮ )

ସନ୍ଧ୍ୟାର ବିଭାଘର । ଶିଳ୍ପପୁରୀ ଛୁଟି । ଶ୍ରମିକମାନେ ନିମନ୍ତ୍ରିତ ହୋଇ ଆସିଛନ୍ତି । ପାଗଳ ଦାସ ସେବା ଶ୍ରମର ଛାତ୍ରଛାତ୍ରୀମାନଙ୍କୁ ସଙ୍ଗରେ ଧରି ପହଞ୍ଚି ଛନ୍ତି । ବମ୍ବେ ସହରର ବିଶିଷ୍ଟ ଭଦ୍ରଲୋକମାନେ ନିମନ୍ତ୍ରିତ ହୋଇ ଆସିଛନ୍ତି । ଗରିବ ଦୁଃଖି ଭିକାରିଙ୍କୁ ମଧ୍ୟ ଅନ୍ନଛତ୍ର ଦିଆ ଯାଉଛି । ନାନାଜାତି ବାଦ୍ୟଶବ୍ଦରେ ଗଗନ ପବନ କମ୍ପି ଉଠୁଛି ।

ବିଭା ଘର ସରିଗଲା । ବର କନ୍ୟା ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କୁ ଦର୍ଶନ ଦେବା ନିମନ୍ତେ ସଭା ମଧ୍ୟକୁ ଅଣାଗଲେ । ସଭାମଣ୍ଡପ ଉପରୁ ପ୍ରଣାମ କଲେ ସଭାସଦ୍‌ବର୍ଗଙ୍କୁ ।

ତା'ପରେ ଜଣକ ପରେ ଜଣେ ଆଶୀର୍ବାଦ ପୂର୍ବକ ଆଶି ଦେଇଗଲେ ଉପହାର ସାମଗ୍ରୀ । ପ୍ରାପ୍ତ ଦଶ ହଜାର ଟଙ୍କା ଅଧଘଣ୍ଟାକ ମଧ୍ୟରେ ମୁହଁଚୁହାଁ ମିଳିଗଲା । ବୃଦ୍ଧ ଗୋବର୍ଦ୍ଧନବାବୁ ସଭାମଣ୍ଡପକୁ ଉଠି ଆସିଲେ ହେମନ୍ତକୁ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ସହିତ ପରିଚୟ କରାଇଦେବା ପାଇଁ । ହେମନ୍ତ ଓ ସନ୍ଧ୍ୟା ଦୁହେଁ ଆଣ୍ଠୁମାଡ଼ି ବସିଲେ—ଆଜି ଏ ଶୁଭଦିନରେ ବୃଦ୍ଧଙ୍କୁ ଭୂମିଷ୍ଠ ପ୍ରଣାମ କରିବା ଉଦ୍ଦେଶ୍ୟରେ । ବୃଦ୍ଧ ଦୁହିଁଙ୍କୁ ତୋଳିଧରି ଚିତ୍କାର କଲେ - ତୁମେ ସେ ମହାମାନବର ସମାଧିକୁ ପ୍ରଣାମ କରିଛ ପୁଅ ? ଦୁହେଁ ନିରୁତ୍ତର । ପୁଣି ଗୋବର୍ଦ୍ଧନ ବାବୁ ଆରମ୍ଭ କଲେ—ସେ ତୁମର ଶ୍ରେଷ୍ଠ ଗୁରୁ । ତାଙ୍କର ଅବିନାଶୀ ଆତ୍ମା ଚକ୍ରାବର୍ତ୍ତି ହୋଇ ଘୂରି ବୁଲୁଥିବ ପବନରେ । ମୋତେ ଅଭିଶାପ ଦେବ । ନା, ନା, ତୁମେ ଚାଲ, ତାଙ୍କୁ ଭକ୍ତିଭରା ପ୍ରଣାମ ଜଣାଇ ଆସ । ତା'ପରେ ଯାଇଁ ମୁଁ······ । ସେ ଆଗ ମୁଁ ପଛ । ସେ ବଡ଼ ମୁଁ ସାନ ।

ଆଗେ ଆଗେ ଚାଲିଲେ ଗୋବର୍ଦ୍ଧନ ବାବୁ ଫୁଲମାଳଟି ଧରି । ତାଙ୍କ ପଛେ ପଛେ ସନ୍ଧ୍ୟା ଓ ହେମନ୍ତ । ସମାଧି ମନ୍ଦିରରେ ଯେଉଁଠି ନିଜ ସଞ୍ଜବତି ଜାଳେ ହେମନ୍ତ, ସେଇଠି ଯାଇଥିଏ ଜାଳି ଫୁଲମାଳଟିକୁ ଲମ୍ବାଇ ଦେଲେ ବୃଦ୍ଧ ଗୋବର୍ଦ୍ଧନ ବାବୁ ଇଙ୍ଗିତରେ ତାଙ୍କର ଭୂମିଷ୍ଠ ପ୍ରଣାମ କଲେ ସମାଧିକୁ ସନ୍ଧ୍ୟା ଓ ହେମନ୍ତ । ତା'ପରେ ଆଶୀର୍ବାଦ କଲେ ସେ ହାତଟେକି ନବଦମ୍ପତିଙ୍କୁ ।

ହେମନ୍ତ ପ୍ରଶ୍ନ କଲା ବାପା କହିଲ ନାହିଁ ଏ ସମାଧି କେଉଁ ମହାମାନବଙ୍କର । ଆମେ ଖାଲି ପ୍ରଣାମ କରୁଛୁ ଅଥଚ- ତାଙ୍କର ନାମଟି ଜାଣି ନାହୁଁ । ବୃଦ୍ଧ ଟିକେ ହସି ଦେଇ କହିଲେ—ହଁ, ଠିକ୍ ମନେପକାଇ ଦେଇଛ । ତୁମେ ବହୁତଥର ପଚାରିଛ ମୋତେ; କିନ୍ତୁ

ମୁଁ ଜାଣିଶୁଣି ତୁମକୁ ଭୁଲାଇ ଦେଇଥିଲି । ତୁମେ ଚିହ୍ନିପାରିବ ତାଙ୍କୁ ?

ଗୋବର୍ଦ୍ଧନ ବାବୁ କବାଟ ଖୋଲି ପଶିଗଲେ ସମାଧି ମନ୍ଦିର ଭିତରକୁ । ସ୍ଥିର ଖୋଲି ଗ୍ଲେଟ ବାକ୍‌ସଟି ଭିତରେ ଥିବା ବନ୍ଧେଇ ଫଟୋଟିଏ ବାହାର କରି ଆଣି ଦେଖାଇଲେ ହେମନ୍ତଙ୍କୁ—ଏଇ ସେ ମହାମାନବଙ୍କର ଫଟୋ । ହେମନ୍ତ ନିରୀକ୍ଷଣ କରି ଦେଖିଲା । ଅର୍ଦ୍ଧଦଗ୍‌ଧ ଶରୀରର ଫଟୋରୁ ଚିହ୍ନିଲା- ସେ ଆଉ କେହି ନୁହନ୍ତି, ତାର ଜନ୍ମଦାତା—ପିତା ଫକୀର ଦାସ । ଚକ୍ଷୁ ତାର ବସ୍ଫାରିତ ହୋଇଗଲା । ମୁଣ୍ଡରେ ତା'ର ଶତ ବଜ୍ରପାତ ହେଲା । ତଳି ପଡ଼ିଲା ସେ ବୃଦ୍ଧ ଗୋବର୍ଦ୍ଧନବାବୁଙ୍କ ପାଦତଳେ ବୃଦ୍ଧ ଟେକିକି ଧରିଲେ ତାଙ୍କୁ । କହିଲେ ହେମନ୍ତ ମୁଁ ଋଣ ମୁକ୍ତ ।

ମୁଁ ଆଜ ଋଣ ମୁକ୍ତ ।

ତୁଳସୀ ହସ୍‌ପିଟାଲରେ ପଡ଼ି ପଡ଼ି ମାସକ ପରେ ଟିକିଏ ସୁସ୍ଥ ହେଲା । ନିତିପ୍ରତି ଲୁହ ଝରାଇ ଝରାଇ ଆଖିରୁ ତାର ପାଣି ମରି ଯାଇଥିଲା । ପୁଣି ଟିକେଟ୍ ଚେକର୍‌ଙ୍କ ଆଘାତରେ ବେଞ୍ଚରୁ ତଳକୁ ମୁହଁ ମାଡ଼ି ପଡ଼ିଲା ଯେ— ଆଖିପତାରେ ବିଶେଷ ଆଘାତ ଲାଗିଲା । ଘା' ସିନା ଶୁଖିଲା—ଆଖିକୁ ଆଉ ତାର ଭଲ ଦେଖାଗଲା ନାହିଁ ।

ସେଦିନ ନିରଲ୍‌ଙ୍ଗେ ହସ୍‌ପିଟାଲରୁ ତାକୁ ଉତ୍‌ସର୍ଗ କରି ଦିଆଗଲା । ଦୁଃଖିଆକୁ ଆଗରେ ଧରି ବାଟ ପଚାରି ପଚାରି ତୁଳସୀ ଗଲା ଷ୍ଟେସନକୁ । ଭାବିଲା—କେତେ ଅନ୍ଧ, ଛୋଟା ତ ବିନାଟିକେଟରେ ଗାଡ଼ିରେ ବୁଲି ଭିକ ମାଗୁଛନ୍ତି । ଅକର୍ମଣ୍ୟ

ଲୋକଙ୍କୁ ଗାଡ଼ି ଛାଡ଼ି । ତେବେ ଏଥର ମୁଁ ଦୁଃଖିକୁ ବମ୍ବେ ଅନାଥାଶ୍ରମରେ ପହଞ୍ଚାଇ ଦେଇ ପାରିବ ।

ବମ୍ବେ ମେଲ୍ ଷ୍ଟେସନରେ ଲାଗିଲା । ତୁଳସୀ ଦୁଃଖିଆକୁ ଉଠାଇଦେଇ, ନିଜେ ଅଣ୍ଡାଳି ଅଣ୍ଡାଳି ଗାଡ଼ି ଉପରକୁ ଉଠିଲା ।

ଦୁଇଟି ଦିନ ପରେ ।

ଫୁଲ ସଞ୍ଜ । ଆଶ୍ରମର ଛାତ୍ରଛାତ୍ରୀମାନଙ୍କୁ ନେଇ ସନ୍ଧ୍ୟା ବସିଛି ପ୍ରାର୍ଥନା ସଭାରେ । କିଛିକ୍ଷଣ ପୂର୍ବରୁ ହେମନ୍ତ ଓ ପାଗଳ ଦାସ ଚାଲି ଯାଇଛନ୍ତି ଛାତ୍ରଛାତ୍ରୀମାନଙ୍କ ପାଇଁ ୟୁନିଫର୍ମ ଡ୍ରେସ୍ ବରାଦ ଦେବାକୁ । ତୁଳସୀ ଦୁଃଖିଆକୁ ଧରି ବୁଲି ବୁଲି ଆଶ୍ରମରେ ପହଞ୍ଚିଲା ।

ପ୍ରାର୍ଥନା ସରିଗଲା । ଛାତ୍ରଛାତ୍ରୀମାନେ ଉଠିଗଲେ ଭୋଜଘରକୁ ଜଳଖିଆ ଖାଇବାକୁ । ସନ୍ଧ୍ୟା ବସିଥାଏ—ମାଆ ଓ ପୁଅ ଦୁହେଁ ଆସି ନମସ୍କାର କଲେ । ସନ୍ଧ୍ୟା ପ୍ରତି ନମସ୍କାର ଜଣାଇ କହିଲା—ଭଉଣୀ ବସ । ଆସନ ଖଣ୍ଡିଏ ଘୁଞ୍ଚାଇ ଦେଲା ତୁଳସୀ ପାଖକୁ । ତୁଳସୀ ଅଣ୍ଡାଳି ଅଣ୍ଡାଳି ବସିଲା । କହିଲା—ଦିଦି ! ଆପଣଙ୍କ ନାମ ଶୁଣି ମୁଁ ବହୁତ ଦୂରରୁ ଦୌଡ଼ି ଆସିଛି । ଦୟାକରି ଏ ପିଲାଟିକୁ ଆପଣଙ୍କ ଆଶ୍ରମରେ ରଖନ୍ତେ ଯଦି··· । ତୁଳସୀର କଥା ନ ସରୁଣୁ ସନ୍ଧ୍ୟା କହିଲା—ତାଙ୍କରି ପାଇଁ ତ ଏ ଆଶ୍ରମ । ଯଦିରେ ପ୍ରଶ୍ନ ନାହିଁ ଭଉଣୀ ! ମେନେଜର ବାବୁ ବାହାରକୁ ଚାଲିଯାଇଛନ୍ତି ଆଉ ଟିକକ ପରେ ଆସି ପହଞ୍ଚିବେ । ତୁମେ ଅପେକ୍ଷା କର । କେଉଁଠୁ ଆସିଲ ଭଉଣୀ । ତୁମ ଘର ?

—ଓଡ଼ିଶାରେ ଆମର ଜନ୍ମ । କିନ୍ତୁ ଘରଦ୍ୱାର କିଛି ନାହିଁ । ବୁଲି ବୁଲି ଆପଣଙ୍କ ନା' ଶୁଣି ଏଠିକି ଆସିଛୁ ।

—ମେନେଜରର ବାବୁ ତ ଆମର ଓଡ଼ିଶାର ଲୋକ । ବେଶ୍ ଭଲ ହୋଇଛି । ଆରେ ବାପ ! ମୋ ପାଖକୁ ଆସିଲୁ ।

ସନ୍ଧ୍ୟା ହାତ ବଢ଼ାଇ ଦେଇ ଦେଇ ଦୁଃଖିଶ୍ୟାମ ଚାଲିଗଲା ତା' ପାଖକୁ । କୋଳରେ ବସାଇ ସନ୍ଧ୍ୟା ପଚାରିଲା—ବାପ, ତୁମ ନାଁ କଣ ?

—ଦୁଃଖିଶ୍ୟାମ ।

—ବାପାଙ୍କ ନାମ ?

—ହେଇ ପରା ମୋର ମା', ମୋ ମା'କୁ ଆଉ ଦିଶୁ ନାହିଁ ।

ଆଚ୍ଛା ହେଉ । ତୁମେ ମୋର ପୁଅ ହୋଇ ଏଇଠି ରହିବ ।

—ମା' ରହିବ ନାହିଁ ।

—ନା' ସେ ଚାଲିଯିବେ । ତୁମେ ଏକା ରହିବ । ମା' ରହିବାକୁ ପରା ଏଠି ଆମର ଘର ନାହିଁ । ଏଇ ଦେଖୁନ, ତୁମରି ପରି କେତେ ପିଲା ଅଛନ୍ତି—କାହାରି ମା' ଏଠି ନାହାନ୍ତି । ତୁମେ ତାଙ୍କ ସଙ୍ଗରେ ରହିବ, ଖେଳିବ, ବୁଲିବ, ପାଠପଢ଼ିବ, ନୂଆ ଜାମା ପେଣ୍ଟ କିଣିଆଣି ତୁମକୁ ଦେବ—ପିନ୍ଧିବ ! ଆଉ ମା' ରହିବ କାହିଁକି ? ଆମେ ପୁଣି ଚିଠି ଦେଲେ ତୁମ ମା' ଆସିବେ । କ'ଣ କହୁଛ ?

ଦୁଃଖିଶ୍ୟାମ ଚାହିଁ ରହିଲା ତୁଳସୀ ମୁହଁକୁ । ତୁଳସୀ କହିଲା—ବାପା ! ହଁ କର, ତୁ ଏଇଠି ରହିବୁ । ମୁଁ ପ୍ରତିଦିନ ଆସି ତୋତେ ଦେଖି ଯାଉଥିବି । ହଁ କଲା ଦୁଃଖିଶ୍ୟାମ ।

ସନ୍ଧ୍ୟା ଅତି ଆଦରରେ ତାକୁ ରୋଷଘରକୁ ନେଇଗଲା ଜଳଖିଆ ଖୋଇବାକୁ । ତୁଳସୀ ବସିଥାଏ ଆଶ୍ରମ ବାରଣ୍ଡାରେ । ରୋଷେଇ ଘରେ ତାକୁ ପିଲାଙ୍କ ମେଳରେ ଖାଇବାକୁ ଦେଇ

ଆସିଲା ପୁଣି ତୁଳସୀ ପାଖକୁ ଗୋଟିଏ ରେଜିଷ୍ଟାର ଧରି । କହିଲା —ଭଉଣୀ, ମେନେଜର ବାବୁ ଏପର୍ଯ୍ୟନ୍ତ ଆସିଲେ ନାହିଁ—ମୁଁ ତାର ନାମ ଲେଖାଇ ଦେଉଛି । ତୁମର ଠିକଣା କ'ଣ କହିଦିଅ । ଦରକାର ପଡ଼ିଲେ ଚିଠି ଦିଆଯିବ ।

ବିବ୍ରତ ହୋଇପଡ଼ିଲା ତୁଳସୀ । କି ଠିକଣା ଦେବ ସେ । କୋଉଠି ତାର ଘର ଅଛି ? ପଶୁ ପକ୍ଷୀମାନଙ୍କର ନିର୍ଦ୍ଦିଷ୍ଟ ବୃକ୍ଷ, ଗୁମ୍ଫା ଆଦିରେ ରହିବାକୁ ବସା ଅଛି, କିନ୍ତୁ ତା'ର ମୁଣ୍ଡ ଗୁଞ୍ଜିବାକୁ ଜାଗା କେଉଁଠି ନାହିଁ । ଶ୍ମଶାନ ତାର ଶାନ୍ତି କୁଟୀର । କେତେ ବେଳକରେ କହିଲା ଦିଦି ! ମୋର ନିଜର ଘର ନାହିଁ, ମୋର ସ୍ୱାମୀ ମୋତେ ତ୍ୟାଗ କଲାଦିନରୁ, ମୁଁ ବାଲେଶ୍ୱରରେ ଜଣେ ବାବୁଙ୍କ ବସାରେ କାମଦାମ କରି ରହୁଥିଲି । ମାସେ ହେଲା ଆଖିକୁ ଭଲ ଦେଖାଗଲା ନାହିଁ । ସେ ମୋ କାମରେ ଅନ୍ୟ ଜଣକୁ ରଖିଲେ । ମୁଁ ବୁଲି ବୁଲି ମାଗି ଖାଉଛି । ମୋର ଠିକଣା ପଚାରୁଛନ୍ତି କ'ଣ ? ମୋତେ ସବୁଦିନେ ମୁସାଫିର-ଖାନାରେ ପାଇବେ । ପେଟ ନିମନ୍ତେ ମୁଁ ଯୁଆଡ଼େ ଗଲେ ବି ସେଟା ମୋର ସ୍ଥାୟି ଆଶ୍ରୟସ୍ଥଳ । ତୁଳସୀ ଲୁଚାଇଲା ନିଜର ଅଙ୍ଗେ ନିଭାଇଲା କଥାଗୁଡ଼ାକୁ ।

ଲେଖିଲା ସନ୍ଧ୍ୟା ।

—ମୁଁ ଯାଉଛି ଦିଦି ଏଥର ! ପୁଅ ଦେଖିଲେ ଆଉ ଛାଡ଼ିବ ନାହିଁ, ବେଶି ଅନ୍ଧାର ହେଲେ ମୋତେ ମୋଟେ ଦେଖାଯିବ ନାହିଁ । ଷ୍ଟେସନରେ ପହଞ୍ଚିଲେ ଚଳିଯିବ ।

—ଭଉଣୀ, ରହିଲ—ଆମ ଘରେ ରାତିଟା କଟାଇ ଦେବ । ସକାଳୁ ଉଠି ଚାଲିଯିବ ?

—ଏବେ ସୁଖରେ ଗଣ୍ଡେ ଖାଇ, ଶାନ୍ତିରେ ଟିକିଏ ଶୋଇଲେ ମୋର ଦୁଖ ଯିବ ନାହିଁ ଏବେ ? —ନିତି ଯାହା; ଆଜି ତାହା । ପିଲାଟି ଆପଣଙ୍କୁ ଲାଗିଲା । ଗୋଟିଏ କଥା ଏବେ । ଯେଉଁ ବାବୁଙ୍କ ଘରେ ଥିଲି ସେ ମୋତେ ତାଙ୍କ ଜନ୍ମଦିନକୁ ମୁଦିଟିଏ ଉପହାର ଦେଇଥିଲେ । ଦୟାକରି ରଖନ୍ତୁ, ଦୁଃଖିଶ୍ୟାମର କ'ଣ ଦରକାର ପଡ଼ିଲେ — ଏହାକୁ ବିକ୍ରି ଗୁଜୁରାଣ ମେଣ୍ଟାଇବେ ।

ଅଣ୍ଟିରୁ କନା ପୁଡ଼ିଆଟିଏ ବାହାର କରି ତୁଳସୀ ସନ୍ଧ୍ୟା ହାତକୁ ବଢ଼ାଇ ଦେଲା । ସନ୍ଧ୍ୟା ପୁଡ଼ିଆଟିକୁ ଖୋଲି, ମୁଦିଟିକୁ ଦେଖି ପୁଣି ବାନ୍ଧି ଦେଇ କହିଲା—ହଉ ଯଦି ନ ରହିବ, ତେବେ ଶୀଘ୍ର ଷ୍ଟେସନକୁ ଚାଲିଯାଅ, ରାତି ବଣି [illegible] ଅସୁବିଧା; ପୁଣି ତୁମକୁ ଡେରୁ ନାହିଁ ।

ତୁଳସୀ ସନ୍ଧ୍ୟାକୁ ଶୁଭ ବିଦାୟ ଜଣାଇ ବାହାରି ଆସିଲା ଆଶ୍ରମ ଦୁଆର ବାହାରକୁ । ବିସ୍ତୃତ ପିଚ୍ ପକା ରାସ୍ତା ପଡ଼ିଛି ଷ୍ଟେସନକୁ । ଯାନବାହନ ଛୁଟିଛନ୍ତି ତା'ରି ଉପରେ—ଶାନ୍ତିରେ ନିଶ୍ୱାସ ମାରିଲା ତୁଳସୀ । ଆଉ କାହାପାଇଁ ସେ ଦୁଃଖ ଭୋଗିବ ? ସୃଷ୍ଟିରେ କେତେ ଜଣ ତା'ପରି ଦୁଃଖିନୀ ଅଛନ୍ତି ? ମୃତ୍ୟୁହିଁ ତାର ଏକମାତ୍ର ଉପାୟ । ତା'ପରେ ଶାନ୍ତି ।

ତୁଳସୀ ବାଟ ଠଉରାଇ କେତେ କ'ଣ ଭାବି ଆଗେଇ ଚାଲିଛି ରାଜଦାଣ୍ଡ ଉପରେ; ସନ୍ଧ୍ୟା ତାର ଗତିପଥକୁ ଏକ ଦୟାର୍ଦ୍ର ନୟନରେ ଚାହିଁଛି । ସେ ରାସ୍ତାର ବାଙ୍କ ବୁଲି ଅଦୃଶ୍ୟ ହୋଇଗଲା । ସନ୍ଧ୍ୟା ତୁଳସୀର ପ୍ରଦତ୍ତ ମୁଦ୍ରିକାଟି ନେଇ ଶ୍ରୀନବବନ୍ଧୁ ଦାସଙ୍କ ବାକ୍ସ ଭିତରେ ରଖିଲା ।

ମଠରେ ଘଣ୍ଟି ବାଜିଲା—ଆଶ୍ରମର ଦୁଆର ମୁହଁରେ । ସନ୍ଧ୍ୟା ଦୌଡ଼ି ଆସିଲା ବାହାରକୁ । ଆଗେ ଆଗେ କହି ଚାଲିଲା—ଏତେ ଡେରି କଲେ କ'ଣ ମେନେଜର ବାବୁ ?

ହେମନ୍ତ କାର୍ ଭିତରେ ସନ୍ଧ୍ୟାକୁ ଅପେକ୍ଷା କରି ବସିଥାଏ, ଓହ୍ଲାଇ ଆସୁ ଆସୁ ଦୀନବନ୍ଧୁ ଦାସ କହିଲେ—ଟିକେ ଆଜି ସମୁଦ୍ର କୂଳକୁ ବୁଲି ଚାଲିଗଲୁ ? ଆପଣ ଏଥର ଯା'ନ୍ତୁ ବସାକୁ । ପିଲାଙ୍କ ଖବର ମୁଁ ନେଉଛି—

ସନ୍ଧ୍ୟା କହିଲା ହଁ, ଆପଣଙ୍କ ଆଶ୍ରମକୁ ଆଜି ଗୋଟିଏ ନୂଆ ପିଲା ଆସିଛି ।

—କାହିଁ ?

—ହେଇ ପରା ରୋଷେଇ ଘରେ ।

ମା' ମା' ଡାକି ଦୁଃଖିଶ୍ୟାମ ବାହାରି ଆସୁଥିଲା ରୋଷେଇରୁ, ଦୀନବନ୍ଧୁ ଦାସ ତାକୁ ବାଟେଇ ପକାଇ ପଚାରିଲେ—

—"ବାପା ମା'ଙ୍କୁ କାହିଁକି ଖୋଜୁଛ ?

—ମା' ପରା ଉପାସ ଅଛି । ମୋ ସାଙ୍ଗରେ ଖାଇବ ।

—"ସେ ତୁମ ପାଇଁ ଛବି ବହି କିଣିବାକୁ ଗଲେଣି ।
ଆସନ୍ତୁ !

- ମୁଁ ଯିବି ।

—ହଁ ମୁଁ ତୁମକୁ ତୁମ ମା', ପାଖକୁ ନେଇଯିବି, ମୋତେ ଭୋକ ହେଲାଣି, ଭାତ ମୁଠେ ଖାଇ ଦିଏଁ—ଯିବା ?

—ମୁଁ ଭାତ ନେଇ ଆସେ ।

—"ହଉ ଯା"

କାଖରୁ ଓହ୍ଲାଇ ଦେଲେ ପାଗଳ ଦାସ । ଦୁଃଖିଶ୍ୟାମ ଦୌଡ଼ି ଦୌଡ଼ି ରେଷଘରକୁ ଯାଉଥିଲା । ପାଗଳ ଦାସ ତାର ଗତି ବିଧି ଲକ୍ଷ୍ୟ କରି ବାତ୍ସଲ୍ୟ ମମତାରେ ଉଲ୍ଲସି ଉଠୁଥିଲେ । ସନ୍ଧ୍ୟା ଆଣି କନା ପୁଡ଼ିଆଟି ତାଙ୍କ ହାତରେ ଦେଇ କହିଲା—ଏହାକୁ ଦୁଃଖିଶ୍ୟାମର ମା' ଦେଇଯାଇଛି; ଦରକାର ପଡ଼ିଲେ ଦୁଃଖି ପାଇଁ ଖର୍ଚ୍ଚ କରିବେ—ରହନ୍ତୁ ମୁଁ ଯାଉଛି ।

ସନ୍ଧ୍ୟା ଚାଲି ଯାଉଥିଲା । ପୁଡ଼ିଆଟି ଖୋଲି ଦେଇ ନିଜର ନାମାଙ୍କିତ ମୁଦ୍ରିକାଟି ଦେଖି ଦୀନବନ୍ଧୁ ଦାସ ଚିତ୍କାର କଲେ—ଝଦ ? କୁଆଡ଼େ ଗଲା ଦୁଃଖିଶ୍ୟାମର ମା' ? ତୁଳସୀ ମୋର କହୁଛି……ତାକୁ କେଉଁଠି ପାଇବି ମୋତେ କହିଦିଅ !"…… ବିଚଳିତ ହୋଇ ଦୀନବନ୍ଧୁ ଦାସ ଦୌଡ଼ିଗଲେ ସନ୍ଧ୍ୟା ପାଖକୁ । ସନ୍ଧ୍ୟା ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ କ'ଣ ତୁମେ କହୁଛ ମେନେଜର ବାବୁ ?

—ତୁଳସୀ ମୋର ସ୍ତ୍ରୀ । ଏ ମୋର ନାମାଙ୍କିତ ମୁଦ୍ରିକା ।

"ସେ ସ୍ତ୍ରୀ ଲୋକଟି ନାମ ଯେ ବାସୁଣୀ, ଆଉ ଅନ୍ଧୁଣୀ, ସେ—ମୁଦ୍ରିକାଟି ବାଲେଶ୍ୱରର ଜଣେ ଡେପୁଟି ମାଜିଷ୍ଟ୍ରେଟ ତାଙ୍କୁ ଉପହାର ଦେଇଥିଲେ ତାଙ୍କ ଜନ୍ମଦିନକୁ । ଶ୍ରୀକାନ୍ତ କହିଲା—ସବୁ ଘଟଣା ମୁଁ ପରେ କହିବ ଝଦ ? ତୁମେ ଆଗ କୁହ ସେ କୁଆଡ଼େ ଗଲା ।

ଆଶ୍ଚର୍ଯ୍ୟ ହେଲା ସନ୍ଧ୍ୟା ନିର୍ବାକ୍ ଦୃଷ୍ଟିରେ ଖାଲି ଚାହିଁ ରହିଲା ସେ ଦୀନବନ୍ଧୁ ଦାସଙ୍କ ମୁହଁକୁ । କାର୍ ଭିତରୁ ଦୌଡ଼ି ଆସିଲା—ହେମନ୍ତ । କହିଲା—" ଶ୍ରୀକାନ୍ତ ବାବୁ ଆପଣ ମୋତେ ପରିଚୟ ଦେଉ ନାହାନ୍ତି । ମୁଁ ଯେ ହେମନ୍ତ । ଆପଣଙ୍କ ବନ୍ଧୁ । ତୁଳସୀ କାହିଁ ?"

କୁଣ୍ଢାଇ ପକାଇଲା ଘାନବନ୍ଧୁ ଦାସ—ହେମନ୍ତକୁ କହିଲା—"ମୁଁ ମହାଅପରାଧୀ, ମୋତେ କ୍ଷମା ଦିଅ ।" ହୃଦୟ ଭାଙ୍ଗି ପଡ଼ିଲା ଘାନବନ୍ଧୁ ଦାସଙ୍କର । ସେ ଭେ ଭେ ହୋଇ କାନ୍ଦି ପକାଇଲେ ।

ଗୋବର୍ଦ୍ଧନ ବାବୁ ଶିଳ୍ପପୁରରୁ ବସାକୁ ଫେରୁଥିଲେ । କିଏ କାନ୍ଦୁଛି ବୋଲି ସେ ଆଶ୍ରମ ଭିତରକୁ ପଶିଲେ । ହେମନ୍ତ ଗୋବର୍ଦ୍ଧନ ବାବୁଙ୍କୁ ଦେଖି—କହିଲା—ବାପା ! ଆମ ମ୍ୟାନେଜର ବାବୁ ଘାନବନ୍ଧୁ ଦାସ ନୁହଁନ୍ତି—ସେ ଆମ ଜମିଦାର ନରହରି ବଡ଼ ଜେନାଙ୍କର ପୁଅ—ଶ୍ରୀକାନ୍ତ । ବୃଦ୍ଧ ବାହୁ ପ୍ରସାରଣ କରି ଚିତ୍କାର କଲେ—ଆରେ ମୋର ପୁତ୍ରରତ୍ନ ଶ୍ରୀକାନ୍ତ—ମୁଁ ଯେ—ନୌରହରି ବଡ଼ ଜେନା—ଗୋବର୍ଦ୍ଧନ ନୁହେଁ । ତାହାଙ୍କ କାନ୍ଦୁଛି ।

ହେମନ୍ତ କହିଲା ମୋର ଭଗ୍ନୀ ତୁଳସୀକୁ ସେ ବିବାହ କରି ତ୍ୟାଗ କରିଥିଲେ ସମାଜର ଡରରେ । ପୁଣି ତାକୁ ଖୋଜି ପାଉ ନ ଥିଲେ । ତାର ସନ୍ଧାନ ଆଜି ମିଳିଛି । ସେ ଆଶ୍ରମକୁ ଆସି ରହିଯାଇଛି । ତାର ସନ୍ଧାନ ନେବା ଚାଲନ୍ତୁ । ତା'ପରେ ଆଉ ସବୁ କହିବି ।

—*—

## ( ୪୦ )

ସନ୍ଧ୍ୟା ଚଳାଉଛି କାର୍ । ଶ୍ରୀକାନ୍ତ ଓ ହେମନ୍ତ ଦୁହେଁ ରସ୍ତାରେ; ଦୁଇ ପାଖକୁ ଚାହିଁଛନ୍ତି । କାଳେ କେଉଁଠି ତୁଳସୀ ଯାଉଥିବ । ପଛରେ ବସିଛନ୍ତି ଗୋବର୍ଦ୍ଧନ ବାବୁ । ଦୂରରୁ ଦେଖିଲେ

ଷ୍ଟେସନ ବଜାର ଛକ ଉପରେ ଥୋଡ଼ାଏ ଲୋକ ରୁଣ୍ଡ ହୋଇ କ'ଣ ଦେଖୁଛନ୍ତି । ରାସ୍ତାର କଡ଼କୁ ଲାଇଟ୍ ଖୁଣ୍ଟତଳେ ନାଲ ରଙ୍ଗର କାର୍ ଟିଏ ଥୁଆ ହୋଇଛି । ଟ୍ରାଫିକ୍ ପୋଲିସ୍ ଦୁଇଜଣ କାରର ଦୁଇ ପାଖରେ ଠିଆ ହୋଇ ଡ୍ରାଇଭର ସଙ୍ଗେ କଥାବାର୍ତ୍ତା ହେଉଛନ୍ତି ।

ସନ୍ଧ୍ୟାର କାର୍ ଟା ପହଞ୍ଚିଲା ଘଟଣା ସ୍ଥଳରେ । ଶ୍ରୀକାନ୍ତ ଓ ହେମନ୍ତ ଓହ୍ଲାଇ ପଡ଼ି ଦର୍ଶକଙ୍କୁ ଆଡ଼େଇ ଦେଇ ଭିତରକୁ ପଶିଗଲେ । ତୁଳସୀ କାର୍ ଚାପାରେ ଜୀବନ ହରାଇପଡ଼ିଛି ରାସ୍ତା ମଝିରେ । ତାର ଛାତି ଉପରେ କାର୍ ଚକ ଚଢ଼ି ଯାଇଛି । ଶ୍ରୀକାନ୍ତ 'ତୁଳସୀ' ବୋଲି ଥରଟିଏ ଡାକ ଗଛ କାଟିଲା ପରି ପଡ଼ିଗଲା ଶବଟା ଉପରେ । ହେମନ୍ତର ପଥର ଛାତିରୁ ଉଠୁଥାଏ କୋହ— ତଥାପି ସେ ଶ୍ରୀକାନ୍ତକୁ ଭିଡ଼ି ଧରିଲା । ପ୍ରକୃତିସ୍ଥ ହେଲା ଶ୍ରୀକାନ୍ତ । ଉଠିବସି ଚିତ୍କାର କଲା—'କାହିଁ ସେ କାର୍ ଡ୍ରାଇଭର ? ମୁଁ ତାର ପ୍ରତିଶୋଧ ନେବି ।

ଦୌଡ଼ି ଆସିଲା ଧରା ଯାଇଥିବା କାର୍ ଟି ପାଖକୁ । ତା ଭିତରେ ବସିଥାନ୍ତି, ଜଣେ ପୌଢ଼ା, ଆଉ ଜଣେ ବିଷର୍ଣ୍ଣବଦନା ଯୁବତୀ ଆଉ ଷାଠିଏ ବର୍ଷର ବୃଦ୍ଧ ଚାଳକ । ସ୍ତମ୍ଭିତ ହେଲା ଶ୍ରୀକାନ୍ତ ଚାଳକକୁ ଚାହିଁ ଦେଇ । ଚାଳକ ଯେ ଆଉ କେହି ନୁହେଁ— ତାର ଜନ୍ମଦାତା—ନରହରି ବଡ଼ଜେନା । ରାଞ୍ଚିରୁ ସେ ଖବର ପାଇ ଆସିଛନ୍ତି ବମ୍ବେକୁ ତାକୁ ନେଇଯିବା ପାଇଁ । ଦରଜାଟାକୁ ଜୋରକରି ଟାଣି ଦେଇ ଶ୍ରୀକାନ୍ତ ପଡ଼ିଗଲା ବୃଦ୍ଧଙ୍କ ପାଦତଳେ । "ଆରେ ମୋର ଶ୍ରୀକାନ୍ତ" କହି ବୃଦ୍ଧ କୋଳ ଧରିଲେ ତାକୁ ।

ହେମନ୍ତ ପ୍ରଣାମ କଲା—ଶୋକାତୁର ନରହରି ବାବୁଙ୍କ ପାଖକୁ ଟାଣିନେଲେ ବୃଦ୍ଧ ହେମନ୍ତକୁ । ଏ ଦୃଶ୍ୟ ଦେଖି ସ୍ୱ

ଦର୍ଶକମାନେ ଅବାକ ହୋଇ ଯାଉଥାନ୍ତି । ଗୋବିନ୍ଦ ବାବୁ ନିଜର ସାନଭାଇ ନରହରି ଜେନାଙ୍କୁ ଚହ୍ନିପାରି ନିଜ କାରୁରୁ ଛୁଟି ଆସିଲେ । କୋଳ କରି ନେଲେ ନରହରି ବାବୁଙ୍କୁ ।

କୋଟରଗତ ଚକ୍ଷୁଦ୍ୱୟରୁ ଲୁହ ପୋଛି ଦେଇ ଗୋବିନ୍ଦ ବାବୁ ଓ ନରହରି ବାବୁ ଓହ୍ଲାଇ ଆସିଲେ ତୁଳସୀ—ଶବ ପାଖକୁ । ରକ୍ତାକ୍ତ ହୋଇପଡ଼ିଛି ତୁଳସୀ । ମସ୍ତକରେ ତାର ସଧବାର ଚହ୍ନ—ସିନ୍ଦୁର ଟିପାଟି ମଳିନ ଦିଶୁଛି । ଦୁଇ ହାତରେ ଦୁଇ ପଟି ଶଙ୍ଖା ନାଇଲେନ୍ ଚୁଡ଼ି ଭାଙ୍ଗିଯାଇ ଲାଗିଛି । ଦକ୍ଷିଣ ପାଦର ମଝି ଆଙ୍ଗୁଠିରେ ପିତଳ ମୁଦିଟି—ଅଧା ଖୋଲି ହୋଇ-ଗଲାଣି । କିଛି ଦୂରରେ ପଡ଼ିଛି— ଛିଣ୍ଡାଲୁଗା ବୁଜୁଳାଟିଏ । ବୁଜୁଳାଟି ଭିତରେ ସିଲଭର ବାସନ ଖଣ୍ଡେ । ବୃଦ୍ଧ ନରହରି ବଡ଼ଜେନାଙ୍କର ପଥର ହୃଦୟ ବିଦୀର୍ଣ୍ଣ ହୋଇଗଲା । ରଡ଼ି ଛାଡ଼ିଲେ—'ମା' ମୋର ସଧବାର ଚହ୍ନ ନେଇ ମରିଛି । ଏତେ କଷ୍ଟ ସହି ବି ସ୍ୱାମୀଙ୍କୁ ତାର ମନ ପାଇ ନାହିଁ ।' ସେ ଜାଣେ ସ୍ୱାମୀ ତା'ର ହାକିମ; କିନ୍ତୁ ଜାଣି ବି ପାରିଲାନି, ଶ୍ରୀକାନ୍ତ ତାକୁ ଚେଷ୍ଟା କରି ଅଜି ପାଗଳ ହୋଇଛି । ମୋର ଘରକରଣା ଭାଙ୍ଗି ଯାଇଛି ।

ବୃଦ୍ଧ ନରହରି ବାବୁ ତୁଳସୀର ଲୁଗାପଟା ସଜାଡ଼ି ଦେଇ ତାକୁ ଉଠାଇ ଆଣିଲେ - କାର୍ ଉପରକୁ । ଶ୍ରୀକାନ୍ତ ଓ ହେମନ୍ତ ମୁଣ୍ଡ ବାଡେଇ ଦେଉଥାନ୍ତି । ଶ୍ରୀକାନ୍ତ ଅଚେତ ହୋଇ ପଡ଼ୁଥାଏ ତୁଳସୀର କଥା ମନେ ପକାଇ । ଶ୍ରୀଦେବୀ, ପଦ୍ମା ଓ ସନ୍ଧ୍ୟା ତିନିହେଁ—ଦୁଃଖରେ ଅଧିର ହୋଇ ପଡ଼ୁଥାନ୍ତି ।

ବୃଦ୍ଧ ନରହରି ବାବୁ ହେମନ୍ତ ଓ ଶ୍ରୀକାନ୍ତଙ୍କୁ କେତେ ସାନ୍ତ୍ୱନା ଦେଇ କହିଲେ—ଏ ଶବକୁ ମୁଁ ନେଉଛି ତାର

ଜନ୍ମ ମାଟିକୁ । ମୋର କୁଳ ଲକ୍ଷ୍ମୀକୁ ମୁଁ ସେଇଠି ସମାଧି କରିବି । ମୋତେ ଡକାଇ ଗିରି ମହାନ୍ତି ମୃତ୍ୟୁଶଯ୍ୟାରେ ତୁଳସୀର ଗୁଣ ଗାନ କରି ମଲା । ସେଇ ଦିନଠୁଁ କେତେ ମୁଁ ଖୋଜିଲି; କିନ୍ତୁ ପାଇ ନ ଥିଲି । ଆଜ ପୁଣି ନିଜେ ହତ୍ୟା କଲି । ମୁଁ ମହାପାପୀ । ପ୍ରଭାତରୁ ଉଠି ସତୀର ସମାଧି ଦର୍ଶନ କଲେ ମୁଁ ନର୍କକୁଣ୍ଡରୁ ଉଦ୍ଧାର ପାଇବି । ଯେଉଁ ଦିନଠୁ ତୁଳସୀ ଏ ଘରୁ ଦୁଃଖର ଭାରରେ ଗୋଡ଼ କାଢ଼ି ଚାଲିଗଲା—ସେହି ଦିନଠୁଁ ବିପଦ ଘୋଟି ଆସିଲା—ଏ ବଡ଼ଜେନା ଘର ଉପରକୁ । ଶ୍ରୀକାନ୍ତ ହେଲା ପାଗଳ, ମୋର ସରପଞ୍ଚଗିରି ଗଲା; ଶୂନ୍ୟରୁ ନିଆଁ ବାହାରି ଘର ପୋଡ଼ିଲା । ଶେଷକୁ ମୋର ଫାଲେ ଅଙ୍ଗ ଅଚଳ—ହାପ୍ ପାରାଲିସିସ୍ । ଗୋଟେ ଗୋଡ଼ ଗୋଟେ ହାତ ଅଚଳ । ତୁଳସୀ ସତୀ । ସତୀର ନିଶ୍ୱାସରେ ରାବଣର ବଂଶଧ୍ୱଂସ—ଆଉ କୌରବ ବଂଶ ନିପାତ, ଜୀବନରେ ଥା'ନ୍ତା କି ଏକା—। ନା' ନା' ମୁଁ ତାର ଶବକୁ ମୋ-ଗ୍ରାମକୁ ନେଇଯିବି । ମୁଁ ଥିଲି ଅନ୍ଧ, ତୁଳସୀ ମୋତେ ଚକ୍ଷୁ ଦେଇ ଯାଉଛି । ମୋତେ ଶିକ୍ଷା ଦେଇଛି—ସାମ୍ୟବାଦ, ଦେଖାଇ ଦେଇଛି ଆଦର୍ଶର ପଥ । ତୁମେ ଯାଅ ସବୁ ଆଶ୍ରମକୁ ।

ଗୋବିନ୍ଦ ବାବୁଙ୍କ ଉଦ୍ଦେଶ୍ୟରେ କହିଲେ—ଭାଇ ! ମୁଁ ଆଜ ଚାଲିଯାଉଛି । ପୁଣି ଆସି ସବୁ ଦେଖି ଯିବି । ଗୋବିନ୍ଦ ବାବୁ କହିଲେ ଆରେ ତୁ ମଧ୍ୟ ପାଗଳ ହେଲୁ । ସେ ବୃଥା ଚେଷ୍ଟା କରନା, ଆମର ଆଶ୍ରମ ନିକଟରେ ତାର ବାପାଙ୍କ ସମାଧି ପାଖରେ ତୁଳସୀର ସମାଧି କରିବା ।

ବୃଦ୍ଧ ବିଚଳିତ ସ୍ୱରରେ ପ୍ରଶ୍ନ କଲେ—ବାପା କିଏ ? ଫକିର ?

—ହଁ ।

—ଅରେ ସେ ଦେବୀ ଏଇଠି ବି ପ୍ରାଣ ହରାଇଛନ୍ତି । ମୁଁ ମହା ଅପରାଧୀ—ମୋରି ପାଇଁ ସେ ଜନ୍ମମାଟି ଛାଡ଼ିଥିଲେ । ସ୍ବକ୍ ମୁଁ ଯାଙ୍କୁ କ୍ଷମା ମାଗିବି । ସେ କବର ତଳୁ ମୋତେ କ୍ଷମା ଦେବେ ।

ଦୁଇଟିଯାକ କାର୍ ଛୁଟିଲା ପଦ୍ମାର ଦାସର ସମାଧି ମନ୍ଦିର ଅଭିମୁଖେ । ନରହରି ବାବୁ କାର୍‌ରୁ ଓହ୍ଲାଇ ଯାଇ ସେ ମନ୍ଦିର ପାଖରେ ଠିଆହୋଇ ଆଗ ନିଜର ମନ୍ଦକର୍ମ ପାଇଁ କ୍ଷମାଭିକ୍ଷା କଲେ । ତା’ପରେ ଆଦେଶ ଦେଲେ ତୁଳସୀର ଯୁଇ ସଜାଡ଼ିବାକୁ ।

ତୁଳସୀର ଯୁଇ ଧୁ-ଧୁ ଜଳୁଛି । ଅଗ୍ନିଶିଖା ତା’ର ସର୍ବଗ୍ରାସୀ ଜିହ୍ୱା ବିସ୍ତାରକରି ତୁଳସୀର ମାଟିପିଣ୍ଡଟାକୁ ଦଗ୍ଧ କରିବାରେ ଲାଗିଛି । ନରହରି ବାବୁ ଓ ଗୋବର୍ଦ୍ଧନ ବାବୁ ଅଶ୍ରୁ ବର୍ଷଣ କରି ଅଗ୍ନିରେ ଘୃତ ଓ କାଷ୍ଠ ସଂଯୋଗ କରୁଛନ୍ତି । ହେମନ୍ତ ଓ ଶ୍ରୀକାନ୍ତ ଦୁହେଁ ଟିକିଏ ଦୂରରେ ଠିଆହୋଇ ପିଲା ଛୁଆଙ୍କପରି କଇଁ କଇଁ ହୋଇ କାନ୍ଦୁଛନ୍ତି ।

ସନ୍ଧ୍ୟାର କାର୍‌ଟି ଫେରିଛି ପଦ୍ମା ଓ ସ୍ୱର ଦେଈଙ୍କୁ ନେଇ ଆଶ୍ରମ ଅଭିମୁଖେ ।

କିନ୍ତୁ ଦୁଃଖିଶ୍ୟାମ ଏ ପର୍ଯ୍ୟନ୍ତ କିଛି ବୁଝିନାହିଁ । ବୁଝିବାକୁ ମଧ୍ୟ ଚେଷ୍ଟା କରିନାହିଁ । ସେ ଆଶ୍ରମ ବାରଣ୍ଡାରେ ଠିଆହୋଇ ଚାହିଁଛି ସେଇ ଉଦ୍ୟାନ ଭିତରେ ଜଳୁଥିବା ନିଜର ମା’ ତୁଳସୀର ଯୁଇଆଡ଼କୁ । ଯୁଇ ଯେତିକି ଜୋରରେ ଜଳୁଛି—ସେ ତାଳି ମାରି ନାଚୁଛି—ହେଇ ଜଳିଲା ରେ, ଜଳିଲା ।

ସନ୍ଧ୍ୟାର କାର୍ ଅଟକିଲା ଆଶ୍ରମର ଦୁଆରେ । ସନ୍ଧ୍ୟା ଡାକିଦେଲା—ଦୁଃଖିଶ୍ୟାମ ତୋର ମା' ଆସିଛି । 'କାହିଁ' ବୋଲି କହି ଦୌଡ଼ି ଆସିଥିଲା ଦୁଃଖିଶ୍ୟାମ ; ପଦ୍ମା ତାକୁ ଉଠାଇନେଲା ନିଜର ଦଗ୍ଧ ବକ୍ଷ ଉପରକୁ । ଦୁଃଖିଶ୍ୟାମ ପଚାରିଲା ମୋ ମା' କାହିଁ ?

ପଦ୍ମାର ଚକ୍ଷୁରୁ ଖାଲି ଝରିପଡ଼ୁଥିଲା ଶ୍ରାବଣର ଧାରା ।

ସ ମା ପ୍ତ

ମୁଦ୍ରାକର—ଶ୍ରୀ ପ୍ରତାପକୁମାର ଦାସ, ବ୍ରଜେନ୍ଦ୍ର ପ୍ରେସ, କଟକ ।